R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୪୪
ତିଥି : ପୂର୍ଣ୍ଣିମା
୧୧ ଜୁନ୍ ୨୦୨୫, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur

Vol. - XXIX, No. 244
11 June 2025, Wednesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in





# ଦେବସ୍ନାନ ପୂର୍ଣ୍ଣିମାର କିମ୍ବଦନ୍ତୀ

ଶ୍ରୀଜଗନ୍ନାଥ କେବଳ ଓଡ଼ିଶାରେ ଧର୍ମ ଦେବତା ନୁହନ୍ତି, ସେ ହେଉଛନ୍ତି ସମଗ୍ର ଭାରତରେ ଥିବା ପ୍ରତିଟି ସ୍ଥାନରେ ଏବଂ ବିଶ୍ୱରେ ସର୍ବତ୍ର ପୂଜିତ ସବୁଠାରୁ ପରିଚିତ ଓ ଶ୍ରଦ୍ଧାଭାଜନ ଦେବତା । ଯାହାଙ୍କ ଦ୍ୱାରା ବିଭିନ୍ନ ସମୟରେ ତାଙ୍କର ନାମାନୁସାରେ ଜଗନ୍ନାଥ ପୁରୀ, ଶ୍ରୀକ୍ଷେତ୍ର ଏବଂ ଶଙ୍ଖକ୍ଷେତ୍ର ରୂପେ ପରିଚିତ ।

ଲୀଳାମୟ ସଂସାରରେ ବିଚିତ୍ର ଠାକୁର ହେଉଛନ୍ତି କାଳିଆ ଗୋସେଇଁ, ତାଙ୍କର ଅଜବ ନୀତିକାନ୍ତି ଭିତରେ ପୂଜାବିଧି ସମାପନ ହୁଏ । ତାଙ୍କରି ସଂସ୍କୃତିରେ ଓଡ଼ିଶାରେ ବାର ମାସରେ ତେର ପର୍ବ ପାଳନ କରିବାର ବିଧି ରହିଛି । ତନ୍ମଧ୍ୟରୁ ସ୍ନାନ ପୂର୍ଣ୍ଣିମା ଅନ୍ୟତମ । ଜ୍ୟେଷ୍ଠମାସର ପବିତ୍ର ପୂର୍ଣ୍ଣିମାକୁ ସ୍ନାନ ପୂର୍ଣ୍ଣିମା ବା ଦେବସ୍ନାନ ପୂର୍ଣ୍ଣିମା ବୋଲି କୁହାଯାଏ । ଏନେଇ କେତେକଙ୍କ ମତରେ ଏହା ମୌସୁମୀ ବର୍ଷା ଆଗମନର ସୂଚନା ଦେଇଥାଏ । ତେଣୁ ଜ୍ୟେଷ୍ଠମାସ ଶୁକ୍ଳ ପକ୍ଷ ପୂର୍ଣ୍ଣିମା ତିଥିରେ ଦେବତାମାନଙ୍କୁ ସ୍ନାନ କାର୍ଯ୍ୟ ବିଧି ପୂର୍ବକ ସମ୍ପନ୍ନ କରାଯାଏ । ଏହି ସ୍ନାନ କାର୍ଯ୍ୟ କରିବା ଦ୍ୱାରା ସକଳ ପ୍ରକାର ପ୍ରାଣୀର ମଙ୍ଗଳ ସିଦ୍ଧି ପ୍ରାପ୍ତ ନିମନ୍ତେ ଜଗତର ଈଶ୍ୱରଙ୍କୁ ତୀର୍ଥଜଳରେ ସ୍ନାନ କରାଯିବାର ପରମ୍ପରା ବିଭିନ୍ନ ପୁରାଣରେ ବର୍ଣ୍ଣିତ ଅଛି । ସ୍ନାନ ଯାତ୍ରା ସମୟରେ ରତ୍ନସିଂହାସନ ତ୍ୟାଗ କରି ଚତୁର୍ଦ୍ଧାମୂର୍ତ୍ତି ସ୍ନାନବେଦୀରେ ମଞ୍ଚାସୀନ ହୁଅନ୍ତି । ଏହି ଅବସରରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମରେ ସ୍ନାନବେଦୀ ଓ ବଡ଼ଦାଣ୍ଡ ଉତ୍ସବମୁଖର ହୋଇଉଠେ ।

ଶାସ୍ତ୍ରକୁହେ, ମହାପ୍ରଭୁଙ୍କ ସ୍ନାନ ଉତ୍ସବ ଏକ ଶାସ୍ତ୍ରୀୟ ଭିତ୍ତିଭୂମିର ଲୀଳା । ତାଙ୍କର ଆବିର୍ଭାବ ବେଳେ ପ୍ରଥମେ ଏହି ସ୍ନାନ ହୋଇଥିବାରୁ ଶ୍ରୀଦାରୁବ୍ରହ୍ମଙ୍କ ଆଦ୍ୟଲୀଳା ବୋଲି କୁହାଯାଏ । ଯେତେବେଳେ ମହାପ୍ରଭୁ ଦାରୁବ୍ରହ୍ମ ରୂପ ଧାରଣ କରିଥିଲେ, ମଙ୍ଗଳମୟ ମୁହୂର୍ତ୍ତରେ ସେତେବେଳେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ଏହି ସ୍ନାନଲୀଳା କରାଇଥିଲେ । ମାତ୍ର ସେତେବେଳେ ସ୍ନାନମଣ୍ଡପ ନଥିବାରୁ ଏକ କାଠର ମଞ୍ଚ ନିର୍ମାଣ କରାଯାଇ ତାହା ଉପରେ ରୀତିନୀତି ଅନୁସାରେ ସ୍ନାନବିଧି ସମ୍ପନ୍ନ ହୋଇଥିଲା, ଯାହାକୁ ଶାସ୍ତ୍ରାନୁସାରେ ମଞ୍ଚସ୍ନାନ ବୋଲି କୁହାଯାଏ । ଶାସ୍ତ୍ରମତରେ ଦେବସ୍ଥାନ ପୂର୍ଣ୍ଣିମାର ପୂର୍ବଦିନ ମହାପ୍ରଭୁଙ୍କ ପାଇଁ ସୁନାକୂଅରୁ ୧୦୮ ସୁନାକଳସ ଜଳ ସଂଗ୍ରହ କରାଯାଏ । ଏହା ଶୀତଳାଠାକୁରାଣୀ ଓ ତାଙ୍କ ବାହାନ ସିଂହଙ୍କ ମଧ୍ୟରେ ଅବସ୍ଥିତ, ଯେପରି ଏହି କୂଅକୁ ବର୍ଷସାରା ସିଂହହିଁ ସୁରକ୍ଷିତ ରଖିଥାଏ । ବର୍ଷସାରା କୂଅର ବ୍ୟବହାର ନଥବାରୁ ଜନପଦୀୟତାନ୍ତ୍ରିକ ପରମ୍ପରାରେ ଏହି ଜଳକୁ ଅଣତୁଠ ପାଣି ବୋଲି ଗ୍ରହଣ କରାଯାଏ । କିନ୍ତୁ ସ୍ନାନଲୀଳା ସମୟରେ ବୈଦିକ ବିଧିରେ ସ୍ନାନଜଳ ଅଭିମନ୍ତ୍ରିତ ହେଉଥବା ତାନ୍ତ୍ରିକବିଧିରେ ତେରଟି ପଦାର୍ଥ ମିଶ୍ରଣ କରାଯାଏ ।

ତେବେ ଯଜ୍ଞ ପରମ୍ପରା ଅନୁସାରେ ଏହି କୂଅକୁ ପ୍ରଣିତାକୂପ ବୋଲି ବିବେଚନା କରାଯାଏ । ଜ୍ୟେଷ୍ଠମାସ ପୂର୍ଣ୍ଣମୀରେ ମହାପ୍ରଭୁଙ୍କ ପ୍ରଥମ ସ୍ଥାନଲୀଳା ଜାତି, ବର୍ଣ୍ଣ, ନିର୍ବିଶେଷରେ ସମସ୍ତେ ଦର୍ଶନ କରିଥିବାରୁ ଏହି ଲୀଳାକୁ ପତିତପାବନ ଲୀଳା କୁହାଯାଏ ।

ଦେବସ୍ନାନ ପୂର୍ଣ୍ଣିମା ଦିନ ଚତୁର୍ଦ୍ଧାମୂର୍ତ୍ତି, ସ୍ନାନ ପରେ ଗଜ ବେଶରେ ସଜ୍ଜିତ ହୁଅନ୍ତି । ଏହା ପଛରେ ଏକ କିମ୍ବଦନ୍ତୀ ନିହିତ । ସେଥିରୁ ଜଣାଯାଏ ଯେ, ପଞ୍ଚଦଶ ଶତାବ୍ଦୀରେ ମହାରାଷ୍ଟ୍ରରୁ ମହାଗାଣପତ୍ୟ ସମ୍ପ୍ରଦାୟର ଶ୍ରୀଗଣପତି ଭଟ୍ଟ ନାମକ ଜୈନିକ ବିଶିଷ୍ଟ ବ୍ୟକ୍ତି ଶ୍ରୀକ୍ଷେତ୍ରର ମହିମା ବିଷୟରେ ଶୁଣି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଶ୍ରୀକ୍ଷେତ୍ରକୁ ଆସିବାକୁ ମନ ବଳାଇଲେ । କିନ୍ତୁ ସେ ଥିଲେ ପ୍ରଭୁ ଗଣେଶଙ୍କ ବଡ଼ ଭକ୍ତ । ଶ୍ରୀଗଣପତି ଭଟ୍ଟ ପୁରୀ ଶ୍ରୀକ୍ଷେତ୍ର ଆଗମନ କରିଲେ ଏବଂ ଦାରୁବିଗ୍ରହଙ୍କ ଦର୍ଶନ କରିଲେ, କିନ୍ତୁ ମହାପ୍ରଭୁଙ୍କୁ ଗଜ ରୂପରେ ନ ଦେଖି ସେ ତାଙ୍କୁ ପରମବ୍ରହ୍ମ ବୋଲି ମାନିବାକୁ ଅସ୍ୱୀକାର କଲେ ଏବଂ କ୍ଷୁବ୍ଧ ହୋଇ ମନ୍ଦିର ତ୍ୟାଗ କଲେ । ଘରକୁ ପ୍ରତ୍ୟାବର୍ତ୍ତନ କଲେ। କିଛିବାଟ ଯିବା ପରେ ମୁକ୍ତେଶ୍ୱରଠାରେ ଶୂନ୍ୟବାଣୀ ଶୁଣି ପୁନଶ୍ଚ ଶ୍ରୀମନ୍ଦିରକୁ ଫେରିଆସିଲେ, କିନ୍ତୁ ସେଦିନ ଥିଲା ଜ୍ୟେଷ୍ଠମାସ ଦେବସ୍ନାନ ପୂର୍ଣ୍ଣିମା । ମହାପ୍ରଭୁଙ୍କ ଆଦେଶରେ ବଡ଼ପଣ୍ଡା ଗଣପତି ଭଟ୍ଟଙ୍କୁ ସ୍ନାନଯାତ୍ରା ଦେଖିବା ପାଇଁ ପୁନଶ୍ଚ ଆମନ୍ତ୍ରଣ କଲେ, ତାଙ୍କ ଦୃଷ୍ଟି ସମ୍ମୁଖରେ ଦାରୁବିଗ୍ରହ ଶ୍ରୀଜଗନ୍ନାଥଙ୍କ ରୂପ ପରିବର୍ତ୍ତନ କରି କଳା ରୂପରେ ଗଣପତିବେଶ ଧାରଣ କଲେ ଓ ଧବଳ ରୂପରେ ବଳଭଦ୍ର ଶୋଭା ପାଇଲେ । ଏ ଅଲୌକିକ ଘଟଣା ଦେଖି ଶ୍ରୀଗଣପତି ଭଟ୍ଟଙ୍କ ଜ୍ଞାନୋଦୟ ହେଲା ଏବଂ ସେ ନିଜର ଭୁଲ ବୁଝିପାରି ମହାପ୍ରଭୁଙ୍କ ନିକଟରେ କ୍ଷମା ପ୍ରାଥନା କରିଲେ । ତାଙ୍କ ପ୍ରାର୍ଥନାରେ ମହାପ୍ରଭୁ ସନ୍ତୁଷ୍ଟ ହୋଇ ଶ୍ରୀଗଣପତି ଭଟ୍ଟଙ୍କୁ ବର ପ୍ରଦାନ କଲେ ଯେ, ପ୍ରତିବର୍ଷ ଏହି ଦିନରେ ମହାପ୍ରଭୁ ଜଗନ୍ନାଥ ଗଜବେଶ ଧାରଣ କରିବେ । ତେଣୁ ଏହି ଘଟଣା ପରଠାରୁ ପ୍ରତିବର୍ଷ ଚତୁର୍ଦ୍ଧାମୂର୍ତ୍ତି ଦେବସ୍ନାନ ପୂର୍ଣ୍ଣିମାରେ ଗଜବେଶ ଧାରଣକରନ୍ତି । ସେଦିନଠୁ ଗଣପତି ଭଟ୍ଟଙ୍କ ଗଜବେଶ ଦର୍ଶନର ସ୍ମାରକୀ ସ୍ୱରୂପ ଏହି ବେଶ ପରମ୍ପରା ଓ ସଂସ୍କୃତି ପ୍ରଚଳିତ ହୋଇ ଆସୁଛି ।

**ଦଶରଥ ହେମ୍ବ୍ରମ୍**
**ମୋ–୯୩୩୭୪୦୪୨୫୪**



# ମହିଳା ଡାକବାଲା

ଆଜିକାଲି ମଧ୍ୟ ଦୁନିଆରେ ଏଭଳି କିଛି ବୃତ୍ତି ରହିଛି, ଯେଉଁ ବୃତ୍ତି କେବଳ ପୁରୁଷଙ୍କ ପାଇଁ ଉଦିଷ୍ଟ । ହେଲେ କିଛି ମହିଳା ଏଭଳି ମଧ୍ୟ ରହିଛନ୍ତି ଯେଉଁମାନେ ଏହି ପ୍ରଥାକୁ ଭାଙ୍ଗିଛନ୍ତି । ସେହିଭଳି ଜଣେ ମହିଳା ବର୍ତ୍ତମାନ ଏହି ପ୍ରଥାକୁ ଭାଙ୍ଗି ସୋସିଆଲ ମିଡିଆରେ ଷ୍ଟାର ପାଲଟିଛନ୍ତି । ମୁମ୍ବାଇର ଆକାଂକ୍ଷା ଗାୟକୱାଡ୍ ବର୍ତ୍ତମାନ ନିଜର ବୃତ୍ତି ପାଇଁ ଖୁବ ଭାଇରାଲ ହେବାରେ ଲାଗିଛନ୍ତି । ଗଣିତରେ ଡ୍ରିଗ୍ରୀଧାରୀ ଆକାଂକ୍ଷା ବର୍ତ୍ତମାନ ଜଣେ ମହିଳା ପୋଷ୍ଟମ୍ୟାନ ଭାବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସୋସିଆଲ ମିଡିଆରେ ଲୋକମାନେ ତାଙ୍କ କାହାଣୀକୁ ଖୁବ ପ୍ରେରଣାଦାୟୀ ବୋଲି ବିବେଚନା କରୁଛନ୍ତି । ଖାଖି ବ୍ୟାଗଧରି ଓ କୋଟ୍ ପିନ୍ଧି ସେ ସବୁଦିନ ବାହାରି ଯାଆନ୍ତି ଚିଠି ବାଣ୍ଟିବାକୁ । ଆକାଂକ୍ଷା ଚିଠି ବାଣ୍ଟିବା ସମୟରେ କାଳେ କୌଣସି ସମସ୍ୟା ପଡିବେ, ସେଇ ଚିନ୍ତାରେ ପ୍ରଥମରୁ ତାଙ୍କ ପରିବାର ଏହି ଚାକିରି ପାଇଁ ରାଜି ନଥିଲେ । ହେଲେ ସମୟକ୍ରମେ ସେମାନେ ମଧ୍ୟ ଏହାକୁ ବୁଝିଥିଲେ । ସୂଚନା ଅନୁସାରେ ନିଜର ତିନି ବର୍ଷର ଚାକିରିକାଳ ଭିତରେ ସେ ଏକ ଲକ୍ଷରୁ ଅଧିକ ଚିଠି ବାଣ୍ଟି ସାରିଲେଣି । ତାଙ୍କୁ ଚିଠି ବାଣ୍ଟିବା ଏକ ଶାନ୍ତି ପ୍ରଦାନ କରିଥାଏ । ଏହା ତାଙ୍କୁ ଲୋକଙ୍କ ସହିତ ଯୋଡିବାରେ ଖୁବ ସହାୟକ ହୋଇଥାଏ ବୋଲି ଆକାଂକ୍ଷା ପ୍ରକାଶ କରିଛନ୍ତି । ସେହିଭଳି ଏହି ବୃତ୍ତିରେ ଝିଅଙ୍କ ପାଇଁ କୌଣସି ସମସ୍ୟା ନାହିଁ ବୋଲି ଆକାଂକ୍ଷା ସ୍ପଷ୍ଟ କରିଛନ୍ତି । ଏଥିରେ ତାଙ୍କ ଭଳି ଅନ୍ୟ ଝିଅ ମଧ୍ୟ କାର୍ଯ୍ୟ କରିପାରିବେ ବୋଲି ସେ ମତ ଦେଇଛନ୍ତି । ତାଙ୍କ ଅଞ୍ଚଳରେ ସେ ୨୬ ଜଣ ପୁରୁଷଙ୍କ ମଧ୍ୟରେ ଜଣେ ମହିଳା ଏହି ବୃତି କରୁଛନ୍ତି, ତେଣୁ ଝିଅମାନେ ମଧ୍ୟ ଏଥିରେ କାର୍ଯ୍ୟ କରିପାରିବେ ବୋଲି ସେ ମତ ଦେଇଛନ୍ତି ।





# ଫ୍ୟାନ୍‌ଙ୍କୁ ଦେଲେ ଧନ୍ୟବାଦ

ଅନେକ ବଲିଉଡ ହିରୋଇନ୍ ରହିଛନ୍ତି ଯେଉଁମାନେ କର୍କଟ ରୋଗରେ ପୀଡିତ ହୋଇଥିବାର ସୂଚନା ରହିଛି । ସେହି ତାଲିକାରେ ନିକଟରେ ସାମିଲ ହୋଇଛନ୍ତି ବିଟାଉନ୍‌ର ଛୋଟ ପରଦାର ନାୟିକା ଦୀପିକା କକର । ଦୀପିକାଙ୍କୁ ଲିଭର କ୍ୟାନ୍ସରର ଷ୍ଟେଜ ୨ ହୋଇଥିବା ଜଣା ପଡିଥିଲା । ତେବେ ଏହା ଚିହ୍ନଟ ହେବା ପରେ ତାଙ୍କର ସର୍ଜରୀ ହୋଇଛି, ଏବଂ ଏହା ସଫଳ ହୋଇଥିବା ସୂଚନା ମିଳିଛି । ଏନେଇ ଦୀପିକାଙ୍କ ସ୍ୱାମୀ ସୋହେବ ଏକ ବ୍ଲଗରେ ସୂଚନା ଦେଇଛନ୍ତି । ତେବେ ଏହି ସମୟରେ ଦୀପିକା ମଧ୍ୟ ଫ୍ୟାନ୍‌ଙ୍କ ସହିତ କଥା ହେଉଥିବାର ଦେଖିବାକୁ ମିଳିଛି । ଭିଡିଓରେ ଦୀପିକା ତାଙ୍କ ଶୁଭେଚ୍ଛୁଙ୍କୁ ଧନ୍ୟବାଦ ଜଣାଇଛନ୍ତି । ତାଙ୍କ ପାଇଁ ସେମାନେ ପ୍ରାର୍ଥନା କରୁଥିବାରୁ ସେମାନଙ୍କ ନିକଟରେ ସେ କୃତଜ୍ଞ ଥିବା ଭିଡିଓରେ ପ୍ରକାଶ କରିଛନ୍ତି । ସେହିଭଳି ହସ୍‌ପିଟାଲରେ ମଧ୍ୟ ତାଙ୍କୁ ଅନେକ ଭଲ ପାଇବା ମିଳିଥିଲା ସେ କହିଛନ୍ତି । ହସପିଟାଲ ଷ୍ଟାଫ୍‌ଙ୍କ ଠାରୁ ଆରମ୍ଭ କରି ଅନ୍ୟ ରୋଗୀଙ୍କ ସମ୍ପର୍କୀୟ ମଧ୍ୟ ତାଙ୍କ ପାଇଁ ପ୍ରାର୍ଥନା କରିଥିବା ଦୀପିକା ପ୍ରକାଶ କରିଛନ୍ତି । ସର୍ଜରୀ ପରେ ବର୍ତ୍ତମାନ ସେ ଧୀରେଧୀରେ ସୁସ୍ଥ ହେବାକୁ ଲାଗିଛନ୍ତି ଏବଂ ଖୁବଜଲଦି ସୁସ୍ଥ ହୋଇଯିବେ ବୋଲି ଦୀପିକା ମତ ଦେଇଛନ୍ତି । ସୂଚନା ଅନୁସାରେ ଚଳିତ ଇଦ୍ ମଧ୍ୟ ଦୀପିକା ଓ ସୋହେବ୍ ହସ୍‌ପିଟାଲରେ ହିଁ ପାଳନ କରିଛନ୍ତି । ଏହି ସମୟରେ ପୁରା ପରିବାର ଓ ସୋହେବ ତାଙ୍କ ସହିତ ଅଛନ୍ତି ଏବଂ ସେମାନଙ୍କ ଭଲପାଇବା ତାଙ୍କ ପାଇଁ କବଚ ସଦୃଶ୍ୟ କାମ କରୁଛି ବୋଲି ଦୀପିକା ମତ ଦେଇଛନ୍ତି । ପରିବାରର ଭଲ ପାଇବା ଓ ଫ୍ୟାନଙ୍କ ଶୁଭକାମନା କାରଣରୁ ସେ ଖୁବ ଜଲଦି ସୁସ୍ଥ ହୋଇଯିବେ ବୋଲି ଦୀପିକା ପ୍ରକାଶ କରିଛନ୍ତି ।

# ଚର୍ଚ୍ଚାରେ ସମୀରାଙ୍କ କନ୍ୟା ଦାନ

ଆଇପିଏଲ ଖେଳ ସମୟରେ ବ୍ୟବସାୟୀ ବିଜୟ ମାଲ୍ୟା ବର୍ତ୍ତମାନ ପୁଣି ଚର୍ଚ୍ଚାକୁ ଆସିଛନ୍ତି । ତେବେ ଏହାରି ଭିତରେ ତାଙ୍କୁ ନେଇ ବିଟାଉନ୍ ଅଭିନେତ୍ରୀ ସମୀରା ରେଡି ଏକ ବୟାନ ଦେଇଛନ୍ତି ଯାହା ଖୁବ ଆଲୋଚନାର ବିଷୟ ପାଲଟିଛି । ସମୀରାଙ୍କ ମତରେ ବିଜୟ ମାଲ୍ୟା ତାଙ୍କର କନ୍ୟା ଦାନ କରିଥିଲେ । ତେବେ ଏହା ସମୀରାଙ୍କର ଏକ ପୁରୁଣା ଭିଡିଓ ଯାହା ବର୍ତ୍ତମାନ ଭାଇରାଲ ହେଉଛି । ଯେଉଁଥିରେ ସେ ଏସମ୍ପର୍କରେ କଥା ହୋଇଛନ୍ତି । ୨୦୧୪ରେ ସମୀରା ଦେଇଥିବା ଏକ ସାକ୍ଷାତକାରରେ ପ୍ରକାଶ କରିଥିଲେ କି ବିଜୟ ମାଲ୍ୟା ତାଙ୍କ ମା'ଙ୍କ ପଟରୁ ଜଣେ ଏକମାତ୍ର ସମ୍ପର୍କୀୟ ଥିଲେ ଯିଏ ତାଙ୍କର କନ୍ୟା ଦାନ କରିଥିଲେ । ସୂଚନା ଅନୁସାରେ ୨୦୧୪ରେ ସମୀରା ବ୍ୟବସାୟୀ ଅକ୍ଷୟ ବର୍ଦ୍ଦେଙ୍କୁ ବିବାହ କରିଥିଲେ । ଏହି ବିବାହ ଖୁବ କମ୍ ଲୋକଙ୍କ ଗହଣରେ ସାଦାସିଦା ଭାବେ କରାଯାଇଥିଲା । ତେବେ ବର୍ତ୍ତମାନ ଫ୍ୟାନମାନେ ସୋସିଆଲ ମିଡିଆରେ ଏହି ସାକ୍ଷାତକାରକୁ ଖୁବ ଭାଇରାଲ କରାଇବାରେ ଲାଗିଛନ୍ତି ।



ବିଶ୍ୱର ବିଭିନ୍ନ ଦେଶରେ ଏଭଳି ଅନେକ ପରମ୍ପରାର ପାଳନ କରାଯାଇଥାଏ ଯାହା ବେଶ୍ ସ୍ୱତନ୍ତ୍ର ହୋଇଥାଏ । ସେହିଭଳି ଏକ ପରମ୍ପରା ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଆମେରିକାରେ ପ୍ରତିବର୍ଷ ଏକ ବିରଳ ପରମ୍ପରାର ପାଳନ କରାଯାଇଥାଏ । ଏହି ପରମ୍ପରାରେ କିଛି ଲୋକ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇ ୨୦ ଫୁଟର ଏକ ପେନ୍‌ସିଲ୍‌କୁ ଧାର କରି ଥାଆନ୍ତି । ଏହି ବିରାଟ ପେନ୍‌ସିଲଟି ଏକ ବଗିଚାରେ ରହିଛି , ଯେଉଁଠାରେ ଏହି ଲୋକମାନେ ଏକାଠି ହୋଇଥାଆନ୍ତି । ଏହି ପେନ୍‌ସିଲ୍‌ଟିକୁ ଏକ ନଷ୍ଟ ହୋଇଯାଇଥିବା ଓକ୍ ଟ୍ରିକୁ କାଟି ତିଆରି କରାଯାଇଛି । ଧୀରେଧୀରେ ଏହା ସ୍ଥାନୀୟ ଅଞ୍ଚଳରେ ଏକ ପର୍ବରେ ପରିଣତ ହୋଇଛି । ସମସ୍ତେ ଖୁବ ଖୁସି ମନରେ ବାଜା ବଜାଇ ଏକାଠି ହୋଇ ଏହି ପେନ୍‌ସିଲ୍‌କୁ ଧାର କରି ଥାଆନ୍ତି ।

# ୨୦ ଫୁଟିଆ ପେନ୍‌ସିଲ



## ସୋସିଆଲ କୋଟ୍ସ



“ ମୁଁ ଅନେକ ଦିନରୁ ପ୍ରିୟଙ୍କା, କ୍ୟାଟ୍ରିନା ଓ ଆଲିଆ ତିନିଜଣଙ୍କୁ ନେଇ ଫିଲ୍ମ କରିବାକୁ ଚାହୁଁଛି । ହେଲେ ତିନିଜଣଙ୍କର ସିଡ୍ୟୁଲ ବହୁତ ବିଜି ଥିବାରୁ ସେମାନେ ଫିଲ୍ମ ପାଇଁ ଟାଇମ୍ ଦେଇପାରୁ ନାହାନ୍ତି, ଯେଉଁଥିପାଇଁ ବିଳମ୍ବ ହେଉଛି ।

**ଫରହାନ ଅଖତର, ଅଭିନେତା**

“ ଲୋକମାନେ କୁହନ୍ତି ମୁଁ ମୋ ବାପାଙ୍କ ଭଳି ଦେଖିବାକୁ । ମୋ ଦେହରେ ବାପାଙ୍କ ଝଲକ ସେମାନେ ଦେଖିଥାଆନ୍ତି । ତେବେ ମୁଁ ମୋର ନିଜର ପରିଚୟ ତିଆରି କରିବାକୁ ଚାହୁଁଛି ।

**ରାଜବୀର ଦେଓ୍ୱଲ, ଅଭିନେତା**





“ ମୋ ଜୀବନର ବିଗତ ବର୍ଷ ଖୁବ ଭଲ ଥିଲା । ମୋତେ ଏକ ସ୍ପେସାଲ ଫିଲ୍ମର ଡାଇଲଗ ଲେଖିବାକୁ ସମୟ ମିଳିଲା । ବଡ ବଡ ଫିଲ୍ମ ମେକରଙ୍କ ସହ କାମ କରିବାର ସୁଯୋଗ ମଧ୍ୟ ମିଳିଲା ।

**ସୁମିତ ଅରୋରା, ଫିଲ୍ମ ରାଇଟର**

## ଇତିହାସ

୧୮୬୬– ଆଲାହାବାଦ ଉଚ୍ଚ ନ୍ୟାୟାଳୟର ସ୍ଥାପନ କରାଗଲା । ଏହା ପୂର୍ବରୁ ଆଗ୍ରା ଉଚ୍ଚ ନ୍ୟାୟାଳୟ ନାମରେ ଜଣାଯାଉଥିଲା ।

୧୮୯୭– ମହାନ ସ୍ୱତନ୍ତ୍ରତା ସେନାନି ରାମ ପ୍ରସାଦ ବିସମିଲା ଜନ୍ମଗ୍ରହଣ କରିଥିଲେ ।

୧୯୨୧– ବ୍ରାଜିଲ୍‌ରେ ମହିଳାମାନଙ୍କୁ ମତ ପ୍ରଦାନ ପାଇଁ ଅଧିକାର ଦିଆଗଲା ।

୧୯୪୮– ଭାରତୀୟ ରାଜନୀତିଜ୍ଞ ତଥା ବିହାରର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ଜନ୍ମ ।

୧୯୫୫– ପ୍ରଥମ ମ୍ୟାଗ୍ନେସିୟମ୍ ଜେଟ୍ ବିମାନ ଉଡାଣ ଭରିଲା ।

୧୯୬୪– ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଇଚ୍ଛାନୁସାରେ ତାଙ୍କ ଅସ୍ଥିର ଭସ୍ମ ସମଗ୍ର ଦେଶରେ ପକାଗଲା ।

୧୯୮୩– ଭାରତର ଅଗ୍ରଣୀ ଔଦ୍ୟୋଗିକ ବିର୍ଲା ସମୂହର ସଂସ୍ଥାପକ ଘନଶ୍ୟାମଦାସ ବିର୍ଲାଙ୍କ ପରଲୋକ ।

୨୦୦୩– କୋର୍ଣ୍ଣିକୋଭା ମହିଳା ଟେନିସ୍‌ର ସବୁଠୁ ସୁନ୍ଦର ଖେଳାଳି ବୋଲି ଘୋଷଣା କରାଗଲା ।

୨୦୦୮– ଭ୍ରଷ୍ଟାଚାର ବିରୋଧରେ ଜେଲ୍‌ରେ ବନ୍ଦି ଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ୱାଜେଦ୍‌ଙ୍କୁ ମୁକ୍ତ କରାଗଲା ।

୨୦୧୨– ଆଫଗାନିସ୍ତାନରେ ଭୂମିକମ୍ପ କାରଣରୁ ହୋଇଥିବା ଭୂସ୍ଖଳନରେ ୮୦ ଲୋକଙ୍କ ପ୍ରାଣହାନୀ ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୪୪
ତିଥି : ପୂର୍ଣ୍ଣିମା
୧୧ ଜୁନ୍ ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 244
11 June 2025, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

OIPR: 15001/13/0680/2526
DADLS-27

ବର୍ଷ ଏକ ଉପଲବ୍ଧି ଅନେକ

ସମୃଦ୍ଧ ଓଡ଼ିଶା ପାଇଁ ମହିଳା ସଶକ୍ତିକରଣ

- ସୁଭଦ୍ରାରେ ୧ କୋଟିରୁ ଅଧିକ ମହିଳା ଉପକୃତ
- ୧୭ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି
- ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଶୁଭାରମ୍ଭ
- ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ଛାଡ



## ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି

# ୨୪ ବର୍ଷରେ ଯାହା ହୋଇନି, ୨୪ ମିନିଟ୍‌ରେ କରିଛୁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୦।୬ (ସବ୍ୟୁ): ବିଗତ ସରକାରରେ ୨୪ବର୍ଷରେ ଯାହା ହୋଇନଥିଲା ତାହା ୨୪ ମିନିଟ୍‌ରେ କରି ଦେଖାଇଛୁ । ଏହା ହେଉଛି ଲୋକଙ୍କ ସରକାର ଓ ଲୋକଙ୍କ କଲ୍ୟାଣ ପାଇଁ ଯାହା ଆବଶ୍ୟକ ତାହା କରାଯାଉଛି । ଗତ ୧ବର୍ଷର କାର୍ଯ୍ୟକାଳ ମଧ୍ୟରେ ଲୋକଙ୍କର ଆକାଂକ୍ଷା ପୂରଣ କରିବାରେ ରାଜ୍ୟ ସରକାର ସଫଳ ହୋଇଛନ୍ତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।




କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାରର ୧୧ବର୍ଷ ପୂର୍ତ୍ତି ଓ ରାଜ୍ୟରେ ଓଡ଼ିଶା ସରକାରଙ୍କ ମଧ୍ୟ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଲେ ଯେ, ଓଡ଼ିଶା ସରକାର ବର୍ଷକର କାର୍ଯ୍ୟକାଳ ମଧ୍ୟରେ ନିର୍ବାଚନବେଳେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛନ୍ତି । ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ଏକ ସମ୍ଭାବନା ରାଜ୍ୟ ଭାବେ ବର୍ଣ୍ଣନା କରିଛନ୍ତି । ତାହାକୁ ଦୃଷ୍ଟିରେ ରଖି ସେହି ଲକ୍ଷ୍ୟରେ ରାଜ୍ୟ ସରକାର ଅତି ନିଷ୍ଠାପର ଭାବରେ ଆଗେଇ ଚାଲିଛି । ଗତବର୍ଷ ଜୁନ୍ ୧୨ ସନ୍ଧ୍ୟାରେ ରାଜ୍ୟ ସରକାରଙ୍କ ପ୍ରଥମ କ୍ୟାବିନେଟ୍ ବସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା । ସେହି ନିଷ୍ପତ୍ତିକୁ ତୁରନ୍ତ କାର୍ଯ୍ୟକାରୀ କରାଯାଇ କାର୍ଯ୍ୟକାରୀ କରାଯାଇଥିଲା । ମହିଳା ଶସକ୍ତିକରଣକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ସୁଭଦ୍ରା ଯୋଜନାରେ ଦୁଇଟି

- ◈ ଯୁବକ, ଅନ୍ନଦାତା, ମହିଳା ଓ ଗରିବଙ୍କ ପାଇଁ ସମର୍ପିତ ଏ ସରକାର
- ◈ ଆଗାମୀ ଆର୍ଥିକ ବର୍ଷରେ ଆଉ ୪୦ହଜାର ନିଯୁକ୍ତି
- ◈ ୨୦୩୬ ମିଶନ ପାଇଁ ୩୬ କାର୍ଯ୍ୟକ୍ରମ
- ◈ ଖୁବ୍‌ଶୀଘ୍ର ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି
- ◈ ଦୁର୍ନୀତି ନେଇ କଡା ଆଭିମୁଖ୍ୟ : କାହାକୁ ଛଡାଯିବନି

ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲାଯିବା ସହ ରାଜ୍ୟରେ ସୁଭଦ୍ରା ଯୋଜନା କିସ୍ତିରେ ୧୦ହଜାର ଟଙ୍କା ଲେଖାଏଁ ଦିଆଯାଇଛି । (୯ ପୃଷ୍ଠାରେ)

## ଲାଞ୍ଚୁଆ ଆଇଏଏସ୍ ଚକ୍‌ମା ନିଲମ୍ବିତ

ଭବାନୀପାଟଣା, ୧୦।୬ (ସବ୍ୟୁ): ଧର୍ମଗଡ଼ର ଲାଞ୍ଚୁଆ ଉପଜିଲ୍ଲାପାଳ ଧୀମାନ ଚକମାଙ୍କୁ ମଙ୍ଗଳବାର ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଚାକିରୀରୁ ନିଲମ୍ବନ କରିଛନ୍ତି । ଏହା ସହିତ ଜେଲରେ ବିଗିଡ଼ିଛି ଲାଞ୍ଚୁଆ ଆଇଏଏସ୍ ଅଫିସର ଧୀମାନ ଚକମାଙ୍କ ସ୍ୱାସ୍ଥ୍ୟବସ୍ଥା । ତାଙ୍କୁ ଜେଲରେ ଚିକିତ୍ସା ଦେଉଛନ୍ତି ଡାକ୍ତରୀ ଟିମ୍। ସୋମବାର ଜାମିନ ନାମଞ୍ଜୁର ପରେ ତାଙ୍କୁ ଭବାନୀପାଟଣା ଜିଲ୍ଲା କାରାଗାରକୁ ପଠାଇ ଦିଆଯାଇଥିଲା । ପରେ ତାଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଥିବା ସୂଚନା ମିଳିଛି । ଜଣେ ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଧର୍ମଗଡ଼ ସବ କଲେକ୍ଟର ଧୀମାନ୍ ଚକମା ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ । ପରେ ତାଙ୍କ ସରକାରୀ (୯ପୃଷ୍ଠାରେ)

## ଝାଡାବାନ୍ତିରେ ୩ ମୃତ, ୨୦୦ ଆକ୍ରାନ୍ତ

ଧର୍ମଶାଳା/ଆନନ୍ଦପୁର, ୧୦ ।୬ (ସ ବ୍ୟୁ) : ଧର୍ମଶାଳା ବ୍ଲକର ବିଭିନ୍ନ ଗ୍ରାମରେ ଏବେ ଝାଡାବାନ୍ତି ରୋଗ ବ୍ୟାପୁଥିବା ଦେଖିବାକୁ ମିଳିଛି। ଆଜି ସକାଳୁ ଧର୍ମଶାଳା ବ୍ଲକର ବିଭିନ୍ନ ଗ୍ରାମରୁ ଆଜି ପ୍ରାୟ ଶତାଧିକ ଝାଡାବାନ୍ତି ରୋଗୀ ମେଡିକାଲକୁ ଆସି ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ୨ ଜଣଙ୍କର ଧର୍ମଶାଳାରେ ମୃତ୍ୟୁ ହୋଇଥିବାବେଳେ ୨୦୦ରୁ ଅଧିକ ଆକ୍ରାନ୍ତ ହୋଇଛନ୍ତି । ସେହିଭଳି ଆନନ୍ଦପୁରରେ ଝାଡାବାନ୍ତିରେ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି ।

ସେହିପରି ଡାକ୍ତରଖାନା ପକ୍ଷରୁ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ଓ ଆବଶ୍ୟକ ଔଷଧ ନ ମିଳିବାରୁ ରୋଗୀ ଓ ସେମାନଙ୍କ ସମ୍ପର୍କିୟମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏତେ ସଂଖ୍ୟକ ଝାଡାବାନ୍ତି ରୋଗୀ ମେଡିକାଲରେ ଆସି ପହଁଚି ଚିକିତ୍ସା ହେବା ଖବର ପାଇ ଯାଜପୁର ସିଡିଏମଓ ପ୍ରକାଶ ଚନ୍ଦ୍ର ବଳ ଧର୍ମଶାଳା ଡାକ୍ତର ଖାନାରେ ପହଁଚି ସ୍ଥିତି ଅନୁଧ୍ୟାନ କରିବା (୯ ପୃଷ୍ଠାରେ)

## ଆଜି ମହାପ୍ରଭୁଙ୍କ ମହାସ୍ନାନ

ପୁରୀ, ୧୦।୬ (ସବ୍ୟୁ): ଆଜି ପବିତ୍ର ଦେବ ସ୍ନାନ ପୂର୍ଣ୍ଣିମା । ରନି ସିଂହାସନରୁ ପହଣ୍ଡି ବିଜେ ହୋଇ ସ୍ନାନ ବେଦୀରେ ଅଧିଷ୍ଠିତ ହେବେ ଚତୁର୍ଦ୍ଧା ମୂର୍ତ୍ତି ।

୧୦୮ ସୁବାସିତ ଜଳ ଗଡୁରେ ସ୍ନାନ ହେବେ ଚତୁର୍ଦ୍ଧା ମୂର୍ତ୍ତି । ସ୍ନାନ ବେଦୀରେ ହାତୀ ବା ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ଚତୁର୍ଦ୍ଧା ମୂର୍ତ୍ତି । ମହାପ୍ରଭୁଙ୍କ ହାତୀ ବେଶ ଦର୍ଶନ ପାଇଁ ପୁରୀକୁ ସୁଅ ଛୁଟିଛି ଲକ୍ଷାଧିକ ଭକ୍ତ । ଲକ୍ଷାଧିକ ଭକ୍ତଙ୍କ ସମାଗମ ଓ ଶୃଙ୍ଖଳିତ ଦର୍ଶନ ପାଇଁ ଜିଲ୍ଲା ପ୍ରଶାସନ, (୯ପୃଷ୍ଠାରେ)

## ପୋଲିସକୁ ଆକ୍ରମଣ, ଭଙ୍ଗାରୁଜା

ଭୁବନେଶ୍ୱର, ୧୦।୬ (ସବ୍ୟୁ) : ୧୦ଲକ୍ଷ ଟଙ୍କା ଠକେଇକୁ ନେଇ ଅଳସୁଆ ଗ୍ରାମର ମହିଳାମାନେ ଇଫୋସିଟି ଥାନା ଘେରାଉ କରିବା ସହ ପୋଲିସକୁ ଆକ୍ରମଣ କରିଥିଲେ । ଏପରିକି ଥାନା ଭିତରେ ପଶି ଭଙ୍ଗାରୁଜା କରିବା ସହ ରାସ୍ତାରୋକ କରି ଠକେଇ ଟଙ୍କା ଆମକୁ ଦିଅ ବୋଲି ଦାବି କରିଥିଲେ । ଏହି ଗଣ୍ଡଗୋଳରେ ଉଭୟ ପକ୍ଷ ଆହତଙ୍କୁ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ନିଆଯାଇଥିଲା । ଏସ୍‌ଏସ୍‌ଜି ଗ୍ରୁପ୍ ନାଁରେ ବ୍ୟାଙ୍କରୁ ୧୦ଲକ୍ଷ ଋଣ ଆଣି ଦଲାଲ ସେହି ଟଙ୍କାକୁ ନିଜେ ଆତ୍ମସାତ୍ କରିଦେଇଥିଲା । ବ୍ୟାଙ୍କ (୯ ପୃଷ୍ଠାରେ)

## ଟୋକନ୍ ଥାଇ ଉଠୁନି ଧାନ

ବରଗଡ଼/ସମ୍ବଲପୁର/ଭବାନୀପାଟଣା, ୧୦।୬ (ସବ୍ୟୁ): ପଶ୍ଚିମ ଓଡ଼ିଶାରେ ଧାନ ବିକ୍ରିରେ ଅବ୍ୟବସ୍ଥା ଦେଖାଦେଇଛି । ସରକାର କଟନୀ ଛଟନୀ ବନ୍ଦ ହୋଇଥିବା କହୁଥିବା ବେଳେ ବାସ୍ତବ କ୍ଷେତ୍ରରେ ତାହା ପରିଲକ୍ଷିତ ହେଉନାହିଁ । ଏପରିକି ଟୋକନ ଥାଇ ବି ଚାଷୀ ନିଜ କଷ୍ଟ ଉପାର୍ଜିତ ଧାନ ନିର୍ଦ୍ଧାରିତ ମୂଲ୍ୟରେ ବିକ୍ରୀ କରିପାରୁନାହିଁ । କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚାଷୀ ଅଭାବୀ ବିକ୍ରୀର ଶୀକାର ହେଉଥିବା ଅଭିଯୋଗ ଆସୁଛି । ଅନ୍ୟ ପକ୍ଷରେ ଅଦିନିଆ ବର୍ଷାରେ ଧାନ ଭିଜି କିଛି କାଂଶରେ ନଷ୍ଟ (୯ ପୃଷ୍ଠାରେ)

Government of India

ମାଇଲଗୁଡ଼ିକ ମାଇଲଖୁଣ୍ଟରେ ହେଉଛି ପରିଣତ



ଜାତୀୟ ଜଳପଥ ୫ ରୁ ୧୧୧ କୁ ବୃଦ୍ଧି ପାଇଛି, ୨୦୨୪ରେ ରେକର୍ଡ ୧୪୫+ ଏମଏମଟି ମାଲ ପରିବହନ, ୨୦୧୪ ତୁଳନାରେ ୮ ଗୁଣ

ସାଗରମାଳା ଅଧୀନରେ ୧.୪୧+ ଲକ୍ଷ କୋଟି ଟଙ୍କାର ୨୭୨ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି, ଉପକୂଳ ନେଟୱାର୍କର ବିସ୍ତାର ଏବଂ ବନ୍ଦର-କେନ୍ଦ୍ରିତ ବିକାଶକୁ ପ୍ରୋତ୍ସାହିତ କରାଯାଇଛି

ଭାରତରେ ଅଟଳ ସୁଡ଼ଙ୍ଗ ଅଛି- ୧୦,୦୦୦ ଫୁଟ ଉଚ୍ଚତାରେ ବିଶ୍ୱର ସବୁଠୁ ଲମ୍ବା ରାଜପଥ ସୁଡ଼ଙ୍ଗ ଏବଂ ଚେନାବ ସେତୁ- ବିଶ୍ୱର ସର୍ବୋଚ୍ଚ ରେଳ ଆର୍କ ବ୍ରିଜ



ବିମାନବନ୍ଦରଗୁଡିକ ଦ୍ୱିଗୁଣିତ ହୋଇଛି- ୭୪ ରୁ ୧୬୨

ଉଡ଼ାନ୍ ଅଧୀନରେ ୧.୫୦ କୋଟିରୁ ଅଧିକ ଲୋକ ସୁଲଭ ବିମାନ ଯାତ୍ରାର ସୁବିଧା ପାଇଛନ୍ତି

୨୦୧୪ରେ ମେଟ୍ରୋ ନେଟୱାର୍କ ୨୪୮ କିଲୋମିଟରରୁ ୧୦୦୦+ କିଲୋମିଟରକୁ ବିସ୍ତାରିତ ହୋଇଛି, ୨୦୧୪ରେ କେବଳ ୫ଟି ସହରରେ ତୁଳନାରେ ଏବେ ୨୩ଟି ସହରରେ ମେଟ୍ରୋ ସୁବିଧା




ଭାରତରେ ୬୬ ଲକ୍ଷ କିଲୋମିଟରରୁ ଅଧିକ ସଡ଼କ ରହିଛି - ବିଶ୍ୱରେ ଦ୍ୱିତୀୟ ସର୍ବବୃହତ

ଜାତୀୟ ରାଜପଥ ୯୧,୦୦୦ କିଲୋମିଟରରୁ ୬୦% ରୁ ଅଧିକ ବୃଦ୍ଧି ପାଇ ୧.୪୬ ଲକ୍ଷ କିଲୋମିଟର ହୋଇଛି ।

ଗ୍ରାମୀଣ ସଡ଼କ ଯୋଗାଯୋଗର କଭରେଜ୍ ୯୯%ରେ ପହଞ୍ଚିଛି

CBC 37101/13/0008/2526



୧୪୨ଟି ବିଶ୍ୱସ୍ତରୀୟ ବନ୍ଦେ ଭାରତ ଟ୍ରେନ୍ ସେବା ଆଧୁନିକ ରେଳପଥର ପରିଚୟ ପାଲଟିଛି, ଯାହା ଏକ ଦ୍ରୁତ ଏବଂ ଆରାମଦାୟକ ଯାତ୍ରା ଅନୁଭୂତି ସୁନିଶ୍ଚିତ କରୁଛି ।

ଉଧମପୁର-ବାରାମୁଲ୍ଲା-ଶ୍ରୀନଗର ରେଳ ଲିଙ୍କ ସହିତ, କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ରେଳ ସଂଯୋଗ କରବାର ସ୍ୱପ୍ନ ଏବେ ସାକାର ହୋଇଛି ।

ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ୧୩୦୦ରୁ ଅଧିକ ରେଳ ଷ୍ଟେସନର ପୁନଃବିକାଶ କରାଯାଉଛି

Viksit Bharat ka Amrit Kaal
Seva, Sushasan, Garib Kalyan ke
11 SAAL



### ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି

# ଭିଜନ ଡକ୍ୟୁମେଣ୍ଟ ଓଡ଼ିଆଙ୍କ ସ୍ୱପ୍ନର ଭବିଷ୍ୟତ ପିଢ଼ିଙ୍କ ପାଇଁ ପ୍ରତିଶ୍ରୁତି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): 'ବିକଶିତ ଓଡ଼ିଶା ୨୦୩୬ ଏବଂ ୨୦୪୭' ପାଇଁ ରାଜ୍ୟବ୍ୟାପୀ ଆଲୋଚନା, ପର୍ଯ୍ୟାଲୋଚନା ସିରିଜର ଆଜି ଚୂଡାନ୍ତସ୍ତରରେ ପହଞ୍ଚିଛି । ଏହି ଭିଜନ ଡକୁମେଣ୍ଟ ସାଢ଼େ ୪ କୋଟି ଓଡ଼ିଆଙ୍କ ସ୍ୱପ୍ନର ଏକ ରୋଡମ୍ୟାପ୍ । ଏହା ଆମ ଭବିଷ୍ୟତ ପିଢ଼ିଙ୍କ ପାଇଁ ଏକ ପ୍ରତିଶ୍ରୁତ । ଏହା ଆମ ସାମଗ୍ରିକ ଚିନ୍ତା ଓ ଚେତନାକୁ ବିଶ୍ୱସ୍ତରୀୟ କରିବା ପାଇଁ ଏକ ଅଭିଯାନ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁଶାସନ ଏବଂ ବିକଶିତ ଓଡ଼ିଶା–୨୦୩୬ ଓ ୨୦୪୭ ସଂପର୍କିତ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେଇ ଆଲୋଚନାରେ ଉପସ୍ଥିତ ବିଷୟଭିତ୍ତିକ ବିଶେଷଜ୍ଞ, ଶିକ୍ଷାବିତ,




ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ସମ୍ବୋଧିତ କରି କହିଥିଲେ, ଆୟୁଷ୍ମାନ ଭାରତ–ଜନ ଆରୋଗ୍ୟ ଯୋଜନା, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି, ପ୍ରଧାନମନ୍ତ୍ରୀ ଆବସ ଯୋଜନା, ସ୍ୱଚ୍ଛ ଭାରତ ଯୋଜନା, ନୂତନ ଶିକ୍ଷା ନୀତି, ଜନଧନ ଯୋଜନା, ବେଟି ବଚାଓ ବେଟି ପଢାଅ ଇତ୍ୟାଦି ଦେଶର ସାଧାରଣ ଜନତାଙ୍କ ଦୈନନ୍ଦିନ ଜୀବନରେ ସ୍ୱାଚ୍ଛନ୍ଦ୍ୟ ଆଣିବାରେ ସମର୍ଥ ହୋଇଥିବା ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ।

ରାଜ୍ୟର ସାଢେ ଚାରିକୋଟି ଜନତାଙ୍କ ଆଶା ଆକାଂକ୍ଷାକୁ ସାକାର କରିବା ପାଇଁ ଆମ ସରକାର ନିରନ୍ତର ଭାବେ ପ୍ରଥମ ଦିନରୁ କାର୍ଯ୍ୟ କରିଚାଲିଛନ୍ତି ଏବଂ ଏହାର ସୁଫଳ ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ସୂଚକାଙ୍କରେ ପ୍ରତିଫଳିତ ହେଉଛି । ରାଜ୍ୟ ଗଠନର ଶତବାର୍ଷିକୀ ପାଳନ ଅବସରରେ ଆମ ସରକାର ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଏକ ଉଚ୍ଚାଭିଳାଷୀ ସଂକଳ୍ପ ନେଇଛନ୍ତି । ୨୦୪୭ ସୁଦ୍ଧା ଆମ ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ହାସଲ ଦିଗରେ ମଧ୍ୟ ଏହା ସହାୟକ ହେବ । ୫୦୦ ନିୟୁତ ଡଲାର ଅର୍ଥନୀତି ଆଡକୁ ଆମେ ଅଗ୍ରସର ହେବା ପାଇଁ ଆମକୁ ଅତି କମରେ ଆସନ୍ତା ୧୧ ବର୍ଷର ପ୍ରତିବର୍ଷ ଦୁଇ ଅଙ୍କରେ ପ୍ରକୃତ ଅଭିବୃଦ୍ଧି ଆବଶ୍ୟକ । ଲକ୍ଷ୍ୟ ନିଶ୍ଚିତ ଭାବେ ବଡ ହେଲେ ମଧ୍ୟ ଏହା ହାସଲ ସାପେକ୍ଷ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଆଲୋଚନାଚକ୍ରର ପ୍ରାରମ୍ଭିକ ଅଧିବେଶନରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଯୋଗଦେଇ ଶକ୍ତି ଉତ୍ପାଦନ, କୃଷିରେ ମୂଲ୍ୟଯୁକ୍ତ ଉତ୍ପାଦ ସହ ଉତ୍ପାଦିତ ସାମଗ୍ରୀର ପରିବହନର ସୁବିଧା, ଆମ ଯୁବକ ଯୁବତୀମାନଙ୍କର ଦକ୍ଷତା ବିକାଶ କରି ରାଜ୍ୟରେ ଶିଳ୍ପଭିତ୍ତିକ ନିଯୁକ୍ତି ଆଦି ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ସହାୟକ ହେବ ବୋଲି କହିଥିଲେ । ନୀତି ଆୟୋଗର ଅନ୍ୟତମ ସଦସ୍ୟ ଡଃ. ବିନୋଦ ପାଲ ଯୋଗଦେଇ ଓଡ଼ିଶାରେ ସ୍ୱାସ୍ଥ୍ୟ, ପୋଷଣ ଓ ଶିକ୍ଷା ତଥା ଦକ୍ଷତା ବିକାଶ କ୍ଷେତ୍ରକୁ ଗୁରୁତ୍ୱ ଦେଇଥିଲେ । ପରେ ଅଂଶଗ୍ରହଣ କରିଥିବା ଶିଳ୍ପୋଦ୍ୟୋଗୀ, ବିଭିନ୍ନ ଶିଳ୍ପ ଅନୁଷ୍ଠାନ ଓ ଶିଳ୍ପ ସଂଘର କର୍ମକର୍ତ୍ତା, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସଂଘ, ଶିକ୍ଷାବିତ ତଥା ବିଭିନ୍ନ ବର୍ଗର ବୁଦ୍ଧିଜୀବୀ ଓ ଜନସାଧାରଣ ସୁଶାସନ, ବିକଶିତ ଓଡ଼ିଶା ତଥା ବିକଶିତ ଭାରତ ସଂପର୍କରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

### ଝାରସୁଗୁଡ଼ାର ଲକ୍ଷଣପୁର ବ୍ଲକରେ ଭାରତ ମସଲା

# ଚାଷୀଙ୍କଠୁ କିଣିଲା ଦୁଇ ମେଟ୍ରିକ୍ ଟନ୍ ଶୁଖିଲା ଅଦା

କଟକ,(ସବ୍ୟୁ): ଓଡ଼ିଶା ହେଉଛି କୃଷି ପ୍ରଧାନ ରାଜ୍ୟ ମଧ୍ୟରେ ଅନ୍ୟତମ । ମୁଣ୍ଡ ଝାଳ ତୁଣ୍ଡରେ ମାରି ଚାଷିଟିଏ ବିଭିନ୍ନ କୃଷିଜାତ ଦ୍ରବ୍ୟ ଉତ୍ପାଦନ କରି ସମୃଦ୍ଧ କରିଛି ରାଜ୍ୟକୁ । କିନ୍ତୁ ଚାଷୀ ଏଠି ପାଏନି ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ । ଲାଭବାନ ହୁଅନ୍ତି ମିଡ଼ିଲ ମ୍ୟାନ । ଏଥିରେ ପରିବର୍ତ୍ତନ ଆଣିବାକୁ ଭାରତ ମସଲା କମ୍ପାନୀ ସିଧାସଳଖ ପହଞ୍ଚିଥିଲା ଚାଷୀଙ୍କ ନିକଟରେ । କୃଷିଜାତ ଦ୍ରବ୍ୟକୁ ସିଧାସଳଖ କୃଷକ ମାନଙ୍କ ଠାରୁ ଖର୍ଦ୍ଦୀ କରି ପରୋକ୍ଷରେ ପୂର୍ବରୁ ସେମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଆସୁଛି । ଏହି ପରିପ୍ରେକ୍ଷୀରେ ଭାରତ ମସଲା କମ୍ପାନୀ ଶୁଖିଲା ଅଦା ସଂଗ୍ରହ ପାଇଁ ଝାରସୁଗଡା ଜିଲ୍ଲା ଲକ୍ଷଣ ପୁର ବ୍ଲକ ଚାଷୀଙ୍କୁ କରିଥିଲା ଉତ୍ସାହିତ ଛ ଭାରତ ମସଲା ସହ ଚୁକ୍ତିନାମା ଅନୁଯାୟୀ ଓରମାସ ମଧ ଏଥିରେ କରିଥିଲା ସହଯୋଗ । କୋଇଲି ଗୁଗୁର ଫାର୍ମର ସଂସ୍ଥାକୁ ଏଫପିଓ ମାଧ୍ୟମରେ ବୈଷୟିକ ତାଲିମ୍ ଦେଇ ଉନ୍ନତ ମାନର ଶୁଖିଲା ଅଦା(ଜିଞ୍ଜର ଚିପସ) ଉତ୍ପାଦନ କରିବାରେ ସହାୟତା ପ୍ରଦାନ କରିଥିଲା ଓର୍ମାସ । ଫଳରେ ଚାଷୀମାନେ ପୁର୍ବରୁ ବିନା ପ୍ରକ୍ରିୟା ରେ ଅଦା କେଜି ପ୍ରତି ମାତ୍ର ୪୦ ଟଙ୍କାରେ ବିକ୍ରି କରୁଥିବାବେ ବେଳେ ଏବେ ନୂତନ ପ୍ରକ୍ରିୟାରେ ବହୁ ଅଧିକ ମୂଲ୍ୟରେ ଭାରତ ମସଲା କମ୍ପାନୀକୁ



ଏହାକୁ ବିକ୍ରୀ କରୁଛନ୍ତି । ପ୍ରଥମ ଥର ପାଇଁ ଚାଷୀ ମାନଙ୍କ ଠାରୁ ଦୁଇ ମେଟ୍ରିକ ଟନ ଶୁଖିଲା ଅଦା ଭାରତ ମସଲା ଆଜି କମ୍ପାନୀ ଖର୍ଦ୍ଦୀ କରିଛି । ତେବେ ଆଗକୁ ଶୁଖିଲା ଅଦା ୫୦ ମେଟ୍ରିକ୍ ଟନ୍ ଖର୍ଦ୍ଦି କରି ଚାଷୀମାନଙ୍କୁ ଅଧିକ ଅଦା ଚାଷ କରିବାକୁ ପ୍ରୋତ୍ସାହନ ଯୋଗାଇଦେବ ବୋଲି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା କହିଛନ୍ତି । ପୁର୍ବରୁ ବାମଡ଼ା, କୁଚିଣ୍ଡା,ଦେବଗଡ଼, ଗଞ୍ଜାମ ଅଞ୍ଚଳରୁ ଶୁଖିଲା ଲଙ୍କା ସଂଗ୍ରହ କରୁଥିବା ଭାରତ ମସଲା କମ୍ପାନୀ ମଧ ଟମାଟୋ ସଂଗ୍ରହ କରି ଚାଷୀମାନଙ୍କୁ ମିଡିଲ ମ୍ୟାନ ମାନଙ୍କ ଶୋଷଣ ଦାଉରୁ ରକ୍ଷା କରିବାରେ ପରୋକ୍ଷ ସହଯୋଗ କରିଆସୁଛି । ଏହି ଅବସରରେ ଭାରତ ମସଲାର ଅଧକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ, ଓରମାସ ଝାରସୁଗୁଡ଼ା ବିଜିନେସ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ ।

### ପାଟ୍ ପ୍ଲଟ୍ ବିକ୍ରି ବାଟ ଖୋଲିଲା

# ୫୦୦ ବର୍ଗ ମିଟର ଜମି ବିକ୍ରି ଲାଗି ଅନୁମତି ଦରକାର ନାହିଁ

ଭୁବନେଶ୍ୱର, (ସବ୍ୟୁ) : ଦୀର୍ଘ ଦିନ ଧରି ପାଟ୍ ପ୍ଲଟ୍ ବା ଆଂଶିକ ଜମି ବିକ୍ରି ଉପରେ ରୋକ୍ ଲାଗିଥିଲା। ଫଳରେ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଥିଲେ ଗରିବ ଲୋକ। ଝିଅ ବାହାଘର ହେଉ କିମ୍ବା ବହୁ ଦୂରା ରୋଗରେ ପୀଡିତ ରୋଗୀଙ୍କ ଚିକିତ୍ସା ଲାଗି ଆଉ ଅର୍ଥ ବାଧକ ହେବ ନାହିଁ। ଏବେ ପାଟ୍ ପ୍ଲଟ ବିକ୍ରି ପାଇଁ ବାଟ ପୁରା ପରିଷ୍କାର ହୋଇଛି। ଏ ନେଇ ଗତ ୯ ତାରିଖରେ ଗୃହ ଓ ନଗର ଉନ୍ନୟନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଜ୍ଞପ୍ତି ଅନୁସାରେ, ଯେଉଁ ବ୍ୟକ୍ତିଙ୍କର ୫ ହଜାର ବର୍ଗଫୁଟ ଭିତରେ ଜାଗା ରହିଛି, ସେମାନେ ସରକାରଙ୍କ ବିନା ଅନୁମତିରେ ଜମିର କିଛି ଅଂଶ ବିକ୍ରି କରିପାରିବେ। ସେହିପରି ଯଦି କାହାର ଏକ ଏକର ଜମି ରହିଛି, ସେହି ଜମିରୁ ୫ ୦୦ ବର୍ଗମିଟର ଜମିକୁ ବିକ୍ରି କରିପାରିବେ। ତେବେ ଗୋଟିଏ ଥର ପାଇଁ ଆଂଶିକ ଜମି ବିକ୍ରି ହୋଇପାରିବ। ଅର୍ଥାତ୍ ଏକାଥରକେ ୫୦୦ ବର୍ଗମିଟର ବର୍ଗଫୁଟ କିମ୍ବା ଗୋଟିଏ ଥର ପାଇଁ ୫୦୦ ବର୍ଗମିଟରରୁ କମ୍ ଜମି ବିକ୍ରି କରିହେବ। ଯଦି ସେହି ବ୍ୟକ୍ତି ୫୦୦ ବର୍ଗମିଟରରୁ କମ୍ ଦୁଇଥର ଆଂଶିକ ଜମି ବିକ୍ରି କରିବାକୁ ଚାହିଁବେ, ତାହା ହେଲେ ସଂପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେବାକୁ ପଡିବ। ସେହିଭଳି ପୂର୍ବରୁ ଥିବା ଶିଳ୍ପାଞ୍ଚଳଗୁଡିକରେ ପାର୍କିଂର ବ୍ୟବସ୍ଥାରେ ପରିବର୍ତ୍ତନ ହୋଇଛି। ୩୦ ପ୍ରତିଶତ ପାର୍କିଂ ଛାଡର ବ୍ୟବସ୍ଥା ଥିବାବେଳେ ଏବେ ଏହାକୁ କମାଇ ଦିଆଯାଇ ୮ ପ୍ରତିଶତକୁ ରଖାଯାଇଛି। ସେହିପରି ଏକ ଏକର ଜମିରେ ଲେଆଉଟ୍ ପ୍ଲାନ୍ ଆପ୍ରୁଲ୍‌ଭାଲ୍ ଲାଗି ଆବେଦନ କଲାବେଳେ ୫ ପ୍ରତିଶତ ଓପନ୍ ସ୍ପେସ୍ ( ପାର୍କ) ଆଉ ଛାଡିବାକୁ ପଡିବ ନାହିଁ। ଏକ ଏକର ପରେ ଲେଆଉଟ୍ ପ୍ଲାନ୍ ଆପ୍ରୁଲଭାଲ୍ ଆବେଦନ କରିବାକୁ ହେଲେ ୫ ପ୍ରତିଶତ ଓପନ୍ ସ୍ପେସ୍ ଛାଡିବାକୁ ପଡିବ।

# ରାଜ୍ୟର ୧୨ ଜିଲ୍ଲାକୁ ବ୍ୟାପିଲା କୋଭିଡ, ଆକ୍ରାନ୍ତଙ୍କ ସଂଖ୍ୟା ୬୩କୁ ବୃଦ୍ଧି

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ଧୀରେଧୀରେ ବ୍ୟାପିବାରେ ଲାଗିଛି କରୋନା । ଏବେ ୧୨ ଜିଲ୍ଲାକୁ କରୋନା ମାଡ଼ିସାରିଲାଣି । ଅନୁଗୁଳ, ବରଗଡ଼, କନ୍ଧମାଳ, ଗଞ୍ଜାମ ଓ ସୋନପୁର ଜିଲ୍ଲାରୁ ବି କୋଭିଡ ପଜିଟିଭ ଚିହ୍ନଟ ହେଲେଣି । ଆଜି ସୁଦ୍ଧା ରାଜ୍ୟରୁ ଚିହ୍ନଟ ହୋଇଥିବା ମୋଟ ୬୩ କରୋନା ରୋଗୀଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୫ ଜଣ ଅଛନ୍ତି ।

ସେହିପରି କଟକରୁ ୨୧ ଜଣ ପଜିଟିଭ ହୋଇଥିବା ବେଳେ ପୁରୀ ଜିଲ୍ଲାରୁ ୪ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ବାଲେଶ୍ୱର, ଜଗତସିଂହପୁର ଓ ସୁନ୍ଦରଗଡ଼ ଜିଲ୍ଲାରୁ ୨ ଜଣ ଲେଖାଏଁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝର, ଅନୁଗୁଳ, ବରଗଡ଼, କନ୍ଧମାଳ, ଗଞ୍ଜାମ ଓ ସୋନପୁର ଜିଲ୍ଲାରୁ ଜଣେ ଲେଖାଏଁ ଆକ୍ରାନ୍ତ ବାହାରିଛନ୍ତି ।

ଚଳିତ ବର୍ଷ ରାଜ୍ୟର ମୋଟ୍ କୋଭିଡ୍ ରୋଗୀଙ୍କ ସଂଖ୍ୟା ୬୩ରେ ପହଞ୍ଚିଛି । ସେହିପରି ସୋମବାର ୫ ଜଣ ରୋଗୀ ସୁସ୍ଥ ହେବା ସହ ବର୍ତ୍ତମାନ ସୁଦ୍ଧା ମୋଟ ୨୫ ଜଣ ସୁସ୍ଥ ହୋଇଥିବା ଜଣାପଡ଼ିଛି । ଫଳରେ ରାଜ୍ୟରେ ଏବେ ୩୮ଜଣ ସକ୍ରିୟ କୋଭିଡ ରୋଗୀ ଅଛନ୍ତି । କୋଭିଡ–୧୯ କିମ୍ବା ଅଣ୍ଡା ଭଳି ରୋଗର ଲକ୍ଷଣ ଥିଲେ ଘରେ ରହିବାକୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି । ଲକ୍ଷଣ ଅନୁଭବ କଲେ ସମାବେଶରୁ ଦୂରେଇ ରହିବା ସହ ନିଜକୁ ଅଲଗା ରଖିବା ଉଚିତ ବୋଲି ସେ କହିଛନ୍ତି । ନୂତନ ଷ୍ଟ୍ରେନ ଅଧିକ ବିପଦପୂର୍ଣ୍ଣ ହୋଇ ନଥିଲେ ବି ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।

## ଆଜିର କାର୍ଯ୍ୟକ୍ରମ

ରଙ୍ଗାଧର ମେହେର ପ୍ରତିଷ୍ଠାନ ପକ୍ଷରୁ ସ୍ୱଭାବ କବି ରଙ୍ଗାଧର ମେହେରଙ୍କ ମହାବିଶ୍ରାମର ଶତବାର୍ଷିକୀ ଅବସରରେ ପ୍ରଥମ ଜାତୀୟ ହୁଲିଆ ସମ୍ମିଳନୀ ।
ତା ୧୧/୦୬/୨୦୨୫
ସମୟ – ଦିନ ୧୦ଟା ୩୦
ସ୍ଥାନ– ୟୁନିଟ୍–୩ ବୁଦ୍ଧ ମନ୍ଦିର ଭୁବନେଶ୍ୱର

### ଡ୍ରଗସ୍ କଣ୍ଟ୍ରୋଲ୍ ସ୍କ୍ୱାର୍ଡର ଛାନ୍‌ଭିନ୍

# ବିପୁଳ ପରିମାଣର ଗର୍ଭପାତ କିଟ୍ ଜବତ

କଟକ,(ସବ୍ୟୁ): ସହରରେ ଔଷଧ ଦୋକାନ ଗୁଡ଼ିକରେ ବେଆଇନ ଗର୍ଭପାତ କିଟ୍ ବିକ୍ରି କରାଯାଉଛି । ଏସସିବି ମେଡିକାଲର ଆଖପାଖ ଅଞ୍ଚଳ ସମେତ ମର୍କତନଗର, ବାଦାମବାଡ଼ି ଭଳି ଅଞ୍ଚଳରେ ଏହି କାରବାର ଜୋରଦାର୍ ହେଉଥିବା ଉଭୟ ଡ୍ରଗ୍ସ କଣ୍ଟ୍ରୋଲ୍ ବିଭାଗ ଏବଂ କମିଶନରେଟ୍ ପୁଲିସ ନିକଟରେ ଅଭିଯୋଗ ହୋଇଥିଲା । ମଙ୍ଗଳବାର ଡ୍ରଗ୍ସ କଣ୍ଟ୍ରୋଲ ବିଭାଗର ସ୍ୱତନ୍ତ୍ର ଟିମ୍ ଓ ମଙ୍ଗଳାବାଗ ପୁଲିସର ଉପସ୍ଥିତିରେ ଔଷଧ ଦୋକାନ ଗୁଡ଼ିକରେ ଚଢ଼ାଉ କରାଯାଇଥିଲା । ରାଣୀହାଟ, ଏସ୍ସିବି ନିକଟସ୍ଥ ମେଡିକାଲ ରୋଡ୍ ଓ କଲେଜଛକ ଅଞ୍ଚଳର ଔଷଧ ଦୋକାନ ଗୁଡ଼ିକରେ ଅନ୍‌ୱାଣ୍ଟେଡ୍ କିଟ୍ (ଗର୍ଭପାତ ବଟିକା),ନିଶାଯୁକ୍ତ କଫ୍ ସିରପ ଓ ବେଆଇନ ମେଡିସନ୍ ଅବାଧରେ ବିକ୍ରି କରାଯାଉଥିଲା । ତେବେ ଚଡ ସମୟରେ ଔଷଧ ଦୋକାନ ଗୁଡ଼ିକରୁ ବିପୁଳ ପରିମାଣରେ ଅନ୍‌ୱାଣ୍ଟେଡ୍ କିଟ୍ ଜବତ କରାଯାଇଛି । ଏଥି ସହ ଦୋକାନୀଙ୍କ ଠାରୁ ମେଡିସନର କ୍ରୟ ବିକ୍ରୟ ଚିଠା ଯାଞ୍ଚ କରାଯାଇଥିଲା । ଡାକ୍ତରଙ୍କ ପ୍ରେସ୍କ୍ରିପସନ ବିନା ଏହି ମେଡିସିନ ବିକ୍ରି କରିବାକୁ ସ୍କ୍ୱାର୍ଡ ତାଗିଦ କରିଥିଲା । ଅନ୍ୟପଟେ ଚଢ଼ାଉ ଆଗୁଆ ସୂଚନା ପାଇ ଔଷଧ ଦୋକାନୀ ନିଶାଯୁକ୍ତ କଫ୍–ସିରପ୍ ଦୋକାନରୁ ହଟାଇ ଦେଇଥିବା ଅଭିଯୋଗ ଉଠିଛି । ଏନେଇ ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲର ଅଧିକାରୀ ଧର୍ମଦେବ ପୁହାଣ କହିଛନ୍ତି ଯେ, ଅନ୍‌ୱାଣ୍ଟେଡ୍ କିଟ୍ ବିପୁଳ ମାତ୍ରାରେ ବିକ୍ରି ହେଉଥିବା ଅଭିଯୋଗ ଥିବାରୁ ଏହି ଯାଞ୍ଚ କରାଯାଇଥିଲା । ମେଡିସିନ ଦୋକାନୀଙ୍କର ମେଡିକସିନ କିଣାବିକାର ତଥ୍ୟକୁ ଯାଞ୍ଚ କରାଯାଇଛି । ନିୟମ ମୁତାବକ ବିନା ଡାକ୍ତର ପରାମର୍ଶରେ ଅନ୍‌ୱାଣ୍ଟେଡ୍ କିଟ୍ କୌଣସି ଦୋକାନୀ ବିକ୍ରି କରି ପାରିବେ ନାହିଁ । ମୁଖ୍ୟତଃ ଅବିବାହିତ ମହିଳାମାନେ ବିନା ଡାକ୍ତର ପରାମର୍ଶରେ ଏହାକୁ ବ୍ୟବହାର କରୁଥିବାବେଳେ ତାଙ୍କ ଜୀବନ ବିପଦକୁ ଠେଲି ଦେଉଥିବା ଘଟଣା ସାମ୍ନାକୁ ଆସିବାରୁ ଏଭଳି ଯାଞ୍ଚ କରାଯାଇଛି । ଏଥିସହ ମେଡିସିନ ଦୋକାନୀଙ୍କୁ ସଚେତନ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି । ସେହିପରି କଟକ ଡ୍ରଗ୍ସ କଣ୍ଟ୍ରୋଲର ଅଧିକାରୀ ହରପ୍ରିୟା ମଲ୍ଲିକ କହିଛନ୍ତି ଯେ, ଏହି କିଟ୍ ବ୍ୟବହାର କରିବା ବହୁ କ୍ଷତିକାରକ ଥିବାବେଳେ ବିନା ଡାକ୍ତର ପରାମର୍ଶରେ ବ୍ୟବହାର କରିବା ଓ ଏହାକୁ ବିକ୍ରି କରିବା ବେଆଇନ ରହିଛି । ଦୋକାନୀଙ୍କ ସମସ୍ତ କାଗଜପତ୍ରର ଯାଞ୍ଚ କରାଯାଇଥିବା ସେ କହିଛନ୍ତି । ଉକ୍ତ ଯାଞ୍ଚ ସମୟରେ ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲର ଅଧିକାରୀ ତୁଷାର ରଞ୍ଜନ ପାଣିଗ୍ରାହୀଙ୍କ ସମେତ ଟିମ୍‌ର ଅନ୍ୟାନ୍ୟ ସଦସ୍ୟ ଏହି ଯାଞ୍ଚ ସମୟରେ ଉପସ୍ଥିତ ଥିଲେ ।

### ବିଜେଡ଼ିର ଜନଜାଗରଣ ଅଭିଯାନ କର୍ମକର୍ତ୍ତା ସମ୍ମିଳନୀ

# ଦାୟିତ୍ୱପୂର୍ଣ୍ଣ ବିରୋଧୀ ଦଳ ଭାବେ ବିଜେଡ଼ି କାର୍ଯ୍ୟ କରୁଛି : ନବୀନ

ଭୁବନେଶ୍ୱର (ସବ୍ୟୁ): ବିଜୁ ଜନତା ଦଳର ଜନ ଜାଗରଣ ଅଭିଯାନ କାର୍ଯ୍ୟକ୍ରମ ଅବସରରେ ଶଙ୍ଖ ଭବନରେ ଦଳର କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଅଞ୍ଚଳର ଦଳୀୟ କର୍ମକର୍ତ୍ତା ମାନେ ଶଙ୍ଖ ଭବନରେ ଏକାଠି ହୋଇଥିଲେ । ଏହି ଅବସରରେ ଉଦ୍‌ବୋଧନ ଦେଇ ଦଳର ସଭାପତି ନବୀନ ପଟ୍ଟନାୟକ ଦଳର ନେତା ଓ କର୍ମୀ ମାନଙ୍କୁ ଲୋକଙ୍କ ସେବା ଜାରୀ ରଖିବାକୁ ଆହ୍ୱାନ ଜଣାଇଥିଲେ । ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ଲୋକଙ୍କ ଜନମତରେ ଆମେ ଆଜି ବିରୋଧୀ ଦଳରେ ବସିଛୁ । ବିଜେଡି ଏକ ଦାୟିତ୍ୱପୂର୍ଣ୍ଣ ବିରୋଧୀ ଦଳ ଭାବେ କାର୍ଯ୍ୟ କରୁଛି । ରାଜ୍ୟରେ ବିଜେପି ସରକାରର ବିଫଳତା ଉପରେ ଆଲୋକପାତ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଭାରତୀୟ ଜନତା ପାର୍ଟି ସରକାର ଓଡିଶାର ଶାସନ ଦାୟିତ୍ୱ ନେବାର ଏକ ବର୍ଷ ହୋଇଗଲା । କୁହାଯାଉଛି ଲୋକଙ୍କ ସରକାର । କିନ୍ତୁ ଲୋକ କାହାନ୍ତି ? କେବଳ ଲମ୍ବା ଭାଷଣ, ବଡ ବଡ ବିଜ୍ଞାପନରେ ବିକାଶ ଆସେ ନାହିଁ ।

ଆମ ସରକାର ସମୟରେ ଓଡିଶାର ୯୦ % ଲୋକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରୁ ଉପକାର ପାଉଥିଲେ । ଆୟୁଷ୍ମାନ ଭାରତ ଆରମ୍ଭ ହୋଇଛି । ରାଜ୍ୟର ୩୦ ଟି ଜିଲ୍ଲା ମଧ୍ୟରୁ ୧୯ ଟି ଜିଲ୍ଲାରେ ଏବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପଦବୀ ଖାଲି ପଡିଛି । ଲୋକମାନେ ଔଷଧ ପାଉ ନାହାନ୍ତି । ବିନା ଟଙ୍କାରେ ହସ୍ପିଟାଲରେ ଚିକିତ୍ସା ହୋଇ ପାରୁନି ଛ ହଜାର ହଜାର ଲୋକ ହଇରାଣ । ମା' ମାନେ ହଇରାଣ । ବୁଢା ବୁଢି ହଇରାଣ । କ୍ୟାନ୍ସର ରୋଗୀ ହଇରାଣ । ପିଲାମାନେ



ହଇରାଣ । ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡି ପଡିଛି । ବର୍ତ୍ତମାନ ସରକାରର ଏହା ହେଉଛି ସଫଳତା ।

ରାଜ୍ୟରେ ମିଶନ ଶକ୍ତି ମା' ମାନଙ୍କୁ ସରକାରଙ୍କ ଅଣଦେଖା ଉପରେ କ୍ଷୋଭ ପ୍ରକାଶ କରି ଶ୍ରୀ ପଟ୍ଟନାୟକ କହିଲେ ଯେ ତାଙ୍କ ସରକାର ମିଶନ ଶକ୍ତି ଜରିଆରେ ସତୁରି ଲକ୍ଷ ମା' ମାନଙ୍କୁ ସଶକ୍ତ କରିଥିଲେ । ଗୋଟିଏ ବର୍ଷ ଭିତରେ ମିଶନ ଶକ୍ତି ଭାଙ୍ଗି ଯାଇଛି । ଏହା ହେଉଛି ଏ ସରକାରର ବଡ ସଫଳତା । ଆଜି ଏ ସରକାର ଅଛି । କାଲି ଆଉ କିଏ ଆସିବ । ଆମ ସରକାର ସମୟରେ ମିଶନ

**ସ୍ୱାସ୍ଥ୍ୟବସ୍ଥା ଭୁଶୁଡି ପଡିଛି**
**ମା ମାନଙ୍କର ଆତ୍ମବିଶ୍ୱାସ ଭାଙ୍ଗିଛି**
**ମିଲରଙ୍କ ଦୟାରେ ଚାଷୀ**
**ରେକର୍ଡ ପରିମାଣ ଋଣରେ ସରକାର ଚାଲିଛି**

ଆନ୍ଦୋଳନକୁ ଦୁର୍ବଳ କରିବା ହେଉଛି ଏ ସରକାରର ସଫଳତା । ବ୍ୟାଙ୍କରେ ମା' ମାନେ ହଇରାଣ । ସରକାରୀ ଦପ୍ତରରେ ମା' ମାନଙ୍କ କାମ ହେଉନାହିଁ । ଦୁବାଇ ଓ ସିଙ୍ଗାପୁର ଯାଇଥିବା ମା' ମାନେ ଆଜି ଘରେ ବସି ହତାଶ । ମା' ମାନଙ୍କ ମନୋବଳ ଶକ୍ତି ଆନ୍ଦୋଳନ ସାରା ଭାରତରେ ରାଜ୍ୟ ପାଇଁ ସୁନାମ ଆଣି ଥିଲା । ତେଣୁ ମା' ମାନଙ୍କ ସଶକ୍ତିକରଣରେ ବାଧା ସୃଷ୍ଟି କରିବା ଏ ସରକାରର ସବୁଠାରୁ ବଡ ଭୁଲ୍ । ମା' ମାନେ ଏହାକୁ କେବେ କ୍ଷମା ଦେବେ ନାହିଁ । ଚାଷୀ ମାନଙ୍କ ସମସ୍ୟାରେ ଉଦ୍‌ବେଗ ପ୍ରକାଶ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ନିର୍ବାଚନ ସମୟରେ କୁହା ଗଲା କଟନି ଛଟନି ବନ୍ଦ ହେବ । ସବୁ ଚାଷୀ ଏମ୍‌ଏସ୍‌ପି ପାଇବେ । ଆମ ଭିତରେ ବହୁ ଚାଷୀ ଭାଇ ଭଉଣୀ ଅଛନ୍ତି । ଆପଣ କୁହନ୍ତୁ କଟନୀ ଛଟନୀ ବନ୍ଦ ହୋଇଛି କି ? ମିଲରଙ୍କ ଦୟାରେ ଏବେ ଚାଷୀ । ସରକାରଙ୍କୁ ଭୟ ନାହିଁ । ଚାଷୀ ମାନେ କାହାକୁ ଗୁହାରୀ କରିବେ ? ଚାଷୀ କୃଷି ଋଣ ପାଇବାରେ ହଇରାଣ । ବିଜେଡି ସମୟରେ ରେକର୍ଡ ପରିମାଣରେ ଜଳସେଚନ କାମ ହୋଇଥିଲା । ଚାଲିଥିବା କାମକୁ ଏମାନେ ବନ୍ଦ କରିଦେଲେ । ଲୋକଙ୍କ ସରକାର । କିନ୍ତୁ ଲୋକ ନାରଖାର ଛ ଲୋକ ଚେତିଲେଣି । ସରକାର ବୁଝନ୍ତୁ ।

୨୦୦୦ ରୁ ୨୦୨୪ ମଧ୍ୟରେ ବିଜେଡି ସରକାରର ସଫଳତା ଉପରେ ଆଲୋକପାତ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ୨୦୦୦ ରେ ବିଜେଡି ସରକାର ଦାୟୀତ୍ୱ ନେବା ସମୟରେ ଓଡିଶାର ଋଣ ଭାର ଥିଲା ୧୮ ହଜାର କୋଟି । ଓଭର ଡ୍ରାଫ୍ଟ ରେ ସରକାର ଚାଲିଥିଲା । ୨୦୨୪ ରେ ଆମେ ଦାୟୀତ୍ୱ ଛାଡିବା ବେଳେ ରାଜକୋଷରେ ବଳକା ଥିଲା ୪୫ ହଜାରେ କୋଟି । କିନ୍ତୁ ଏବେ ରେକର୍ଡ ପରିମାଣର ଲୋନରେ ସରକାର ଚାଲିଛି ବୋଲି ଶ୍ରୀ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ । ଶ୍ରୀ ପଟ୍ଟନାୟକ କହିଥିଲେ ଯେ ୨୦୦୫–୦୬ ରେ ଓଡିଶାର ଗରିବୀ ୬୩.୮୩ % ଥିବା ବେଳେ ୨୦୨୩ ରେ ଏହା ୧୧.୦୭ % କୁ ଆସିଥିଲା ଛ ୧୦୨.୭୮ ଲକ୍ଷ ଲୋକ ଦାରିଦ୍ୟ ସୀମାରେଖା ଉପରକୁ ଉଠିଥିଲେ ଛ ଶିଶୁ ମୃତ୍ୟୁହାର, ମାତୃ ମୃତ୍ୟୁହାର ଆଦି ସବୁ ବିକାଶ ସୂଚକାଙ୍କରେ ଆଖିଦୃଶିଆ ଉନ୍ନତି ଆସିଥିଲା । ଗଣତନ୍ତ୍ରରେ ସାଧାରଣ ଲୋକ ହେଉଛନ୍ତି ମାଲିକ । ଲୋକଙ୍କ ଜନାଦେଶରେ ଆମେ ଆଜି ବିରୋଧୀ ଦଳରେ ବସିଛି ବୋଲି ଶ୍ରୀ ପଟ୍ଟନାୟକ କହିବା ସହିତ ବିଜେଡି ଏକ ଦାୟୀତ୍ୱପୂର୍ଣ୍ଣ ବିରୋଧୀ ଦଳ ଭାବରେ କାମ କରି ଚାଲିବ ବୋଲି କହିଥିଲେ ।

# ଲୋକଙ୍କୁ ଉତ୍କୃଷ୍ଟ ସେବା ଯୋଗାଇବ ଡିସିପିଙ୍କ ନୂଆ କାର୍ଯ୍ୟାଳୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ଲୋକଙ୍କୁ ଭୁବନେଶ୍ୱର ଡିସିପିଙ୍କ ନୂଆ କାର୍ଯ୍ୟାଳୟ ଉତ୍କୃଷ୍ଟ ସେବା ଯୋଗାଇବ ବୋଲି ଉଦ୍‌ଘାଟନୀ ଅବସରରେ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି କାର୍ଯ୍ୟାଳୟରେ ଭିନ୍ନକ୍ଷମ ଲୋକଙ୍କ ପାଇଁ ରାମ୍ପ, ସାଇବର ସେଲ୍, ସିସିଟିଏନ୍‌ଏସ୍ ରୁମ୍, ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ୍ ରୁମ୍, ଲିଗାଲ୍ ସେଲ୍, ପାସ୍‌ପୋର୍ଟ ବିଭାଗ ଆଦି ସୁବିଧା ଉପଲବ୍ଧ ହେବ।ଏଥିସହ କନ୍‌ଫରେନ୍ସ ହଲ୍ ଏବଂ ଟ୍ରେନିଂ ହଲ୍‌ର ବ୍ୟବସ୍ଥା ମଧ ରହିଛି। ଏହି ନୂଆ କାର୍ଯ୍ୟାଳୟ ପୋଲିସ ପ୍ରଶାସନକୁ ଦକ୍ଷତାର ସହ ଲୋକଙ୍କୁ ଠିକ୍ ସମୟରେ ସେବା ଯୋଗାଇ ଦେବାରେ ଉପଯୋଗୀ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

୨୨୭୨ ବର୍ଗ ମିଟର୍ ଅଞ୍ଚଳରେ ୭ କୋଟି ୮୦ ଲକ୍ଷ ବ୍ୟୟରେ ୪ ମହଲା ବିଶିଷ୍ଟ ଏହି ନୂତନ କାର୍ଯ୍ୟାଳୟ ନିର୍ମାଣ



ହୋଇଛି। ଗତ ମାର୍ଚ୍ଚ ମାସରେ ୪୨ କୋଟି ଟଙ୍କା ବ୍ୟୟରେ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ନିର୍ମିତ ୧୪ ଟି ନୂତନ ଥାନା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ପୋଲିସ ନିରପେକ୍ଷ ଭାବେ ବିନା ପକ୍ଷପାତ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଗତ ୧ ବର୍ଷରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ସନ୍ତୋଷ ଜନକ ରହିଛି। ଏଥିନେଇ କେନ୍ଦ୍ର ସରକାର ମଧ ସନ୍ତୋଷ ବ୍ୟକ୍ତ କରିଛନ୍ତି।

ରାଜ୍ୟର ପ୍ରତ୍ୟେକ ଥାନାରେ ତଦନ୍ତକାରୀ ଅଫିସରଙ୍କୁ ଅଧିକ କ୍ରିୟାଶୀଳ କରିବା ପାଇଁ ଦୁଇ ଚକିଆ ଯାନର ବ୍ୟବସ୍ଥା କରାଯାଇଛି। ଆଜି ଏହି କ୍ରମରେ ମୁଖ୍ୟମନ୍ତ୍ରୀ କମିଶନରେଟ୍ ପୋଲିସ ଅନ୍ତର୍ଗତ ବିଭିନ୍ନ ଥାନାର ତଦନ୍ତକାରୀ ଅଫିସରମାନଙ୍କୁ ୪୨୫ ଟି ଦୁଇ ଚକିଆ ଯାନ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଥାନାମାନଙ୍କୁ ଅଧିକ ୪ ଚକିଆ ଯାନ ପାଇଁ ମଧ ବ୍ୟବସ୍ଥା କରାଯାଇଛି। ଅପରାଧୀକ ଆଇନ୍‌ଗୁଡିକ ତଦନ୍ତ ପ୍ରକୀୟାରେ ଟେକ୍ନୋଲୋଜିର ପ୍ରୟୋଗ ପାଇଁ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଆଜିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଦାତା ପ୍ରକାଶ ମିଶ୍ର, ଡିଜିପି ୱାଇବି ଖୁରାନିଆ, ପୋଲିସ କମିଶନର ସୁରେଶ ଦେବଦତ ସିଂହ, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଭୁବନେଶ୍ୱର ଡିସିପି ଜଗମୋହନ ମିନା ଓ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# କଂଗ୍ରେସରେ ବରିଷ୍ଠ ସାମ୍ବାଦିକ ଅରବିନ୍ଦ ଦାସ



ଭୁବନେଶ୍ୱର, (ସବ୍ୟୁ): ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ଅରବିନ୍ଦ ଦାସ କଂଗ୍ରେସରେ ସାମିଲ ହୋଇଛନ୍ତି । ପିସିସି ସଭାପତି ଶ୍ରୀ ଦାସଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିବା ସହ କହିଥିଲେ ଯେ ଶ୍ରୀ ଦାସ ଜଣେ କେବଳ ସାମ୍ବାଦିକ ନୁହଁନ୍ତି ସେ ଛାତ୍ରଜୀବନରୁ ରାଜନୀତି ଓ ସମାଜସେବା ପ୍ରତି ତାଙ୍କର ଶ୍ରଦ୍ଧା ରହିଛି । ସେ ମଧ ଜଣେ ଭଲ ଲେଖକ ଓ କଥାକାର କଂଗ୍ରେସ ଦଳରେ ତାଙ୍କର ଯୋଗଦାନ ଅଧିକ ଶକ୍ତିଶାଳୀ କରିବ । କଂଗ୍ରେସ ଦଳ ଏ ଦେଶକୁ କେବଳ ରକ୍ଷା କରିପାରିବ ତେଣୁ ମୁଁ କଂଗ୍ରେସରେ ଯୋଗ ଦେଇଛି ବୋଲି ଶ୍ରୀ ଦାସ କହିଛନ୍ତି । ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଦାସରଥି ଗମାଙ୍ଗୋ, ସୁଦର୍ଶନ ଦାସ, ମନୋରଞ୍ଜନ ମହାନ୍ତି ରଜନୀ ମହାନ୍ତି, ସୁଧାଂଶୁ ଦେଓ, ମନୋଜରାଉତ, ଦୀପକ ମହାପାତ୍ର, ଚିନ୍ମୟ ସୁନ୍ଦର ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ନାବାଳିକାକୁ ଦୁଷ୍କର୍ମ, ଯୁବକ ଗିରଫ

ବୁଗୁଡା, (ସବ୍ୟୁ): ବୁଗୁଡା ଥାନା ଅଞ୍ଚଳର ଜଣେକ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ପୋଲିସ ସ୍ଥାନୀୟ ବାଲିପିଣ୍ଡି ହରିଜନ ସାହିର ଜଣେକ ଯୁବକଙ୍କୁ ଗିରଫ କରି ପୋକ୍ସୋ କୋର୍ଟକୁ ଚାଲାଣ କରିଥିବା ଜଣାଯାଇଛି । ଗିରଫ ଯୁବକ ଜଣକ ହେଲେ ହେଲେ ଅଜୟ କୁମାର ବେହେରା(୨୭) ଓରଫ ଅଜୁ । ଏନେଇ କେସ୍ ନଂ ୩୭୦/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଗତ ତିନି ବର୍ଷ ହେଲା ଅଜୟ ବୁଗୁଡା ଅଞ୍ଚଳର ଜଣେକ ନାବାଳିକା ସହିତ ସମ୍ପର୍କ ରଖିଆସୁଥିଲା । ଏ ବିଷୟ ନାବାଳିକାର ପରିବାର ଲୋକେ ଜାଣିବା ପରେ ତାକୁ ଆଉ ନ କରି ରଖିଥିଲେ । ଏଥିରେ ଯୁବକ ଜଣକ ବିକ୍ଷୁବ୍ଧ ହୋଇ ନାବାଳିକାର ଫଟୋ ଭାଇରାଲ କରିବା ନେଇ ତାଙ୍କର ପରିବାରକୁ ଧମକ ଦେଇଥିଲା । ଏନେଇ ନାବାଳିକାଙ୍କ ପରିବାର ଲୋକେ ଗତ ୮ ତାରିଖ ଦିନ ଥାନାରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ପୋଲିସ ଅଜୁକୁ ଗିରଫ ସହ କୋର୍ଟ ଚାଲାଣ କରିଥିବା ନେଇ ତଦନ୍ତକାରୀ ଅଧିକାରୀ ଏସ୍ଆଇ ଜ୍ୟୋତିଶ୍ରୀ ସାହୁଙ୍କ ଠାରୁ ପ୍ରକାଶ ପାଇଛି ।

## ଶିମିଳିପାଳ ଏଆଇ କ୍ୟାମେରା ଧରିଲା ଶିକାରୀ
## ଦେଶୀବନ୍ଧୁକ ଓ ଧନୁତୀର ଜବତ



ବାରିପଦା, (ସବ୍ୟୁ) : ପୁଣି ଶିମିଳିପାଳ ଏଆଇ କ୍ୟାମେରା ଧରିଲା ଶିକାରୀ ଶିମିଳିପାଳ ଅଭୟାରଣ୍ୟରୁ ଏଆଇ କ୍ୟାମେରା ଦ୍ୱାରା ପୁଣି ଦୁଇ ଶିକାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି ବନବିଭାଗ । ସୂଚନାଯୋଗ୍ୟ ଯେ, ମୟୂରଭଞ୍ଜ ଜିଲ୍ଲା ଶରତ ଥାନା ଅନ୍ତର୍ଗତ ଖାସିଝରଣ ଗ୍ରାମରୁ ୫-୬ଜଣ ସଶସ୍ତ୍ର ଶିକାରୀଙ୍କ ଏକ ଦଳ ଦେଶୀଗନ୍ ଶିକାର ପାଇଁ ଶିମିଳିପାଳ ଅଭୟାରଣ୍ୟକୁ ଶିକାର ଉଦ୍ଦେଶ୍ୟରେ ପ୍ରବେଶ କରୁଥିବାବେଳେ ଶିମିଳିପାଳ ଟାଇଗର ପ୍ରୋଟେକ୍ସନ୍ ଫୋର୍ସ (ଏସଟିପିଏଫ୍) ପକ୍ଷରୁ ଅତର୍କୀତ ଚଢଉ କରାଯାଇ କାସିଝରଣ ଗ୍ରାମର ଜାନ୍ଦୋକ ସିଂ(୩୩) ଓ ଲାଡୁରା ସିଂ(୪୫)ଙ୍କ ଠାରୁ ଗୋଟିଏ ଦେଶୀ ବନ୍ଧୁକ, ଧନୁତୀର ଓ ଅନ୍ୟାନ୍ୟ ନିଷିଦ୍ଧ ସାମଗ୍ରୀ ଜବତ କରାଯିବା ସହ ଏହି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା । ଅନ୍ୟପକ୍ଷରେ ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଶିକାରୀମାନଙ୍କୁ ମଧ୍ୟ ତୁରନ୍ତ ଗିରଫ କରାଯିବା ବୋଲି ଶିମିଳିପାଳ କର୍ତ୍ତୃପକ୍ଷ ପକ୍ଷରୁ ସୂଚନା ଦିଆଯାଇଛି।

# ୧୧ ବର୍ଷର ମୋଦି ସରକାର ମିଛ ପ୍ରତିଶ୍ରୁତି ଦେଇ ଦେଶବାସୀଙ୍କୁ ଭୁଆଁବୁଲାଇଛନ୍ତି - କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ): ମୋଦି ସରକାରଙ୍କ ତୃତୀୟ ପାଳିର ପ୍ରଥମ ବର୍ଷର ଯେଉଁ ସଫଳତାର ଗୋଲାପୀ ଚିତ୍ର ଦେଶବାସୀଙ୍କ ସାମନାରେ ରଖିଛନ୍ତି ତାହା ସଂପୂର୍ଣ୍ଣ ମିଛ ଓ ଦେଶବାସୀଙ୍କୁ ଭ୍ରମିତ କରିବା ଉଦ୍ଦେଶ୍ୟରେ ଏହା କରାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ୨୦୧୪ ମସିହା ପାଖରୁ ଆଜି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦି ଭାରତବର୍ଷର ଜନସାଧାରଣଙ୍କୁ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲେ ତାହା କେବଳ ପ୍ରତାରଣା ଥିଲା ଏବଂ ଜନସାଧାରଣଙ୍କୁ ଲୁଣ୍ଠନ କରିବାହିଁ ତାଙ୍କର ଏକମାତ୍ର ଅଭିପ୍ସା ଥିଲା ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସର ମୁଖପାତ୍ର ରଜନୀ ମହାନ୍ତି ସାମ୍ବାଦିକମାନଙ୍କୁ କହିଥିଲେ। ଶ୍ରୀ ମହାନ୍ତି କହିଥିଲେ, ମୋଦି ସରକାର ପ୍ରତିବର୍ଷ ୨ କୋଟି ଶିକ୍ଷିତ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବାପାଇଁ ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ। ଏହି ୧୧ ବର୍ଷ ମଧ୍ୟରେ ୨୨ କୋଟି ଶିକ୍ଷିତ ଯୁବକ ଯୁବତୀଙ୍କୁ ନିଯୁକ୍ତି ମିଳିବା କଥା କିନ୍ତୁ ୧୧ ବର୍ଷ ମଧ୍ୟରେ ୪ କୋଟି ଯୁବକ ଯୁବତୀ ମଧ୍ୟ ନିଯକ୍ତି ପାଇଲେ ନାହିଁ। ଯେଉଁମାନଙ୍କ କାନ୍ଧରେ ଭାରତବର୍ଷର ଭବିଷ୍ୟତ ଛିଡ଼ାହେବାକୁ ଯାଉଛି ସେମାନଙ୍କ ସ୍ୱପ୍ନକୁ ଚୁରମାର କରି ଦିଆଯାଉଛି। ୧୧ ବର୍ଷରଶାସନ ମଧ୍ୟରେ ଦେଶର ୨୭ କୋଟି ଗରିବ ଲୋକଙ୍କୁ ଗରିବୀ ସୀମାରେଖା ଉପରକୁ ଉଠାଯାଇଛି ବୋଲିମୋଦି ସରକାର ଦାବି କରୁଛନ୍ତି । ଯଦି ଏହା ସତ୍ୟ ତାହାହେଲେ କାହିଁକି ଭାରତ ବର୍ଷର ୮୦ କୋଟି ଗରିବ ଲୋକଙ୍କୁ ଦୀର୍ଘ ୫ବର୍ଷ ଧରି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣାରେ ୫ କେଜି ଚାଉଳ ବା ଗହମ ବଣ୍ଟନ କରାଯାଉଛି। ଯଦି ଦେଶରେ ଗରିବ ହଟିଛି ତାହାଲେ ଏହି ୧୧ ବର୍ଷ ମଧ୍ୟରେ ଅପପୁଷ୍ଟି ଆଜି ଏକ ଜାତୀୟ ସମସ୍ୟା ହୋଇ ଉଭା ହୋଇଛି। କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ ଅପପୁଷ୍ଟିର ଶିକାର ହୋଇଥିବା ପିଲାମାନଙ୍କ ମଧ୍ୟରେ ୩୫.୫ ପ୍ରତିଶତ ଷ୍ଟଣ୍ଟିଂ, ୧୯.୩ ପ୍ରତିଶତ ୱେଷ୍ଟିଂ ଏବଂ ୩୨.୧ ପ୍ରତିଶତ ପିଲାମାନଙ୍କର ଓଜନ ହ୍ରାସ। ବିକଶିତ ଭାରତର ସ୍ୱପ୍ନ ବାଣ୍ଟୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତବର୍ଷର ଆଗାମୀ ଭବିଷ୍ୟତକୁ କେବେ ସୁରକ୍ଷିତ ରଖିଛନ୍ତି ଏଥିପ୍ରତି ବାରିହୋଇ ପଡ଼ୁଛି। ପ୍ରଧାନମନ୍ତ୍ରୀ ଏଥିପ୍ରତି ଧ୍ୟାନ ଦିଅନ୍ତୁ ବୋଲି କଂଗ୍ରେସ ଆଶା କରୁଛି। ଭାରତବର୍ଷର ଗୋଟିଏ ମହିଳା ମାନଙ୍କ ଆଖିରୁ ଲୁହ ଗଡ଼ିବ ନାହିଁ ଗୋବର ଓ କାଠ ଜାଳି ରୋଷେଇ କରିବେ ନାହିଁ ବୋଲି ୨୦୧୯ ମସିହାରେ ପ୍ରତିଶ୍ରୁତ ଦେଇଥିଲେ। ୯ କୋଟିର ଅଧିକ ଲୋକଙ୍କୁ ଉଜ୍ଜଳାଯୋଜନାର ହିତାଧିକାରୀ ବୋଲି ଦର୍ଶାଗଲା। କିନ୍ତୁ ପରିବାରର ଆର୍ଥିକ ବୋଝ ଏତେ ବେଶି ଯେ ଯୋଜନା ଆରମ୍ଭର ପ୍ରଥମ ଗ୍ୟାସ ସିଲିଣ୍ଡର ନେବା ପରେ ୫




କୋଟିର ଅଧିକ ମହିଳା ଦ୍ୱିତୀୟଥର ପାଇଁ ସିଲିଣ୍ଡର ଆଉ ଭରୁ କରିନାହାନ୍ତି। କୋଟିକୋଟିଙ୍କ ଉଜ୍ଜଳାଯୋଜନାରେ ପ୍ରଚାର ପ୍ରସାର ଓ ବିଜେପିକର୍ମୀ ଓ ନେତାମାନେ ହଡ଼ପ କଲେ। ସମସ୍ତ ବାସନ୍ଦାନଙ୍କ ୨୦୨୦ ମସିହା ସୁଦ୍ଧା ପକ୍କାଘର ଯୋଗାଇ ଦେବା ପାଇଁ ଖୋଦ ପ୍ରଧାନମନ୍ତ୍ରୀ ବୁଲିବୁଲି ସାରା ଦେଶରେ ପ୍ରତିଶ୍ରୁତି ଦେଇଥିଲେ ଏବଂ ପୂର୍ବସରକାରଙ୍କୁ ଅତ୍ୟନ୍ତ ନିମ୍ନସ୍ତରକୁ ଯାଇ ଅଯଥାରେ କଟୁ ସମାଲୋଚନା କରୁଥିଲେ। ୨୦୨୦ ମସିହା ଶେଷସୁଦ୍ଧା ଏ ପ୍ରତିଶ୍ରୁତି ମଧ୍ୟ ପୂରଣ ହେଲା ନାହିଁ। ଭାରତବର୍ଷର କୋଟିକୋଟି ଲୋକ ଘର ପାଇଲେ ନାହିଁ। ଓଡ଼ିଶାରେ ପାଖାପାଖି ୧୫ଲକ୍ଷ ଲୋକ ବାସଗୃହ ଅପେକ୍ଷାରେ ଅଛନ୍ତି ପ୍ରତ୍ୟେକ ପରିବାରକୁ ୨୦୨୨ ମସିହା ସୁଦ୍ଧା ସ୍ୱଚ୍ଛ ପାଇପ ପାଣି ଯୋଗାଇ ଦେବାପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୨୦୨୫ ମସିହା ମେ ମାସ ସୁଦ୍ଧା ୭୦ ପ୍ରତିଶତରୁ ଅଧିକ ପରିବାରକୁ ପାଇପ ପାଣି ଯୋଗାଇ ଦିଆଯାଇ ପାରିନାହିଁ। ଭାରତବର୍ଷର ଅର୍ଥନୀତିକ ଏକ ସ୍ୱଚ୍ଛ ଅର୍ଥନୀତି ରୂପେ ପରିଣତ କରିବା ପାଇଁ ବିମୁଦ୍ରୀକରଣ କରାଯାଇଥିଲା କିନ୍ତୁ ଦେଶ ବାହାରେ ଏବଂ ଦେଶଭିତରେ ଥିବା ସମସ୍ତ କଳାଧନକୁ ସରକାର ଫେରାଇ ଆଣିବା ପାଇଁ ପ୍ରତିଶ୍ରୁତି ଦେବା ସହିତ କଳାଧନ ଠୁଳ କରିଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଥିଲା। କିନ୍ତୁ ଆଜକୁ ୯ ବର୍ଷ ଭିତରେ ଦେଶକୁ କେତେ ପରିମାଣରେ କଳାଧନ ଆସିଲା ଏବଂ ମହାକୁତକାରୀମାନଙ୍କ ନାମ ମଧ୍ୟ ପ୍ରକାଶ କରାଯାଇ ନାହିଁ। ଏଥିରୁ ମୋଦି ଯାହାକୁହନ୍ତି ତାହା କରନ୍ତି ନାହିଁ ବୋଲି ଭଲ ଭାବରେ ବୁଝାପଡୁଛି। ଦୀର୍ଘ ୧୧ ବର୍ଷ ଭିତରେ ଭାରତ ବର୍ଷର ଜିଡିପିର ବୃଦ୍ଧି ୫ ପ୍ରତିଶତରୁ ୬.୫ ପ୍ରତିଶତ ମଧ୍ୟରେ ସୀମିତ ରହିଛି। କିନ୍ତୁ ଉପା ସରକାର ସମୟରେ ଭାରତବର୍ଷର ଜିଡିପିର ବୃଦ୍ଧି ୮.୫ ପ୍ରତିଶତରୁ ଅଧିକ ଥିଲା। ୫୫ ପ୍ରତିଶତକୃଷକଙ୍କ ପରିବାର ଆଜି ଋଣଗ୍ରସ୍ତ। ୧୪.୪୩ କୋଟିଭାଗଚାଷୀମାନେ ପିଏମକିଷାନ ଯୋଜନାରୁ ଆଜି ବାଦ ପଡ଼ିଛନ୍ତି। ୧୧ ବର୍ଷ ମଧ୍ୟରେ ୫ କିଲୋମିଟର ଗଙ୍ଗାଜଳକୁ ପରିଷ୍କାର କରାଯାଇପାରିନାହିଁ। ନରେନ୍ଦ୍ରମୋଦିଙ୍କସରକାରସମୟରେ ଆଜକୁ ୩୯ ମାସ ଧରି ପେଟ୍ରୋଲ ଓ ଡିଜେଲର ଦାମ କମିଲା ନାହିଁ ୧୦୦ କୁ ସବୁ ପାର ହୋଇଗଲା। ମହିଳାମାନଙ୍କକ୍ଷେତ୍ରରେ ଅପରାଧ ଦ୍ୱିଗୁଣରୁ ଅଧିକ ହୋଇସାରିଛି। ଭାରତୀୟ ରେଳବିଭାଗ ୩୨ ହଜାର ୧୨ କୋଟି ଟଙ୍କା ୨୦୨୧-୨୨ ମଧ୍ୟରେ କୌଣସି କାରଣ ନଥାଇ ଖର୍ଚ୍ଚ କରିଛନ୍ତି ଏହା ହଡ଼ପ କରାଯାଇଛି। ସତ କ'ଣ ଏଥିରୁ ସ୍ପଷ୍ଟ ବୁଝାପଡ଼ୁଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମୁଖପାତ୍ର, ପ୍ରଶାନ୍ତ ଶତପଥୀ, ମନୋରଞ୍ଜନ ଦାଶ, ଅରବିନ୍ଦ ଦାସ, ସୁଦର୍ଶନ ଦାସ, ମନିଷା ଦାସ ପଟ୍ଟନାୟକ, ଜୟଶ୍ରୀ ପାତ୍ର ଓ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

## ପରକୀୟା ପ୍ରୀତି ସନ୍ଦେହରେ ପତ୍ନୀଙ୍କୁ ହତ୍ୟା ପରେ ସ୍ୱାମୀର ଆତ୍ମହତ୍ୟା

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲାର ଗୁମ୍ମା ବ୍ଲକ ଗାଇବା ଗ୍ରାମରେ ଏକ ଅଭାବନୀୟ ଓ ଦୁଃଖଦ ଘଟଣା ଘଟିଛି। ପରକୀୟା ପ୍ରୀତି ସନ୍ଦେହରେ ପତ୍ନୀଙ୍କୁ ହତ୍ୟା କରି ସ୍ୱାମୀ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ପ୍ରକାଶଯେ, ଏହି ଜିଲ୍ଲାର ସେରଙ୍ଗ ଥାନା ଅନ୍ତର୍ଗତ ଗାଇବା ଗାଁରେ ପତ୍ନୀକୁ ଶିଳପୁଆରେ ଛେଚି ନିର୍ମମ ହତ୍ୟା କରିଛି ସ୍ୱାମୀ । ମୃତକ ହେଲେ ଜି. ମାଲେସୁଙ୍କ ଝିଅ ମୋନିକା ପାଇକା । ତେବେ ପତ୍ନୀକୁ ହତ୍ୟା କରିବା ପରେ ନିଜେ ସ୍ୱାମୀ ନରେନ୍ଦ୍ର ପାଇକ ମଧ୍ୟ ଗ୍ରାମ ନିକଟ କାଜୁ ଜଙ୍ଗଲରେ ଥିବା ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ୍ୟୁ ପୂର୍ବରୁ ନରେନ୍ଦ୍ର ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରିଥିଲେ। ଏଥିରେ ସେ ପତ୍ନୀଙ୍କ ପରକୀୟା ପ୍ରୀତି ରହିଥିବା ସନ୍ଦେହ କରୁଥିବା ଓ କାହାରିକୁ ଛାଡ଼ିବେ ନାହିଁ ବୋଲି କହିଥିଲେ। ତେଣୁ ପରକୀୟା ପ୍ରୀତି ସନ୍ଦେହରୁ ସ୍ୱାମୀ ନରେନ୍ଦ୍ର ଏଭଳି ଅମାନୁଷିକ କାଣ୍ଡ ଘଟାଇଥିବା ପୁଲିସ ଅନୁମାନ କରୁଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୋନିକାଙ୍କ ରକ୍ତ ଜୁଡୁବୁଡୁ ଶବ ଜବତ କରିବା ସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି। ଏନେଇ କେସ୍ ନମ୍ବର ୩୮/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପ୍ରମୋଦ କୁମାର ଖଣ୍ଡୁଆଳ ସୂଚନା ଦେଇଛନ୍ତି। ଅନ୍ୟପଟେ ଗତକାଲି ଭୋର୍ ୩ଟା ବେଳେ ନରେନ୍ଦ୍ର ହତ୍ୟାକାଣ୍ଡ ଘଟାଇବା ପରେ ନିଖୋଜ ରହିଥିଲା । ହେଲେ ସନ୍ଧ୍ୟାରେ ଗାଁ ନିକଟ କାଜୁ ଜଙ୍ଗଲରେ ଶବ ଝୁଲୁଥିବା ପୁଲିସକୁ ଖବର ମିଳିଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚିଥିବା ବେଳେ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ କରିବା ପରେ ସତ୍କାର ପାଇଁ ତାଙ୍କ ପରିବାରଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି। ଏହି ୨ ଟି ଘଟଣା ନେଇ ପୋଲିସ ତଦନ୍ତ ଜାରି ରଖିଛି ।

## ଉଚ୍ଚ ହମ୍ପସ୍ ଯୋଗୁଁ ଘଟୁଛି ଦୁର୍ଘଟଣା, ପ୍ରତିକାର ଦାବି

ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ବାଲିପିଣ୍ଡି ସାହି ରାସ୍ତା ଓ ପରିବା ବଜାର ରାସ୍ତାର ସଂଯୋଗ ସ୍ଥଳରେ ନିର୍ମିତ ଅତି ଉଚ୍ଚର ହମ୍ପସ୍ ଯୋଗୁଁ ଅନେକ ସମୟରେ ଦୁର୍ଘଟଣାମାନ ଘଟୁଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି । ଏନ୍ଏସି ପକ୍ଷରୁ ନର୍ଦ୍ଦମା ଉପରେ ନିର୍ମୀତ ଏହି ହମ୍ପସ୍ ଯୋଗୁଁ ଅନେକ ବ୍ୟକ୍ତି ଦୁର୍ଘଟଣାର ଶିକାର ହୋଇ ଆହତ ହୋଇଥିବାର ନଜିର ରହିଛି। ଦୁର୍ଘଟଣାରେ କେତେବେଳେ ଯେ କାହାର ଜୀବନ ଚାଲିଯିବ ସେନେଇ ଆଶଙ୍କା ଦେଖା ଦେଇଛି। ଏନ୍ଏସିର କନିଷ୍ଠ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଠିକାଦାର କିଭଳି ଏପରି ଦୁର୍ଘଟଣାକୁ ଆମନ୍ତ୍ରଣ କରୁଥିବା ଭଳି ବିପଦଜ୍ଜନକ ହମ୍ପସ୍ ନିର୍ମାଣ କଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ସେହି ଅତି ଉଚ୍ଚ ହମ୍ପସ୍ ଦେଇ କୌଣସି ପରିବା ବୋଝେଇ ଗାଡି ଗଲେ ତାହା ଓଲଟି ପଡୁଛି ଏବଂ ସେହି ରାସ୍ତା ଦେଇ ଯାନବାହାନ ଚଳାଚଳ କରିବାକୁ ଭୟ କରୁଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏନ୍ଏସି ପକ୍ଷରୁ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉନଥିବାରୁ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଯଥାଶୀଘ୍ର ସେଥିପ୍ରତି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରାଙ୍କ ଠାରୁ ପ୍ରକାଶ ପାଇଛି ।

## ଆରଡି ବିଭାଗରେ ବ୍ୟାପକ ଦୁର୍ନୀତି
# ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲା କଂଗ୍ରେସ



ବାରିପଦା, (ସବ୍ୟୁ) : ଡବଲ ଇଞ୍ଜିନ୍ ସରକାର ଦୁର୍ନୀତିର ପାହାଡ଼ରେ ପରିଣତ ହୋଇଛି। ସମସ୍ତ ସରକାରୀ କାର୍ଯ୍ୟାଳୟ ଦୁର୍ନୀତିର ଉତ୍ସରେ ପରିଣତ ହୋଇସାରିଛି। ତଳୁ ଉପର ସମସ୍ତଙ୍କର ସମ୍ପୃକ୍ତି ରହିଥିବାର ପରିଲକ୍ଷିତ ହୋଇଛି। ଏହାର ଏକ ଉଦାହରଣ ପାଲଟିଛି ମୟୂରଭଞ୍ଜ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ବାରିପଦା କାର୍ଯ୍ୟାଳୟ। କାର୍ଯ୍ୟାଳୟ ପକ୍ଷରୁ ପ୍ରାୟଃ ୧୪କୋଟି ଟଙ୍କାରୁ ଅଧିକ ଦୁର୍ନୀତି ହୋଇଥିବାର ଜଣାପଡିଛି। କୌଣସି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପାଦନ ନହୋଇ ଅଥବା ପ୍ରକଳ୍ପ ନିର୍ମାଣର ଟେଣ୍ଡର ନହୋଇ ମିଥ୍ୟା ବିଲ ପାସ୍ କରାଯାଇଛି। କୁଳିଅଣା, ଖୁଣ୍ଟାପାଳ, ଇଟାମୁଣ୍ଡିଆ, ଶୁଳିଆପଦା, ଶ୍ୟାମାଖୁଣ୍ଟା ଆଦି ଅଞ୍ଚଳ ଗୁଡିକରେ ବିନା କାର୍ଯ୍ୟରେ ମିଥ୍ୟା ବିଲ ପାସ୍ କରାଯାଇ ସର୍ବସାଧାରଣଙ୍କ ଟଙ୍କା ଆତ୍ମସାତ କରାଯାଇଛି। ଏହି ସମସ୍ତ ଦୁର୍ନୀତି ଗୁଡିକର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ମଙ୍ଗଳବାର ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ଉପସଭାପତି ଅରବିନ୍ଦ ଦାସଙ୍କ ନେତୃତ୍ୱରେ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସୁସ୍ମିତା ଘୋଷାଲ, ଛାତ୍ର କଂଗ୍ରେସ ସଭାପତି ମୋତିପ୍ରକାଶ ଦାଶ, କିଷାନ ସେଲ ଅଧ୍ୟକ୍ଷ ଦୀପକ ଦାଶ, ଜିଲ୍ଲା ପଞ୍ଚାୟତ ସେଲ ଅଧ୍ୟକ୍ଷ ଶିବାନନ୍ଦ ଦାସ, ଓବିସି ସେଲ ଚେୟାରମ୍ୟାନ ଦିଲ୍ଲୀପ ନାୟକ, ସେକ ଇକବାଲ, କଂଗ୍ରେସ ନେତା ସ୍ୱରୂପ ମିଶ୍ର ଓ ଭବାନୀ ବେହେରା ପ୍ରମୁଖ ନେତୃବୃନ୍ଦ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି, ଆଗାମୀ ୭ଦିନ ମଧ୍ୟରେ ଉପରୋକ୍ତ ମହାଦୁର୍ନୀତିର ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କ ବିରୋଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ଉପସଭାପତ ଶ୍ରୀ ଦାସ ଚେତାବନୀ ଦେଇଛନ୍ତି।

## କନ୍ଧମାଳରେ ଦିଶା ଅଧିବେଶନ ଓ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

ଫୁଲବାଣୀ, (ସବ୍ୟୁ): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ (ପଞ୍ଚାୟତ ଭବନ), ଫୁଲବାଣୀ ଠାରେ ଅଧ୍ୟକ୍ଷ, ଦିଶା ଅଧିବେଶନ ତଥା ମାନ୍ୟବର ଲୋକସଭା ସଦସ୍ୟ, କନ୍ଧମାଳ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଜିଲ୍ଲା ପରିଷଦ, କନ୍ଧମାଳର ପ୍ରଥମ ଦିଶା ଅଧିବେଶନ ତଥା ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ପାଣିଗ୍ରାହୀ ଜିଲ୍ଲାର ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମୀଣ ଜଳଯୋଗାଣ ଓ ପରିମଳ, ପର୍ଯ୍ୟଟନ ଇତ୍ୟାଦି ବିଭିନ୍ନ ବିଭାଗରେ ଚାଲିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମର କାର୍ଯ୍ୟକାରିତାକୁ ସମୀକ୍ଷା କରି କହିଥିଲେ ଯେ, ସମସ୍ତେ ମିଳିମିଶି ଜିଲ୍ଲାର ବିକାଶ କରିବା ହେଉଛି ଏହି ଅଧିବେଶନର ମୂଳ ଲକ୍ଷ୍ୟ । ଲୋକଙ୍କ ପାଖକୁ ଯାଇ ସରକାରୀ ଯୋଜନା ବିଷୟରେ ବୁଝାଇଲେ ଲୋକମାନେ ତାହାର ଲାଭ ନେଇପାରିବେ ଏବଂ ଏହା ସମସ୍ତଙ୍କର ଦାୟିତ୍ୱ । କନ୍ଧମାଳବାସୀ ଆମ ପରିବାର ଏହି ଭାବନା ନେଇ କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ସାଂସଦ ପରାମର୍ଶ ଦେଇଥିଲେ । ଏହି ବୈଠକରେ ବିଧାୟକ ଉମା ଚରଣ ମଲ୍ଲିକ, ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁଶ୍ରୀ ନନ୍ଦିନୀ ମଲ୍ଲିକ, କନ୍ଧମାଳ ଜିଲ୍ଲାପାଳ ଅମ୍ରିତ ରୁତୁରାଜ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ମୁଖ୍ୟଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହ ଅଧିକାରୀ, ଜିଲ୍ଲା ପରିଷଦ, କନ୍ଧମାଳ ଶମ୍ଭୁନାଥ ନନ୍ଦୀ, ବିଜ୍ଞାପିତ ଅଞ୍ଚଳ, ବାଲିଗୁଡ଼ା ଓ ଜି ଉଦୟଗିରିର ଅଧ୍ୟକ୍ଷ/ଅଧ୍ୟକ୍ଷା, ୧୨ ଗୋଟି ପଞ୍ଚାୟତ ସମିତିର ଅଧ୍ୟକ୍ଷ/ଅଧ୍ୟକ୍ଷା, ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ମୟୂର କଳାଭୂମୀ ପକ୍ଷରୁ ମାଗଣା ନୃତ୍ୟ ଶିବିର ଉଦ୍ଘାଟିତ

ବାରିପଦା, (ସବ୍ୟୁ) : ବାରିପଦା ଦାରୋଗାଡାହି ସ୍ଥିତ ତୁଳସୀ ମଣ୍ଡପ ଠାରେ ମୟୂର କଳାଭୂମୀ ଆନୁକୂଲ୍ୟରେ ଏକ ୩ ଦିନିଆ ମାଗଣା ନୃତ୍ୟ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି । ପୂର୍ବତନ ଯୁବ ବିଜେଡି ରାଜ୍ୟ ଉପସଭାପତି ଲଲାଟେନ୍ଦୁ ବେହେରା ଏବଂ ଓଡିଶା ସାମ୍ବାଦିକ ସଂଘର ରାଜ୍ୟ ଉପସଭାପତି ସାମ୍ବାଦିକ ଦୀପକ କୁମାର ନାୟକ, ଏସ.କେ. ସାହିଲ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । ମୟୂର କଳାଭୂମୀ ଅନୁଷ୍ଠାନର ଦିଲ୍ଲିପ କୁମାର ପାତ୍ରଙ୍କ ନେତୃତ୍ୱରେ ଦୀପା ସିଂ, ଧୀରଜ ପାଢ଼ୀ, ତରୁଣ ପରମାଣିକ ଓ ମନୋଜ ମହାକୁଡ଼ ପ୍ରମୁଖ ଶିବିର ପରିଚାଳନା କରିଥିଲେ । ଅର୍ଜୁନ ହାଁସଦା ମଞ୍ଚ ପରିଚାଳନା କରିଥିବା ବେଳେ, କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ଶତାଧିକ ଶିବିରର୍ଥୀ ଯୋଗଦେଇ ଥିବାବେଳେ, ଏହି ଶିବିର ଆଗାମୀ ଜୁନ୍ ୧୨ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାଯାଇଛି ।

## ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ବ୍ଲକ ସ୍ତରୀୟ 'ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା' ଜାନ୍ନେଜୟ ଉତ୍ସାହ ଓ ସଂସ୍କୃତି ମାଧ୍ୟମରେ ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତା ମିଶନଶକ୍ତି ବିଭାଗ, ଓଡ଼ିଶା ସରକାର ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଏହି ଉଦ୍ୟମ ମାଧ୍ୟମରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମାନେ ତାଙ୍କର ପାରମ୍ପାରିକ ଖାଦ୍ୟ ଜ୍ଞାନ ଓ ପ୍ରତିଭାକୁ ପ୍ରଦର୍ଶନ କରିବା ସୁଯୋଗ ପାଇଥିଲେ। ପ୍ରତିଯୋଗିତାରେ ବିଭିନ୍ନ ଜିଲ୍ଲା ଓ ଅଞ୍ଚଳର ଓଡ଼ିଆ ପାରମ୍ପାରିକ ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା, ଯାହା ଦର୍ଶନାର୍ଥୀ ଓ ମୁହଁ ଜଳାଉଥିବା ରୁଚିର ଖାଦ୍ୟ ପ୍ରେମୀଙ୍କ ମନ ଜିତି ନେଇଥିଲା । ଏହି ଅବସରରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ମୁଖ୍ୟଅତିଥି ଭାବରେ ଉପସ୍ଥିତ ଥିଲେ ଓ ମିଶନଶକ୍ତିର ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଏହିପରି ପ୍ରତିଯୋଗିତା ମାଧ୍ୟମରେ ମହିଳାମାନେ ନିଜର ଦକ୍ଷତାକୁ ଅନ୍ୟମାନଙ୍କ ସମ୍ମୁଖରେ ଆଣିପାରୁଛନ୍ତି, ଏହା ତାଙ୍କ ସ୍ୱାବଲମ୍ବନରେ ଏକ ନୂଆ ଅଧ୍ୟାୟ ଯୋଗ କରିଥାଏ।

## ପତ୍ନୀକୁ ମାଡ ମାରି ସ୍ୱାମୀ ଗିରଫ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ଥାନା ବାଲିପଦର ଗ୍ରାମ ମାଷ୍ଟର କଲୋନୀରେ ରହୁଥିବା ପୁଷ୍ପାଞ୍ଜଳି ସେଠୀ (୩୦) ନାମ୍ନୀ ମହିଳାଙ୍କୁ ମାଡ ମାରିବା ଅଭିଯୋଗରେ ତାଙ୍କର ସ୍ୱାମୀ ପାଣ୍ଡୁ ସେଠୀ(୫୫)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଏନେଇ ଥାନାରେ କେସ୍ ନଂ ୩୭୧/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ପାଣ୍ଡୁ ଚାରି ମାସ ହେଲା ବିଏସଏଫରୁ ଅବସର ଗ୍ରହଣ କରି ଗାଁକୁ ଫେରିଥିଲେ। ସେ ଅଧିକାଂଶ ସମୟରେ ସ୍ତ୍ରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ତେବେ ଗତ ୯ ତାରିଖ ଦିନ ସ୍ତ୍ରୀ ପୁଷ୍ପା ପିଲାମାନଙ୍କ ସକାଶେ ଜଳଖିଆ ଆଣିବା ପାଇଁ ସ୍ୱାମୀ ପାଣ୍ଡୁଙ୍କୁ ପଚାଶ ଟଙ୍କା ମାଗିଥିଲେ। ଏଥିରେ ସେ ରାଗିଯାଇ ସ୍ତ୍ରୀଙ୍କୁ ତଣ୍ଟିଆ ମାରିବା ସହ ଚୁଟିକୁ ଧରି କାନ୍ଥରେ ମୁଣ୍ଡକୁ ବାରମ୍ବାର ବାଡାଇ ଥିଲେ। ଫଳରେ ପୁଷ୍ପାଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା। ପିଲାମାନେ ଛଡାଇବାରୁ ସେମାନଙ୍କୁ ମଧ୍ୟ ପାଣ୍ଡୁ ଗାଳିଗୁଲଜ କରିବା ସହ ମାଡ ମାରିଥିଲା । ଏନେଇ ପୁଷ୍ପା ପୋଲିସରେ ଅଭିଯୋଗ କରିବା ବାଲିପଦର ଫାଣ୍ଡି ଅଧିକାରୀ ଏନ୍. ନିଳାଦ୍ରୀ ରେଡି ଘଟଣାର ତଦନ୍ତ କରି ପାଣ୍ଡୁଙ୍କୁ ଗିରଫ କରିଥିଲେ।

## ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ 'ବିକାଶ ବାହାନ ରଥ ସମ୍ପର୍କୀତ ପ୍ରସ୍ତୁତି ବୈଠକ

ବାରିପଦା, (ସବ୍ୟୁ) : ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ ହଲ ଠାରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତା ରେ 'ବିକାଶ ବାହାନ ରଥ ପରିକ୍ରମା ସମ୍ପର୍କୀତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ଜୁନ ମାସ ୧୨ତାରିଖ ରୁ ଜୁନ୍ ୨୧ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ବିକାଶ ବାହାନ ରଥ ପରିକ୍ରମା କରିବ। ଏହି ବିକାଶ ବାହାନରେ ଲୋକ ମାନଙ୍କ ସଚେତନତା ପାଇଁ ସରକାରଙ୍କ ଦ୍ୱାରା ଲୋକମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଗୁଡିକ ବ୍ୟାନର ପୋଷ୍ଟର ମାଧ୍ୟମରେ ପ୍ରଦର୍ଶନ କରାଯିବା ସହିତ ଏଲଇଡି ଜରିଆରେ ବିଭିନ୍ନ ଯୋଜନା ସମ୍ବନ୍ଧରେ ବିସ୍ତୃତ ସୂଚନା ପ୍ରଦର୍ଶନ କରାଯାଇ ଲୋକମାନଙ୍କୁ ସଚେତନ କରାଯିବ। ଏତଦ୍‌ବ୍ୟତୀତ ରାଜ୍ୟରେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନତି ମୂଳକ ଯୋଜନାର ଉପଲବ୍ଧି ସମ୍ବନ୍ଧରେ ମଧ୍ୟ ଲୋକଙ୍କୁ ଅବଗତ କରାଯିବ। ଏହି ବିକାଶ ବାହାନ ପର୍ଯ୍ୟାୟ କ୍ରମେ ଜିଲ୍ଲାର ସମସ୍ତ ଗ୍ରାମ ପଂଚାୟତକୁ ପହଂଚି ଲୋକମାନଙ୍କୁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ଅବଗତ କରିବା ସହ ଯୋଜନାରେ ସାମିଲ ହେବା ପାଇଁ ସଚେତନ କରାଯିବ। ଏତଦ୍‌ବ୍ୟତୀତ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସେହି ସ୍ଥାନରେ ଯୋଜନାର କାର୍ଡ, ପ୍ରମାଣପତ୍ର ବଣ୍ଟନ ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯିବା ସହ ଯୋଜନାରେ ସାମିଲ ହେବାକୁ ଥିବା ହିତାଧିକାରୀ ମାନଙ୍କ ଠାରୁ ସେହି ସ୍ଥାନରେ ତୁରନ୍ତ ଆବେଦନ ପତ୍ର ଆଦି ଗ୍ରହଣ କରାଯିବ ଏବଂ ବିଭିନ୍ନ ଯୋଜନାରେ ନୂତନ ହିତାଧିକାରୀ ଚିହ୍ନଟି କରଣ କାର୍ଯ୍ୟ ମଧ୍ୟ କରାଯିବ। ଏତଦ୍‌ବ୍ୟତୀତ ବିଭିନ୍ନ ଯୋଜନାରେ ଲାଭାନ୍ୱିତ ହୋଇଥିବା ହିତାଧିକାରୀମାନଙ୍କ ପାଖରୁ ସେମାନଙ୍କ ସଫଳତା କାହାଣୀ ସଂଗ୍ରହ କରାଯିବ। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ସମସ୍ତ ଲୋକଙ୍କୁ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ପ୍ରତ୍ୟେକଙ୍କୁ ସଚେତନ କରାଇବା ଏବଂ ଧାଡ଼ିର ଶେଷ ଲୋକ ପାଖରେ ଯୋଜନାକୁ ପହଞ୍ଚାଇବା। ଏହି ବିକାଶ ବାହାନ ରଥ ଜିଲ୍ଲାର ପ୍ରତ୍ୟେକ ବ୍ଲକ ସଦର ମହକୁମା ଠାରେ ଜୁନ୍ ୧୨ତାରିଖ ଦିନ ଶୁଭାରମ୍ଭ ହେବ ଏବଂ ପ୍ରତ୍ୟେକ ଦିନ ଏହି ବିକାଶ ବାହନ ସମ୍ପୃକ୍ତ ବ୍ଲକର ୩/୪ ଟି ଗ୍ରାମ ପଂଚାୟତକୁ ପରିକ୍ରମା କରି ସାଧାରଣ ଲୋକଙ୍କୁ ସଚେତନ କରାଇବ। ୟୁଏଲବି ତରଫରୁ ମଧ୍ୟ ବିକାଶ ବାହନ ସହରାଞ୍ଚଳର ବିଭିନ୍ନ ଓ୍ୱାର୍ଡକୁ ପରିକ୍ରମାରେ ଯାଇ ହିତାଧିକାରୀଙ୍କ ପାଖରେ ପହଁଚି ସମାନ କାର୍ଯ୍ୟ ସମ୍ପାଦନ କରିବ। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆଜିର ବୈଠକରେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ଏସିଡିଓ ଶାନ୍ତନୁ କୁମାର ନାୟକଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ୍ ବିଭାଗର ଅଧିକାରୀ ଯୋଗ ଦେଇଥିବା ବେଳେ ଉପଖଣ୍ଡ ଓ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଅଭାସୀ ଜରିଆରେ ଯୋଡି ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜିଲ୍ଲା ଶିଶୁବିକାଶ କମିଟି ସଦସ୍ୟା ଭାବେ ଜଗତମୟୀ ମନୋନୀତ



ବାରିପଦା, (ସବ୍ୟୁ) : ରାଜ୍ୟ ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗଙ୍କ ବିଜ୍ଞପ୍ତି ସଂଖ୍ୟା ୩୯୭୦/୦୯ ଦ୍ୱାରା ମୟୂରଭଞ୍ଜ ଜିଲ୍ଲା ପାଇଁ ଜଗତମୟୀ ଦାସଙ୍କୁ ଜିଲ୍ଲା ଶିଶୁ ବିକାଶ କମିଟିର ସଦସ୍ୟା ଭାବରେ ମନୋନୀତ କରାଯାଇଛି। ଶ୍ରୀମତୀ ଦାସ ଏହା ପୂର୍ବରୁ ଜିଲ୍ଲାର ବିଭିନ୍ନ କମିଟିର ସଦସ୍ୟା ଅଛନ୍ତି। ଜିଲ୍ଲାର ସବାଇ ଘାସ, ବାଉଁଶ, ଢ଼ୋକ୍ରା ଏବଂ ପଥର ଶିଳ୍ପକୁ ନେଇ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରିଛନ୍ତି। ଶ୍ରୀମତୀ ଦାସ ମୟୂରଭଞ୍ଜ ଜିଲ୍ଲାର ପ୍ରତିଷ୍ଠିତ ଅନୁଷ୍ଠାନ ଦାସୀ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିଷ୍ଠାତା ସଦସ୍ୟା ରୂପେ ଦୀର୍ଘ ୨୭ବର୍ଷ ରୁ ଉର୍ଦ୍ଧ ସମୟ କାର୍ଯ୍ୟ କରି ଆସୁଛନ୍ତି।

## ୧୧ବର୍ଷର ମୋଦି ଓ ବର୍ଷକର ମୋହନ ସରକାର ଜନବିରୋଧୀ : ଯୁବକଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ରର ମୋଦି ସରକାରର ୧୧ ବର୍ଷ ପୂର୍ତ୍ତିରେ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଜେପି ଦଳର ନେତୃବର୍ଗ ସଫଳତାର ଡିଣ୍ଡିମ ପିଟୁଛନ୍ତି। ମାତ୍ର ବାସ୍ତବରେ ୧୧ ବର୍ଷର ମୋଦି ସରକାର ଜନବିରୋଧୀ ପ୍ରମାଣିତ ଏବଂ ପ୍ରତିଶ୍ରୁତି ପାଳନରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ପ୍ରଦେଶ ଯୁବକଂଗ୍ରେସର ଓଡ଼ିଶା ପ୍ରଭାରୀ ଶ୍ରୀ ମହେଶ ଦେଶମୁଖ କହିଛନ୍ତି। ଶ୍ରୀ ଦେଶମୁଖ ଏକ ପ୍ରେସବାର୍ତ୍ତାରେ କହିଛନ୍ତି ଯେ ଦେଶର ଯୁବସମାଜକୁ ମୋଦି ସରକାର ସଂପୂର୍ଣ୍ଣ ପ୍ରତାରିତ କରିଛନ୍ତି। ୨୦୧୪ ନିର୍ବାଚନ ପୂର୍ବରୁବର୍ଷକୁ ୨ କୋଟି ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୧୧ ବର୍ଷ ପରେ ଏହି ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ଆଜିବି ଭାରତସରକାରଙ୍କର ୪୦ଲକ୍ଷର ଉର୍ଦ୍ଧ୍ୱ ମଞ୍ଜୁରିପ୍ରାପ୍ତ ପଦବୀରୁ ୩୦ଲକ୍ଷ ସ୍ଥାନ ପୂରଣ ହୋଇଥିବା ସ୍ଥଳେ ୯ ଲକ୍ଷ ୬୪ ହଜାର ପଦବୀ ଖାଲି ପଡ଼ିଛି। ପ୍ରଧାନମନ୍ତ୍ରୀମୋଦୀଙ୍କ 'ପକୋଡା ନିଯୁକ୍ତି' ପ୍ରସଙ୍ଗ ଦେଶର ଯୁବକମାନଙ୍କ ପ୍ରତି ଏକ ବିଶ୍ୱାସଘାତକତା। ସେହିପରି ମୋଦିଙ୍କ ବିକଶିତ ଭାରତ 'ବିଶ୍ୱକ୍ଷୁଧା ସୂଚାଙ୍କ-୨୦୨୪'ରେ ୧୨୭ଟି ଦେଶ ମଧ୍ୟରୁ ୧୦୫ତମ ସ୍ଥାନ ଅଧିକାର କରିଛି। ଏହି ସୂଚାଙ୍କରେ ବାଙ୍ଗଲାଦେଶ ୮୪ତମ ସ୍ଥାନରେ ଥିବାବେଳେ ଶ୍ରୀଲଙ୍କା ୫୬ତମ ସ୍ଥାନରେ ରହିଛି। ଏଣୁ ମୋଦି ଦେଶବାସୀଙ୍କୁ ବିକାଶ ନାମରେ ଭୂଆଁବୁଲାଉଛନ୍ତି ବୋଲି ଶ୍ରୀ ଦେଶମୁଖ ଅଭିଯୋଗ କରିଛନ୍ତି। ତେଣୁ ମୋଦିଙ୍କ ୧୧ ବର୍ଷ ପୂର୍ତ୍ତି ପ୍ରତାରଣାର ୧୧ ବର୍ଷର ପୂର୍ତ୍ତି ବୋଲି ଯୁବକଂଗ୍ରେସ ବିଚାର କରୁଛି।
ପ୍ରଦେଶ ଯୁବକଂଗ୍ରେସ ସଭାପତି ରଣଜିତ ପାତ୍ର କହିଛନ୍ତିଯେ ୧୧ ବର୍ଷରେ ନରେନ୍ଦ୍ର ମୋଦି ଦେଶକୁ ରସାତଳଗାମୀ କରିଦେଇଛନ୍ତି । ୧୯୪୭ ମସିହା ଠାରୁ ୨୦୧୪ ମସିହା ପର୍ଯ୍ୟନ୍ତ ଆଜି ଭାରତ ଋଣଭାର ୫୫ ଲକ୍ଷ କୋଟି ଥିଲା। ମାତ୍ର ୧୧ ବର୍ଷର ମୋଦି ସରକାରରେ ଏହା ୨୦୦ ଲକ୍ଷ କୋଟି ଟଙ୍କାରେ ପହଁଞ୍ଚିଛି। ସେହିଭଳି ଦେଶର ଚାଷୀଙ୍କୁ ପ୍ରାଧାନ୍ୟ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ତୁମ୍ବି ତୋଫାନ କରୁଥିଲେ। ମାତ୍ର ତିନିକଳା ଆଇନ ଆଣି ଚାଷୀଙ୍କର ସର୍ବନାଶ କରିବା ପାଇଁ ଷଡଯନ୍ତ୍ର କରୁଥିଲେ। ପୁଞ୍ଜିପତିଙ୍କ ହାତରେ ଚାଷୀଙ୍କ ଜମି ଟେକିଦେବା ପାଇଁ ଯୋଜନା ଚାଲିଥିଲା। ଦେଶର ଚାଷୀ ଦିଲ୍ଲୀରେ ଏହା ବିରୁଦ୍ଧରେ ଯେଉଁ ଆନ୍ଦୋଳନ କରିଥିଲେ ସେହି ଆନ୍ଦୋଳନରେ ୭୦୦ ଚାଷୀଙ୍କର ଜୀବନ ଗଲା। ୨୦୧୬ ମସିହାରେ ପ୍ରଧାନମନ୍ତ୍ରୀ କହିଲେ ଯେ ୨୦୨୨ ମସିହାସୁଦ୍ଧା ଦେଶର ଚାଷୀଙ୍କର ଆୟ ଦୁଇଗୁଣିତ କରିଦେବେ। ହେଲେ ଏବେ ଚାଷୀ ଆତ୍ମହତ୍ୟା ଅନିୟନ୍ତ୍ରିତ ହୋଇପଡ଼ିଛି। କେନ୍ଦ୍ରଗୃହମନ୍ତ୍ରୀଙ୍କ ପୁଅ ଲକ୍ଷ୍ମୀପୁର ଖେରୀରେ ଆନ୍ଦୋଳନରତ ୮ ଜଣ ଚାଷୀଙ୍କୁଗାଡ଼ି ଚଢ଼ାଇ ହତ୍ୟା କଲେ। କହିଥିଲେ କ୍ଷମତାକୁ ଆସିଲେ ଦରଦାମ ନିୟନ୍ତ୍ରଣକରିବେ। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସଠାରୁ ଆରମ୍ଭ କରି ଅଟା, ଡାଲି, ତେଲ, ଲୁଣ ପର୍ଯ୍ୟନ୍ତ ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟର ଦର ମୋଦିଙ୍କ ୧୧ ବର୍ଷରେ ଆକାଶଛୁଆଁ ହୋଇପଡ଼ିଛି। ସେହିଭଳି ଦେଶର ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକୁ ମୋଦି ନିଜର ସଖିକଣ୍ଢେଇ କରିବାରେ ସଫଳ ହୋଇଛନ୍ତି। ଏପରିକି ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଭାବରେ ସିବିଆଇ, ଇଡି, ନିର୍ବାଚନ କମିଶନ, ନିର୍ବାଚନୀ ବ୍ୟବସ୍ଥା, ନ୍ୟାୟଳୟ ପ୍ରଭୃତି ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକ ପାଇଁ ମୋଦି ବିପଦ ହୋଇ ପଡ଼ିଛନ୍ତି। ମୋଦିଙ୍କ ୧୧ ବର୍ଷରଶାସନ ବ୍ୟବସ୍ଥା, ଦୁର୍ନୀତି, ଭ୍ରଷ୍ଟାଚାର ଓ ବିଶ୍ୱାସଘାତକତା ଭରିରହିଛି। ସେହିପରି ଓଡ଼ିଶାର ଏକବର୍ଷର ମୋହନ ସରକାର ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛନ୍ତି। କହିଥିଲେ ୩୦୦ ୟୁନିଟ ବିଜୁଳି ମାଗଣା ଦେବେ। କିନ୍ତୁ ଏବେ ସ୍ମାର୍ଟମିଟର ଲଗାଇ ବିଜୁଳି ଉପଭୋକ୍ତାଙ୍କୁ ଶୋଷଣ କରିବା ପାଇଁ ଚକ୍ରାନ୍ତ ଚାଲିଛି। ମହିଳାମାନଙ୍କୁ ୫୦ ହଜାରର ଭାଉଚର ଦେବେ ବୋଲି କହି ଭୋଟ ହାତେଇବା ପରେ ୬ ମାସରେ ମାତ୍ର ୫ ହଜାର ଟଙ୍କା ଦେଇଛନ୍ତି ଯାହା ଦିନକୁ ୨୭ ଟଙ୍କା ପଡୁଛି। ୫ ବର୍ଷରେ ୩ଲକ୍ଷ ୫୦ ହଜାର ନିଯୁକ୍ତି ଦେବେବୋଲି ଘୋଷଣା କଲେ। ଯାହା ବର୍ଷକୁ ୭୦ ହଜାର ସରକାରୀ ନିଯୁକ୍ତି ମିଳିବା କଥା। ମାତ୍ର ୧ ବର୍ଷର ମୋହନ ସରକାର ୧ ବର୍ଷରେ ୫ ହଜାର ନିଯୁକ୍ତି ଦେଇପାରି ନାହିଁ। ଦାଦନ ଖଟିବାକୁ ଓଡ଼ିଶା ବାହାରକୁ ଯାଉଛନ୍ତି। ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଏବଂ ବିଶେଷ କରି ସରକାରୀ ନିଯକ୍ତି ପାଇଁ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ବାରମ୍ବାର ହେଉଥିବା ବେଳେ ଏହାକୁ ସରକାର ନିୟନ୍ତ୍ରଣ କରିପାରିଲେ ନାହିଁ। ସହିଭଳି ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନାର ନାମ ପରିବର୍ତ୍ତନ କରିଦିଆଯାଇଛି। ହେଲେ ଆୟୁଷ୍ମାନ ପ୍ରାଇଭେଟ ହସପିଟାଲମାନେ ଗ୍ରହଣ କରୁନାହାନ୍ତି। ଜାତୀୟ ଶିକ୍ଷାନୀତି-୨୦୨୦ କେବଳ ଶିକ୍ଷାବ୍ୟବସ୍ଥାକୁ ଗୈରୀକରଣ କରିବା ପାଇଁ ଉର୍ଦ୍ଦିଷ୍ଟ। ଏହାର କୌଣସିସୁଫଳ ନାହିଁ। ଏଠାରେ ମହିଳାମାନେ ମଧ୍ୟ ଅସୁରକ୍ଷିତ ।

# ବ୍ରହ୍ମପୁରର ବିଜୁଳି ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରୁଛି ଟିପିଏସ୍ଓଡିଏଲ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଏବଂ ଏହାର ଆଖପାଖ ଅଞ୍ଚଳରେ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍ଓଡିଏଲ୍) ପକ୍ଷରୁ କନିଷି ପ୍ରାଇମେରୀ ସବଷ୍ଟେସନ (ପିଏସଏସ୍)ର ଉନ୍ନତିକରଣ କରାଯାଇଛି। ଏହି ପଦକ୍ଷେପ ପରେ ସହରର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ଅଞ୍ଚଳରେ ଭରସାଯୋଗ୍ୟ ବିଦ୍ୟୁତ ସେବା ଯୋଗାଇ ଦିଆଯାଉଛି ଏବଂ ବର୍ଦ୍ଧିଷ୍ଣୁ ବିଜୁଳି ଚାହିଦା ପୂରଣ ହେବା ସହ ଅପରେସନାଲ ସୁରକ୍ଷା ସୁନିଶ୍ଚିତ ହୋଇଛି। ଏହି ପଦକ୍ଷେପରେ ହଳଦିଆପଦରକୁ ବିଦ୍ୟୁତ ଯୋଗାଉଥିବା ଗୋଟିଏ ଟ୍ରାନ୍ସଫର୍ମରର କ୍ଷମତା ୩.୧୫ ଏମଭିଏରୁ ୮ ଏମଭିଏକୁ ବୃଦ୍ଧି କରାଯାଇଛି। ଫଳରେ ସବଷ୍ଟେସନର ମୋଟ କ୍ଷମତା ୧୬.୧୫ ଏମଭିଏକୁ ବୃଦ୍ଧି ପାଇଛି। ଏହା ଦ୍ୱାରା ଓଭରଲୋଡିଂ ସମସ୍ୟା ହ୍ରାସ ପାଇବ ଏବଂ ହଳଦିଆପଦର, ଅଟୋନଗର, କନିଷି ଓ ଆଖପାଖ ଅଞ୍ଚଳର ପ୍ରାୟ ୭,୦୦୦ ଲୋକଙ୍କ ବିଜୁଳି ଚାହିଦା ପୂରଣ ହୋଇପାରିବ। ଏହାସହ ଟୁଲୁ, ରଣ୍ଡା ଅଞ୍ଚଳର ଦୁଇଟି ପାଓ୍ୱାର ଟ୍ରାନ୍ସଫର୍ମର ଯଥାକ୍ରମେ ୫ ଏମଭିଏ ଏବଂ ୩.୧୫ ଏମଭିଏ କ୍ଷମତାରେ ଚାଲୁଅଛି। ତିନୋଟି ଟ୍ରାନ୍ସଫର୍ମରର ମୋଟ କ୍ଷମତା ୧୬.୧୫ ଏମଭିଏକୁ ବୃଦ୍ଧି ପାଇଛି ସୁରକ୍ଷା ଏବଂ ସୁଦୃଢ଼ ଭିତ୍ତିଭୂମି ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଏଥିରେ ପିଏସଏସ୍ ପରିସରରେ ୧୧ କେଭି ଓଭରହେଡ ଲାଇନ୍ ବଦଳରେ ଭୂତଳ ଲାଇନ୍ ସଂଯୋଗ, ସ୍ୱିଚୟାର୍ଡ ଚାରିପାଖରେ ଚେନ୍ ଲିଙ୍କ ଫେନ୍ସିଂ ସ୍ଥାପନ, ସବଷ୍ଟେସନ ନବୀକରଣ, ପାରମ୍ପରିକ କାନ୍ଥ ବଦଳରେ ଟିଟାନେଲ୍ ଗ୍ରିଲ୍ ସ୍ଥାପନ ଏବଂ କର୍ମଚାରୀ ଓ ଉପଭୋକ୍ତାଙ୍କ ସୁରକ୍ଷିତ ଯା'ଆସ ପାଇଁ ଏକ ସ୍ୱତନ୍ତ୍ର ମାର୍ଗ ତିଆରି କରାଯାଇଛି। ଏହି ଭିତ୍ତିଭୂମି ବିକାଶ ପଦକ୍ଷେପ ସମ୍ପର୍କରେ ମତ ଦେଇ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ଦକ୍ଷିଣ ଓଡ଼ିଶାରେ ଏକ ସୁଦୃଢ଼ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ବିଦ୍ୟୁତ ଭିତ୍ତିଭୂମି ନିର୍ମାଣ କରିବା ହେଉଛି ଆମର ଉଦ୍ଦେଶ୍ୟ। କନିଷି ପ୍ରାଇମେରୀ ସବଷ୍ଟେସନର କ୍ଷମତା ବୃଦ୍ଧି ପରେ ବ୍ରହ୍ମପୁର ବାସିନ୍ଦା ଏବଂ ବ୍ୟାବସାୟିକ ଅନୁଷ୍ଠାନଗୁଡ଼ିକ ଭରସାଯୋଗ୍ୟ ଓ ସୁରକ୍ଷିତ ବିଜୁଳି ସେବା ପାଇବେ, ଯାହା ସ୍ଥାନୀୟ ଅଞ୍ଚଳର ସାମାଜିକ ତଥା ଅର୍ଥନୈତିକ ବିକାଶରେ ସହାୟକ ହେବ । ଏହି ପଦକ୍ଷେପ ବ୍ରହ୍ମପୁର ସହରରେ ଉନ୍ନତ ବିଜୁଳି ସେବା ଯୋଗାଇ ବିକାଶକୁ ତ୍ୱରାନ୍ୱିତ କରିବା ଦିଗରେ ଟିପିଏସ୍ଓଡିଏଲର ପ୍ରତିବଦ୍ଧତାକୁ ଦର୍ଶାଉଛି। ସୁରକ୍ଷିତ ଏବଂ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ଦିଗରେ କମ୍ପାନୀ ଏହାର ପ୍ରୟାସ ଜାରି ରଖିଛି।



# ଶିକ୍ଷକଙ୍କ ପଦୋନ୍ନତି ପାଇଁ ଓଟିଇଟି ବାଧ୍ୟତାମୂଳକ ନିର୍ଦ୍ଦେଶକୁ ବିରୋଧ



ବଲାଙ୍ଗିର,(ସବ୍ୟୁ): ଓଡିଶା ପ୍ରାଥମିକ ଶିକ୍ଷକ ସଂଘ (ଏନ୍‌ପିଏସ୍) ର ଜିଲ୍ଲା ସଂଘ ତରଫରୁ ପ୍ରାଥମିକ ଶିକ୍ଷମାନଙ୍କ ପଦୋନ୍ନତି ପାଇଁ ଓଟିଇଟି ବାଧ୍ୟତାମୂଳକ ନିର୍ଦ୍ଦେଶକୁ ବିରୋଧ କରି ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ ଓ ଶିକ୍ଷା ସଚିବଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ଦାବି ପତ୍ର ପ୍ରଦାନ କରାଯାଇଛି । ପ୍ରକାଶ ଥାଉ କି ଓଡିଶା ସରକାରଙ୍କ ଦ୍ୱାରା ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ସମ୍ବନ୍ଧୀୟ ସଂଶୋଧନ ଅଧିନିୟମ ୨୦୧୯ ଅନୁସାରେ ୧୧.୦୨.୨୦୧୧ ପୂର୍ବରୁ ନିଯୁକ୍ତ ଶିକ୍ଷକଙ୍କ ପାଇଁ ଓଟିଇଟିକୁ ବାଧ୍ୟତାମୂଳକ କରାଯାଇନାହିଁ । ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପରିପତ୍ରଙ୍କ ସଂଖ୍ୟା ୯୦୨୧ ତା.୦୮.୦୫.୨୫ ଅନୁସାରେ ପଦୋନ୍ନତି କ୍ଷେତ୍ର ରେ ଓଟିଇଟିକୁ ବାଧ୍ୟତାମୂଳକ କରାଯାଇଥିବାରୁ ଶିକ୍ଷକ ମହଲରେ ନୈରାଶ୍ୟ ମନୋଭାବ ସୃଷ୍ଟି ହେବା ସହ ଘୋର ଅସନ୍ତୋଷ ପ୍ରକାଶ ପାଇଛି । ଗତ ୨୦୨୨ ମସିହା ପର ଠାରୁ ଶିକ୍ଷକ ପଦୋନ୍ନତି ମଧ୍ୟ ବାଧାପ୍ରାପ୍ତ ହୋଇଛି। ଫଳରେ ହଜାର ହଜାର ଶିକ୍ଷକ ନିଜର ଅଧିକାରରୁ ବଞ୍ଚିତ ହୋଇ ଅବସର ଗ୍ରହଣ କରିସାରିଛନ୍ତି । ଆଉ କିଛି ଅବସର ଗ୍ରହଣ ଅପେକ୍ଷାରେ ଅଛନ୍ତି । ଫଳରେ ପୁରା ଓଡିଶାର ବହୁତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କାମଚଳା ପ୍ରଧାନ ଶିକ୍ଷକରେ ଚାଲୁଅଛି ।

୨୦୧୯ କ୍ୟାଡର ରୁଲ ଅନୁଯାୟୀ ଶିଘ୍ର ପଦୋନ୍ନତି ପ୍ରଦାନ କରିବାକୁ ସଂଘ ପକ୍ଷରୁ ସରକାର କୁ ନିବେଦନ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ଓଡିଶା ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସଂପାଦକ କୈଶ୍ ରସୁଲ ଖାନ, କାର୍ଯ୍ୟକାରୀ ସଭପାତି ଅମିୟ କୁମାର ନାଗ, ଡ. ହେମନ୍ତ କୁମାର ଦାସ, ଭରତ ମହାକୁର, ମହାଦେବ ମେଶ୍ବା, ମନି କୁମ୍ଭାର, ଅମ୍ବୁଜ କୁମାର ହୋତା, ରଶ୍ମୀତା ମହାନ୍ତି, ଗୋବିନ୍ଦ ମେହେର, ବିନୋଦିନୀ ରଣା, ଉତ୍ତମା ବାଗ, ସୁଶୀଲ ମହଲା, ସୁନିଲ ମହଲା, ନରେନ୍ଦ୍ର ମିଶ୍ର, ପର୍ଶୁରାମ ସୁନା, ମହେନ୍ଦ୍ର ନାଗ, ମିତ୍ରଭାନୁ ବାଗ, କୌଶଲ୍ୟା ସାହୁ, ବବିତା ନାୟକ, ଜ୍ଞାନ ରଂଜନ ବେହେରା, ସରୋଜ ଗଡତିଆ, ମନି ମାଝୀ, ସଂଜୟ କୁମାର ସାହୁ, ଭକ୍ତବନ୍ଧୁ ସାହୁ, ଜୟଶିବ ଶଙ୍କର ଲାଲ ଭଣ୍ଡା ଇତ୍ୟାଦି ବହୁ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

# ବିନା ସେଫ୍ଟି ନେଟ୍‌ରେ ଚାଲିଛି ବ୍ରିଜ ନିର୍ମାଣ : ଶ୍ରମିକ ସୁରକ୍ଷାକୁ ହେୟଜ୍ଞାନ

ହରଭଙ୍ଗା,(ସବ୍ୟୁ): ଖୋର୍ଦ୍ଧା-ବଲାଙ୍ଗିର ରେଳପଥ ପ୍ରକଳ୍ପର ପ୍ୟାକେଜ-୩ ଅର୍ନ୍ତଗତ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କଂରଜକଟା ନିକଟରେ ଉଚ୍ଚତାସମ୍ପନ୍ନ ରେଲେଓ ଓଭରବ୍ରିଜ ନିର୍ମାଣ କାମ ଜାରିରହିଛି । ମାତ୍ର ଶ୍ରମିକଙ୍କ ସୁରକ୍ଷାକୁ ପଛରେ ପକାଇ ବିନା ସେଫ୍ଟି ନେଟ୍ ରେ ଉଚ୍ଚତା ସମ୍ପନ୍ନ ବ୍ରିଜ ନିର୍ମାଣ ଚାଲିଥିବା ଦେଖିବାକୁ ମିଳିଛି । ଗାର୍ଡର ପଡିଥିବା ଉଚ୍ଚତା ସମ୍ପନ୍ନ ବ୍ରିଜ ଉପରେ ଶ୍ରମିକମାନେ ଚଳପ୍ରଚଳ କରି କାମକରୁଥିବାବେଳେ ତଳେ ସେମାନଙ୍କ ସୁରକ୍ଷା ପାଇଁ ସେଫ୍ଟି ନେଟ କାହିଁକି ଲଗାଯାଇନାହିଁ ତାକୁ ନେଇ ପ୍ରଶ୍ନଚିହ୍ନ ଛିଡାକରିଛି । ବର୍ତମାନ ସମୟରେ ଗରମ ଗୁଳୁଗୁଳି ଲାଗିରହିଥିବାବେଳେ ଦୁର୍ଭାଗ୍ୟବଶତଃ ନିର୍ମାଣଧିନ ଉଚ୍ଚତା ସମ୍ପନ୍ନ ବ୍ରିଜ ଉପରୁ ଶ୍ରମିକ ଖସିପଡି ମୃତ୍ୟୁ ହେବାର ଯଥେଷ୍ଟ ଆଶଙ୍କା ରହିଛି । ଶ୍ରମିକ ବ୍ୟକ୍ତିଗତ ସୁରକ୍ଷାକୁ ଦୃଷ୍ଟିରେ ରଖି ୨ମିଟରରୁ ଅଧିକ ଉଚ୍ଚତା ସମ୍ପନ୍ନ ନିର୍ମାଣ କାର୍ଯ୍ୟ ସମୟରେ ସେଫ୍ଟିନେଟ ,ଲାଇଫ ଲାଇନ ,ସେଫ୍ଟି ବେଲ୍ଟ ,ଜ୍ୟାକେଟ, ହେଲମେଟ.ଜୋତା ଭଳି ଉପକରଣ ବ୍ୟବହାର ପାଇଁ କଡା ପ୍ରାବଧାନ ରହିଛି । ହେଲେ ଏତେବଡ ଉଚ୍ଚତା ସମ୍ପନ୍ନ ବ୍ରିଜ ନିର୍ମାଣ ସମୟରେ ଶ୍ରମିକ ସୁରକ୍ଷା ପ୍ରତି ଅଣଦେଖା ମନୋଭାବ ଯୋଗୁଁ କୌଣସି ଦୁର୍ଘଟଣା ଘଟିଲେ ନିର୍ମାଣ ଦାୟିତ୍ୱରେ ଥିବା ରେଳ ଉଚ୍ଚ କର୍ତୃପକ୍ଷ ଏବଂ ଠିକସଂସ୍ଥା ,ସୁରକ୍ଷା ଅଧିକାରୀ ଦୋଷ ମୁଣ୍ଡାଇବା ତ? ଶ୍ରମିକ ମୂଲ୍ୟବାନକୁ ଦୃଷ୍ଟିରେ ରଖି ଏ ଦିଗରେ ରେଳ ଉଚ୍ଚକର୍ତୃପକ୍ଷ ତଥା ଶ୍ରମିକ ଆୟୁକ୍ତ କଡାକାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ସମୟ ଆସିଛି । ଏ ସମ୍ପର୍କରେ ଆମେ ନିର୍ମାଣ ଦାୟିତ୍ୱରେଥିବା ରେଳ ବିଭାଗୀୟ ମୁଖ୍ୟଯନ୍ତ୍ରୀ ଅଜୟ କୁମାର ସାମଲଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସମସ୍ତେ ସୁରକ୍ଷା ଉପକରଣ ପିନ୍ଧି କାମକରୁଛନ୍ତି । ଏପର୍ଯ୍ୟନ୍ତ ସେଫ୍ଟି ନେଟ କାହିଁକି ଲଗାଗଲାନାହିଁ ପଚାରିବାରୁ ନେଟ ଲଗାଇଲେ କାମକରିହେଉନାହିଁ ବୋଲି କହିଥିଲେ । ଆମେ ଏ ଦିଗରେ କଡା ଦୃଷ୍ଟି ଦେଉଛୁ ବୋଲି କହିଥିଲେ। ସୂଚନା ଥାଉ କି ବିନା ସୁରକ୍ଷା ଉପକରଣରେ ଶ୍ରମିକଙ୍କ ଦ୍ୱାରା ଉଚ୍ଚତାସମ୍ପନ୍ନ ବ୍ରିଜ ନିର୍ମାଣ ଚାଲିଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଶ୍ରମିକମାନେ ହେଲମେଟ, ଜ୍ୟାକେଟ ଆଦି ଉପକରଣ ପିନ୍ଧି କାମକଲେ । ଏହା ସହିତ ଏକମାତ୍ର ପିଲାରରେ ସେଫ୍ଟି ନେଟ ଲଗାଯାଇଥିବା ଦେଖିବାକୁ ମିଳିଛି । ମାତ୍ର ପିଲାର ଉପରେ ଗାର୍ଡର ପଡିସାରିଥିବା ସେତୁରେ ଏଯାବତ୍ ସେଫ୍ଟି ନେଟ୍ ଲାଗିନଥିବା ଘଟଣା ଶ୍ରମିକଙ୍କ ଢିଲା ସୁରକ୍ଷାକୁ ପଦାରେ ପକାଇଛି । ଫଳରେ ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ଦେଖିବାକୁ ମିଳିଛି।



# ରୁଫଟପ୍ ସୋଲାର ପ୍ୟାନେଲ ପାଇଁ ୫୦୦ ଟଙ୍କା ଛାଡ଼

ସମ୍ବଲପୁର,(ସବ୍ୟୁ):ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା (ପିଏମ୍ଏସଜିଏମବିୱାଇ) ଅଧିନରେ ସମଗ୍ର ପଶ୍ଚିମ ଓଡ଼ିଶାରେ ରୁଫଟପ୍ ସୋଲାର୍ ସ୍ଥାପନ ପ୍ରକ୍ରିୟାକୁ ତ୍ୱରାନିତ କରିବା ପାଇଁ ଏକ ଅଭିନବ ନିଷ୍ପତ୍ତି ନିଆଯାଇଛି ।

ପଶ୍ଚିମ ଓଡ଼ିଶାର ବିଦ୍ୟୁତ ଗ୍ରାହକଙ୍କ ସୁବିଧା ନିମନ୍ତେ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ପିଏମ୍ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା ଅଧୀନରେ ରୁଫଟପ୍ ସୋଲାର ସିଷ୍ଟମ୍ ସ୍ଥାପନ ପାଇଁ ନେଟ୍ ମିଟରିଂ ପ୍ରକ୍ରିୟାକରଣ (ପ୍ରୋସେସିଂ ଫି) ବାବଦକୁ ଦେୟ ୫୦୦ ଟଙ୍କା ଛାଡ଼ କରି ଦିଆଯାଇଅଛି । ଏହା ଦ୍ୱାରା ପେମେଣ୍ଟ ଗେଟୱେ ମାଧ୍ୟମରେ ଅନଲାଇନ୍ ଡିମାଣ୍ଡ ନୋଟ୍ ଜେନେରେସନ୍ ଏବଂ ପେମେଣ୍ଟର ଆବଶ୍ୟକତାକୁ ଦୂର କରିବା ସହ ଆବେଦନ ପ୍ରକ୍ରିୟାକୁ ଅଧିକ ସହଜ କରାଯାଇଛି । ତେବେ ଏହାକୁ ଟିପିଡବ୍ଲୁଓଡିଏଲ୍ କତୃପକ୍ଷ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହି ନିଷ୍ପତ୍ତି ଅନୁଯାଇ ଯେକୌଣସି ବିଦ୍ୟୁତ ଗ୍ରାହକ ଅନଲାଇନ୍ ମାଧ୍ୟମରେ ରୁଫଟଫ୍ ସୋଲାର ସିଷ୍ଟମ ସ୍ଥାପନ ପାଇଁ ଆବେଦନ କଲେ ଆଉ ପ୍ରୋସେସିଂ ଫି ଦେବାକୁ ପଡ଼ିବ ନାହିଁ । ଏହାକୁ ବିଦ୍ୟୁତ୍ ନିୟାମକ ଆୟୋଗ ମଧ୍ୟ ଅନୁମୋଦିତ କରିଛନ୍ତି । ପୂର୍ବରୁ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ୧୦ କିଲୋୱାଟ୍ ପର୍ଯ୍ୟନ୍ତ ରୁଫଟପ୍ ସୋଲାର ସିଷ୍ଟମ୍ ସ୍ଥାପନ ପାଇଁ ଟେକ୍ନିକାଲ୍ ଫିଜିବିଲିଟି ଷ୍ଟଡିର ଆବଶ୍ୟକତା ଛାଡ଼ କରିଦିଆଯାଇଥିଲା । ସେହିପରି ସାଇଟ୍ ନିରୀକ୍ଷଣ, ନେଟ୍ ମିଟରିଂ ଚୁକ୍ତିନାମା ସ୍ବାକ୍ଷର, ନେଟ୍ ମିଟର ସ୍ଥାପନ ଇତ୍ୟାଦି ପାଇଁ ଲାଗୁଥିବା ସମୟକୁ ମଧ୍ୟ ହ୍ରାସ କରାଯାଇଥିଲା । ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ପ୍ରକାଶ କରିଛନ୍ତି ଯେ, ଟିପିଡବ୍ଲୁଓଡିଏଲ୍ ଗ୍ରାହକ-କେନ୍ଦ୍ରିକ ଉପାୟରେ ସବୁଜ ଶକ୍ତି ଗ୍ରହଣକୁ ଆଗେଇ ନେବା ପାଇଁ ପ୍ରତିବଦ୍ଧ ରହିଛି ।

ଏହି ଯୋଜନା ଅନୁଯାଇ ଗ୍ରାହକମାନଙ୍କୁ ଭାରତ ସରକାରଙ୍କ ତରଫରୁ ୭୮ ହଜାର ଟଙ୍କା ପର୍ଯ୍ୟନ୍ତ ଏବଂ ରାଜ୍ୟ ସରକାରଙ୍କ ତରଫରୁ ୬୦ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି ।

# ନୂତନ ଚିନାବାଦାମ ତେଲ ପ୍ରକ୍ରିୟା କରଣ ଉଦ୍ୟୋଗ ଉଦ୍‌ଘାଟିତ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା ନିୟନ୍ତ୍ରିତ ବଜାର କମିଟି, ଇଚ୍ଛାପୁର ପରିସରରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଦ୍ୱାରା ନୂତନ କାଠଘଣା ଚାଳିତ ଚିନାବାଦାମ ତେଲ ପ୍ରକ୍ରିୟା କରଣ ଉଦ୍ୟୋଗ ଉଦ୍ଘାଟିତ ହୋଇଯାଇଛି ୯ ସ୍ୱଚ୍ଛୋସେବୀ ସଂଗଠନ ସି ପି ଏସ୍ ଡବଲ୍ୟୁ, କେନ୍ଦୁଭଟା ଉଦ୍ୟମରେ ଏହି ନୂତନ ଉଦ୍ୟୋଗ ସ୍ଥାପିତ ହୋଇଛି । ଏହି ରୁତୁରେ ଏଠାରୁ ପାଞ୍ଚ ହଜାର ଲିଟର ବାଦାମ ତେଲ ପ୍ରକ୍ରିୟାକରଣ ହେବାର ଲକ୍ଷ୍ୟ ରଖିଛି ଏହି ସଂସ୍ଥା । ଏଥିପାଇଁ ୪୫୦ କୁଇଣ୍ଟାଲ ବାଦାମ ସରକାରୀ ଦରରେ ସ୍ଥାନୀୟ ଚାଷୀ ମାନଙ୍କ ଠାରୁ ସଂଗ୍ରହ କରାଯିବ । ଏହି ଅବସରରେ ଉଦ୍ୟୋଗ ହଲ୍ ରେ ଏକ ସମାରୋହ ଅନୁଷ୍ଠିତ ହୋଇଥିଲା ୯ ସ୍ୱଚ୍ଛୋସେବୀ ସଂଗଠନ ସି ପି ଏସ୍‌ଡବ୍ଲ୍ୟୁ ସମ୍ପାଦକ ବିରଞ୍ଚି ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲାପାଳ ମୁଖ୍ୟ ଅତିଥି ଭାବେ ଏବଂ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ ନାୟକ, ଉପ ନିର୍ଦ୍ଦେଶକ ଉଦ୍ୟାନ କୃଷି ହରେକୃଷ୍ଣ ଚାନ୍ଦ ହାଂସଦା, ଉପ ନିର୍ଦ୍ଦେଶକ ଜଳ ବିଭାଜିକା ପ୍ରକଳ୍ପ ରଶ୍ମି ରଞ୍ଜନ ପାତ୍ର, ବ୍ଲକ୍ କୃଷି ଅଧିକାରୀ ସୁଧାଂଶୁ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ୱେଚ୍ଛାସେବୀ ସଂଗଠନର ଶତାଧିକ ମହିଳା, ବାଦାମ ଚାଷୀ ଏବଂ ମହିଳା ଏସଏଚଜି ସମାବେଶରେ ଯୋଗ ଦେଇଥିଲେ । ଜିଲ୍ଲାପାଳ କହିଲେ ଯେ ଏଇ ତେଲ ମିଲ୍ ଚାଳିଶ ଟି ପରିବାରକୁ ସିଧାସଳଖ ରୋଜଗାର ଯୋଗାଇ ଦେବା ସହିତ ଶହ ଶହ ଚିନାବାଦାମ ଚାଷୀଙ୍କୁ ସେମାନଙ୍କ ଉଚିତ ମୂଲ୍ୟ ଯୋଗାଇଦେବ । ଏହା ସହିତ ଜିଲ୍ଲାର ଖାଉଟି ମାନେ ଶୁଦ୍ଧ କାଠ ଘଣା ଚାଳିତ ବାଦାମ ତେଲ ପାଇ ପାରିବେ । ଆମେ ଜିଲ୍ଲାରେ ଏଭଳି ଅନେକ ପଦକ୍ଷେପ ନେବା ଯେମିତି ଚାଷୀ ଖୁସି ମନରେ କହି ପାରୁଥିବ ଚାଷ କାମ ଯାହାର, କି ଆନନ୍ଦ ତାହାର । ଏମିତି ଜିଲ୍ଲା ଉଭୟ କୃଷି ଓ ଉଦ୍ୟୋଗରେ ସମନ୍ୱିତ ଉନ୍ନତି କଲେ ଜିଲ୍ଲାରୁ ଆଉ ପ୍ରବାସୀ ଶ୍ରମିକ ହିସାବରେ କେହି ଅନ୍ୟ ରାଜ୍ୟକୁ ଯିବେ ନାହିଁ । ଏହି ଅବସରରେ ଜିଲ୍ଲାପାଳ ସେଠାରେ ଗୋଟିଏ ତୈଳବୀଜ ଆଉ ଡାଲି ଜାତୀୟ ଫସଲ ମଣ୍ଡିର ଶୁଭାରମ୍ଭ କରିଥିଲେ ।

# ନିଖୋଜ ଯୁବକଙ୍କ ଝୁଲନ୍ତା ଗଳିତ ମୃତଦେହ ଉଦ୍ଧାର

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଚଣାବାହାଲ ପଞ୍ଚାୟତ କୁମ୍ଭାରୀ ଗ୍ରାମର ବଳରାମ ହାତୀ(୩୮) ନିଖୋଜ ହୋଇଥିଲେ । ଉକ୍ତ ନିଖୋଜ ଯୁବକଙ୍କ ଝୁଲନ୍ତା ଗଳିତ ମୃତଦେହ ୪ମାସ ପରେ ନୂଆପଡ଼ା ଜିଲ୍ଲା ସଦର ଥାନା କେରମେଲି ଗ୍ରାମ ଘଞ୍ଚ ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ପୁଲିସ ଉଦ୍ଧାର କରିଛି। କୁମ୍ଭାରୀ ଗ୍ରାମର କୈଳାସ ହାତୀଙ୍କ ବଡପୁଅ ବଳରାମ ହାତୀ ନାଗବାଚା ଗୁରୁ ସହ ଗୁଣି ଗାରେଡ଼ି ଆଦି କାମ କରୁଥିଲେ। ସେ ପାଖ ସୁକୁନାପଦର ଗ୍ରାମ ବାଞ୍ଜିପଡ଼ାରୁ ବାହା ହୋଇ ସେଠାରେ ସ୍ତ୍ରୀ ସହ ରହୁଥିଲେ। ଗତ ଫେବୃୟାରୀ ମାସ ୧୨ତାରିଖ ଦିନ ସେ ନୂଆପଡ଼ା ଜିଲ୍ଲା ସଦର ଥାନା ଅଞ୍ଚଳରୁ ଆସିଥିବା ଦୁଇଜଣ ବ୍ୟକ୍ତିଙ୍କ ସହ ଯାଇ ଆଉ ଘରକୁ ଫେରିନଥିଲେ। ସେ ଘରକୁ ନ ଫେରିବାରୁ ତାଙ୍କ ସ୍ତ୍ରୀ ମୁରିବାହାଲ ଥାନାରେ ଏକ ନିଖୋଜ ଏତଲା ଦେଇଥିଲେ। କେଶ ୦୯/୨୫ରେ ଏକ ନିଖୋଜ ମାମଲା ରୁଜ୍ଜୁ କରି ଅଧିକ ତଦନ୍ତ ଜାରି ରଖିଥିଲା ପୋଲିସ । ନୂଆପଡ଼ା ପୁଲିସ୍ ମଙ୍ଗଳବାର ମାଓବାଦୀ ପ୍ରବଣ ଘଟଣା ସ୍ଥଳରୁ ନିଖୋଜ ବଳରାମଙ୍କ ଝୁଲନ୍ତା ଗଳିତ ମୃତଦେହ ଉଦ୍ଧାର କରିଥିଲା। ପୁଲିସ ମୃତଦେହ ଉଦ୍ଧାର କରି ପରିବାର ଲୋକଙ୍କ ଉପସ୍ଥିତିରେ ଚିହ୍ନଟ ପରେ ଶବ ବ୍ୟବଚ୍ଛେଦ କରି ହସ୍ତାନ୍ତର କରିଥିଲା। ପରିବାର ଲୋକେ ମୃତଦେହ ଆଣି ଶବ ସତ୍କାର କରିଥିଲେ। ନିଖୋଜ ପୂର୍ବରୁ ମୁରିବାହାଲ ଅଞ୍ଚଳରେ ତିନିଜଣ ମିଶି କିଛିଦିନ ଗୁଣିଗାରେଡି କାମ କରିବା ପରେ ନୂଆପଡ଼ା ଜିଲ୍ଲା ଯାଇ ସେଠାରେ ବଳରାମ ନିଖୋଜ ହୋଇଥିବା ଜଣାପଡିଛି। ତାଙ୍କ ସହ ଯାଇଥିବା ଅନ୍ୟ ଦୁଇଜଣ ୪ମାସ ପରେ ଏବେ କେଉଁଠି ବୋଲି ଆଲୋଚନା ହେଉଛି । ପୁଲିସ ଅଧିକ ତଦନ୍ତ କଲେ ପ୍ରକୃତ ସତ୍ୟ ସାମନାକୁ ଆସିବ ବୋଲି ସାଧାରଣରେ ଦାବୀ ହେଉଛି। ଏ ସମ୍ପର୍କରେ ନୂଆପଡ଼ା ଥାନାରେ କେଶ ନ ୨୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ କରି ସେଠାରେ ଅଧିକ ତଦନ୍ତ ଜାରି ରହିଥିବା ମୁରିବାହାଲ ଥାନା ଆଇଆଇସି ସିପୋରା ସରାୟ ଲୁଗୁନ ସୂଚନା ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

ବୌଦ୍ଧ,(ସବ୍ୟୁ): ବୌଦ୍ଧ ସହର ସ୍ଥିତ ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଭିଜନ ଓଡିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ ବିଷୟରେ ଜିଲ୍ଲାସ୍ତରୀୟ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଜିଲ୍ଲାଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ କାର୍ଯ୍ୟକ୍ରମକୁ ଉଦଘାଟନ କରି ଓଡିଶା ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ପାଇବାର ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ଆମେ କିପରି ସ୍ୱପ୍ନ ଦେଖୁଛେ ଏବଂ ୨୦୪୭ ବେଳକୁ ବିକଶିତ ଭାରତର ସ୍ୱରୂପ କିପରି ଦେଖୁଛେ ସେ ସମ୍ପର୍କରେ ପ୍ରବନ୍ଧ ଓ ଚିତ୍ରାଙ୍କନ ମାଧ୍ୟମରେ ନିଜ ନିଜର ମତ ଉପସ୍ଥାପନ କରିବାକୁ ବକ୍ତବ୍ୟ ରଖିଥିଲେ । ସମ୍ମାନୀତ ଅତିଥି ଭାବରେ ମା ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ, ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସଞ୍ଜିବ କୁମାର ପ୍ରଧାନ, ଜିଲ୍ଲା ଶିକ୍ଷା ସଂଯୋଜକ ଶିବଶଙ୍କର ଶତପଥୀ ମଞ୍ଚାସୀନ ଥିଲାବେଳେ ବୌଦ୍ଧ ସହଗୋଷ୍ଠୀ ଶିକ୍ଷା ଅଧିକାରୀ କମଳକାନ୍ତ ଦଳବେହେରା ସ୍ୱାଗତ ଭାଷଣ ରଖିଥିଲେ । ମନମୁଣ୍ଡା ହାଇସ୍କୁଲର ସହକାରୀ ଶିକ୍ଷକ ସମ୍ଭିତ କୁମାର ମିଶ୍ର ଅତିଥି ପରିଚୟ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ । ବିଚାରକ ଭାବରେ ରଞ୍ଜିତ କୁମାର ନାୟକ ଉନ୍ନୀତ ଉଚ୍ଚ ବିଦ୍ୟାଳୟ କରଞ୍ଜକଟା, ସମ୍ଭିତ କୁମାର ମିଶ୍ର ମନମୁଣ୍ଡା ହାଇସ୍କୁଲ, ରାଜକୁମାର ପ୍ରଧାନ ଚଣ୍ଡିଗଡ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ନିରଞ୍ଜନ ମେହେର ସି ଆର ସି ସି ଓଲଣ୍ଡା, ରାଜେଶ କୁମାର ବଗର୍ତ୍ତୀ ଖୁଣ୍ଟବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଅବସରପ୍ରାପ୍ତ ସି ଆର ସି ସି ସୁବାସ ଚନ୍ଦ୍ର ବିଶି ସହଯୋଗ କରିଥିଲେ । ଜିଲ୍ଲାର ନବମ,ଦଶମ, ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ୩୦ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଓ ସହଯୋଗୀ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି ଆସନ୍ତା ୧୨ ରୁ ୧୮ ତାରିଖ ମଧ୍ୟରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ବିକାଶ ମେଳାରେ କୃତି ଛାତ୍ର ଛାତ୍ରୀ ମାନେ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହେବାର ବ୍ୟବସ୍ଥା ରହିଛି । ପ୍ରତିଯୋଗିତାର ସମାପନ ସଭାରେ ଜିଲ୍ଲା ଶିକ୍ଷଧିକାରୀ ଶ୍ରୀ ଦୁବେ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହିତ ଆସନ୍ତା ଜିଲ୍ଲାସ୍ତରୀୟ ବିକାଶ ମେଳାକୁ ଆସିବାକୁ ସମସ୍ତଙ୍କୁ କହିଥିଲେ ।

# ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡ଼ିଲେ ମହିଳା କନିଷ୍ଠ ଯନ୍ତ୍ରୀ

ବରଗଡ଼,(ସବ୍ୟୁ):ମନରେଗା କାମ ପାଇଁ ହିତାଧିକାରୀଙ୍କ ଠାରୁ ୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡ଼ିଲେ ମହିଳା କନିଷ୍ଠ ଯନ୍ତ୍ରୀ ସୁସ୍ମିତା ଓରାମ। ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଡାଙ୍ଗବାହାଲ ପଞ୍ଚାୟତରେ କନିଷ୍ଠ ଯନ୍ତ୍ରୀ ଭାବେ ଗତ ଏକ ବର୍ଷ ହେବ କାର୍ଯ୍ୟରତ ଥିଲେ ସସ୍ମିତା । ଦରମା ବାହାରେ ଅଧିକ ଅର୍ଥ ଉପାର୍ଜନର ଲୋଭ ଆଜି ସସ୍ମିତାଙ୍କୁ ମହଙ୍ଗା ପଡ଼ିଛି । ମନରେଗା କାମ ପାଇଁ ହିତାଧିକାରୀଙ୍କ ଠାରୁ ୮ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ମାଡ଼ି ବସିଥିଲା ଭିଜିଲାନ୍ସ ଟିମ୍। ମହିଳା କନିଷ୍ଠ ଯନ୍ତ୍ରୀ ସୁସ୍ମିତା ଗତ ଏକ ବର୍ଷ ହେବ ଚାକିରିରେ ଯୋଗଦାନ କରିଥିଲେ । ଦରମା ବାହାରେ ଅଧିକ ଅର୍ଥ ଉପାର୍ଜନର ଲୋଭ ଆଜି ସସ୍ମିତାଙ୍କୁ ମହଙ୍ଗା ପଡ଼ିଛି ।

# ସନ୍ତରଣ ଦକ୍ଷତା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସମ୍ବର୍ଦ୍ଧନା ଉତ୍ସବ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ଗୃହରେ ପ୍ରଥମ ପର୍ଯ୍ୟାୟ ସନ୍ତରଣ ଦକ୍ଷତା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ସମ୍ମାନୀତ ଅତିଥି ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ,ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା,ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ସହକାରୀ ଅଗ୍ନିଶମ ଅଧିକାରୀ ଉମାକାନ୍ତ ଦାଶ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ପ୍ରମୁଖ ଉପସ୍ଥିତ ରହି ଯୁବ ବର୍ଗଙ୍କୁ ଉତ୍ସାହିତ କରିଥିଲେ । ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସୁଧର୍ମା ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଜିଲ୍ଲା ପ୍ରକଳ୍ପ ସଂଯୋଜକ ସଞ୍ଜୟ ଝା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ତାଲିମଦାତା ଭାବେ ଏସ. ଆଇ (ଆର୍ମ ) ଓଡ୍ରାଫ ଇନ ଚାର୍ଜ ରାଜୀବ ଭରତ ସାଗର, ହାବିଲଦାର ଏ. କେ. ଚାନ୍ଦ, ଏସ. କେ. ନାଗ, ପି. ବଡ଼ମାଳୀ, ପି. ବାଘ, ଏମ. ଆର. ରଣା, ଏନ. ଧଳ, ଏସ. କାଲୋ, ଏସ. କେ. ବେହେରା, ଏନ. ଚନ୍ଦ୍ର ସେଠୀ ପ୍ରମୁଖ ତାଲିମ ଦାତା ଭାବେ ଯୋଗ ଦେଇ ତାଲିମ ଦେଇଥିଲେ । ସେହିପରି ଓଡ୍ରାଫ ଟିମ ର ଅନ୍ୟ ୧୦ ଜଣ ତାଲିମ ସମୟରେ ସହଯୋଗ କରିଥିଲେ । ସନ୍ତରଣ ଭଲ ଭାବରେ କରିବା ପାଇଁ ଆହୁରି ୭ ଦିନ ମାଗଣାରେ ପର୍ଯ୍ୟାୟ କ୍ରମେ ସେମାନେ ସନ୍ତରଣାଗାରରେ ଅଭ୍ୟାସ ଜାରି ରଖି ପାରିବେ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟ ଟ୍ରେନିଂ ଆଗାମୀ ଜୁନ ୭ ତାରିଖରୁ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଜରୁରୀ କାଳୀନ ଶାଖା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# ଏବିସିଡି ଚେରିଟେବୁଲ ଟ୍ରଷ୍ଟର ଶାଖା ଉଦ୍‌ଘାଟିତ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଧନୁପାଲି ଖଣ୍ଡୁଆଳ ଠାରେ ଏବିସିଡି ଚେରିଟେବୁଲ ଟ୍ରଷ୍ଟର ୬ଷ୍ଠ ଶାଖା ଉଦ୍‌ଘାଟିତ ହୋଇଯାଇଛି। ବିଜେପି ଜିଲ୍ଲା ସଭାପତି ଗିରିଶ ପଟେଲ, ସମାଜସେବୀ କାର୍ତ୍ତିକ କଲେତ, କାର୍ତ୍ତିକ ବହିଦାର, ପ୍ରଦୀପ ମେହେର, ପ୍ରବୀଣ ସୁପକାର ଅତିଥି ଭାବେ ଯୋଗ ଦେଇ ଏହି ସଂସ୍କାର କେନ୍ଦ୍ରର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଶିକ୍ଷାକେନ୍ଦ୍ରରେ ମୋଟ ୩୮ଜଣ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଶିକ୍ଷାଦାନ ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ଟ୍ରଷ୍ଟର ପ୍ରତିଷ୍ଠାତା ରାଜେନ୍ଦ୍ର ଶତନାମୀଙ୍କ ଜନ୍ମଦିନ ଅବସରରେ ଏହା ଉଦ୍ଘାଟିତ ହୋଇଛି।

# ସୁବର୍ଣ୍ଣପୁରରୁ ପୁରୁଣାକଟକକୁ ଖୁବଶୀଘ୍ର ଗଡ଼ିବ ରେଳ

ବୌଦ୍ଧ,(ସବ୍ୟୁ): ସୁବର୍ଣ୍ଣପୁର ଠାରୁ ବୌଦ୍ଧ ଜିଲ୍ଲାର ପୁରୁଣାକଟକ ଷ୍ଟେସନକୁ ଖୁବଶୀଘ୍ର ଗଡ଼ିବ ରେଳ । କେନ୍ଦ୍ର ସରକାର ଓ ରେଳ ବୋର୍ଡ ପକ୍ଷରୁ ସବୁଜ ସଙ୍କେତ ମିଳିଲେ ଖୁବଶୀଘ୍ର ପୁରୁଣାକଟକ ଷ୍ଟେସନକୁ ରେଳ ଗଡ଼ିବ । ୨୦୨୬ ମସିହା ଏପ୍ରିଲ ମାସ ଶେଷ ସୁଦ୍ଧା ସରିବ ଖୋର୍ଦ୍ଧା- ବଲାଙ୍ଗିର ରେଳପଥର ସମସ୍ତ ୭ଟି ଟନେଲ ନିର୍ମାଣ କାର୍ଯ୍ୟ । ସୂଚନା ଦେଲେ ଇଷ୍ଟକୋଷ୍ଟ ରେଳ ବିଭାଗର ଚିପି ଇଞ୍ଜିନିୟର । ସୂଚନାମୁତାବକ ଇଷ୍ଟକୋଷ୍ଟ ରେଳ ବିଭାଗର ଜେନେରାଲ ମେନେଜର ପରମେଶ୍ୱର ପଙ୍କଓାଲ , ସିଇଓ ଏଜି ଶ୍ରୀନିବାସ ସମେତ ଚିପି ଇଞ୍ଜିନିୟର ଅଜୟ ସାମଲ ଓ ଅନ୍ୟ ଉଚ୍ଚ ପଦସ୍ଥ ଅଧିକାରୀମାନେ ମଙ୍ଗଳବାର ସକାଳୁ ଏକ ସ୍ୱତନ୍ତ୍ର ରେଳ ଯୋଗେ ବଲାଙ୍ଗିର ଷ୍ଟେସନରୁ ବୌଦ୍ଧ ପୁରୁଣାକଟକ ଷ୍ଟେସନ ଅଭିମୁଖେ ବାହାରି ଥିଲେ । ସୁବର୍ଣପୁର ଷ୍ଟେସନ ଠାରୁ ବୌଦ୍ଧ ଜିଲ୍ଲାର ପୁରୁଣାକଟକ ଷ୍ଟେସନ ପର୍ଯ୍ୟନ୍ତ ରେଳପଥର ଓ ଷ୍ଟେସନର ଯାଞ୍ଚ କରିଥିଲେ ଇଷ୍ଟକୋଷ୍ଟ ରେଳ ବିଭାଗର ଜେନେରାଲ ମେନେଜର । ବୌଦ୍ଧ ଜିଲ୍ଲାର ଝାରମୁଣ୍ଡା, ବୌଦ୍ଧ, ବୀରନରସିଂହପୁର ଶେଷରେ ପୁରୁଣାକଟକ ରେ ନିର୍ମାଣ ହୋଇଥିବା ଷ୍ଟେସନର ଭିତ୍ତିଭୂମି ନିରୀକ୍ଷଣ କରିଥିଲେ । କେନ୍ଦ୍ର ସରକାର ଓ ରେଳ ବୋର୍ଡ ପକ୍ଷରୁ ସବୁଜ ସଙ୍କେତ ମିଳେ ଖୁବଶୀଘ୍ର ରଥଯାତ୍ରାରୁ ପୁରୁଣାକଟକ ଷ୍ଟେସନରୁ ରେଳ ଗଡ଼ି ପାରେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଟନେଲ ଭୁଶୁଡିବା ସ୍ଥାନ ପୁନଃ ନିର୍ମାଣ ହୋଇଛି ଓ ଟନେଲ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି । ୨୦୨୬ମସିହା ଏପ୍ରିଲ ମାସରେ ସମସ୍ତ ଟନେଲ ନିର୍ମାଣ କାର୍ଯ୍ୟ ସରିବ ବୋଲି ସୂଚନା ଦେଇଛନ୍ତି ଇଷ୍ଟକୋଷ୍ଟ ରେଳ ବିଭାଗ ଚିପି ଇଞ୍ଜିନିୟର ଅଜୟ ସାମଲ ।




# ମା' ଅଭୟା କାଳୀଙ୍କ ପୂଜା

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଆଗଲପୁର (ଡୁଡୁକା ) ବ୍ଲକ କୁଟାସିଂହା ଗ୍ରାମରେ ମା ଅଭୟାକାଳୀଙ୍କ ପାରମ୍ପରିକ(ପୂଜା) ଛତର ଯାତ୍ରା ଆରମ୍ଭ ହୋଇଛି । ବଲାଙ୍ଗିର ସହର ଠାରୁ ୪୧ କିଲୋମିଟର ଦୂରରେ ଅବସ୍ଥିତ କୁଟାସିଂହା ଗ୍ରାମ କାହିଁ କେଉଁ ଆବାହନ କାଳରୁ ଏହି ଗ୍ରାମର ଇଷ୍ଟଦେବୀ ରୂପେ ପୂଜା ପାଇ ଆସୁଛନ୍ତି ମା ଅଭୟା । ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଅଷ୍ଟମୀ ଦିନରୁ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ୭ ଦିନ ବ୍ୟାପି ରୀତିନୀତି ଅନୁସାରେ ମାଙ୍କ ପୂଜାର୍ଚ୍ଚନା ହୁଏ । ଦେଶୀମଦ, ଅରୁଆ ଚାଉଳ, ସିନ୍ଦୁର, ଘିଅ, ସଳିତା, ଲିଆ (ଖଇ ) ଧୂପ, ଫୁଲ ପୂଜାରେ ବ୍ୟବହାର କରାଯାଏ ପାରମ୍ପରିକ ପୁଝାରୀ (ଝାଙ୍କର ) ଗାଁ ଗୌନ୍ତିଆ, ଛତରଧାରୀ, ନିଆଁ ବେଟିଆଁ (ପାଲରେ ତିଆରି ) ଧାରୀ, ଘଣ୍ଟଧାରୀଙ୍କ ସହିତ ସନ୍ଧ୍ୟା ସମୟରେ ଗ୍ରାମର ଚାରି ଦିଗରେ ଶାଳ କାଠକୁ ଦୀପ ଷ୍ଟାଣ୍ଡ କରାଯାଇ ମାଟି ଦୀପରେ ଫୁଲି (ଦେଶୀ ମଦରେ ) ୭ ଦିନ ବ୍ୟାପି ଅଖଣ୍ଡ ଜଳା ଯାଏ । ଯେଉଁ ଦେଶୀ ରନ୍ଧା ମଦକୁ ମଣିଷ ପିଇଲେ ମୃତ୍ୟୁ ମୁଖରେ ପଡେ ସେହି ମଦକୁ ମା ଙ୍କୁ ଅର୍ପଣ କରାଯାଏ ।

ଗ୍ରାମର ଜନସ୍କୃତିରୁ ଜଣାଯାଏ ଯେ ୧୯୩୬ ମସିହାରେ ମାଙ୍କ ଆର୍ବିଭାବ ଗାଁ ନିକଟ ଅଙ୍ଗନଦୀ କୂଳରେ ହୋଇଥିଲା ସେହି ସମୟରୁ ଗାଁ ଗୌନ୍ତିଆଙ୍କ ତତ୍ତ୍ୱାବଧାନରେ ମା ଙ୍କ ଯାତ୍ରା ହୋଇଆସୁଛି । ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ମାଙ୍କ ମୁଖ୍ୟ ପୂଜା ଅନୁଷ୍ଠିତ ହୁଏ । ନିଷ୍ଠା ଓ ଭକ୍ତି ର ସହିତ ଗାଁ ର ପ୍ରତ୍ୟେକ ପରିବାରରୁ ନଡ଼ିଆ, ଫୁଲ, ଧୂପ, ଦୀପ, ଘିଅ, ସିନ୍ଦୁର ଗାଁ ମଝିରେ ଥିବା ମାଙ୍କ ପୀଠକୁ ଯାଏ ମାଙ୍କ ମୁଖ୍ୟଭୋଗ ନଡ଼ିଆ ମୁଗକ୍ଷୀରି ଓ ଖଇ (ଲିଆ ) ମାଙ୍କୁ ଲାଗି କରାଯାଏ । ଏହି ଭୋଗକୁ ବୟସ୍କ ବିଧବା ମହିଳା ମାନେ ପ୍ରସ୍ତୁତ କରିଥାନ୍ତି ।ଅନ୍ୟାନ୍ୟ ପୂଜା କାର୍ଯ୍ୟରେ ବିଧବାଙ୍କୁ ବାରଣ ଥିବାବେଳେ ଏଠାରେ ଏକ ଭିନ୍ନ ପରମ୍ପରା ଦେଖିବାକୁ ମିଳେ । ବିଧବାଙ୍କ ଉପରେ ମାଙ୍କ ଆଶୀର୍ବାଦ ରହିଥିବା ବିଶ୍ୱାସ କରାଯାଏ । ଏହି ୭ ଦିନ ଗାଁ ରେ ଆମିଷ ଭକ୍ଷଣ କରାଯାଏ ନାହିଁ । ବର୍ତ୍ତମାନ ପଶ୍ଚିମ ଓଡିଶା ର ତାରିଣୀ କୁହା ଯାଉଥିବା ଏହି ପୀଠକୁ ରାଜ୍ୟ ବାହାରର ଶ୍ରଦ୍ଧାଳୁଙ୍କ ସୁଅ ମଧ୍ୟ ଛୁଟୁଛି ଜ୍ୟୋଷ୍ଠ ପୂର୍ଣମୀ ଦିନ ଭୋର ସକାଳେ ଗାଁ ର ପ୍ରତ୍ୟେକ ପରିବାର ରୁ ଜଣେ ଜଣେ ନିଆଁ ବେଟିଆଁ (ପାଲରେ ତିଆରି ) ଥୁଟିଂ ବାଡୁନ (ଝାଡୁ ) ଖଇ ଧରି ଗ୍ରାମର ପଶ୍ଚିମ ଦିଗରେ ଥିବା ଅଶ୍ୱତଥ ବୃକ୍ଷ ମୂଳକୁ ଯାଇ ଦେବୀ ମାଙ୍କୁ ମେଲାଣି ଦିଅନ୍ତି । ଏହି ମେଲାଣି ଯାତ୍ରାରେ ମା ଙ୍କ ଆଗରେ କେହି ନ ଯିବାକୁ ବାରଣ ରହିଛି ।ଗାଁ ଗୌନ୍ତିଆ ରାଜିନ ପାତ୍ରଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି ଯାତ୍ରାରେ ଝାଙ୍କର ଶ୍ରୀହରି ଭୁଏ, ପିତାମ୍ବର ନାଗ, ଲେକୃ ସାହୁ, ନାଥୁଲାଲ ବାଘ, ଗରୁଡ଼ ସା, ବାଲି ବାଘ (ଛତର ଯାତ୍ରା )ପୂଜା ଦାୟିତ୍ୱ ରେ ଥିବାବେଳେ ମୁଖ୍ୟ ପୂଜକ ଆର୍ତ୍ତତ୍ରାଣ ପୁରୋହିତ ଓ ଶତ୍ରୁଘନ ପୁରୋହିତ ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି । ଯାତ୍ରା ପରିଚାଳନା କମିଟି ମୁଖ୍ୟ ଗୋବର୍ଦ୍ଧନ ସାହୁ ଓ ପ୍ରଦୀପ ପାତ୍ର ରହିଥିବାବେଳେ ଗ୍ରାମର ଯୁବଗୋଷ୍ଠୀ ବିଭିନ୍ନ ଦାୟିତ୍ୱ ତୁଲାଉଛନ୍ତି । ଏହି ଯାତ୍ରାକୁସଫଳ କରିବା ପାଇଁ ଯାତ୍ରା କମିଟି ଓ ଗ୍ରାମବାସୀଙ୍କ ତରଫରୁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

# ବିକାଶ ମେଳାର ପରିଚାଳନା ନେଇ ସମୀକ୍ଷା



ରାୟଗଡା,(ସବ୍ୟୁ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜନ ହେବାକୁ ଥିବା ବିକାଶ ମେଳାର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ସରକାରଙ୍କ ଏକ ବର୍ଷ ଭିତରେ ବିଭିନ୍ନ ଜନହିତକର ଯୋଜନାରେ ଲୋକଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଜନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟାପକ ଭାବରେ କରାଯିବା ଚଳିତ ମାସ ୧୨ ତାରିଖରୁ ୨୧ତାରିଖ ପର୍ଯ୍ୟନ୍ତ ଜିଲ୍ଲାସ୍ତରରେ ବିକାଶ ମେଳା ଆୟୋଜନ କରାଯିବ । ଏହାସହିତ ବିକାଶ ବାହାନା ପ୍ରତ୍ୟେକ ବ୍ଲକରେ ପହଞ୍ଚି ଗ୍ରାମ ପଞ୍ଚାୟତ ମାନଙ୍କରେ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ସମ୍ବନ୍ଧରେ ବିକାଶ ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବେ । ଏହି ବାହନ ପରିକ୍ରମା ସମୟରେ ସରକାରଙ୍କ ବିଭିନ୍ନ ବିଭାଗର ସହାୟତା, ପ୍ରମାଣ ପାତ୍ର, ଖାଉଟି କାର୍ଡ, ଆଧାର କାର୍ଡ, ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା, ଜଙ୍ଗଲ ଜମି ପଟ୍ଟା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ଓ ଅନ୍ୟାନ୍ୟ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ । ଏହି ବାହନ ସୂଚାରୁ ପରିଚାଳନା ନିମନ୍ତେ ପ୍ରତ୍ୟେକ ବ୍ଲକରେ ନୋଡାଲ ଅଧିକାରୀ ନିଯୁକ୍ତ କରାଯାଇଛି । ସେହିପରି ପୌରାଞ୍ଚଳ ନିମନ୍ତେ ମଧ ବିକାଶ ବାହନ ପରିକ୍ରମା କରିବ । ନିର୍ବାହୀ ଅଧିକାରୀ ମାନଙ୍କ ତତ୍ତ୍ୱାବଧାନରେ ଏହି ବାହନ ପରିକ୍ରମା କରିବ । ବାହାନକୁ ସ୍ୱାଗତ କରିବା ନିମନ୍ତେ ବିଡ଼ିଓ, ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନଙ୍କ ଦ୍ୱାରା ବ୍ୟବସ୍ଥା କରାଯିବ । ଏହାସହିତ ବିକାଶ ମେଳାରେ ଖାଦ୍ୟ ମେଳା, କ୍ରୀଡା, ବିଭିନ୍ନ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ, ବୌଦ୍ଧିକ କର୍ମଶାଳା ଆଦି ଅନୁଷ୍ଠିତ ହେବ । ବିଭିନ୍ନ ବିଭାଗର ଉନ୍ନୟନ ପ୍ରଦର୍ଶନୀ ମଧ ଅନୁଷ୍ଠିତ ହେବ । ଏହି ସମୀକ୍ଷା ବୈଠକରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ଜିଲ୍ଲାର ସମସ୍ତ ବିଡ଼ିଓ ମାନେ ଉପସ୍ଥିତ ଥିଲେ ।

# ବୁଢି ଅଞ୍ଚଳର ଧାନ କିଣା ପାଇଁ ଆଗକୁ ମଧ୍ୟ ଅନୁମତି ରହିବ : ଯୋଗାଣ ମନ୍ତ୍ରୀ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲାରେ ଧାନ କିଣାବିକା ଟାର୍ଗେଟ ଓ ଟୋକନ ସମସ୍ୟା ରହିଛି। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦିନିକିଆ ସମ୍ବଲପୁର ଗସ୍ତବେଳେ ଏନେଇ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଟୋକନ ଅବଧି ସରିବା ପରେ ମଧ୍ୟ ଧାନ ବିକ୍ରି କରାଯାଇପାରିବ। ଜିଲ୍ଲାପାଳ ତାଙ୍କ ସ୍ୱତନ୍ତ୍ର କ୍ଷମତା ବ୍ୟବହାର କରି ଅଧିକ ୧୫ଦିନ ଅବଧି ବଢାଇ ପାରିବେ ବୋଲି କହିଥିଲେ। ରାଜ୍ୟରେ ବିଜେପି ସରକାରର ୧ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୧୭ରେ ସମ୍ବଲପୁର ଠାରେ ଏକ ସଫଳତା ଯାତ୍ରା ଆୟୋଜନ କରାଯିବ । ଏହି ଯାତ୍ରାରେ କେନ୍ଦ୍ର ଓ ରାଜ୍ୟର ମନ୍ତ୍ରୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଥାଲାସେମିଆ ରୋଗୀଙ୍କ ସହ ଯୋଗ୍ୟ ହିତାଧିକାରୀ ମାନଙ୍କୁ ରାସନକାର୍ଡ ଯୋଗାଇ ଦିଆଯିବ। ବୁଢି ଅଞ୍ଚଳର ଧାନ କିଣା ପାଇଁ ଆଗକୁ ମଧ୍ୟ ଅନୁମତି ରହିବ। ଏହାପରେ ସର୍ବଶିକ୍ଷା ଅଭିଯାନ ସଭାଗୃହ ଠାରେ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ବୈଠକରେ ସ୍ୱାସ୍ଥ୍ୟ, ପାନୀୟ ଜଳ, ଶିକ୍ଷା, ମହିଳା ଓ ଶିଶୁ ସୁରକ୍ଷା, ଏମ୍ଏସ୍ଏମ୍ଇ, ଶକ୍ତି, ବନ୍ୟଜନ୍ତୁ ଓ ପରିବେଶ, ଗ୍ରାମୀଣ ବିକାଶ, ଉଦ୍ୟୋଗ ଓ ମାଇନିଂ, ବୈଜ୍ଞାନିକ ଉନ୍ନତି ଆଦି ବିଭାଗର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ନାଉରୀ ନାୟକ, ପଞ୍ଚାୟତରାଜ ମନ୍ତ୍ରୀଙ୍କ ପ୍ରତିନିଧି ଦୁଷ୍ମନ୍ତ ରାୟ, ବିଧାୟକଙ୍କ ପ୍ରତିନିଧି ସମୀର ରଞ୍ଜନ ବାବୁଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



# ସହାୟତା ଦାବିରେ କୁରୁକ୍ଷେତ୍ରଙ୍କ ଶବ ରଖି କଲମପୁର-ଜୁନାଗଡ଼ ରାସ୍ତା ଅବରୋଧ

କଲମପୁର,(ସବ୍ୟୁ): କଲମପୁର-ଜୁନାଗଡ଼ ମୁଖ୍ୟ ରାସ୍ତା ବାବୁକେନ୍ଦୁଗୁଡା ଘର୍ଲା ଛକ ଠାରେ କୁରୁକ୍ଷେତ୍ରଙ୍କ ମୃତ ଶବ ରଖି ଅବରୋଧ କରିଥିଲେ ସଂପର୍କୀୟ । ସୁଚନା ଅନୁସାରେ ଗତମଇ ମାସ ୨୧ ତାରିଖ ଦିନ ବାବୁକେନ୍ଦୁଗୁଡାର କୁରୁକ୍ଷେତ୍ର ବେମାଲ(୩୫) ତାଙ୍କ ପତ୍ନୀଙ୍କ ସହିତ ଧାନ କାଟି ବିଲରୁ ଫେରୁଥିଲେ ।କଦଳିବୁଆ ଗାଁର ବଳକରାୟ ନାଏକ ବାଇକ୍ ଯୋଗେ କଲମପୁର ପଟୁ ଆସୁଥିଲେ। ତାଙ୍କ ଗାଡ଼ି ଚାଳନା ଏପରି ଥିଲା ଯେ ସିଧା ସଳଖ କୁରୁକ୍ଷେତ୍ରଙ୍କୁ ଧକ୍କା ଦେଇଥିଲେ। ଫଳରେ କୁରୁକ୍ଷେତ୍ର ସେଇ ସ୍ଥାନରେ ପଡ଼ିଯାଇ ଥିଲେ। ତାଙ୍କୁ କଲମପୁର ଡାକ୍ତରଖାନରେ ପ୍ରାଥମିକ ଚିକିତ୍ସା କରି ଡାକ୍ତର ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଭବାନୀପାଟଣାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରର ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ହୋଇଥିଲା। ସେଠାରୁ ଶବ ଅଣାଯାଇ ପରିବାର ତଥା ସମ୍ପର୍କୀୟ ମାନେ ଆର୍ଥିକ ସହାୟତା ଦାବୀ ନେଇ ମଙ୍ଗଳବାର ସକାଳୁ ରାସ୍ତା ଅବରୋଧ କରିଥିଲେ। କଲମପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ । ଦୁର୍ଘଟଣା କରିଥିବା ସଂପୃକ୍ତ ବ୍ୟକ୍ତିଙ୍କ ଭାଇ ସେଇ ପରିବାର ଏବଂ ସଂପର୍କୀୟଙ୍କ ସହିତ ଆଲୋଚନା କରି ଆର୍ଥିକ ସହଯୋଗ କରିବା ପାଇଁ ରାଜି ହେବାରୁ ରାସ୍ତା ଅବରୋଧ ହଟିଥିଲା ।ଥାନା ଅଧିକାରୀ ,ତହସିଲଦାର ଉପସ୍ଥିତ ରହି ପ୍ରଶାସନ ପକ୍ଷରୁ ଯାହା ସୁବିଧା ରହିଛି ଯୋଗାଇଦେବାକୁ କହିଥିଲେ। ପରେ ଶବ ସଂସ୍କାର ପାଇଁ ପରିବାର ଏବଂ ସଂପର୍କୀୟ ଶବ ଉଠାଇ ନେଇଥିଲେ। ୪ ଘଣ୍ଟା ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିବାବେଳେ ପରେ ସ୍ୱାଭାବିକ ହୋଇଛି।

# ମୃତ ଶ୍ରମିକଙ୍କ ପରିବାରକୁ ସହାୟତା

ବଙ୍ଗୋମୁଣ୍ଡା,(ସବ୍ୟୁ): ବଙ୍ଗୋମୁଣ୍ଡା ବ୍ଲକ କପିଲାଭଟା ପଞ୍ଚାୟତ ବରଡୁଣ୍ଡା ଗ୍ରାମର ନାରାୟଣ ସୁଲିଆ ତାମିଲନାଡୁର ଇଟା ଭାଟିକୁ ଶ୍ରମିକ ଭାବେ କାମ କରିବାକୁ ଯାଇ ସେଠାରେ ମୃତ୍ୟୁ ବରଣ କରିଥିଲେ। ସେଠାରେ ସ୍ୱାସ୍ଥ୍ୟବସ୍ଥା ବିଗିଡିଯାଇଥିଲା। ନିର୍ଯାତନା ଓ ଚିକିତ୍ସା ଅବହେଳା ଯୋଗୁଁ ଇଟାଭାଟିରେ ମୃତ୍ୟୁ ହୋଇଥିଲା। ଗାଁକୁ ଶ୍ରମିକଙ୍କ ଶବ ମଧ ଫେରି ପାରିନଥିଲା । ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିଲା। ଶ୍ରମ ବିଭାଗ ପୀଡିତଙ୍କ ପରିବାର ନିକଟକୁ ପହଞ୍ଚି ପାରିନଥିଲା। ଶ୍ରମିକଙ୍କ ମୃତ୍ୟୁ ପରେ ପରିବାର ଲୋକେ ଅସହାୟ ହୋଇ ପଡିଛନ୍ତି। ମଙ୍ଗଳବାର ଦିନ ବଙ୍ଗୋମୁଣ୍ଡା ସରପଞ୍ଚ ସଂଘ ସଭାପତି ଅଜିତ ଯୋଶୀ ଏହି ଅସହାୟ ପରିବାରଙ୍କ ଘରକୁ ପହଞ୍ଚି ସମବେଦନା ଜଣାଇବା ସହ ଶୁଖିଲା ଖାଦ୍ୟ ସାମଗ୍ରୀ ପ୍ରଦାନ କରିଥିଲେ । ଆଜି ପର୍ଯ୍ୟନ୍ତ ଶ୍ରମ ବିଭାଗ ତରଫରୁ କୌଣସି ପଦକ୍ଷେପ ନେଇନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ ।

# ଗର୍ଭବତୀଙ୍କୁ ରକ୍ତଦାନ କଲେ ଆଦିତ୍ୟ

ସମ୍ବଲପୁଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଧମା ଅଞ୍ଚଳର ଜଣେ ଗର୍ଭବତୀ ମହିଳାଙ୍କୁ ପଣ୍ଡିତ ଆଦିତ୍ୟ ପୁରୋହିତ ରକ୍ତଦାନ କରିଛନ୍ତି। ବୁର୍ଲା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତର ଘୋର ଅଭାବ ଦେଖାଯାଇଛି। ଏଭଳିସ୍ଥଳେ ଉକ୍ତ ମହିଳାଙ୍କୁ ବି ନେଗେଟିଭ ରକ୍ତର ଆବଶ୍ୟକତା ପଡିଥିଲା। ଖବର ପାଇ ସମାଜସେବୀ ରାମଦାସ ପଣ୍ଡା ଉକ୍ତ ଯୁବକଙ୍କୁ ଅନୁରୋଧ କରିଥିଲେ। ଆଦିତ୍ୟ ସମ୍ବଲପୁର ରକ୍ତଭଣ୍ଡାରକୁ ଆସି ରକ୍ତଦାନ କରିଥିଲେ। ଫଳରେ ରୋଗୀ ସମ୍ପର୍କିୟ ମାନେ ବେଶ ଆଶ୍ୱସ୍ତ ଲାଭ କରିଛନ୍ତି।

# ମାଓବାଦୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଣକାରୀ ଗିରଫ

ମାଲକାନଗିରି,(ସବ୍ୟୁ) : ମାଓବାଦୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଉଥିବା ଯୋଗାଣକାରୀ ଗିରଫ । ଛତିଶଗଡ ନାରାୟଣପୁର ଥାନା ଅଞ୍ଚଳରେ ମାଓ କାର୍ଯ୍ୟକଳାପ ରୋକିବା ପାଇଁ ଖୋଳତାଲ ଜାରି ରହିଥିବା ବେଳେ ମାଓ ସପ୍ଲାୟରଙ୍କୁ ଧରିଛନ୍ତି ଯବାନ ଓ ପୋଲିସର ମିଳିତ ଟିମ୍ । ମାଓବାଦୀଙ୍କୁ ବେଆଇନ ଅସ୍ତ୍ରଶସ୍ତ୍ର, କାର୍ଟ୍ରିଜ୍, ଗୁଳି ଏବଂ ଅନ୍ୟାନ୍ୟ ସାମଗ୍ରୀ ଯୋଗାଣ କରୁଥିବା ସନ୍ଦିଗ୍ଧ ବ୍ୟକ୍ତିମାନଙ୍କୁ ଗିରଫ ପାଇଁ ବହୁ ଦିନରୁ ଅଭିଯାନ ଜାରି ରହିଥିଲା । ନାରାୟଣପୁର ପୋଲିସ ନାକାବନ୍ଦୀ କରି କୁତୁଲ ରାସ୍ତାରୁ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖିଥିଲା । ପଚରାଉଚରା ସମୟରେ ଯୋଗାଣକାରୀର ନାଁ ପ୍ରକାଶ ସୋନି ବୋଲି କହିବା ସହ ତା ନିକଟରୁ ପ୍ରାୟ ୩ ମିଟର କର୍ଡେକ୍ସ ତାର, ବିଦ୍ୟୁତ୍ ତାର, ସ୍କାନର (ୱାକି ଟକି), ୨୦ ରାଉଣ୍ଡ ଗୁଳି, ୩ ଡିଟୋନେଟର ଜବତ କରାଯାଇଥିଲା । ଯାହାକୁ ମାଓବାଦୀମାନଙ୍କୁ ଯୋଗାଣ ପାଇଁ ରଖାଯାଇଥିଲା ବୋଲି ବ୍ୟକ୍ତି ଜଣକ ସ୍ୱୀକାର କରିଛନ୍ତି । ଏନେଇ ଏକ ମାମଲା ରୁଜୁ କରାଯାଇ ପ୍ରକାଶକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ୪୮କିଗ୍ରା ଗୋମାଂସ ଜବତ, ୫ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଧନୁପାଲି ଥାନା ପୋଲିସ ମୋତିଝରନ୍ ଅଞ୍ଚଳରେ ଚଢଉ କରି ୪୮କିଗ୍ରା ଗୋମାଂସ ଜବତ କରିଛି। ଏହି ଅଭିଯୋଗରେ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ମୋତିଝରନ୍‌ର ମହମ୍ମଦ ଇମ୍ତିଆଜ(୨୫), ମହମ୍ମଦ ନିଆଜ(୨୪), ମହମ୍ମଦ ସିରାଜ(୩୫), ମହମ୍ମଦ ନୂର ଆଲମ(୩୮) ଓ ମହମ୍ମଦ ଆଲମ ଗିର(୨୪)ବୋଲି ଜଣାପଡିଛି। ବେଆଇନ ଭାବେ ଗୋ ହତ୍ୟା କରି ଗୋମାଂସ ଗଚ୍ଛିତ ରଖିଥିବା ଅଭିଯୋଗରେ ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ସୁନା ଦୋକାନରୁ ଚୋରି, ୩ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ ଗଣେଶ ନଗର ଠାରେ ଥିବା ଏକ ସୁନା ଦୋକାନରୁ ଗହଣା ଚୋରି ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ଗଣେଶ ନଗର ନିବାସୀ ବିଷ୍ଣୁନାରାୟଣ ପୃଷ୍ଟିଙ୍କ ସୁନା ଦୋକାନରୁ ଗତ ୭ତାରିଖ ରାତିରେ କିଛି ଦୃବୃର୍ତ୍ତ ଦୋକାନର ସ୍କାଏଲାଇଟ୍ ଭାଙ୍ଗି ସୁନାଗହଣା ଚୋରି କରି ନେଇଥିଲେ। ଏନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ବେଳେ ଏହି ଘଟଣାରେ ବରପଡାର ଜିତେନ୍ ଓରାମ ଓ ଜୟରାମଙ୍କୁ ଗିରଫ କରିଛି। ଏଥିସହ ଜଣେ ନାବାଳକକୁ ମଧ୍ୟ ପୋଲିସ ହେପାଜତରେ ନେଇଥିଲା। ତେବେ ସେମାନଙ୍କ ଠାରୁ ଚୋରି ସାମଗ୍ରୀ ଉଦ୍ଧାର ହୋଇଛି।

# ଲକ୍ଷାଧିକ ଟଙ୍କାର ଖଇର କାଠ ସହ ମିନି ଟ୍ରକ୍ ଜବତ

ପଦ୍ମପୁର,(ସବ୍ୟୁ): ଚୋରା ଚାଲାଣ ହେଉଥିବା ଖଇର କାଠ ସହ ମିନି ଟ୍ରକକୁ ଜବତ କରିଛି ପଦ୍ମପୁର ବନବିଭାଗ । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପଦ୍ମପୁର ବନ ବିଭାଗ ପକ୍ଷରୁ ରେଂଜର ସୁଦାମ ଜଗଦଳାଙ୍କ ନିର୍ଦ୍ଦେଶ କ୍ରମେ ଗୋଟିଏ ଟିମ ଗାଇସିଲେଟ ଥାନା ଅନ୍ତର୍ଗତ ଭୋଇପାଲି ଗ୍ରାମ ନିକଟରେ ଚଢାଉ କରି ୨୨.୮୫ କ୍ୱିଣ୍ଟାଲ ଖଇର କାଠ ସହ ଏକ ଟାଟା ୪୦୭ ଟ୍ରକ୍ ନଂ (ଓ. ଆର୍. ୦୩-୭୨୧୧)କୁ ଜବତ କରିଥିଲା । ବନବିଭାଗ ଏନେଇ ଅଧିକ ତଦନ୍ତ ଜାରି ରଖିଛି । ଜବତ ଖଇର କାଠର ଆନୁମାନିକ ମୂଲ୍ୟ ଏକ ଲକ୍ଷ ୧୪ ହଜାର ଟଙ୍କା ହେବ ବୋଲି ପଦ୍ମପୁର ରେଞ୍ଜର ସୂଚନା ଦେଇଛନ୍ତି ।

# ମହିଳାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରି ଜେଲ ଗଲା ପ୍ରେମିକ

ରେଢ଼ାଖୋଲ,(ସବ୍ୟୁ): ଜଣେ ବିବାହିତା ମହିଳାର ଅଶ୍ଳୀଳ ଫଟୋ ଭାଇରାଲ କରି ଜଣେ ପୂର୍ବତନ ପ୍ରେମିକ ଗିରଫ ହୋଇଥିବା ଜଣାପଡିଛି । ଗିରଫ ଯୁବକ ଜଣଙ୍କ ହେଲେ ରେଢ଼ାଖୋଲ ସହର ଯଦୁମଣିପାଟଣା ସାହିର ରୂପକ ପ୍ରଧାନ(୨୨)। ସୂଚନା ଯୋଗ୍ୟ ଯେ ରୂପକ ଉକ୍ତ ମହିଳାଙ୍କ ସହିତ ବିବାହ ପୂର୍ବରୁ ୮ ବର୍ଷ ଧରି ପ୍ରେମ ସମ୍ପର୍କ ରହିଥିଲା । ତେବେ ପ୍ରେମ ସମ୍ପର୍କ ବିଚ୍ଛିନ୍ନ ପରେ ଯୁବତୀ ଜଣଙ୍କ ରେଢ଼ାଖୋଲ ସହରର ଜଣେ ଯୁବକଙ୍କୁ ଗତ ଫେବୃଆରୀ ମାସରେ ବିବାହ କରିଥିଲେ। ପୂର୍ବରୁ ରୂପକ ଜୈନିକ ବିବାହିତ ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ ଏବଂ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଏବଂ ଭିଡିଓକୁ ନିଜ ମୋବାଇଲ ରଖିଥିଲେ । ଗତ ୪ ତାରିଖରେ ରୂପକ ପ୍ରଧାନ ବିବାହିତା ମହିଳାର ଅଶ୍ଳୀଳ ଫଟୋକୁ ପ୍ରେମିକାର ସ୍ୱାମୀଙ୍କ ମୋବାଇଲକୁ ପଠାଇ ଦେଇଥିଲେ। ତା ସହିତ ଅନ୍ୟ ସୋସିଆଲ ମିଡ଼ିଆରେ ଭାଇରାଲ କରି ଦେଇଥିଲେ। ଏହା ଜାଣିବା ପରେ ମହିଳାଙ୍କ ସ୍ୱାମୀ ଗତ ୭ ତାରିଖରେ ରେଢ଼ାଖୋଲ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ଏ ସଂକ୍ରାନ୍ତରେ ରେଢ଼ାଖୋଲ ପୋଲିସ କେସ ନଂ ୧୨୪/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ପ୍ରେମିକ ରୂପକ ପ୍ରଧାନକୁ ପୋକ୍ସୋ କୋର୍ଟକୁ ଚାଲାଣ କରାଯାଇଥିବା ରେଢ଼ାଖୋଲ ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂ ସୂଚନା ଦେଇଛନ୍ତି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦିଆଯାଇଛି ।

# ଆନ୍ଥ୍ରାକ୍ସ ପରିଚାଳନା ଉପରେ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ

କୋରାପୁଟ,(ସବ୍ୟୁ): କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲ ଲେକ୍ଚର ଥିଏଟର ଠାରେ ଆନ୍ଥ୍ରାକ୍ସ ପରିଚାଳନା ଉପରେ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ୱାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଆଞ୍ଚଳିକ ଚିକିତ୍ସା ଅନୁସନ୍ଧାନ କେନ୍ଦ୍ର ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ କଲେଜର ଡିନ ପ୍ରଫେସର ଡାକ୍ତର ସୁଶାନ୍ତ କୁମାର ସାହୁ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆଇଏଏସ ପ୍ରୋବେସାନେରୀ ସନ୍ତୋଷ କୁମାର ପାତ୍ର,ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଲକ୍ଷ୍ମୀଧର ବେହେରା, ଏଡିପିଏଚଓ ଡାକ୍ତର ଶିବ ସାଇ ସ୍ୱରୂପ, ଆଞ୍ଚଳିକ ଚିକିତ୍ସା ଅନୁସନ୍ଧାନ କେନ୍ଦ୍ରର ବୈଜ୍ଞାନିକ ଡ. ଦେବଦତ୍ତ ଭଟ୍ଟାଚାର୍ଯ୍ୟ, ଏମଏସ ସ୍ୱାମୀନାଥାନ ଗବେଷଣା ପ୍ରତିଷ୍ଠାନର ଡ. ପ୍ରଶାନ୍ତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ,ପ୍ରାଣୀ ଏବଂ ବନ ବିଭାଗର ମିଳିତ ସହଯୋଗରେ ଆନ୍ଥ୍ରାକ୍ସ ମୁକ୍ତ କରାଯାଇପାରିବ ବୋଲି ଜିଲ୍ଲାପାଳ କହିଛନ୍ତି। କୋରାପୁଟ ଜିଲ୍ଲାରେ ଶତ ପ୍ରତିଶତ ଆନ୍ଥ୍ରାକ୍ସ ଟୀକାକରଣ ମାଗଣାରେ କରାଯାଇଥିବା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଲକ୍ଷ୍ମୀଧର ବେହେରା କହିଛନ୍ତି। ଗୃହପାଳିତ ପ୍ରାଣୀଙ୍କୁ ଆନ୍ଥ୍ରାକ୍ସ ଲକ୍ଷଣ ଦେଖାଦେଲେ ତୁରନ୍ତ ନିକଟସ୍ଥ ଏଲଆଇଙ୍କୁ ଅବଗତ କରାଇବାକୁ ସମସ୍ତ ଚାଷୀ ମାନଙ୍କୁ ସଚେତନ କରାଯାଇଥିବା ସେ କହିଛନ୍ତି। କୌଣସି ପ୍ରାଣୀ ମୃତ୍ୟୁବରଣ କଲେ ତାହାର ମାଂସ ନ ଖାଇ ତୁରନ୍ତ ମାଟିରେ ପୋତି ଦେବାକୁ ମଧ ସଚେତନ କରାଯାଇଥିବା ସେ କହିଛନ୍ତି। କୋରାପୁଟ ଜିଲ୍ଲାର ଦଶମନ୍ତପୁର, ଲକ୍ଷ୍ମୀପୁର, ଲମତାପୁଟ,କୋରାପୁଟ, ନନ୍ଦପୁର ଓ ବୈପାରିଗୁଡା ବ୍ଲକର ଚାଷୀ ମାନଙ୍କୁ ଆନ୍ଥ୍ରାକ୍ସ ରୋଗ ସଂପର୍କରେ ସଚେତନ କରାଯାଇଥିବା ସେ କହିଛନ୍ତି। ଏହି ତାଲିମ କାର୍ଯ୍ୟକ୍ରମରେ କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲର ଆସୋସିଏଟ ପ୍ରଫେସର ଡାକ୍ତର ସୁଚିତ୍ରା ରାଣୀ ହାଲଦାର ୱାନ ହେଲଥ ଉପାୟ ପରିଚାଳନାକୁ ନେଇ ତାଲିମ ପ୍ରଦାନ କରିଥିବା ବେଳେ ପୂର୍ବତନ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅରୁଣ କୁମାର ପାଢୀ ଆନ୍ଥ୍ରାକ୍ସ ହେଲେ କଣ କଣ ପ୍ରସ୍ତୁତି କରିବାକୁ ପଡ଼ିବ ତାହାକୁ ନେଇ ତାଲିମ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡାକ୍ତର ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଡାକ୍ତର ସୌରଭ ମହାନ୍ତି, ଡାକ୍ତର ସୁଦର୍ଶନ ସାହୁ ଓ ଡାକ୍ତର ରମେଶ କୁମାର ବିଶ୍ୱାଳ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଆଞ୍ଚଳିକ ଚିକିତ୍ସା ଅନୁସନ୍ଧାନ କେନ୍ଦ୍ରର ନିର୍ଦ୍ଦେଶକ ଡାକ୍ତର ସଂଘମିତ୍ରା ପତି ଭିଡିଓ କନଫରେନ୍ସ ମାଧ୍ୟମରେ ମାନବ ଆନ୍ଥ୍ରାକ୍ସ ବିଲୋପ ପାଇଁ ୱାନ ହେଲଥ ଉପାୟ ସମ୍ପର୍କରେ ଆଲୋକପାତ କରିବା ସହ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ପ୍ରଶାସନର ସହଯୋଗ କରିଥିବା ଯୋଗୁଁ ଧନ୍ୟବାଦ ଜଣାଇଥିଲେ। କୋରାପୁଟ ୱାନ ହେଲଥ କାର୍ଯ୍ୟକ୍ରମର ବୈଜ୍ଞାନିକ ଡ.ଅମୀୟ ରଞ୍ଜନ ମହନ୍ତ, ଗବେଷଣା ସହାୟକ ସେକ ତାହିର, ଡ.ଅନୁ ସେନାପତି ଓ ବୀରେନ ପାଢୀ ଏବଂ ଡିଇଓ ପାର୍ଥ ସାରଥି ପାତ୍ର ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

# ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ବଙ୍ଗୋମୁଣ୍ଡା,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକରେ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ବିଡ଼ିଓ ବାସନ୍ତୀ ସେଠି,ସମ୍ମାନିତ ଅଧକ୍ଷା ରଞ୍ଜୁବାଳା ବେହେରା,ଉପାଧକ୍ଷ କେଶବ ନାରାୟଣ ଜୈନ,ସାଂସଦଙ୍କ ବଙ୍ଗୋମୁଣ୍ଡା ବ୍ଲକ ପ୍ରତିନିଧି ଅନିଲ ନାଏକ,ବିଧାୟକଙ୍କ ବଙ୍ଗୋମୁଣ୍ଡା ବ୍ଲକ ପ୍ରତିନିଧି ଯୌବନ ବାଗ,ସିଡିପିଓ ମାଧୁରୀ ହୋତା ପ୍ରମୁଖ ଯୋଗ ଦେଇଥିଲେ। ବିପିଏମ ସତ୍ୟପ୍ରିୟ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିପିସି ପିତାମ୍ବର ବାଗ,ବିଏଲସି ଜଗନ୍ନାଥ ପୁଟେଲଙ୍କ ସହ ଏମବିକେ, ସିଆରପି ଉପସ୍ଥିତ ଥିଲେ। ବ୍ଲକର ବିଭିନ୍ନ ଏସଏଚଜିର ସଦସ୍ୟା ଯୋଗଦେଇ ନିଜ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ପ୍ରଦର୍ଶିତ କରିଥିଲେ । କୃତୀ ପ୍ରତିଯୋଗିଙ୍କୁ ଜିଲାସ୍ତରୀୟ ଖାଦ୍ୟ ମେଳାକୁ ମନୋନୀତ କରାଯାଇଥିଲା ।

# କ୍ଷତିପୂରଣ ପାଇବାରୁ ବଞ୍ଚିତ ଚାଷୀଙ୍କୁ କ୍ଷତିପୂରଣ ଦାବି

ବରଗଡ଼ ,(ସବ୍ୟୁ): ସଂଯୁକ୍ତ କୃଷକ ସଂଗଠନ ବରପାଲି ପକ୍ଷରୁ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ପୁନଃ ବିଚାର କରି କ୍ଷତିପୂରଣ ଦେବା ପାଇଁ ଦାବିପତ୍ର ଦେଇଛନ୍ତି । ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଚଳିତ ରବି ଋତୁ ମଇ ମାସରେ କାଳ ବୈଶାଖୀ ଲଘୁଚାପ ଜନିତ ଅଦିନିଆଁ ବର୍ଷା ଏବଂ ମୌସୁମୀ କାରଣରୁ ବରଗଡ଼ ଜିଲ୍ଲାରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। ଆମେ ସଂଗଠନ ତରଫରୁ ସେହି ସମୟରେ କ୍ଷୟକ୍ଷତି ଆକଳନ କରିବା ପାଇଁ ଲିଖିତ ଭାବେ ଆପଣଙ୍କୁ ଲଣାଇଥିଲୁ। ସ୍ଥାନୀୟ ଅଧିକାରୀ ମାନେ ମଧ କ୍ଷେତ୍ର ପରିଦର୍ଶନ ରିପୋର୍ଟ ଦେଇଛନ୍ତି। ହେଲେ ଗତ କିଛି ଦିନ ତଳେ ରାଜ୍ୟ ସରକାରଙ୍କ ତରଫରୁ ମଇ ୨୩ ରୁ ୩୦ ପର୍ଯ୍ୟନ୍ତ ହୋଇଥିବା ଅଣମୌସୁମୀ ବର୍ଷା ଯୋଗୁଁ ୩୩ ପ୍ରତିଶତ ଅଧିକ ଫସଲ ନଷ୍ଟ ହୋଇଥିବା କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କୃଷି ଇନପୁଟ ସବସିଡି ବଣ୍ଟନ ପାଇଁ ବରଗଡ଼ ଜିଲ୍ଲାକୁ ୭,୫୫,୪୪,୮୫୫ ଟଙ୍କା ମିଳିଥିବା ସୂଚନା ଅଛି। ହେଲେ ବରପାଲି ବ୍ଲକ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଛନ୍ତି। ପ୍ରକାଶ ଥାଉକି ଗତ ମଇ ମାସରେ ବରଗଡ଼ ଜିଲ୍ଲାରେ ରେ ୧୨୨ ମିଲି ମିଟର ବର୍ଷା ଏବଂ ବରଗଡ଼ ବ୍ଲକରେ ୧୦୨ ମିଲି ମିଟର, ଅତାବିରା ବ୍ଲକରେ ୬୭ ମିଲି ମିଟର, ବରପାଲି ବ୍ଲକରେ ୫୨ ମିଲି ମିଟର ବର୍ଷା ଗୋଟିଏ ଦିନରେ ହୋଇଥିଲା। ହେଲେ ପଦ୍ମପୁର , ଗାଇସିଲଟ, ଅମ୍ବାଭାନା, ବିଜେପୁର ଏବଂ ବରପାଲି ବ୍ଲକ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଛନ୍ତି। ଜିଲ୍ଲାର ସର୍ବାଧିକ କ୍ଷତିପୂରଣ ଭେଡେନ ବ୍ଲକ ୨୫୮୪ ହେକ୍ଟର, ଅତାବିରା ୮୫୭ ,ବରଗଡ଼ ୫୫୫,ଝାରବନ୍ଧ ୨୯୩,ଭଟଲି ୨୫୭,ସୋହେଲା ୧୪ ପାଇକମାଳ ୧.୯୧ ହେକ୍ଟର ମୋଟ ୪୩୦୯ ହେକ୍ଟର ଜମିର କ୍ଷତିପୂରଣ ପାଇଥିବା ବେଳେ ବରପାଲି ବ୍ଲକ ର ଚାଷୀମାନେ କାହିଁକି ଓ କିପରି ଭାବରେ କ୍ଷତିପୂରଣ ପାଇବାରୁ ବଞ୍ଚିତ ହେଲୁ ବୋଲି ପ୍ରଶ୍ନ କରିଛନ୍ତି। କାର୍ଯ୍ୟକ୍ରମରେ ସଂଗଠନ ସଭାପତି ତପନ ମିଶ୍ର, ସଭାପତି କାରଣ ସାହୁ, ଟେକରାଜ ପଧାନ, ଟିକେଶ୍ୱର ଦେହେରୀ, ସୁରେଶ ବିଶି, ଯୋଗେଶ ବିଶି ଏବଂ ରମେଶ ମହାପାତ୍ର ଓ ସୁରେଶ ନିକେଣ୍ଟି ସାମିଲ ହୋଇଥିଲେ।

# ଛତୁ ଫୁଟିଲା ଭଳି ଖୋଲିଚାଲିଛି ଅର୍ଥ ଲଗାଣକାରୀ ସଂସ୍ଥା, ପ୍ରଶାସନର ଅଙ୍କୁଶ ନାହିଁ

ବୌଦ୍ଧ,(ସବ୍ୟୁ): ବୌଦ୍ଧଜିଲ୍ଲାରେ ଛତୁ ପୁଟିଲା ବଳି ଖୋଲି ଚାଲିଛନ୍ତି ଘରୋଇ ଅର୍ଥ ଲଗାଣ କାରି ସଂସ୍ଥା । ଏହି ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାଗୁଡିକ ଜିଲ୍ଲାରେ ସେମାନଙ୍କ କାର୍ଯ୍ୟାଳୟ ଖୋଲି ସ୍ୱଂୟ ସହାୟିକା ଗୋଷ୍ଠୀର ସଦସ୍ୟା ମାନଙ୍କୁ ଋଣ ପ୍ରଦାନ କରୁଛନ୍ତି । ଗୋଷ୍ଠୀମାନଙ୍କୁ ଋଣ ଦେଇ ଅଧିକ ସୁଧ ଆଦାୟ କରୁଥିବାର ଅଭିଯୋଗ ହେଉଛି । ଏପରିକି ବିଭିନ୍ନ ସମୟରେ ଅନେକ ସଂସ୍ଥାର କର୍ମଚାରୀମାନେ ଗୋଷ୍ଠୀମାନଙ୍କୁ ବ୍ୟବସାୟ କରାଇବା ନାମରେ ମେସିନ ଓ ଅନ୍ୟାନ ଉପକରଣ କିଣିବାକୁ ଋଣ କରାଇ ଦେବାକୁ କହି ସେମାନଙ୍କ ଠାରୁ ଋଣ ଅର୍ଥନେଇ ଫେରାର ହୋଇଯାଉନ୍ତି । କିମ୍ବା କର୍ମଚାରୀମାନେ ଋଣ ଟଙ୍କା ଅସୁଲ କରିବାକୁ ଆସି ଋଣ ଟଙ୍କା ସଂସ୍ଥାରେ ନ ବାନ୍ଧି ଫେରାର ହୋଇଯାଉଛନ୍ତି । ଏନେଇ ବିଭିନ୍ନ ସମୟରେ ଗୋଷ୍ଠୀର ସଦସ୍ୟାମାନେ ଥାନାର ଦ୍ୱାରସ୍ଥ ହେଉଛନ୍ତି । ଏପରିକି ଋଣ ନେଇଥିବା ଗୃପର ସଦସ୍ୟାମାନେ ଠିକ ସମୟରେ ଯଦି କିସ୍ତି ଟଙ୍କା ପୈଠ କରିନ ପାରନ୍ତି । ତାହାହେଲେ ସଂସ୍ଥାର କର୍ମଚାରୀମାନେ ସେମାନଙ୍କୁ ବିଭିନ୍ନ ସମୟରେ ଅପମାନିତ କରୁଥିବାର ଦେଖିବାକୁ ମିଳୁଛି । ଜିଲ୍ଲାରେ ୩୫ରୁ ଉର୍ଦ୍ଧ୍ୱ ଘରୋଇ ଅର୍ଥ ଲଗାଣ କାରି ସଂସ୍ଥା କାର୍ଯ୍ୟକରୁଛନ୍ତି । ସେଥିମଧ୍ୟରୁ ଅନେକ ସଂସ୍ଥା ଆରବିଆଇ ନିୟମର ଖୋଲାଖୋଲି ଉଲ୍ଲଙ୍ଘନ କରାଯାଉଥିବାର ଅଭିଯୋଗ ହେଉଛି । ଏଭଳି ଘଟଣା ବୌଦ୍ଧ ଜିଲ୍ଲାରେ ଅନେକ ନଜିର ରହିଥିବା ବେଳେ ଏହି ଅର୍ଥ ଲଗାଣକାରୀ ସଂସ୍ଥା ଉପରେ ପ୍ରଶାସନର ଅଙ୍କୁଶ ନ ଲାଗିବା ଫଳରେ ସେମାନେ ବିନାଦ୍ୱିଧାରେ ଜିଲ୍ଲାରେ ସେମାନଙ୍କ ବ୍ୟବସାୟ ନାମରେ ଶୋଷଣ କରୁଥିବାର ଅଭିଯୋଗ ହେଉଛି ।

ସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ, ସଶକ୍ତି କରଣ କରିବା ଓ ଆର୍ଥିକ ସ୍ୱଚ୍ଛଳ ପାଇଁ ବିଭିନ୍ନ ଯୋଜନା କରିଛନ୍ତି । ମିଶନ ଶକ୍ତି ମାଧମରେ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିଯିବା ସହିତ ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ପାଇଁ ଉଦ୍ୟମ ଜାରି ରଖିଛନ୍ତି । ଏପରିକି ସ୍ୱଂୟ ସହାୟିକା ଗୋଷ୍ଠୀମାନଙ୍କୁ ଆର୍ଥିକ ସହଯୋଗ ଯୋଗାଇ ଦେବା ସହିତ ବିନା ସୁଧରେ ଋଣ ମଧ ପ୍ରଦାନ କରାଯାଉଛି । ହେଲେ ସରକାର ଏସଏଚଜିଙ୍କୁ ଏତେ ସୁବିଧା ସୁଯୋଗ ଯୋଗାଇ ଦେଉଥିଲେ ମଧ ପ୍ରଶାସନିକସ୍ତରରେ ସଚେତନତା ଅଭାବ ଯୋଗୁଁ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନା ସମ୍ପର୍କରେ ଅନେକ ଏସଏଚଜି ଜାଣିପାରୁନାହାନ୍ତି । ଘରୋଇ ଫାଇନାନ୍ସ ସଂସ୍ଥା ମାଧରେ ଋଣ ଆଣିଲେ ତାହା ସହଜ ହୋଇଥିଲା ବେଳେ ସରକାରୀ ମାଧ୍ୟମରେ ବ୍ୟାଙ୍କରୁ ଋଣ ଆଣିବାକୁ ଗଲେ ଅନେକ ନିତି ନିୟମ ରହିଥିବାରୁ ଏସଏଚଜିର ସଦସ୍ୟାମାନେ ଘରୋଇ ସଂସ୍ଥା ମାଧମରେ ଋଣ ଆଣିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ଫଳରେ ସେମାନେ ଘରୋଇ ଅର୍ଥଲଗାଣକାରୀ ସଂସ୍ଥା ଠାରୁ ଋଣ କରି ହଇରାଣ ହରକତ ହେଉଛନ୍ତି । ସରକାରୀ ଭାବରେ ଜିଲ୍ଲାରେ ପ୍ରାୟ ୭୫ ହଜାରରୁ ଉର୍ଦ୍ଧ୍ୱ ସ୍ୱଂୟ ସହାୟିକା ରହିଛନ୍ତି । ସେମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସହିତ ଜଡିତ କରାଯାଇ ସ୍ୱାବଲମ୍ବୀ କରାଇବାକୁ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଉଛି । ତଥାପି ଅନେକ ସ୍ଥାନରେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାମାନଙ୍କ ଠାରୁ ଋଣ ଆଣି ହଇରାଣ ହରକତ ହେଉଛନ୍ତି । ଜିଲ୍ଲାର ତିନି ବ୍ଲକ ଓ ଗୋଟିଏ ଏନଏସିରେ ୭୬୫୯ ରୁ ଉର୍ଦ୍ଧ୍ୱ ଏସଏଚଜି ଅଛନ୍ତି । ସେଥିମଧ୍ୟରୁ ବୌଦ୍ଧ ବ୍ଲକ ଓ ଏନଏସିରେ ୩୧୦୯ରୁ ଉର୍ଦ୍ଧ୍ୱ ଗୋଷ୍ଠି ରହିଥିବା ବେଳେ ହରଭଙ୍ଗା ବ୍ଲକରେ ୨୧୮୫ ରୁ ଉର୍ଦ୍ଧ୍ୱ ଗୋଷ୍ଠୀ ରହଛନ୍ତି । କଣ୍ଟାମାଳ ବ୍ଲକରେ ୨୩୬୫ ଉର୍ଦ୍ଧ୍ୱ ଗୋଷ୍ଠୀ ଅଛନ୍ତି । ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାର ବର୍ତ୍ତମାନ ଲକ୍ଷପତି ଦିଦିଙ୍କୁ ଋଣ ପ୍ରଦାନ ସହିତ ଅନେକ ସୁବିଧା ସୁଯୋଗ ଦେବାର ଯୋଜନା ଆରମ୍ଭ କରିଛନ୍ତି । ଏପରିକି କେତେକ ସଂସ୍ଥା ସ୍ୱଂୟ ସହାୟିକା ଗୋଷ୍ଠୀଙ୍କୁ ମେସିନ ଯୋଗାଇ ଦେବା ନାମରେ ସେମାନଙ୍କ ନାମରେ ଋଣ କରାଯାଇ ସଂସ୍ଥାର କର୍ମଚାରୀ ଋଣ ଅର୍ଥନେଇ ଫେରାର ହୋଇଥିବାର ଥାନା ମାନଙ୍କରେ ଅଭିଯୋଗ ହୋଇଛି । ସେହିପରି ସଂସ୍ଥାର କେତେଜଣ କର୍ମଚାରୀ ଋଣ ଅର୍ଥ ଆଦାୟ କରି ସଂସ୍ଥାରେ ନ ବାନ୍ଧି ଫେରାର ହୋଇଯାଇଥିଲେ ଯାହାଫଳରେ କମ୍ପାନୀ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା । ଜିଲ୍ଲାରେ ଋଣ ନାମରେ ଶୋଷଣ କରୁଥିବା ଓ ସରକାରୀ ନିୟମର ଉଲ୍ଲଙ୍ଘନ କରୁଥିବା ଏହି ଘରୋଇ ଅର୍ଥଲଗାଣକାରୀ ସଂସ୍ଥା ଉପରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି ।

# ରୋଗୀଙ୍କ ରୋଗ ଉପଶମ କରୁଛନ୍ତି ବୈଦ୍ୟରାଜ ଗଜେନ୍ଦ୍ର



ବରଗଡ଼,(ସବ୍ୟୁ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଭୁକ୍ତା ଗ୍ରାମରୁ ମାତ୍ର ୨୫ କିଲୋମିଟର ଦୂରରେ ଉପସ୍ଥିତ ଛତିଶଗଡ଼ ରାଜ୍ୟ ରାୟଗଡ଼ ଜିଲ୍ଲା ପୁସୋର ବ୍ଲକ ଅନ୍ତର୍ଗତ ବଘାଡୁଲା ଗ୍ରାମର ବୈଦ୍ୟରାଜ ଗଜେନ୍ଦ୍ର ମାଲି । ଜଣେ ବିଚକ୍ଷଣ ବୈଦ୍ୟ ଭାବରେ ଛତିଶଗଡ ଓ ଓଡ଼ିଶାର ସୀମାବର୍ତ୍ତୀ ଗ୍ରାମ ଗୁଡ଼ିକରେ ଶ୍ରୀ ମାଲି ରୋଗୀଙ୍କ ବିଭିନ୍ନ ରୋଗ ଉପଶମ କରିବାରେ ବେଶ ସୁନାମ ଅର୍ଜନ କରିଛନ୍ତି। ଶ୍ରୀ ମାଲି ଚର୍ବି ଜନିତ ମୋଟାପା ରୋଗୀ, ଟାଇଫଏଡ ରୋଗୀ, ଆଣ୍ଠୁଗଣ୍ଠି ବାତ ଜନିତ ରୋଗୀ, ପାଇଲସ୍ ରୋଗୀ, ଅମ୍ଳପିତ୍ତ ରୋଗୀ, ସିକଲିନ ରୋଗୀ, ଷ୍ଟୋନ ବା ପଥରି ରୋଗୀ ତାଙ୍କ ଔଷଧରେ ଠିକ୍ ହେଉଥିବା ସ୍ଥାନୀୟ ଅଧିବାସୀ ମାନଙ୍କ ଠାରୁ ସୂଚନା ମିଳେ। ତାଙ୍କୁ ଆମ ପ୍ରତିନିଧି ସାକ୍ଷାତ କରି ଉପରୋକ୍ତ ସମସ୍ତ ରୋଗର ଚିକିତ୍ସା ବାବଦରେ ଆଲୋଚନା କରିବା ସହ , ସେ କେବେଠାରୁ ଏହି ଚିକିତ୍ସା ଆରମ୍ଭ କରିଛନ୍ତି ବୋଲି ପ୍ରଶ୍ନ କରିଥିଲେ । ଶ୍ରୀ ମାଲି କହିଥିଲେ ଯେ ତାଙ୍କର ଚାରିଟି ପିଢ଼ି ଏଭଳି ରୋଗୀ ସେବାରେ ଲାଗିଥିଲେ ଓ ସେ ନିଜେ ,ତାଙ୍କର ଭାଇ ମଧ ରୋଗୀ ସେବାରେ ଲାଗିଛନ୍ତି। ଏହା ସେ ତାଙ୍କ ଅଜା ଓ ବାପାଙ୍କ ଠାରୁ ଶିକ୍ଷା ପାଇଥିବା ବେଳେ ନିଜ ପୁଅକୁ ମଧ ସେ ତାଙ୍କ ନିଜ ସାଙ୍ଗରେ ନିୟୋଜିତ କରି ଆୟୁର୍ବେଦିକ ଚିକିତ୍ସା ଶିକ୍ଷା ପ୍ରଦାନ କରିଛନ୍ତି। ପାଠ କମ ପଢ଼ିଥିଲେ ମଧ୍ୟ ଶ୍ରୀ ମାଲି ନିଜର ପୁର୍ବଜଙ୍କ ଠାରୁ ପାଇଥିବା ଶିକ୍ଷା ଓ ନିଜର ଅଧବସାୟ ଫଳରେ ଆଜି ତାଙ୍କର ଚିକିତ୍ସା ଯୋଗୁଁ ବେଶ୍ ସଫଳତା ଓ ସୁନାମ ଲାଭ କରି ପାରିଛନ୍ତି। ଶ୍ରୀ ମାଲି ନିଜର ପାରିବାରିକ ପରମ୍ପରାକୁ କେବଳ ରକ୍ଷା କରି ଜନ ସାଧାରଣଙ୍କୁ ସେବା ଯୋଗାଇ ଦେଉଛନ୍ତି । ସେ ଏହାକୁ ପେଶା ଭାବରେ ଗ୍ରହଣ ନ କରି ଜନତାଙ୍କ ସେବା କରିବାର ଏକ ନିଶା ଭାବରେ ଗ୍ରହଣ କରୁଛନ୍ତି । ଏହାର ମାଧ୍ୟମରେ ତାଙ୍କର ଅର୍ଥ ଉପାର୍ଜନର ଲକ୍ଷ୍ୟ ନୁହଁ ବରଂ ଜନ ସାଧାରଣଙ୍କୁ ସେବା ଯୋଗାଇବାରେ ଯେଉଁ ଆନନ୍ଦ ମିଳିଥାଏ ,ତାହା ତାଙ୍କର ପୁଞ୍ଜି ବୋଲି କହିଛନ୍ତି।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୬/୧୩)
–ଦୈବାସୁରସମ୍ପଦ୍‌ବିଭାଗ–
(ଶ୍ରୀଭଗବାନୁବାଚ)

**ଇଦମଦ୍ୟ ମୟା ଲବ୍ଧମିମଂ ପ୍ରାପ୍‌ସ୍ୟେ ମନୋରଥମ୍ ।**
**ଇଦମସ୍ତୀଦମପି ମେ ଭବିଷ୍ୟତି ପୁନର୍ଦ୍ଧନମ୍ ।।୧୩।।**

ମୁଁ ଆଜି ଏହି ଦ୍ରବ୍ୟ ପାଇଲି, ଏହି ବାଞ୍ଛିତ ଦ୍ରବ୍ୟ ଶୀଘ୍ର ପାଇବି, ଏହି ଧନ ମୋର ଅଛି, ଏହା ପୁଣି ବର୍ଦ୍ଧିତ ହେବ, ମୁଁ ଏହି ଶତ୍ରୁକୁ ମାରିଲି, ଅନ୍ୟ ଶତ୍ରୁମାନଙ୍କୁ ମଧ୍ୟ ପରେ ମାରିବି, ମୁଁ ସର୍ବଶକ୍ତିମାନ୍, ମୁଁ ଭୋଗୀ, ମୁଁ ସିଦ୍ଧିଲାଭ କରିଛି, ମୁଁ ବଳବାନ୍ ଓ ସୁଖୀ ଅଟେ, ମୁଁ ଧନଶାଳୀ, ମୁଁ କୁଳୀନ, ମୋ'ପରି ଆଉ କିଏ ଅଛି ? ମୁଁ ଆଉ ଯାଗାଦି ଅନୁଷ୍ଠାନ କରି ଅନ୍ୟମାନଙ୍କ ଅପେକ୍ଷା ଅଧିକ ପ୍ରତିଷ୍ଠା ଲାଭ କରିବି, (ସ୍ତାବକମାନଙ୍କୁ) ଦାନ କରିବି, ଆମୋଦ ପ୍ରମୋଦ କରିବି–ଏହିପରି ଅଜ୍ଞାନ ବିମୋହିତ ହୋଇ ସେମାନେ ବିବିଧ ଅଭିଳଷିତ ବିଷୟରେ ପ୍ରବୃତ୍ତିବଶତଃ ଉଦ୍‌ଭ୍ରାନ୍ତ ଓ ମୋହଜାଲଦ୍ୱାରା ସମ୍ପୂର୍ଣ୍ଣ ବେଷ୍ଟିତ ଏବଂ କାମଭୋଗରେ ଆସକ୍ତ ହୋଇ ମହାକ୍ଲେଶମୟ ନରକରେ ପତିତ ହୁଅନ୍ତି ।। ୧୩।।

# କେନ୍ଦ୍ର ଶାସନର ଏଗାର ବର୍ଷ

ସମ୍ପାଦକୀୟ

ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ରର ଏନ୍.ଡି.ଏ. ବା ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ସରକାରଙ୍କ ଏଗାର ବର୍ଷ ପୂର୍ତ୍ତି ବିଭିନ୍ନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ମାତ୍ର ବିରୋଧୀ ଦଳର ଯାବତୀୟ ସମାଲୋଚନା କେନ୍ଦ୍ର ସରକାରଙ୍କ ଲୋକପ୍ରିୟତାକୁ ନିଷ୍ପ୍ରଭ କରି ପାରିନାହିଁ । ଏହା ହିଁ ବିଜେପି ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ବୈଶିଷ୍ଟ୍ୟ । ବିଗତ କଂଗ୍ରେସ ଶାସନର ଦଶବର୍ଷକୁ ଅତିକ୍ରମ କରି ଏବର ଏନ୍.ଡି.ଏ. ସରକାର ଏଗାର ବର୍ଷରେ ପହଞ୍ଚି ପାରିଛି । ଅଥଚ ତୁଳନା କଲେ ଏଗାର ବର୍ଷ ଏନ୍.ଡି.ଏ. ଶାସନର ଲୋକପ୍ରିୟତା ଓ କାର୍ଯ୍ୟଧାରା ଯେ ଅଧିକ ଏଥିରେ ସନ୍ଦେହ ନାହିଁ । 'ସବ୍ କା ସାଥ୍, ସବ୍‌କା ବିକାଶ ଓ ସବ୍‌କା ବିଶ୍ୱାସ'କୁ ପୁଞ୍ଜି କରି କେନ୍ଦ୍ର ସରକାର ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଛନ୍ତି ।

ଜମ୍ମୁ ଓ କାଶ୍ମୀର ଆମ ଭାରତର । ପାକିସ୍ତାନକୁ ତୁଷ୍ଟିକରଣ କରାଯିବା ନୀତିରେ ସେଠାରେ ଦୁଇ ପ୍ରକାରର ଶାସନ ଚାଲୁଥିଲା । ଭାରତର ଜାତୀୟ ପତାକା ସମେତ ସେମାନଙ୍କର ଆଉ ଏକ ପତାକା ସେଠାରେ ଉଡୁଥିଲା । ବିଗତ ସରକାରଙ୍କର ଏହି ଦୋ ମୁହାଁ ନୀତିକୁ ବନ୍ଦ କରି ଭାରତର ସାର୍ବଭୌମତ୍ୱର ବୈଶିଷ୍ଟ୍ୟ ପ୍ରତିପାଦନ କଲେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି । ଦୃଢ଼ତାର ସହିତ ସେ ସଂବିଧାନର ୩୭୦ ଧାରାକୁ ଉଚ୍ଛେଦ କରି ଜମ୍ମୁ ଓ କାଶ୍ମୀରକୁ ମିଳିଥିବା ସ୍ୱତନ୍ତ୍ର ସୁବିଧାକୁ ରଦ୍ଦ କଲେ । ଏହା କମ୍ ବଡ଼ କଥା ନୁହେଁ । ନିର୍ବିବାଦରେ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କରିବା, ଧର୍ମାନ୍ଧ କେତେକ ମୁସଲମାନଙ୍କ ତିନି ତଲାକ୍ ନୀତିର ଉଚ୍ଛେଦ କରିବା, ନାବାଳକଙ୍କୁ ବଳାତ୍କାର ଲାଗି ଦଣ୍ଡ ବିଧାନ କରିବା, ମହିଳାମାନଙ୍କ ପାଇଁ ସଂସଦ ଓ ବିଧାନସଭା ନିର୍ବାଚନରେ ସ୍ଥାନ ସଂରକ୍ଷଣ କରିବା, ନିର୍ବାଚନକୁ ଶୃଙ୍ଖଳିତ ଓ ଅପବ୍ୟୟରୁ ଉଦ୍ଧାର କରିବାକୁ 'ଏକ ଦେଶ, ଏକ ନିର୍ବାଚନ' ଲାଗି ଆଇନ ପ୍ରଣୟନ କରିବା, ପାକିସ୍ତାନର ଆତଙ୍କବାଦକୁ 'ଅପରେସନ ସିନ୍ଦୂର' ଜରିଆରେ ଦୃଢ଼ ହସ୍ତରେ ଦମନ କରି ଉଚିତ ଶିକ୍ଷା ଦେବା, ପଡ଼ୋଶୀ ଓ ବିଦେଶୀ ରାଷ୍ଟ୍ରମାନଙ୍କ ସହ ସୁସଂପର୍କ ରଖିବା ପ୍ରଭୃତି ବିଷୟର ପ୍ରଶଂସା ଯେତେ କଲେ ବି କମ୍ ହେବ । ଭାରତକୁ ଆତ୍ମନିର୍ଭର କରିବା ମଧ୍ୟ ଏନ୍.ଡି.ଏ. ସରକାରଙ୍କର ଆଉ ଏକ ସଦ୍‌ଗୁଣ । ଏବର ସବୁଠାରୁ ଅପରିହାର୍ଯ୍ୟ ପଦାର୍ଥ ମୋବାଇଲ ଫୋନ ଠାରୁ ଆରମ୍ଭ କରି ସ୍ୱଦେଶ ନିର୍ମିତ ଖେଳନା ପ୍ରଭୃତିରେ ଭାରତ ଆତ୍ମନିର୍ଭରଶୀଳ ହୋଇ ପାରିଛି । ଏବେ ମୋବାଇଲ ଫୋନ ରପ୍ତାନୀ କରି ଗତ ବର୍ଷ ଭାରତ ୨୦ ବିଲିଅନ ଡଲାର ହାସଲ କରି ପାରିଛି । ଏପରି ଆଶାତୀତ ସଫଳତା ଭାରତକୁ ଯେ ଆତ୍ମନିର୍ଭରଶୀଳ କରିପାରିଛି, ଏଥିରେ ସନ୍ଦେହ ନାହିଁ । ସେହିପରି ଭାରତରେ ଖେଳନା ଶିଳ୍ପର ବିକାଶ ପରିଲକ୍ଷିତ ହୋଇଛି । ଭାରତୀୟ ଖେଳନାକୁ ଏବେ ଶତାଧିକ ରାଷ୍ଟ୍ରକୁ ରପ୍ତାନୀ କରାଯାଇ ପାରୁଛି । ତାହାର ଆଦର ମଧ୍ୟ ବଢ଼ି ଚାଲିଛି ।

ଭାରତୀୟ ଅର୍ଥନୀତି ଏବେ ପ୍ରଶଂସନୀୟ ସ୍ଥାନରେ ଉପନୀତ ହୋଇପାରିଛି । ଜିଡିପି ହାରରେ ତୁଳନା କଲେ ସମଗ୍ର ବିଶ୍ୱରେ ଭାରତ ଚତୁର୍ଥ ସ୍ଥାନ ହାସଲ କରି, ଜାପାନକୁ ପଛରେ ପକାଇ ପାରିଛି । ଏବେ ଏହା ୭ ଦଶମିକ ୪ ପ୍ରତିଶତ ଅଭିବୃଦ୍ଧି ହାରରେ ବୋଲି ଆକଳନ କରାଯାଉଛି ଏବଂ କ୍ରୟ ଶକ୍ତି ବୃଦ୍ଧି ତୁଳନାରେ (ପି.ପି.ପି. ବା ପରଚେଜିଂ ପାୱାର ପାର୍ଟି) ମୁଣ୍ଡ ପିଛା ଆୟକୁ ଗୁରୁତ୍ୱ ଦେଲେ ଏହା ମଧ୍ୟ ବିଶ୍ୱରେ ତୃତୀୟ ସ୍ଥାନ ଅଧିକାର କରିପାରିଛି ।

ଭାରତ ଗତ ୧୯୪୭ ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନତା ହାସଲ କରିବା ପରେ ଏହାର ପଞ୍ଚସ୍ତରୀ ବର୍ଷକୁ ଇଂରେଜମାନଙ୍କ ଅନୁକରଣରେ ହୀରକ ଜୟନ୍ତୀ ଉତ୍ସବ ଭାବରେ ପାଳନ ନକରି ଭାରତ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଜୀଙ୍କ ଇଚ୍ଛାନୁଯାୟୀ 'ସ୍ୱାଧୀନତାର ଅମୃତ ମହୋତ୍ସବ' ପାଳନ କରିଥିଲା । ଏହା ପରେ ଭାରତ ୨୦୪୭ରେ ଯେତେବେଳେ ତାହାର ସ୍ୱାଧୀନତା ଶତବାର୍ଷିକରେ ପାଦ ଦେବ, ତା' ପୂର୍ବରୁ ଅମୃତ କାଳଖଣ୍ଡ ଦେଇ ଗତି କରିବ ଏବଂ ଶେଷରେ ବିକଶିତ ଭାରତରେ ପରିଣତ ହୋଇଥିବ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଏହି ନୀତି ଓ ଆଦର୍ଶକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଅନୁସରଣ କରିପାରିଲେ, ବର୍ଷକର ତାଙ୍କ ଶାସନ ମଧ୍ୟ ବିକଶିତ ଓଡ଼ିଶାର ଲକ୍ଷ୍ୟ ହାସଲ କରିବାକୁ ସମର୍ଥ ହୋଇ ପାରନ୍ତା ବୋଲି ଓଡ଼ିଶାବାସୀ ଆଶା ପ୍ରକାଶ କରୁଛନ୍ତି ।

**ସଙ୍କଳ୍ପ**
**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**
**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା



ଜୟଶ୍ରୀ ପଟ୍ଟନାୟକ

ଜ୍ୟେଷ୍ଠ ପୂର୍ଣ୍ଣିମାକୁ ଦେବସ୍ନାନ ପୂର୍ଣ୍ଣିମା କୁହାଯାଏ । ଏହିଦିନ ଜଗନ୍ନାଥଙ୍କର ସ୍ନାନଯାତ୍ରା ଅନୁଷ୍ଠିତ ହୁଏ । ସ୍ନାନଯାତ୍ରା ଓ ରଥଯାତ୍ରାରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଶ୍ରୀମନ୍ଦିରର ରତ୍ନ ସିଂହାସନରୁ ଓହ୍ଲାଇ ଆସି ଏହି ଯାତ୍ରାରେ ଅଂଶ ଗ୍ରହଣ କରନ୍ତି । ତେଣୁ ଏହି ଦୁଇ ଯାତ୍ରାକୁ ଜଗନ୍ନାଥଙ୍କର ସ୍ୱୟଂଲୀଳା ବୋଲି କୁହାଯାଏ । ଅନ୍ୟ ଯାତ୍ରାମାନଙ୍କରେ ଜଗନ୍ନାଥଙ୍କର ଚଳନ୍ତି ପ୍ରତିମା ମଦନମୋହନ ଅଂଶଗ୍ରହଣ କରନ୍ତି । ଶ୍ରୀକ୍ଷେତ୍ର ପୁରୀ ହେଉଛି ଏକ ମହାନ୍ ଐତିହାସିକ, ପୌରାଣିକ, ଦର୍ଶନୀୟ ତୀର୍ଥକ୍ଷେତ୍ର ଓ ଓଡ଼ିଆ ଜାତିର ମହାନ୍ ସାଂସ୍କୃତିକ ପୀଠ । ଏଠାରେ ବର୍ଷ ତମାମ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଅନୁଷ୍ଠିତ ହୁଏ ଦ୍ୱାଦଶ ଯାତ୍ରା ଏବଂ ଅନେକ ପର୍ବପର୍ବାଣି । ସେଠାରେ ଅନୁଷ୍ଠିତ ହେଉଥିବା ଯାତ୍ରାମାନଙ୍କ ମଧ୍ୟରୁ ସ୍ନାନଯାତ୍ରା, ରଥଯାତ୍ରା, ଚନ୍ଦନଯାତ୍ରା, ଦୋଳଯାତ୍ରା ଓ ଝୁଲଣ ଯାତ୍ରା ଆଦି ପ୍ରଧାନ । ଏହି ଯାତ୍ରାମାନଙ୍କ ମଧ୍ୟରୁ ସ୍ନାନଯାତ୍ରା ଓ ରଥଯାତ୍ରାରେ ସ୍ୱୟଂ ଦାରୁମୂର୍ତ୍ତିମାନେ ବିଜେ ହେଉଥିବାବେଳେ, ଅନ୍ୟାନ୍ୟ ଯାତ୍ରାରେ ଜିଉମାନଙ୍କର ଚଳନ୍ତି ପ୍ରତିମା ମଦନମୋହନ ବିଜେ କରନ୍ତି । ମାନବୀୟ ଲୀଳା କରିବା ନିମନ୍ତେ କଳିଯୁଗରେ ଶ୍ରୀକ୍ଷେତ୍ରରେ ବିରାଜିତ ମହାପ୍ରଭୁ ଶ୍ରୀଶ୍ରୀଜଗନ୍ନାଥଙ୍କର ଦୁଇଟି ଲୀଳା ହେଉଛି ମୁଖ୍ୟ । ତାହା ହେଲା ସ୍ନାନଯାତ୍ରା ଏବଂ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା । ଏହି ଦୁଇଟି ଯାତ୍ରାରେ ମହାପ୍ରଭୁ ସଶରୀରେ ଲୀଳାଖେଳା ଜନତା ଜନାର୍ଦ୍ଦନଙ୍କ ସହିତ କରନ୍ତି । ମନ୍ଦିରରୁ ବାହାରକୁ ଆସି ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି । ପତିତମାନଙ୍କୁ ଉଦ୍ଧାର କରିବା ପାଇଁ ଏହି ଦୁଇ ମହନୀୟ ଯାତ୍ରା ସ୍ୱୟଂ କରିଥାନ୍ତି । ବ୍ରହ୍ମ ପୁରାଣରେ ବର୍ଣ୍ଣିତ ଦ୍ୱାଦଶ ଯାତ୍ରାରେ ଦେବସ୍ନାନ ପୂର୍ଣ୍ଣିମାରେ ଏହି ସ୍ନାନଯାତ୍ରାକୁ ଦିବ୍ୟଯାତ୍ରା କୁହାଯାଇଛି । ତେଣୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ 'କୋଟି ବ୍ରହ୍ମାଣ୍ଡସୁନ୍ଦରୀ' କାବ୍ୟରେ ଏହି ଉକ୍ତି ଦ୍ୱାରା ସ୍ନାନଯାତ୍ରାର ମହତ୍ତ୍ୱ ପ୍ରତିପାଦନ କରିଛନ୍ତି ଯେ– 'ସ୍ନାନଗୁଣ୍ଡିଚା ଏ ବେନି ସ୍ୱୟଂ ଲୀଳା ଯାର– ପତିତପାବନ ଅର୍ଥେ ପ୍ରାସାଦୁଁ ବାହାର '। ସାରା ବିଶ୍ୱରୁ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ବୌଦ୍ଧ, ଜୈନ ଏବଂ ଶିଖ ଆଦି ଧର୍ମାବଲମ୍ବୀ ଭକ୍ତମାନେ ରଥଯାତ୍ରାକୁ ଦେଖିବାକୁ ଆସିଥାନ୍ତି ।

ସ୍ନାନଯାତ୍ରା ହେଉଛି ରଥଯାତ୍ରାର ଆଦ୍ୟପର୍ବ । ବର୍ଷର ସବୁ ସମୟରେ ମନ୍ତ୍ର ସ୍ନାନ ହୋଇଥାଏ । ପୁରାଣ ବର୍ଣ୍ଣିତ ଜ୍ୟେଷ୍ଠ ଶୁକ୍ଳ ପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କର ଆବିର୍ଭାବ ହୋଇଥିଲା । ମହାପ୍ରଭୁ ଦାରୁବ୍ରହ୍ମ ରୂପ ହେଲାପରେ ରାଜା ଇନ୍ଦ୍ରଦ୍ୟୁମ୍ନ ମଙ୍ଗଳମୟ ମୁହୂର୍ତ୍ତରେ ଆଦ୍ୟ ସ୍ନାନଲୀଳା କରାଇଥିଲେ । ମଞ୍ଚ ସ୍ନାନ ଏକ ଶାସ୍ତ୍ରୀୟ ଲୀଳା । ଜାତି, ଧର୍ମ, ବର୍ଣ୍ଣ ସବୁ ଧର୍ମର ଭକ୍ତମାନେ ଦର୍ଶନ କରିଥିବାରୁ ଏହାକୁ ପତିତପାବନ ଲୀଳା ମଧ୍ୟ କୁହାଯାଏ । ଏହିଦିନ ତିନି ଠାକୁର ସ୍ୱୟଂ ରତ୍ନବେଦୀରୁ ଓହ୍ଲାଇ ଆସନ୍ତି ସ୍ନାନବେଦୀକୁ । ଜ୍ୟେଷ୍ଠ ପୂର୍ଣ୍ଣିମାକୁ ଦେବସ୍ନାନ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ସ୍ନାନ ଗୁଣ୍ଡିଚା ଏ ବେନି ସ୍ୱୟଂ ଲୀଳା ଯାର ପତିତପାବନ ଅର୍ଥୁ ପ୍ରାସାଦୁ ବାହାର । ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଶ୍ରୀକ୍ଷେତ୍ରରେ ଚତୁର୍ଦ୍ଧା ମୂରତିଙ୍କର ସ୍ନାନଯାତ୍ରା ଅନୁଷ୍ଠିତ ହୁଏ । ଏଥି ନିମନ୍ତେ ଚତୁର୍ଦ୍ଦଶୀ ଦିନ ସକାଳ ଧୂପ ଦ୍ୱିପହର ଧୂପ ସମାପନ ପରେ ସ୍ୱଳ୍ପ ସମୟ ପହୁଡ ପରେ କୋଠ ସୁଆଁସିଆ ପ୍ରବେଶ କରନ୍ତି । ମହାପ୍ରଭୁଙ୍କର ପହଣ୍ଡି ଚାରମାଳ ବାନ୍ଧନ୍ତି । ସେନାପଟା ଓ ବାହୁଟି ଲାଗି ହୁଏ । ରତ୍ନ ସିଂହାସନ ଉପରେ ମଙ୍ଗଳାର୍ପଣ ହୁଏ । ପହଣ୍ଡି ବିଜେ ସମୟରେ ଠାକୁରମାନେ ସାତ ପାହାଚ ଉପରେ ଚୂଳ ଓ ଟାହିଆ ଲାଗି ହୁଅନ୍ତି ।

ଟାହିଆ ଲାଗି ହେବା ପରେ ଦ୍ୱିତୀୟ ମଙ୍ଗଳାର୍ପଣ ବନ୍ଦାପନା ଓ ରାଘବ ଦାସ ମଠରୁ ଆସିଥିବା ଘଷାଲାଗି ହୁଏ ପରେ ପନ୍ତି ଖାଇ ଠାକୁରମାନେ ହରିବୋଲ ହୁଳହୁଳି ଶବଦରେ ପହଣ୍ଡି ହୋଇ ଆସନ୍ତି ଆନନ୍ଦ ବଜାର ମଧ୍ୟରେ ଥିବା ସ୍ନାନ ମଣ୍ଡପକୁ । ପ୍ରଥମେ ଶ୍ରୀ ସୁଦର୍ଶନ ଶୂନ୍ୟ ପହଣ୍ଡିରେ ଆସନ୍ତି । ତା'ପରେ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କୁ ଧାଡି ପହଣ୍ଡିରେ ଅଣାଯାଏ ସ୍ନାନ ମଣ୍ଡପକୁ । ଏହି ମଣ୍ଡପଟି ଆନନ୍ଦବଜାର ପରିସରରେ ପୂର୍ବାଭିମୁଖୀ ହୋଇ ଅବସ୍ଥିତ । ଏହା ବଉଳମାଳା ପଥରରେ ନିର୍ମିତ ପ୍ରାୟ ୭୫ ଫୁଟ ଦୈର୍ଘ୍ୟ ଓ ପ୍ରସ୍ଥ ବିଶିଷ୍ଟ ଏକ ବର୍ଗାକାର କ୍ଷେତ୍ର ଅଟେ । ଏହାର ଉପରକୁ ଉଠିବା ପାଇଁ ଉଭୟ ଦିଗରେ ପାହାଚ ରହିଛି । ଏଥିରେ ଗୋଟିଏ ସିଂହାସନ ଓ ୩ ଟି ଚକା ସ୍ଥାପିତ ହୋଇଛି । ସ୍ନାନ ନିମନ୍ତେ ପୂର୍ଣ୍ଣିମାର ପୂର୍ବଦିନ ଚତୁର୍ଦ୍ଦଶୀ ରାତିରେ ସବୁ ତୀର୍ଥଜଳରୁ ଜଳ ମିଶି ଶ୍ରୀମନ୍ଦିରର ଉତ୍ତର ଦ୍ୱାରରେ ଶୀତଳା ଠାକୁରାଣୀଙ୍କ ସମ୍ମୁଖରେ ଥିବା ସୁନା କୂଅରୁ ୧୦୮ ଗରା ଜଳ ସୁନା ଗୋସାଇଁ ଓ ମୁଦିରସ୍ତ ସେବାୟତ ଆଣିଥାନ୍ତି । ସେହି ଜଳରେ କର୍ପୂର, ଚନ୍ଦନ ଓ କେଶରାଦି ତେରଟି ଦ୍ରବ୍ୟ ମିଶ୍ରିତ କରି ସଂସ୍କାର କରିଥାନ୍ତି । **ଆଧ୍ୟାତ୍ମିକ ପରିବେଶରେ ଭକ୍ତମାନଙ୍କ ଗହଣରେ ଜଗନ୍ନାଥଙ୍କୁ ୩୫ ଗରା, ବଳଭଦ୍ରଙ୍କୁ ୩୩ ଗରା, ସୁଭଦ୍ରାଙ୍କୁ ୨୨ ଗରା ଏବଂ ସୁଦର୍ଶନଙ୍କୁ ୧୮ ଗରା ଜଳ ଲାଗି ହୋଇ ସ୍ନାନ କରାଯାଏ । ଏହି ସ୍ନାନବେଳେ ସମୁଦ୍ର ଜ୍ୟେଷ୍ଠା ମନ୍ତ୍ର ଉଚ୍ଚାରଣ କରାଯାଏ ଯାହା ବରୁଣ ବା ଜଳଦେବତାଙ୍କ ଉଦ୍ଦେଶ୍ୟରେ ବୋଲାଯାଏ ।** ସ୍ନାନପରେ ଗଜପତି ମହାରାଜା ଛେରାପହଁରା କାର୍ଯ୍ୟ ଓ ବନ୍ଦାପନା କରି ପୁଷ୍ପାଞ୍ଜଳୀ ପ୍ରଦାନ କରିଥାନ୍ତି । ରାଘବ ଦାସ ମଠରୁ ସୁଭଦ୍ରାଙ୍କ ପାଇଁ ଫୁଲଚୂଳ ଚନ୍ଦ୍ରିକା ଛତ୍ରୀ ଲାଗି କରି ବେଶ କଲାପରେ ଗୋପାଳ ତୀର୍ଥ ମଠରୁ ପ୍ରଦତ୍ତ ଗଜାନନ ବେଶରେ ଭକ୍ତ ଗଣପତି ଭଟ୍ଟଙ୍କ ପାଇଁ ଠାକୁରମାନଙ୍କୁ ଗଣେଶ ବା ହାତୀବେଶ କରାଯାଏ । ଜଗନ୍ନାଥଙ୍କୁ କଳା ହାତୀ ରୂପରେ ଓ ବଳଭଦ୍ରଙ୍କୁ ଧଳାହାତୀ ରୂପରେ ବେଶ କରାଯାଏ । ଶ୍ରୀ ସୁଦର୍ଶନଙ୍କୁ ଚକ୍ର ଲାଗି କରାଯାଏ । କଳାହାତୀଙ୍କର ଦକ୍ଷିଣାବର୍ତ୍ତ ଶୁଣ୍ଢ ଓ ଧଳାହାତୀଙ୍କର ବାମାବର୍ତ୍ତ ଶୁଣ୍ଢ କରାଯାଏ । ତିନି ଧୂପ ବଦଳରେ ଗୋଟିଏ ଧୂପ ହୁଏ କିମ୍ବଦନ୍ତୀ ବା ଦାର୍ଢ୍ୟତା ଭକ୍ତି ପ୍ରମାଣରେ ଏହି ବେଶ ସପ୍ତଦଶ ଶତାବ୍ଦୀରେ ମହାରାଷ୍ଟ୍ରର ଭକ୍ତ ଗଣପତି ଭଟ୍ଟଙ୍କର ଶ୍ରୀକ୍ଷେତ୍ର ଆଗମନ ସମୟରୁ ବେଶ କରାଯାଉଅଛି । ଗଣପତି ଭଟ୍ଟ ଗଣପତି ଉପାସକ ଥିଲେ । ଗଣପତି ତାଙ୍କର ଇଷ୍ଟଦେବତା ଥିବାରୁ ସେ ଜଗନ୍ନାଥଙ୍କୁ ଏହିଦିନ ଗଣେଶ ରୂପରେ ଦେଖିବାକୁ ଚାହୁଁଥିଲେ । ପଞ୍ଚଦେବ ଉପାସନା ଅନୁସାରେ ଗଣେଶ ଅଗ୍ରପୂଜ୍ୟ ଦେବତା ଶ୍ରୀକ୍ଷେତ୍ରରେ ଭାଦ୍ରବ ଶୁକ୍ଳ ଚତୁର୍ଥୀରେ ଗଣେଶଙ୍କୁ ଉପାସନା କରାଯାଏ । ପୂର୍ଣ୍ଣିମାର ପୂର୍ବାହ୍ଣରେ ଜଗନ୍ନାଥଙ୍କୁ ସ୍ନାନବେଦୀରେ ଦର୍ଶନ କରି ତାଙ୍କର ଉପସ୍ଥିତ ଆରାଧ୍ୟ ଦେବତା ଗଣନାଥଙ୍କୁ ଦର୍ଶନ କରି ନ ପାରି ବିଷାଦ ମନରେ ଗଣପତି ଭଟ୍ଟ ଶ୍ରୀମନ୍ଦିରରୁ ବାହୁଡିଗଲେ । ଜଗନ୍ନାଥ ପୁନଃଦର୍ଶନ କରାଇବାର ସ୍ୱପ୍ନାଦେଶ ମୁଦିରଥଙ୍କୁ ଦେଲେ । ଭକ୍ତ ବତ୍ସଳ ଜଗନ୍ନାଥ ଭକ୍ତର ମନକଥା ଜାଣି ପାରିଥିବାରୁ ସେ ପ୍ରତ୍ୟାବର୍ତ୍ତନ କରି ସ୍ନାନବେଦୀ ଉପରେ ଜଗନ୍ନାଥଙ୍କୁ ଗଣେଶ ରୂପରେ ଦର୍ଶନ କରି ନିଜକୁ ଅତି ଭାଗ୍ୟବାନ ମନେକରି ଗଣପତି ଭଟ୍ଟ ପରଂବ୍ରହ୍ମ ଜଗନ୍ନାଥଙ୍କୁ ସ୍ତୁତି କଲେ । ସେହି ଦିନକୁ ମନେରଖିବା ପାଇଁ ପ୍ରତିବର୍ଷ ସ୍ନାନପୂର୍ଣ୍ଣିମା ଦିନ ଜଗନ୍ନାଥଙ୍କର ଗଜାନନ ବେଶ



ସ୍ନାନ ମଣ୍ଡପରେ ଅନୁଷ୍ଠିତ ହୁଏ । ଏହିଦିନ ଘଣ୍ଟା ଛତା ଭୋଗ ହୁଏ । ସକାଳ ଧୂପ ଅବଢ଼ା ଲାଗି ହୋଇଥାଏ । ସନ୍ଧ୍ୟାରେ ସର୍ବ ସାଧାରଣଙ୍କ ପାଇଁ ସ୍ନାନ ପୂର୍ଣ୍ଣିମା ସାହାଣମେଳା ଦର୍ଶନ ହୁଏ । ପ୍ରତିବର୍ଷ ରାଘବଦାସ ମଠରୁ ଶ୍ରୀଜଗନ୍ନାଥ ଓ ମା' ସୁଭଦ୍ରାଙ୍କ ପାଇଁ ବେଶ ପୋଷାକ ଆସିଥାଏ । ଶ୍ରୀବଳଭଦ୍ରଙ୍କ ବେଶ ପାଇଁ ଗୋପାଳତୀର୍ଥ ମଠ ପଠାଏ । ଜଳଲାଗି ସରିବା ପରେ ମଠ ଦ୍ୱୟରୁ ଆସିଥିବା ପୋଷାକ ପିନ୍ଧାଯାଏ । ମଠର ମହନ୍ତମାନଙ୍କୁ ମହାପାତ୍ର ମୁଣ୍ଡରେ ଶାଢ଼ୀ ଓ ଭଣ୍ଡାର ମେକାପ କପାଳରେ ଚନ୍ଦନ ଲଗାଯାଏ । ଠାକୁର ସ୍ନାନ ମଣ୍ଡପରୁ ଅଣସର ପିଣ୍ଡିକୁ ପହଣ୍ଡି ହେବା ସମୟରେ ଯେଉଁ ଦୂବ ଟାହିଆ ପିନ୍ଧାଯାଏ, ତାହା ମଧ୍ୟ ରାଘବଦାସ ମଠରୁ ଆସିଥାଏ । ରାତି୧୦ ଟାରେ ସେହି ହାତୀବେଶ କଢ଼ା ହେବା ପରେ ବାହୁଡି ଯିବାର ଗୋଟି ପହଣ୍ଡି ଆରମ୍ଭ ହୋଇଥାଏ ଏବଂ ମଧ୍ୟରାତ୍ରି ପରେ ମସ୍ତକରୁ ସୁନା ଚିତା ଓ ରାହୁରେଖା ବାହାର କରାଯିବା ପରେ କର୍ପୁର ଆଳତୀ କାର୍ଯ୍ୟ ସରିବାପରେ ଅଣସର ପିଣ୍ଡିକୁ ଠାକୁରମାନେ ବିଜେ କରିଥାନ୍ତି ଏବଂ ସେଠାରେ ଗୋଟିଏ ପକ୍ଷ ବିତାଇଥାନ୍ତି । ଅଣସର ନୀତି ପାଳନ ପରେ ନବଯୌବନ ବେଶ ଓ ନେତ୍ରୋତ୍ସବ ଶେଷ ହେବା ପରେ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ପୃଥିବୀ ପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରସ୍ତୁତ ହୁଅନ୍ତି ।

**ଗଙ୍ଗନଗର, ଭୁବନେଶ୍ୱର,**
**ମୋ–୭୯୭୮୧୧୦୪୭୪**

# ନାଟ୍ୟମହର୍ଷି ଗୁରୁ ଭଗବାନ ସାହୁ

ମନ୍ଦାକିନୀ ଶତପଥୀ

ନାଟ୍ୟମହର୍ଷି ଗୁରୁ ଭଗବାନ ସାହୁ ଥିଲେ ଏକାଧାରରେ ଜଣେ କବି,ଗୀତିକାର,ଲେଖକ, ନାଟ୍ୟକାର, ସଂଗୀତଜ୍ଞ,ନୃତ୍ୟଗୁରୁ, ଚିତ୍ରଶିଳ୍ପୀ, ସାହିତ୍ୟିକ,ସୁବକ୍ତା,ଅସାଧାରଣ କଣ୍ଠଶିଳ୍ପୀ ଓ ସମ୍ବଲପୁରୀ/କୋଶଲୀ ଇତିହାସର ଗବେଷକ । ଓଡ଼ିଶା ଇତିହାସରେ ଛଅଘଣ୍ଟା ମଞ୍ଚ ନାଟକର ସୃଷ୍ଟିକର୍ତ୍ତା, ସମ୍ବଲପୁରୀ ଲୋକନୃତ୍ୟ, ଶବ୍ଦନୃତ୍ୟର ପ୍ରଚାରକ, ପଶ୍ଚିମ ଓଡ଼ିଶାରେ ଗୋଟିଏ ଦିନରେ ନବାନ୍ନ ପାଳନ ପଛର ମହାନାୟକ, ଲୋକମହୋତ୍ସବର ଜନକ ଥିଲେ ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁ ।

୧୯୩୧ ମସିହା ଜ୍ୟେଷ୍ଠ ମାସ ଦେବସ୍ନାନ ପୂର୍ଣ୍ଣିମା ତିଥିରେ ବରଗଡ଼ ଜିଲ୍ଲା ବରପାଲି ବ୍ଲକ ଅନ୍ତର୍ଗତ କୁମ୍ଭାରୀ ଗ୍ରାମରେ ଏକ କୁଲିତା ଗୋନ୍ତିଆ ପରିବାରରେ ଗୁରୁ ଭଗବାନ ସାହୁ ଜନ୍ମଗ୍ରହଣ କରିଥିଲେ ।

ଗୁରୁ ଭଗବାନ ସାହୁଙ୍କ ବାପା କୃଷ୍ଣଗୁରୁ ଗାୟକ ଥିଲେ । ବାପାଙ୍କର ଗାଇବା ଓ ହାରମୋନିୟମ ବଜାଇବା ଦେଖି ଦେଖି ଓ ଶୁଣି ଶୁଣି ସେ ୧୯୩୬ରୁ ଗାଇବା, ହାରମୋନିୟମ ବଜାଇବା ଏବଂ ନାଚିବା ଆରମ୍ଭ କଲେ । ବରଗଡ଼ ଜର୍ଜ ହାଇସ୍କୁଲ ହଷ୍ଟେଲରେ ରହି ହାରମୋନିୟମ ରଖି ବଜାଇବା ଓ ଗୀତଗାଇବାରୁ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ତାଙ୍କୁ ହଷ୍ଟେଲରୁ ବାହାର କରିଦେଇଥିଲେ ।୧୯୩୮ରେ କୁମ୍ଭାରୀରୁ ୩ କିଲୋମିଟର ଦୂର ତୁରଙ୍ଗା ଗ୍ରାମରେ ସୁଭଦ୍ରା ଗୀତିନାଟ୍ୟର ମେନେଜର ପୀତାମ୍ବର ଭଗବାନ ସାହୁଙ୍କୁ ନିମନ୍ତ୍ରଣ କଲେ ଗାଇବାକୁ ଓ ନାଚିବାକୁ । ତାଙ୍କର ଗୀତ ଗାଇବା ଓ ନାଚିବା ଦେଖି ମେନେଜର ପୀତାମ୍ବର ଭଗବାନ ସାହୁଙ୍କ ଉପରେ ସନ୍ତୁଷ୍ଟ ହୋଇ ତାଙ୍କର ଝିଅ ସୁରୁନନୀଙ୍କୁ ବିବାହ ଦେଇ ଗୁରୁ ଭଗବାନଙ୍କୁ ଘରଜ୍ୱାଇଁ କରିବାକୁ ଚାହିଁଲେ । ଗୁରୁ ଭଗବାନ, ସାତବର୍ଷ ବୟସରେ ପାଞ୍ଚ ବର୍ଷର ଝିଅ ସୁରୁନନୀଙ୍କୁ ବାଲ୍ୟବିବାହ କରିଥିଲେ । ବାର ବର୍ଷ ବୟସରେ କଲେରାରେ ସୁରୁନନୀର ମୃତ୍ୟୁ ହୋଇଯାଇଥିଲା ।

୧୯୫୦ ମସିହା ରାମନବମୀ ତିଥିରେ କୁମ୍ଭାରୀ ଗ୍ରାମରେ 'ବ୍ରଜେଶ୍ୱରୀ ନୃତ୍ୟକଳା ପରିଷଦ' ନାମରେ ଏକ ନାଟକ ଅନୁଷ୍ଠାନ ପ୍ରତିଷ୍ଠା କରି ନିଜେ ନାଟକ ଓ ଗୀତ ରଚନା,ନିର୍ଦ୍ଦେଶନା ଦେଉଥିଲେ ଗୁରୁ ଭଗବାନ । ସରକାରୀ ଚାକିରୀ ଛାଡି ଘରର ସମସ୍ତ ସମ୍ପତ୍ତିର ବିନିମୟରେ ନିରବଚ୍ଛିନ୍ନ ଭାବରେ ୫୦ ବର୍ଷ ଧରି ୯୦୦୦ ରାତିରୁ ଊର୍ଦ୍ଧ୍ୱ ରାତି ନାଟକ, ସମ୍ବଲପୁରୀ ଲୋକନୃତ୍ୟ,ଶବ୍ଦନୃତ୍ୟ ପରିବେଷଣ କରିଛନ୍ତି ।

ଯାନବାହାନ ପ୍ରଚଳିତ ନ ଥିବା ସମୟରେ ନିଜ ଶିଷ୍ୟମାନଙ୍କ ସହ ଚାଲି ଚାଲି ଓଡ଼ିଶା ଏବଂ ଛତିଶଗଡ଼ର ଅନେକ ଜିଲ୍ଲାରେ ନାଟକ, ସମ୍ବଲପୁରୀ ଲୋକନୃତ୍ୟ ଓ ଶବ୍ଦନୃତ୍ୟ ସେ ପରିବେଷଣ କରିଛନ୍ତି । ଛୋଟ ଛୋଟ ପିଲାମାନେ ବଳଦ ଗାଡ଼ିରେ ବସି ଯାଉଥିଲେ । କେତେ ଜଣ ଭାରୁଆ ହାରମୋନିୟମ ଓ ନାଟକ ସାମଗ୍ରୀ ବୋହି ଯାଉଥିଲେ । ଗୁରୁ ଭଗବାନ ସାହୁ କେବେ ବଳଦ ଗାଡିରେ ବସୁ ନ ଥିଲେ । ଅଧିକ ଦୂରତା ଥିଲେ ରାତିରେ ଚୁଡା, ଗୁଡ଼ ଓ ମୁଢି ଖାଇ ମଝିରେ ମଝିରେ ବିଶ୍ରାମ ନେଉଥିଲେ । ୧୯୫୧ ମସିହା ପର୍ଯ୍ୟନ୍ତ ଗୋବର ଘସି ମଶାଲ ଜଳାଇ ନାଟକ କରୁଥିଲେ । ୧୯୫୨ରେ ପେଟ୍ରୋମାକ୍ସ ଲାଇଟ ଆସିବା ପରେ ଦୁଇଟା ପେଟ୍ରୋମାକ୍ସ ଲାଇଟରେ ନାଟକ ହେଉଥିଲା । ନାଟକ ଓ ନୃତ୍ୟରେ ପିଲାମାନେ ପାଉଡର ବଦଳରେ ଚକଖଡିଗୁଣ୍ଡ ଓ କଜ୍ଜଳ ବଦଳରେ ହାଣ୍ଡିର କଳା ସେତେବେଳେ ବ୍ୟବହାର କରୁଥିଲେ ।

ଗୁରୁ ଭଗବାନ ସାହୁଙ୍କ ପ୍ରତିଟି ନାଟକ ପୌରାଣିକ,ଐତିହାସିକ ଏବଂ କିମ୍ବଦନ୍ତୀମୂଳକ । ଯଥା– ହରିଶ୍ଚନ୍ଦ୍ର, ସୀତାଚୋରୀ, ଶାନ୍ତିଦୂତ, ରାମରାଜ୍ୟ, ଯୋଗଜନ୍ମା ରାବଣ, ପ୍ରଣୟ ବଲ୍ଲରୀ, ମାନଭଞ୍ଜନ, ତରଣୀସେନ ବଧ ଇତ୍ୟାଦି ଅନେକ ।

ତାଙ୍କ ନିଜ ରଚନାର ନାଟକଗୁଡିକ ହେଲା ପ୍ରାର୍ଥ ପ୍ରଣୟିନୀ, ମଥୁରା ଯାତ୍ରା, ଗାଁ ମଜଲିସ,ଇନ୍ଦିରା ପ୍ରିୟଦର୍ଶିନୀ, ତ୍ରିରଙ୍ଗା ପତାକାର ରଙ୍ଗ ନାହିଁ ଏବଂ କୋଶଲୀ/ସମ୍ବଲପୁରୀ ନାଟକ ସତ କହିଲେ ଛାତି ଫାଟେ, ବୀର ସୁରେନ୍ଦ୍ର ସାଏ ଓ କଳିଙ୍ଗ ବୀର ବିଜୁ ପଟ୍ଟନାୟକ । ୧୯୪୭ ରୁ ୧୯୬୫ ମଧରେ ସେ କେତେଗୁଡିଏ ନାଟକ ଲେଖିଥଲେ,ଯାହା ବିଭିନ୍ନ ଗ୍ରାମର ଶିକ୍ଷାନୁଷ୍ଠାନ ଓ ନାଟ୍ୟ ଅନୁଷ୍ଠାନଗୁଡିକରେ ପ୍ରଦର୍ଶିତ ହୋଇଛି । ସେଗୁଡିକ ହେଲା, ଜନ୍ମାଷ୍ଟମୀ, ଗଣେଶ ଜନ୍ମ, ରାମ ବନବାସ, ମହାରାଣା ପ୍ରତାପ, କବି ଗଙ୍ଗାଧରଙ୍କ କୀଚକ ବଧ, ଦୁଷ୍ମନ୍ତ ଶକୁନ୍ତଳା,ବିଲ୍ୱ ମଙ୍ଗଳ ଇତ୍ୟାଦି ।

ଚୌହାନ ବୀର ସୁରେନ୍ଦ୍ର ସାଏଙ୍କ ନାଟକ ପାଇଁ ୧୯୪୭ରୁ ୧୯ ବର୍ଷ ପର୍ଯ୍ୟନ୍ତ ତଥ୍ୟ ସଂଗ୍ରହ କରି ୧୯୬୭ ରେ ମଞ୍ଚସ୍ଥ କରିବା ଆରମ୍ଭ କଲେ । ମହାନ ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ର ସାଏଙ୍କ ସହିତ ଭଗବାନ ସାହୁଙ୍କ ବଂଶର ସମ୍ପର୍କ ଥିଲା । ଭଗବାନ ସାହୁଙ୍କ ପଣ ଅଜା ସୁନାଧର ସାହୁ(ଗୋନ୍ତିଆ) ୧୮୩୬ ଗଣ୍ଡମାରୁ ସମୟରୁ ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ବ୍ରିଟିଶ ସରକାରଙ୍କ ବିରୋଧରେ ଲଢ଼େଇ କରି ସହିଦ ହୋଇଥିଲେ । କୁମ୍ଭାରୀ ଗାଁ ମଝିରେ ଇଂରେଜମାନେ ଅତି ନିର୍ମମ ଭାବରେ ଗୁଳି କରି ହତ୍ୟା କରିବା ପରେ ଶବକୁ ଖଣ୍ଡ ଖଣ୍ଡ କରି ପକାଇଦେଇଥିଲେ ।



ସେହି ସମୟରେ ଦର୍ଶକମାନେ ସମ୍ବଲପୁରୀ ନାଟକ ଦେଖିବାକୁ ପ୍ରସ୍ତୁତ ନ ଥିଲେ । ନାଟକ ଆରମ୍ଭରୁ ପାଟିତୁଣ୍ଡ କରି ପଥର, ଜୋତା, ଚପଲ ପିଙ୍ଗୁଥିଲେ । ଭଗବାନ ସାହୁଙ୍କ ଉପରେ ଅନେକ ଥର ଜୋତା ଚପଲ ପଡିଛି, ପଥର ବାଜି ମଞ୍ଚରେ ଖଣ୍ଡିଆ ହୋଇ ରକ୍ତ ବାହାରିଲେ ମଧ ତାହାକୁ ସେ ଖାତିର କରୁ ନ ଥିଲେ । ୧୯୬୮ରୁ ଭଗବାନ ସାହୁ ନିଷ୍ପତ୍ତି ନେଲେ ଯେ ସୁରେନ୍ଦ୍ର ସାଏ ନାଟକ ଛଡ଼ା ସେ ଅନ୍ୟ ନାଟକ କରିବେ ନାହିଁ । ସମୟ କ୍ରମେ ଲୋକମାନେ ନାଟକକୁ ଆଦର କଲେ ଓ ସୁରେନ୍ଦ୍ର ସାଏଙ୍କ ପ୍ରତି ଭକ୍ତିଭାବ ଜାଗ୍ରତ ହେଲା । ସମ୍ବଲପୁରୀ/କୋଶଲୀ ଭାଷାରେ ୬ ଘଣ୍ଟାର ନାଟକ ରଚନା କରି ମଞ୍ଚସ୍ଥ କରିବାରେ ଭଗବାନ ସାହୁ ପ୍ରଥମ । ସୁରେନ୍ଦ୍ର ସାଏଙ୍କ ସହିତ ସହିଦ ହୋଇଥିବା ଭେଡ଼େନ ଜମିଦାର ମନୋହର ସିଂ, ଘେଁସ ଜମିଦାର ହଟ୍ଟେ ସିଂ, ଲଖନପୁର ଜମିଦାର ଖଗେଶ୍ୱର ଦାଉ, ରମ୍ପେଲା ଗଉଁତିଆ ଲୋକନାଥ ଗଡ଼ତିଆ, କୋଲାବିରା ଜମିଦାର କରୁଣକର ନାଏକଙ୍କ ଇତିହାସ ଲୋକଲୋଚନକୁ ଆଣି ପାରିଥିଲେ ।

ଭଗବାନ ସାହୁ ଜଣେ ମେଧାବୀ ଛାତ୍ର ଥିଲେ ଓ ନବେ ପ୍ରତିଶତ ନମ୍ବର ରଖୁଥିଲେ ମଧ ଇଂରେଜମାନଙ୍କୁ ବିରୋଧ କରି ମ୍ୟାଟ୍ରିକ ପରୀକ୍ଷାରେ ଇଂରାଜୀ ପରୀକ୍ଷା ଦେଲେ ନାହିଁ । ସେଇଠୁ ପାଠପଢ଼ା ବନ୍ଦ ହୋଇଗଲା । ଭଗବାନ ସାହୁ ବାପାଙ୍କର ତିନି ପୁଅ ଭିତରୁ ଅତି ପ୍ରିୟ ଥିଲେ । କାକାଙ୍କର ପୁଅ ଝିଅ ନ ଥବାରୁ ସେ ଭଗବାନ ସାହୁଙ୍କୁ ପୁଅ କରି ରଖିଥିଲେ । ତାଙ୍କର ଅଠର ଏକର ଚାଷଜମି ଓ ଅଜସ୍ର ସମ୍ପତ୍ତି ଥିଲା । ନାଟକ ବନ୍ଦ କରି ସମ୍ପତ୍ତିର ଦେଖାଶୁଣା କରିବାକୁ କାକା ତାଙ୍କୁ ଅନେକଥର ବୁଝେଇଥିଲେ, ନ ହେଲେ କିଛି ବି ଦେବେ ନାହିଁ ବୋଲି କହିଥିଲେ । ଭଗବାନ ସାହୁ, ସେ ସବୁ ପ୍ରତ୍ୟାଖ୍ୟାନ କରି ଆଉ କାକାଙ୍କ ତୁମଗାଁ ଘରେ ପାଦ ବି ଦେଲେ ନାହିଁ ।

ଭଗବାନ ସାହୁ ତୁରଙ୍ଗା ଗ୍ରାମରେ ବିବାହ କରିଥିଲେ । ୧୯୫୮ ମସିହାରେ କୁମ୍ଭାରୀ ବ୍ରଜେଶ୍ୱରୀ ଏମ୍.ଇ. ସ୍କୁଲ ଅର୍ଥାଭାବରୁ ବନ୍ଦ ହୋଇଯିବାରୁ ଭଗବାନ ସାହୁ ନିଜେ ସ୍କୁଲ ପରିଚାଳନା ଦାୟିତ୍ୱ ବହନ କଲେ । ବାର ଜଣ ଅନାଥ ପିଲାଙ୍କୁ ନିଜ ପାଖରେ ରଖି ବ୍ୟାଙ୍କରୁ ଋଣ ଆଣି ପାଠପଢ଼ା ଦାୟିତ୍ୱ ନେଇଥିଲେ । ଓଡ଼ିଶା ଓ ଛତିଶଗଡ଼ରେ ଅନେକ ସ୍କୁଲ ଓ ମନ୍ଦିର ନିର୍ମାଣ ପାଇଁ ମାଗଣାରେ ନାଟକ କରିଛନ୍ତି । ବରପଦର ହାଇସ୍କୁଲ ସେ ପ୍ରତିଷ୍ଠା କରିଥିଲେ ।

ଗୁରୁ ଭଗବାନ ସାହୁ ପଶ୍ଚିମ ଓଡ଼ିଶାରେ ଏକତାକୁ ଦୃଢ଼ୀଭୂତ କରିବାକୁ ପଶ୍ଚିମାଞ୍ଚଳରେ ଗୋଟିଏ ଦିନରେ ନବାନ୍ନ ପର୍ବ ପାଳନ କରିବାକୁ ଲକ୍ଷ୍ୟନେଇ ନାଟକ ମଝିରେ ସମସ୍ତଙ୍କୁ ଅନୁରୋଧ କରୁଥଲେ । ସ୍ୱର୍ଗତ ମୁରାରୀ ପ୍ରସାଦ ମିଶ୍ର, ସ୍ୱର୍ଗତ ପ୍ରଫୁଲ୍ଲ ପତି, ଡଃ ଶ୍ରଦ୍ଧାକର ସୂପକାର, ଶ୍ରୀବଲ୍ଲଭ ପାଣିଗ୍ରାହୀ ଆଦି ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ସହ ସେ ସଂପର୍କ ରଖିଥିଲେ । ନବାନ୍ନ ପାଳନ ସହ ଲୋକକଳା ସାଂସ୍କୃତିକ ମହୋତ୍ସବ ପାଇଁ ପ୍ରସ୍ତାବ ଦେଇଥିଲେ । ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦକୁ ରେଜିଷ୍ଟ୍ରେସନ କରିବାକୁ ଦାୟିତ୍ୱ ନେଇଥିଲେ ସନାତନ ବିଶି (ପୂର୍ବତନ ମନ୍ତ୍ରୀ)। ଗୁରୁ ଭଗବାନ ସାହୁ ସଭାପତି ଓ ସନାତନ ବିଶି ସଂପାଦକ ଥିଲେ । ଏହି ଅନୁଷ୍ଠାନ ତରଫରୁ 'ଲୋକ ମହୋତ୍ସବ' ମାଧ୍ୟମରେ ଗୋଟିଏ ଦିନରେ ନବାନ୍ନ ସର୍ବତ୍ର ପାଳନ ପାଇଁ ପ୍ରଚାର କରୁଥିଲେ । ସମ୍ବଲପୁର,ବଲାଙ୍ଗୀର, ବରପାଲି ଆଦି ସ୍ଥାନରେ ଲୋକମହୋତ୍ସବ ପାଳନ ଅବସରରେ ଅନେକ ଧାର ପରିଶୋଧ ପାଇଁ ଜମିବାଡି ଓ ତାଙ୍କ ସ୍ତ୍ରୀଙ୍କ ସୁନାଗହଣା ବିକ୍ରି କରିଥିଲେ ।

ଭଗବାନ ସାହୁ ଦୂରଦର୍ଶନ ମାଧ୍ୟମରେ ୧୯୫୪ରୁ ୧୯୯୫ ଭିତରେ ୧୫ ଥରରୁ ଅଧିକ ଶବ୍ଦନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ କରିଛନ୍ତି । ଜଣେ ବକ୍ତା ଭାବରେ ୨/୩ ଘଣ୍ଟା ଲୋକଙ୍କୁ ସ୍ଥିର ରଖି ପାରୁଥିଲେ । ଗଙ୍ଗାଧର ସାହିତ୍ୟ ଉପରେ ଆଲୋଚନା କରିବାକୁ ଯାଉଥିଲେ । ନାଟକ ପ୍ରଦର୍ଶନ ମାଧ୍ୟମରେ ବିଭିନ୍ନ ଗ୍ରାମର ମନୋମାଳିନ୍ୟ ଦୂରକରି ଅଶାନ୍ତ ପରିବେଶକୁ ଶାନ୍ତ କରୁଥିଲେ ।

**ସମ୍ବଲପୁର ଆକାଶବାଣୀରେ ଚାକିରି କରିବାକୁ ଗୁରୁ ଭଗବାନ ସାହୁଙ୍କୁ ବହୁତ ଅନୁରୋଧ କରାଯାଇଥିଲା, କିନ୍ତୁ ସେ ମନା କରିଦେଇଥିଲେ । ସ୍ୱର୍ଗତ ଫକୀର ପଟ୍ଟନାୟକ ଓ ଜିତେନ୍ଦ୍ରିୟ ହରିପାଲ ଆକାଶବାଣୀ ପାଇଁ ଅଡିସନ ଦେବା ସମୟରେ ଭଗବାନ ସାହୁ ବିଚାରକ ଥିଲେ । ସେ ଓଡ଼ିଶା ସମେତ ଛତିଶଗଡ଼ର ଅନେକ ସ୍ଥାନରେ ସମ୍ମାନିତ ହୋଇଥିଲେ ।**

ଭାରତ ବର୍ଷର ଅନେକ ପ୍ରଖ୍ୟାତ ନୃତ୍ୟବିତ୍‌ଙ୍କ ସହିତ ଗୁରୁ ଭଗବାନ ସାହୁଙ୍କ ସୁସଂପର୍କ ଥିଲା । ରକ୍ମିଣୀ ଦେବୀ ଅରୁଣ୍ଡାଲେ, ଅନୁରାଧା ଗୁହା,ବିନୋଦ ଚୋପ୍ରା, ଗୋପୀକୃଷ୍ଣନ, ବିରଜୁ ମହାରାଜ, ଦେବ ପ୍ରସାଦ ଦାସ, ରାଜ କିଶୋର ରାୟ, କେଳୁଚରଣ ମହାପାତ୍ର,ସଂଯୁକ୍ତା ପାଣିଗ୍ରାହୀ,ପ୍ରଣବ ପଟ୍ଟନାୟକ, କୁମକୁମ ମହାନ୍ତି ପ୍ରମୁଖ କୁମ୍ଭାରୀ ଆସି ଶବ୍ଦନୃତ୍ୟ ଦେଖି ତାଙ୍କ ସହ ଆଲୋଚନା କରିଛନ୍ତି । ୧୯୬୪ରେ ବିଶିଷ୍ଟ ନୃତ୍ୟବିତ୍ ଗୋପୀକୃଷ୍ଣନ ସମ୍ବଲପୁର ଅଶୋକା ଟକିଜରେ ଭଗବାନ ସାହୁଙ୍କ ଶବ୍ଦନୃତ୍ୟ ଦେଖିଥିଲେ । ୧୯୬୫ରେ ସର୍ବଭାରତୀୟ ସ୍ତରରେ ଦିଲ୍ଲୀଠାରେ ଶାସ୍ତ୍ରୀୟ ନୃତ୍ୟ ଉପରେ ତିନି ଦିନିଆ ଆଲୋଚନା ସଭାରେ ଗୋପୀକୃଷ୍ଣନଙ୍କଠାରୁ ନିମନ୍ତ୍ରଣ ପାଇ ସେଥିରେ ଅଂଶଗ୍ରହଣ କରିଥିଲେ ।

୧୯୬୮ରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ତରଫରୁ ବରପାଲିଠାରେ ଚାଲିଥିବା କାର୍ଯ୍ୟକ୍ରମରେ ବିଶିଷ୍ଟ ନୃତ୍ୟବିତମାନେ ଉପସ୍ଥିତ ରହି ଶବ୍ଦନୃତ୍ୟ ଦେଖିଥିଲେ । ଏହି ନୃତ୍ୟ ବଞ୍ଚାଇ ରଖିଥିବାରୁ ଅନେକ ପ୍ରଶଂସା କରିଥିଲେ ଓ ଏହି ନୃତ୍ୟ ସମ୍ବନ୍ଧୀୟ ବ୍ୟାକରଣ ଲେଖି ପ୍ରକାଶ କରିବାକୁ ପରାମର୍ଶ ଦେଇଥିଲେ । ଶବ୍ଦନୃତ୍ୟର ଶାସ୍ତ୍ରୀୟ ମାନ୍ୟତା ପାଇଁ ଦୁଇଟି ପୁସ୍ତକ ରଚନା କରିବାକୁ ମନସ୍ଥ କଲେ । କିନ୍ତୁ ଗୋଟିଏ ପୁସ୍ତକ 'ଭାରତୀୟ ନୃତ୍ୟକଳାରେ ଶବ୍ଦନୃତ୍ୟ' ରଚନା କରି ସାରିବା ପରେ ଦୀର୍ଘ ବର୍ଷର ଖାଇବାରେ ଅବହେଳା ଓ ଅନିଦ୍ରା ହେତୁ ସେ ଅସୁସ୍ଥ ହୋଇପଡିଲେ । ଏହି ସମୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ତରଫରୁ ଶାସ୍ତ୍ରୀୟ ଶବ୍ଦନୃତ୍ୟକୁ ଲୋକନୃତ୍ୟ ଭାବେ ପୁରସ୍କାର ପ୍ରଦାନ କରାଗଲା, ଯାହାକି ଗୁରୁଙ୍କୁ ମର୍ମାହତ କରିଥିଲା ।

ଅନେକ ଆତ୍ମୀୟଙ୍କୁ ସେ ଚିଠି ଲେଖିଥିଲେ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ । ସେ ଖାଦ୍ୟ ଓ ଔଷଧ ଖାଇବା ଛାଡି ଅତିଶୟ ଦୁର୍ବଳ ହୋଇଗଲେ ଓ ତା ୨୦.୧୧.୨୦୦୦ ରେ ଇହଧାମ ତ୍ୟାଗ କଲେ । ଭାଷା, ଲୋକ କଳା,ସଂସ୍କୃତିର ପ୍ରଚାରକ, ନାଟ୍ୟଜଗତର ମହାନାୟକ, ତ୍ୟାଗ ଓ ବଳିଦାନର ପ୍ରତିମୂର୍ତ୍ତି ଗୁରୁ ଭଗବାନ ସାହୁ ଚିର ସ୍ମରଣୀୟ ହୋଇ ରହିବେ । ତାଙ୍କର ସ୍ମୃତିରକ୍ଷା ପାଇଁ ବରଗଡ଼ ଜିଲ୍ଲା ଗୁରୁ ଭଗବାନ ସାହୁ ରାଜ୍ୟ ସ୍ତରୀୟ ସ୍ମୃତି କମିଟି ଗଠନ କରାଯାଇଛି । ଏହା ସହିତ ଅନେକ ଜିଲ୍ଲାରେ ତାଙ୍କର ଜୟନ୍ତୀ ଓ ଶ୍ରାଦ୍ଧ ଦିବସ ପାଳିତ ହେଉଛି । ଶବ୍ଦନୃତ୍ୟର ଶାସ୍ତ୍ରୀୟ ମାନ୍ୟତା ପାଇଁ ପ୍ରଶାସନ, ସରକାର ତଥା ସମସ୍ତେ ତତ୍ପରତା ପ୍ରକାଶ କଲେ ତାଙ୍କର ଅମର ଆତ୍ମାକୁ ଶାନ୍ତି ମିଳନ୍ତା । ଆଜି ୯୫ ତମ ଜୟନ୍ତୀ ଅବସରରେ ତାଙ୍କୁ ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

**ଝାରସୁଗୁଡ଼ା**
**ମୋ–୯୪୩୭୪୦୦୬୯୬**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୨୪ ବର୍ଷରେ...

ରାଜ୍ୟରେ ୧୬ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରାଯାଇଛି । ଏଥିରେ ୧କୋଟିରୁ ଅଧିକ ମହିଳା ଉପକୃତ ହୋଇଛନ୍ତି ।

କୃଷି କ୍ଷେତ୍ରରେ ମଧ୍ୟ ସମୃଦ୍ଧ କୃଷି ଯୋଜନା କାର୍ଯ୍ୟକାରୀ କରାଯାଇଛି । ମତ୍ସ୍ୟ, ପ୍ରାଣୀ ସଂପଦକୁ କୃଷି ବଜେଟ୍‌ରେ ଅଣାଯାଇଛି । ଧାନ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଇନ୍‌ପୁଟ୍ ସବ୍‌ସିଡି ଦିଆଯାଉଛି ।

ଶିକ୍ଷା କ୍ଷେତ୍ରରେ ମଧ୍ୟ ଅଶେଷ ଉନ୍ନତି କରାଯାଇଛି । ୫-ଟି ନାଁରେ ଭଙ୍ଗା ସ୍କୁଲରେ ରଙ୍ଗ ମରାଯାଇନି । ଶିଶୁବାଟିକା ପ୍ରାଥମିକ ବିଦ୍ୟାଳୟ ଆରମ୍ଭ ହୋଇଛି । ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଗୋଟିଏ ଲେଖାଏଁ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ହେବ । ଶତାୟୁ ବିଦ୍ୟାଳୟ ଗୁଡ଼ିକର ନବୀକରଣ ପାଇଁ ଐତିହ୍ୟ ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ ମଧ୍ୟ ହୋଇଛି ।

ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ଲୋକେ ଯେପରି ଉନ୍ନତ ସ୍ୱାସ୍ଥ୍ୟସେବା ପାଇବେ ସେଥିପାଇଁ ଆୟୁଷମାନ ଭାରତ ଲାଗୁ କରାଯାଇଛି । ଦୁର୍ନୀତି ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ସେ ପିଅନ ହୁଅନ୍ତୁ ବା ଆଇଏଏସ୍ କାହାରିକୁ ଛଡ଼ାଯିବନି ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରିଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ଲୋକଙ୍କୁ ସୁଶାସନ ଦେବା ସରକାରଙ୍କ କର୍ତ୍ତବ୍ୟ । ଲୋକ ଓ ସରକାରଙ୍କ ମଧ୍ୟରେ ଥିବା ପ୍ରାଚିର ଦୁର ହୋଇଛି । ଅଭିଯୋଗ ପ୍ରକୋଷ୍ଠ ଚାଲିଛି କେବଳ ଭୁବନେଶ୍ୱର ନୁହେଁ ଭୁବନେଶ୍ୱର ବାହାରେ ମଧ୍ୟ ଅଭିଯୋଗ ଶୁଣାଣି ହେଉଛି । ଫଳରେ ଲୋକେ ସୁବିଧାରେ ଆସି ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ନିଜର ସମସ୍ୟା ଜଣାଇପାରୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟେକ୍ଷ ଅଭିଯୋଗ ଶୁଣାରେ ୧୦,୮୯୪ ଅଭିଯୋଗ ମଧ୍ୟରୁ ୯୩୮୮ ଅର୍ଥାତ ୮୬ ପ୍ରତିଶତର ସମାଧାନ ହୋଇଛି । ଜନଶୁଣାଣୀ ପୋଟାଲ ମାଧ୍ୟମରେ ୫ଲକ୍ଷରୁ ଅଧିକ ସମାଧାନ ହୋଇଛି । ୪ଟି ବର୍ଗକୁ ନେଇ ସରକାର ଗୁରୁତ୍ୱାରୋପ କରୁଛନ୍ତି । ସେମାନେ ହେଲେ ଯୁବକ, ଅନ୍ନଦାତା, ମହିଳା ଓ ଗରିବ ।

ନିଯୁକ୍ତି କ୍ଷେତ୍ରରେ ମଧ୍ୟ ପଦକ୍ଷେପ ନିଆଯାଉଛି । ରାଜ୍ୟରେ ଖାଲି ପଡୁଥିବା ୧ଲକ୍ଷ ୫୦ହଜାର ପଦବୀ ପୁରଣ ହେବ । ପ୍ରଥମ ବର୍ଷରେ ୨୮ ହଜାର ଯୁବକଙ୍କୁ ନିଯୁକ୍ତି ଦିଆଯାଇଛି । ଆସନ୍ତା ଆର୍ଥିକ ବର୍ଷରେ ଆହୁରି ୪୦ହଜାର ଯୁବକଙ୍କୁ ନିଯୁକ୍ତି ଦିଆଯିବ । ଓଡ଼ିଶା ଶିଳ୍ପ କ୍ଷେତ୍ରରେ ହବ୍ ହେବ ମେକ୍‌ଇନ୍ ଓଡ଼ିଶା, ଉତ୍କର୍ଷ ଓଡ଼ିଶାରେ ରାଜ୍ୟ ସରକାର ୧୩ଲକ୍ଷ କୋଟିର ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି । ସେଥିରୁ ୪ଟି ଶିଳାନ୍ୟାସ କରାଯାଇଛି । ୨୦୩୬ ବିକଶିତ ଓଡ଼ିଶା ପାଇଁ ୩୬ଟି କାର୍ଯ୍ୟକ୍ରମ ଘୋଷଣା କରିବୁ । ଏଥିପାଇଁ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ ହୋଇଛି । ଗୁଡ୍ ଗର୍ଭର୍ଣ୍ଣାନ୍ସ କ୍ଷେତ୍ରରେ ସେଥିରୁ ଓଡ଼ିଶା ଏକ ମଡେଲ୍ ରାଜ୍ୟ ହେବ ।

ଶିକ୍ଷା କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ସଂପର୍କରେ ମନ୍ତ୍ରୀ କହିଲେ ଯେ, ବୈଷୟିକ ଶିକ୍ଷା କ୍ଷେତ୍ରରେ ମଧ୍ୟ ସଂରକ୍ଷଣ ଦିଆଯିବ । ଏହି ଶିକ୍ଷାରେ ୧୧.୨୫ ପ୍ରତିଶତ ସଂରକ୍ଷଣ ରହିବ । ୨୦୨୬ସୁଦ୍ଧା ୯୦ ପ୍ରତିଶତ ଲୋକଙ୍କୁ ପାଇପ ଯୋଗେ ପାନ୍ୟଜଳ ଯୋଗାଇ ଦିଆଯିବ । ୫ଲକ୍ଷ ଲୋକଙ୍କୁ ଅର୍ନ୍ତୋଦୟ ଯୋଜନାରେ ଘର ଦିଆଯିବ ।

ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ସଂପର୍କରେ ମୁଖ୍ୟମନ୍ତ୍ରୀ କହିଲେ ଯେ, ଏ ସଂପର୍କରେ ପ୍ରକ୍ରିୟା ଆରମ୍ଭ କରାଯାଇଛି ଖୁବ୍‌ଶୀଘ୍ର ଲୋକାୟୁକ୍ତ ନିଯୁକ୍ତି ଦିଆଯିବ । ଦିଘାରେ ଜଗନ୍ନାଥ ଧାମକୁ ନେଇ ସୃଷ୍ଟି ହୋଇଥିବା ବିବାଦକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଯେଉଁ ଚିଠି ଲେଖିଥିଲେ ତାହା ଉତ୍ତର ସେ ଲିଖିତ ଭାବେ ଦେଇନାହାଁନ୍ତି । ମୁ ତାଙ୍କ ପ୍ରତିକ୍ରିୟା ଶୁଣିଛି । ତେବେ ପଶ୍ଚିମବଙ୍ଗ ସରକାରଙ୍କ ଅହଂକାରର ଜବାବ ଲୋକେ ଦେବେବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସୁତରାଂ ବର୍ଷ ୧ ସଫଳତା ଅନେକ ବୋଲି ଶ୍ରୀ ମାଝୀ କହିବା ସହିତ କେନ୍ଦ୍ର ସରକାରଙ୍କର ମଧ୍ୟ ଅନେକ ସଫଳତା ନେଇ ବର୍ଣ୍ଣନା କରିଥିଲେ । ଜୁନ୍ ୨୦୨୪ରେ ତୃତୀୟ ଥର ପାଇଁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ଏକ ସ୍ଥିର ସରକାର ଗଠନ ହୋଇଛି । ଏହି ସରକାରର ବର୍ଷପୂର୍ତ୍ତିକୁ ସେବା, ସୁଶାସନ ଓ ସଫଳତାର ବର୍ଷ କହିଲେ ଅତ୍ୟୁକ୍ତି ହେବ ନାହିଁ । ବର୍ଷେ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କେନ୍ଦ୍ର ସରକାର ଗ୍ରହଣ କରିଛନ୍ତି । ଜାମ୍ମୁକାଶ୍ମୀରରୁ ୩୭୫ ଧାରା ଉଚ୍ଛେଦ, ଟ୍ରିପୁଲ ତଲାକ, ଦେଶରେ ଏକ ଜିଏସ୍‌ଟି ପ୍ରଚଳନ, କୋଭିଡ୍ ମୁକାବିଲା ଓ ଦେଶର ସୁରକ୍ଷା ଲୋକଙ୍କ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ପଦକ୍ଷେପ କେନ୍ଦ୍ର ସରକାର ସଠିକ୍ ପଦକ୍ଷେପ ଗ୍ରହଣ କରିଛନ୍ତି । ୨୭କୋଟି ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି । ନୂତନ ଶିକ୍ଷାନୀତି, ଜନଧନ ଯୋଜନା, ଆତଙ୍କବାଦ୍‌ର କଡାଜବାବ ଆଦି ମୋଦି ସରକାରଙ୍କ ଉଲ୍ଲେଖନୀୟ ପଦକ୍ଷେପ ବୋଲି ସେ କହିଥିଲେ ।

## ପୋଲିସକୁ...

କର୍ମଚାରୀ କିସ୍ତି ପାଇଁ ଅଳସୁଆ ଗ୍ରାମକୁ ଆସିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ଦଲାଲ ଅଜୟ ମହାନ୍ତିକୁ ଏସ୍‌ଏସ୍‌ଜି ମହିଳାମାନେ ଟଙ୍କା ସମ୍ପର୍କରେ କହିବାରୁ ମୁଁ ବ୍ୟାଙ୍କକୁ ଦେଇଦେବି ବ୍ୟସ୍ତ ହୁଅନାହିଁ ବୋଲି ସେ କହିଥିଲା । ଏପ୍ରିଲ ମାସ ୧୩ ତାରିଖରେ ଦଲାଲ ଅଜୟ କାହାକୁ କୌଣସି ସୂଚନା ନଦେଇ ଘର ଓ ନିଜ ବ୍ୟବସାୟ ବନ୍ଦ କରି ପରିବାର ସହ ଚେନ୍ନାଇ ଫେରାର ହୋଇଯାଇଥିଲା ।

ଏପ୍ରିଲ୍ ୧୯ ତାରିଖରେ ଇନ୍ଫୋସିଟି ଥାନାରେ ଏତଲା ହୋଇଥିବା ବେଳେ ପୋଲିସ ଅଭିଯୁକ୍ତ ଅଜୟ ମହାନ୍ତିକୁ ଖୋଜଖବର କରୁଥିବା ବେଳେ ପାଇନଥିଲା । କାରଣ ସେ ଦୁଇଟି ଏସ୍‌ଏସ୍‌ଜି ଗ୍ରୁପ୍‌ର ୪୨ଜଣ ମହିଳାଙ୍କ ନାଁରେ ୫ଲକ୍ଷ ଲେଖାଏଁ ଟଙ୍କା ବ୍ୟାଙ୍କରୁ ଋଣ ଆଣି ତାକୁ ନିଜେ ଚଲୁ କରିଦେଇଥିଲା । ମହିଳାମାନଙ୍କୁ ପ୍ରତାରଣା କରି ସେ ଚେନ୍ନାଇ ପଳାଇଯିବା ପରେ ଏତଲା ହୋଇଥିବାରୁ ପୋଲିସ ଅଜୟ ସନ୍ଧାନରେ ଥିଲା । ଅଜୟ ଆସିବା ପରେ ମହିଳାମାନେ ପୋଲିସକୁ ଖବର କରିଥିଲେ । ଖବର ପାଇ ପୋଲିସ ଅଜୟ ମହାନ୍ତିଙ୍କୁ ଥାନାକୁ ଆଣି କୋର୍ଟଚାଲାଣ କରିବା କଥା କହିବାରୁ ମହିଳାମାନେ ବିରୋଧ କରିଥିଲେ । କାରଣ ମହିଳାଙ୍କ କହିବାନୁଯାୟୀ ଦୁଇଟି ଗ୍ରୁପ୍ ନାରେ ୧୦ଲକ୍ଷ ଟଙ୍କା ଋଣ ଆଣି ସେ ନିଜେ ଆତ୍ମସାତ୍ କରିଦେଇଛି । ତାକୁ ଗିରଫ କରି କୋର୍ଟଚାଲାଣ କରାଗଲେ ବ୍ୟାଙ୍କକୁ ଟଙ୍କା ଆମେ ସୁଝିବୁ କିପରି ?

କିଛି ସମୟ ଇନ୍ଫୋସିଟି ଥାନା ପୋଲିସ ସହ ମହିଳାମାନେ ଧସ୍ତାଧସ୍ତି ହେବା ସହ ଆକ୍ରମଣ କରିଥିଲେ । ଏପରିକି ଥାନା ଭିତରେ ପଶି ଭଙ୍ଗାରୁଜା କରିବାରୁ ଉଚ୍ଚ ପଦସ୍ଥ ପୋଲିସ ଅଧିକାରୀ ଖବର ପାଇଥିଲେ । ଘଟଣାସ୍ଥଳରେ ଜୋନ୍ ଏସିପିଙ୍କ ସମେତ ବରିଷ୍ଠ ଅଧିକାରୀ ପହଞ୍ଚିବା ସହ ଚନ୍ଦ୍ରଶେଖରପୁର ଓ ନନ୍ଦନକାନନ ଥାନା ଆଇଆଇସି ସଦଳବଳେ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ ମହିଳାମାନେ ବୁଝିନଥିଲେ । ଗଣ୍ଡଗୋଳ ଉଗ୍ରରୂପ ନେବାରୁ ଉଭୟଙ୍କ ମଧ୍ୟରୁ କେତେକ ଆହତ ହୋଇଥିଲେ । ଜଣେ ମହିଳା ଚେତାଶୂନ୍ୟ ହୋଇ ତଳେ ପଡିଯାଇଥିଲେ । ଆମ୍ବୁଲାନ୍ସକୁ ଖବର ହେବା ପରେ ଘଟଣାସ୍ଥଳରୁ ଆହତମାନଙ୍କୁ ହସ୍ପିଟାଲ ନିଆଯାଇଥିଲା । ଯେଉଁମାନେ ଆହତ ହୋଇନଥିଲେ ଓ ସାମାନ୍ୟ ଆହତ ହୋଇଥିବା ମହିଳାମାନେ ଥାନା ସମ୍ମୁଖରେ ଧାରଣା ଦେବା ସହ ରାସ୍ତାରୋକ କରି ଟଙ୍କା ଫେରସ୍ତ ଦାବି କରିଥିଲେ । ସେମାନଙ୍କ କହିବା କଥା ଆମେ ଅଜୟ ମହାନ୍ତିର ଗିରଫଦାରୀ ଚାହୁଁନାହୁଁ । ଆମକୁ ସେ ଟଙ୍କା ଫେରାଇଲେ ଆମେ ବ୍ୟାଙ୍କର ଋଣ ପରିଶୋଧ କରିବୁ । ଅଭିଯୁକ୍ତକୁ ଜେଲ୍ ପଠାଇଲେ ଆମେ ବ୍ୟାଙ୍କ ଋଣ ସୁଝିବୁ କିପରି ବୋଲି ମହିଳାମାନେ ପ୍ରଶ୍ନ କରିଥିଲେ । ଅଜୟ ଘର ବାଲେଶ୍ୱର ଜିଲ୍ଲାରେ ହୋଇଥିବା ବେଳେ ସେ ଦୀର୍ଘ ୧୫ବର୍ଷ ହେବ ଅଳସୁଆ ଗ୍ରାମ ନିକଟ ମହିମାନଗରରେ ରହିଆସୁଥିଲା ।

ଗାଁର ମହିଳାମାନଙ୍କୁ ନିଜେ ଏକତ୍ରିତ କରାଇ ଏସ୍‌ଏସ୍‌ଜି ଗ୍ରୁପ୍ ଗଠନ କରିବା ସହ ଟଙ୍କା କାରବାର କରାଉଥିଲା । ସେ ଠକିଥିବା ୧୦ଲକ୍ଷ ଟଙ୍କା ବ୍ୟାଙ୍କରୁ ଋଣ ଆଣିଥିବା ମହିଳାମାନେ ଜାଣିନଥିଲେ । ଋଣ କିସ୍ତି ପାଇଁ ବ୍ୟାଙ୍କ କର୍ମଚାରୀ ଗାଁକୁ ଆସିବା ପରେ ଏସ୍‌ଏସ୍‌ଜି ଗ୍ରୁପ୍ ସଦସ୍ୟମାନେ ଋଣ ସମ୍ପର୍କରେ ଜାଣିଥିଲେ । ପୋଲିସ ଅଜୟ ମହାନ୍ତିକୁ ୧୫୮ ନମ୍ବର କେସ୍‌ରେ ମଙ୍ଗଳବାର କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଟୋକନ...

ହୋଇଯାଇଛି । ଗୋଟିଏ ପରେ ଅଭାବୀ ବିକ୍ରୀ ଓ ଅନ୍ୟ ପଟେ ଅଦିନିଆ ବର୍ଷାରେ ଧାନର କ୍ଷୟକ୍ଷତି ଚାଷୀ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗିଦେଇଛି । ଫଳରେ ଚାଷୀ ଆନ୍ଦୋଳନ ମୁହାଁ ହେଉଛନ୍ତି ।

ସୋମବାର ସକାଳୁ ସମ୍ବଲପୁର-ଦେବଗଡ ଜାତୀୟ ରାଜପଥ ଅବରୋଧ କରିଥିଲେ ଚାଷୀ । ସମ୍ବଲପୁର-ମାନେଶ୍ୱର ବାଇପାସ ରାସ୍ତାକୁ ସିନ୍ଦୁରପଙ୍କରେ ଅବରୋଧ କରିଥିଲେ । ପ୍ରାୟ ୫ ଘଣ୍ଟା ଧରି ହଜାର ହଜାର ଗାଡି ମଟର ରାସ୍ତାରେ ଅଟକି ରହିଥିଲା । ଟୋକନ ଥାଇ ମିଲର୍ସ ପାଖରେ ଟାର୍ଗେଟ ନଥିବାରୁ ଧାନ ବିକ୍ରି ବନ୍ଦ ହୋଇଯାଇଛି । ଫଳରେ ଚାଷୀ ଆନ୍ଦୋଳନକୁ ଓହ୍ଲାଇଛି । ଏପରିକି ମିଲର୍ସ ପଏଣ୍ଟରେ ଧାନ ଲୋଡିଂ ଗାଡି ୪ ଦିନ ଲେଖାଏଁ ଅନଲୋଡିଂ ନହେବାରୁ ତାତିଛନ୍ତି ଚାଷୀ । ଅଦିନିଆ ବର୍ଷା ଯୋଗୁଁ ଖଳାରେ ଧାନ ଭିଜୁଥିବାରୁ ଜଲଦି ବିକ୍ରି ପାଇଁ ଜିଦ୍ ଧରିଛନ୍ତି । ଯୋଗାଣ ବିଭାଗ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଚାଷୀ ଆନ୍ଦୋଳନରୁ ଓହରିଛନ୍ତି ।

ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ ଜିଲ୍ଲାର ପଦ୍ମପୁର ସମେତ ବିଭିନ୍ନ ଗ୍ରାମାଞ୍ଚଳରେ ବି ତେଜିଛି ଆନ୍ଦୋଳନ । ଲଗାତାର ଭାବେ ଚାଷୀ ଆନ୍ଦୋଳନ କରିଛନ୍ତି । ଅନ୍ୟପଟେ ବରଗଡର ମିଲର୍ସମାନେ ମଧ୍ୟ ସାଙ୍କେତିକ ଭାବେ ଆନ୍ଦୋଳନ ଆରମ୍ଭ କରିଛନ୍ତି । ଦୁଇଦିନ ମାର୍କେଟୟାର୍ଡରୁ ଧାନ ଉଠିବ ନାହିଁ ବୋଲି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ମିଲର୍ସଙ୍କ ଅଭିଯୋଗ ହେଲା, ଦୁଇ ବର୍ଷ ହେଲା ଧାନ ଉଠାଯାଇଥିଲେ ବି ଜିଲ୍ଲା ପ୍ରଶାସନ ପାଖରୁ ବକେୟା ଟଙ୍କା ମିଳିନାହିଁ । ଏହାର ସମାଧାନ ନ ହେଲେ ୧୬ ତାରିଖରୁ ଅର୍ନିର୍ଦ୍ଦିଷ୍ଟକାଳ ପାଇଁ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ପଦ୍ମପୁର, ଗାଇସିଲଟ, ଅମ୍ବାଭାନା, ବିଜେପୁର ଏବଂ ବରପାଲି ବ୍ଲକ କ୍ଷତିପୂରଣ ପାଇବାରୁ ବଞ୍ଚିତ ଚାଷୀଙ୍କୁ କ୍ଷତି ପୂରଣ ପ୍ରଦାନ ଦାବି କରିଛନ୍ତି । ଚଳିତ ରବି ଋତୁ ମଇ ମାସରେ କାଳ ବୈଶାଖୀ ଲଘୁଚାପ ଜନିତ ଅଦିନିଆଁ ବର୍ଷା ଏବଂ ମୌସୁମୀ କାରଣରୁ ବରଗଡ଼ ଜିଲ୍ଲାରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି ।

ଅନ୍ୟପକ୍ଷରେ ଦିନିକିଆ ସମ୍ବଲପୁର ଗସ୍ତରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପହଞ୍ଚି ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି । ସମ୍ବଲପୁର କୃଷକ ସଂଗଠନ ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଛନ୍ତି ମନ୍ତ୍ରୀ ଶ୍ରୀ ପାତ୍ର । ମୁଖ୍ୟତଃ ସମ୍ବଲପୁରରେ ଚାଷୀଙ୍କ ସହ ଧାନକିଣା ଟାର୍ଗେଟ ଓ ଟୋକନ ସମସ୍ୟା ନେଇ ଆଲୋଚନା କରିଥିଲେ । ଯଦି ଟୋକନ ଅବଧି ସରିବା ସତ୍ତ୍ୱେ ଚାଷୀ ଧାନ ବିକ୍ରି କରି ନପାରିଲେ, ଜିଲ୍ଲାପାଳ ତାଙ୍କର ସ୍ୱତନ୍ତ୍ର କ୍ଷମତା ବ୍ୟବହାର କରି ଆହୁରି ୧୫ ଦିନ ଏହାର ଅବଧି ବଢ଼ାଇ ପାରିବେ ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ । ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲା ଯୋଜନା କମିଟିର ବୈଠକରେ ଯୋଗଦେଇଥିଲେ । ସେହିପରି ବୁଡ଼ି ଅଞ୍ଚଳରେ ଧାନକିଣା ପାଇଁ ଆଗକୁ ମଧ୍ୟ ଅନୁମତି ରହିବ ବୋଲି ମନ୍ତ୍ରୀ କହିଛନ୍ତି ।

## ଝାଡାବାନ୍ତିରେ...

ସହ ଯାଜପୁରରୁ ଏକ ମେଡିକାଲ ଟିମ ଏଠାକୁ ପଠାଇ ରୋଗୀ ମାନଙ୍କ ଚିକିତ୍ସା କରାଇବା ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ତେବେ ରୋଗୀ ଓ ତାଙ୍କ ସମ୍ପର୍କିୟମାନଙ୍କ ଅଭିଯୋଗ ଉପରେ ପରବର୍ତୀ ସମୟରେ ବିଚାର କରାଯିବ ବୋଲି କହିଥିଲେ। ସୋମବାର ଅତ୍ୟଧିକ ବର୍ଷା ହେବା ଏବଂ ବଜାରରେ ବିକ୍ରି ହେଉଥିବା ଆମ୍ବ ଓ ପଣଷ ଖାଇ ଲୋକମାନେ ଏଭଳି ଝାଡାବାନ୍ତି ରୋଗରେ ପଡିଥିବା ସିଡିଏମଓ କହିଛନ୍ତି। ଆଜି ଧର୍ମଶାଳା ବ୍ଲକର ଗୋଡିପାଟିଆ, ଭେଜିଗୋଠ, ବାଲିସାହି, ଗଡମଧୁପୁର, ପାଖର, ଅଞ୍ଜିରା, ଚହଟା ଏବଂ ରସୁଲପୁର ବ୍ଲକ ଗୋପାଳପୁର ଓ ପ୍ରଥମାଖଣ୍ଡି ଗ୍ରାମର ଲୋକମାନେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଧର୍ମଶାଳା ମେଡିକାଲରେ ଭର୍ତି ହୋଇଛନ୍ତି। ଧର୍ମଶାଳା ମେଡିକାଲ ଷ୍ଟାଫ ଓ ଯାଜପୁରରୁ ଆସିଥିବା ମେଡିକାଲ ଟିମ ମିଳିତ ଭାବେ ରୋଗୀମାନଙ୍କ ଚିକିତ୍ସା ଚଳାଇଥିବା ଦେଖିବାକୁ ମିଳିଛି। ଚିକିତ୍ସିତ ହୋଇ ଅନେକ ରୋଗୀ ଘରକୁ ଫେରୁଥିବା ବେଳେ ଏବେବି ଅନେକ ଝାଡାବାନ୍ତି ରୋଗୀ ମେଡିକାଲକୁ ଆସି ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି।

## ଲାଞ୍ଚୁଆ...

ବାସଭବନରୁ ୪୭ଲକ୍ଷ ୪୭ ହଜାର ୬୦୦ ଟଙ୍କା ଜବତ ହୋଇଥିଲା । ଏକାଧିକ ସ୍ଥାନରେ ଚଢ଼ାଉ ବେଳେ ସମୁଦାୟ ୫୭ ଲକ୍ଷ ୪୬ ହଜାର ୬୦୦ ଟଙ୍କା ଜବତ ହୋଇଥିଲା ।

୨୦୨୧ ବ୍ୟାଚ ଆଇଏଏସ୍ ଶ୍ରୀ ଚକ୍ମା ତ୍ରିପୁରାର ଏକ ଆଭ୍ୟନ୍ତରୀଣ ଅଞ୍ଚଳ କାଞ୍ଚନପୁରର ବାସିନ୍ଦା । ତାଙ୍କ ବାପା ଜଣେ ସ୍କୁଲ ଶିକ୍ଷକ । ଅଗରତାଲା ଏନ୍‌ଆଇଟିରୁ କମ୍ପ୍ୟୁଟର ସାଇନ୍ସରେ ଡିଗ୍ରି ହାସଲ କରିବା ପରେ ୟୁପିଏସସି ପରିଚାଳିତ ଭାରତୀୟ ପ୍ରାଶାସନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଲାଞ୍ଚ ନେବା ମାମଲାରେ ସୋମବାର ପୁଣି ଭିଜିଲାନ୍ସର ଏକ ଟିମ୍ ଧର୍ମଗଡ଼ ଯାଇ ଉପଜିଲ୍ଲାପାଳଙ୍କ ଅଫିସରେ ଛାନଭିନ୍ କରିଥିଲେ । ଫଳରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରି ତଦନ୍ତ କରିଥିବା ଜଣା ପଡ଼ିଛି । ଏହାଛଡ଼ା ଉପଜିଲ୍ଲାପାଳଙ୍କ ଅଫିସରେ ଅନ୍ୟ କର୍ମଚାରୀମାନଙ୍କ ସହ ବି ଆଲୋଚନା କରିଛନ୍ତି ଭିଜିଲାନ୍ସ ଅଧିକାରୀ ।

## ଆଜି...

ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ମନ୍ଦିର ଭିତର ଓ ବାହାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମାର୍କେଟ ଛକ ନିକଟରେ ବାଉଁଶରେ ବ୍ୟାରିକେଡ଼ ନିର୍ମାଣ କରାଯାଇଛି । ବ୍ୟାରିକେଡ଼ ଦେଇ ଭକ୍ତମାନେ ଧାଡ଼ିରେ ବଡ ଦାଣ୍ଡ ଦେଇ ଶ୍ରୀମନ୍ଦିର ଭିତରେ ପ୍ରବେଶ କରି ସ୍ନାନ ବେଦୀରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ହାତୀ ବେଶରେ ଦର୍ଶନ କରିବେ । ସ୍ନାନ ପୂର୍ଣ୍ଣିମା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ଛତିଶା ନିଯୋଗ ପକ୍ଷରୁ ଚୂଡାନ୍ତ ହୋଇଥିବା ନୀତି ନିର୍ଘଣ୍ଟ ଅନୁସାରେ ମଙ୍ଗଳାର୍ପଣ ଭୋର୍ ୪ ଟା ୩୦ ମିନିଟ୍, ଡୋର ଲାଗି, ପୁଷ୍ପାଞ୍ଜଳୀ, ପହଣ୍ଡି ଆରମ୍ଭ ସକାଳ ୫ ଟା ରୁ ୭ ଟା, ମଙ୍ଗଳ ଆଳତି ସକାଳ ୯ ଟା, ମଇଲମ ସକାଳ ୯ ଟା ୧୫ ମିନିଟ, ତଡ଼ପ ଲାଗି ୯ ଟା ୨୫ ମିନିଟ, ଅଧର ପୋଛା ୯ ଟା ୪୫ ମିନିଟ, ଅବକାଶ ୧୦ ଟା ୨୦ ମିନିଟ, ସୂର୍ଯ୍ୟ ପୂଜା ୧୦ ଟା ୩୦ ମିନିଟ, ଦ୍ୱାର ପାଳ ପୂଜା ୧୦ ଟା ୪୫ ମିନିଟ, ବେଶ୍ ଶେଷ ୧୧ ଟା ୧୦ ମିନିଟ, ଜଳ ବିଜେ, ପୂଜା, ମହାସ୍ନାନ ଦିବା ୧୨ ଟା ୨୦ ମିନିଟ ରୁ ୧ ଟା ୪୫ ମିନିଟ, ମଇଲମ, ମେକାପ, ସର୍ବାଙ୍ଗ, ନୂଆ ବସ୍ତ୍ର ଲାଗି ଅପରାହ୍ନ ୨ ଟା ୫୦ ମିନିଟ, ଛେରା ପହଁରା ୩ ଟା ୩୦ ମିନିଟ, ଗଜାନନ ବେଶ ୪ ଟା ୩୦ ମିନିଟ, ମହନ୍ତ ଶାଢ଼ୀ ବନ୍ଧା ୪ ଟା ୩୦ ମିନିଟ, ଘଣ୍ଟ ଛତା, ସକାଳ ଧୂପ ସନ୍ଧ୍ୟା ୫ ଟା ୪୫ ରୁ ୭ଟା ୨୦ ମିନିଟ, ଦକ୍ଷିଣ ଘର ଭୋଗ ସନ୍ଧ୍ୟା ୭ ଟା ୩୦ ମିନିଟ, ସାହଣ ମେଳା ଦର୍ଶନ ସନ୍ଧ୍ୟା ୭ ଟା ୩୦ ମିନିଟ ରୁ ରାତ୍ର ୧୦ ଟା ୩୦ ମିନିଟ, ହାତୀ ବେଶ୍ ମଇଲମ ରାତ୍ର ୧୧ ଟା, ପୁଷ୍ପାଞ୍ଜଳି ଓ ଡୋର ଲାଗି ରାତ୍ର ୧୧ ଟା ୩୦ ମିନିଟ, ବାହୁଡ଼ା ପହଣ୍ଡି ରାତ୍ର ୧୧ ଟା ୩୦ ମିନିଟ ରୁ ୨ ଟା, ସୁନା ଚିତା ଓ ରାହୁ ରେଖା ମଇଲମ ରାତ୍ର ୨ ଟା ୩୦ ମିନିଟ ଚୂଡାନ୍ତ ହୋଇ ଥିବା ସୂଚନା ମିଳିଛି ।

- ମଙ୍ଗଳାର୍ପଣ ପ୍ରାତଃ- ୪ଟା ୩୦
- ଡୋରଲାଗି ଓ ପୁଷ୍ପାଞ୍ଜଳୀ ହୋଇ ପହଣ୍ଡି ଆରମ୍ଭ- ୫ ଟା ରୁ ୭ଟା
- ମଙ୍ଗଳଆଳତି- ସକାଳ ୯ ଟା
- ମଇଲମ- ୯ଟା ୧୫
- ତଡପ ଲାଗି- ୯ଟା ୨୫
- ଅଧର ପୋଛା - ୯ଟା ୪୫
- ଅବକାଶ- ୧୦ଟା ୨୦
- ରୋଷହୋମ - ୧୦ଟା ୨୦
- ସୂର୍ଯ୍ୟ ପୂଜା - ୧୦ଟା ୩୦
- ଦ୍ୱାରପାଳ ପୂଜା - ୧୦ଟା ୫୫
- ବେଶ ଶେଷ- ୧୧ଟା ୧୦
- ଜଳ ବିଜେ, ପୂଜା, ସ୍ନାନ- ଦିବା ୧୨ଟା ୨୦ ରୁ ୧ଟା ୪୫
- ମଇଲମ, ମେକାପ ସର୍ବାଙ୍ଗ, ନୂଆଲୁଗା ଲାଗି ବେଶ - ୨ଟା ୫୦
- ଛେରା ପହଁରା - ୩ଟା ୩୦
- ହାତୀ ବେଶ - ୪ଟା ୩୦
- ମହନ୍ତଶାଢ଼ୀବନ୍ଧା- ୪ଟା ୩୦
- ଘଣ୍ଟଛତା ସକାଳ ଧୂପ - ୫ଟା ୪୫ ରୁ ୭ଟା ୨୦
- ଦକ୍ଷିଣଘର ଭୋଗ- ସନ୍ଧ୍ୟା ୬ଟା ୩୦
- ସାହାଣମେଳା - ୭ଟା ୩୦ ରୁ ୧୦ ଟା ୩୦
- ହାତୀବେଶ ମଇଲମ- ରାତ୍ର ୧୧ଟା
- ପୁଷ୍ପାଞ୍ଜଳୀ ଓ ଡୋରଲାଗି- ୧୧ଟା ୧୦
- ବାହୁଡା ପହଣ୍ଡି - ୧୧ଟା ୩୦ ରୁ ୨ ଟା
- ସୁନା ଚିତା ଓ ରାହୁ ରେଖା ମଇଲମ - ୨ଟା ୩୦

# ସର୍ଚ୍ଚ ଅପରେସନରେ ଡ୍ରୋନ ଛୋଟଛୋଟ ଗୋଷ୍ଠୀରେ ମାଓବାଦୀ

ସମ୍ବଲପୁର, ୧୦।୬ (ସବ୍ୟୁ): ସମ୍ବଲପୁର ଜିଲ୍ଲାରେ ମାଓ ଗତିବିଧି ନଜରକୁ ଆସିବା ପରେ ଗତ ୪ଦିନ ହେବ ସର୍ଚ୍ଚ ଅପରେସନ୍ ଜାରି ରହିଛି । ସ୍ଥାନୀୟ ପୋଲିସ ସହାୟତାରେ ସଶସ୍ତ୍ର ଅର୍ଦ୍ଧ ସାମରିକ ବଳ ଘଞ୍ଚ ଜଙ୍ଗଲରେ କମ୍ବିଂ ଚଳାଇଛନ୍ତି । ଅନ୍ୟପଟେ ଉଚ୍ଚ କ୍ଷମତା ସମ୍ପନ୍ନ ଡ୍ରୋନକୁ ମଧ୍ୟ ସର୍ଚ୍ଚ ଅପରେସନ୍‌ରେ ସାମିଲ କରାଯାଇଛି । ଫଟୋ ଓ ଭିଡିଓ ଉତ୍ତୋଳନ କରାଯାଇ ଏସବୁକୁ ତନ୍ନତନ୍ନ ଯାଞ୍ଚ କରାଯାଉଛି । ଏଭଳିସ୍ଥଳେ ମାଓବାଦୀ ମାନେ ଛତ୍ରଭଙ୍ଗ ଦେଇଥିବା ଜଣାପଡିଛି । ସେମାନେ ଛୋଟଛୋଟ ଭାଗ ହୋଇ ଭିନ୍ନ ଭିନ୍ନ ଜଙ୍ଗଲରେ ଆତ୍ମଗୋପନ କରିଛନ୍ତି । ବିଶେଷ ଭାବେ ସମ୍ବଲପୁର ଜିଲ୍ଲାର ରେଢାଖୋଲ, ଚାରମାଳ, ଯୁଯୋମୁରା, ଜମନକିରା, ନାକଟିଦେଉଳ ଓ କିସିଣ୍ଡା ଥାନା ଅଞ୍ଚଳରେ ସକ୍ରିୟ ଥିବା ଗୁଇନ୍ଦା ବିଭାଗ ପକ୍ଷରୁ ଜଣାପଡିଛି । ଏହା ଜଣାପଡିବା ପରେ ପୋଲିସ ପକ୍ଷରୁ ଅସ୍ତ୍ରାଗାର ଗୁଡିକର ସୁରକ୍ଷା ବ୍ୟବସ୍ଥା ବଢାଇ ଦିଆଯାଇଛି । ପୂର୍ବରୁ ମାଓ ଅଞ୍ଚଳ ଥିବା ଥାନା ଗୁଡିକରେ ଏସ୍‌ଓଜି ଯବାନ ମୁତୟନ କରାଯାଇଛି । ବାରମ୍ବାର ପୋଲିସ ଅଧିକାରୀଙ୍କ ସହ ବୈଠକ ଓ ମାଓ ମୁକାବିଲା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି ।

ଛତିଶଗଡରେ ମାଓବାଦୀ ବିରୋଧି ଅପରେସନର ସଫଳତା ଓ ସରଣ୍ଡା ଜଙ୍ଗଲରୁ ଲୁଟ୍ ବିସ୍ଫୋରକ ସାମଗ୍ରୀ ଜବତ ପରେ କିଛି ମାଓବାଦୀ ସମ୍ବଲପୁର ଜିଲ୍ଲା ଚାରମାଳ ଥାନା ଅନ୍ତର୍ଗତ ଘଞ୍ଚ ସଂରକ୍ଷିତ ଜଙ୍ଗଲରେ ଆତ୍ମଗୋପନ କରିଥିବା ପୋଲିସକୁ ସୂଚନା ମିଳିଥିଲା । ଏହା ଜଣାପଡିବା ପରେ ଅର୍ଦ୍ଧ ସାମରିକ ବାହିନୀ ଓ ଏସ୍‌ଓଜି ଯବାନଙ୍କ ପକ୍ଷରୁ ମିଳିତ ଭାବେ ଗତ ୭ତାରିଖରୁ ସର୍ଚ୍ଚ ଅପରେସନ ଜାରି ରହିଛି । ବୌଦ୍ଧ, ସୋନପୁର ଓ ରେଢାଖୋଲ ଅଞ୍ଚଳର ଠେଙ୍ଗୋ ଡ୍ୟାମ ସଂଲଗ୍ନ ବିଭିନ୍ନ ଜଙ୍ଗଲରେ ଏହି ଅପରେସନ୍ ଚାଲୁଥିବା ବେଳେ ସେମାନେ ପାଲଟା ଆକ୍ରମଣ ବଳରେ ଆତ୍ମଗୋପନକୁ ଶ୍ରେୟ ମଣୁଛନ୍ତି । ଜଙ୍ଗଲ ପାଶ୍ୱର୍ବର୍ତ୍ତୀ କିଛି ଗ୍ରାମବାସୀଙ୍କ ସହ ସୁସମ୍ପର୍କ ସ୍ଥାପନ ସହ ସେମାନଙ୍କ ଜରିଆରେ ଖାଦ୍ୟପାନୀୟ ବ୍ୟବସ୍ଥା ପରିଚାଳନା କରୁଛନ୍ତି । ଏଥିସହ ପୋଲିସର ଗତିବିଧି ଉପରେ ସର୍ବଦା ନଜର ରଖିଛନ୍ତି । ଆବଶ୍ୟକସ୍ଥଳେ ସ୍ଥାନ ପରିବର୍ତ୍ତନ ମଧ୍ୟ କରୁଛନ୍ତି । ଏହା ଜଣାପଡିବା ପରେ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭର କରୁଥିବା ଲୋକେ ଆଉ ଭୟରେ ଜଙ୍ଗଲ ଯାଉନଥିବା ଜଣାପଡିଛି । ସେହିପରି କିଛି ବନ କର୍ମଚାରୀ ମଧ୍ୟ ହାତୀ ଓ ମାଓବାଦୀ ଭୟରେ ଘଞ୍ଚ ଜଙ୍ଗଲକୁ ଆଉ ଯାଉନଥିବା ନଜରକୁ ଆସିଛି ।

# ଉତ୍କଳ ରଂଜନ ସାହୁଙ୍କୁ ରାଜସ୍ଥାନ ଲୋକ ସେବା ଆୟୋଗର ଅଧକ୍ଷ

ଭୁବନେଶ୍ୱର (ସବ୍ୟୁ) : ଓଡ଼ିଆ ପୁଅ ଉତ୍କଳ ରଂଜନ ସାହୁଙ୍କୁ ରାଜସ୍ଥାନରେ ବଡ଼ ଦାୟିତ୍ୱ ମିଳିଛି। ଭାରତୀୟ ପୁଲିସ ସେବା (ଆଇପିଏସ୍) ଅଧିକାରୀ ଶ୍ରୀ ସାହୁଙ୍କୁ ରାଜସ୍ଥାନ ସରକାର ରାଜ୍ୟର ଲୋକ ସେବା ଆୟୋଗର ନୂଆ ଅଧକ୍ଷ ପଦବିରେ ନିଯୁକ୍ତି ଦେଇଛନ୍ତି। ଏହି ପଦବିରେ ନିଯୁକ୍ତ ହେଲା ପରେ ୧୯୮୮ ବ୍ୟାଚ୍ର ଆଇପିଏସ୍ ଶ୍ରୀ ସାହୁ ନିଜର ଯୋଜନା ସଂପର୍କରେ ଗଣମାଧ୍ୟମର ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ଶ୍ରୀ ସାହୁ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଆଦେଶାନୁସାରେ ତାଙ୍କୁ ଦାୟିତ୍ୱ ମିଳିଛି। ଏହାକୁ ନିଷ୍ଠାର ସହିତ ପାଳନ କରିବି। ମୁଁ ଗତ ୩୫ ବର୍ଷ ହେଲା ସରକାରୀ ସେବାରେ ରହିଛି ଏବଂ ସବୁବେଳେ ଆଦେଶର ପାଳନ କରିଛି। ବର୍ତ୍ତମାନ ନୂଆ ଦାୟିତ୍ୱ ମିଳିଥିବାରୁ, ମୁଁ ସଂପୂର୍ଣ୍ଣ ଭାବେ ଉଦ୍ୟମ କରିବି ଯେ, ଏହି ପଦ ଅନୁସାରେ କାମ କରାଯିବ। ଯଥା ସମ୍ଭବ ଭଲ କରିବାକୁ ଉଦ୍ୟମ କରିବିଛ ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ବ୍ଲକର କୋଶଳା ଗାଁରେ ଜନ୍ମିତ ଶ୍ରୀ ସାହୁ କହିଛନ୍ତି, ବିଗତ କିଛି ବର୍ଷରେ ନିଯୁକ୍ତି ପରୀକ୍ଷାସଂପର୍କିତ ଅନେକ ସମସ୍ୟା ଆସିଥିଲା।


**AFFIDAVIT**

By virtue of an affidavit sworn before Executive Magistrate, Gop, Dated. 9.6.2025, I SILU PATRA, Son of Atula Patra, Village-Panichhatra (Patrasahi), Po-Nayahat, Ps-Gop, Dist-Puri, Pin-752107, Declare that I have changed my daughter (Old name) Soumyashree Mohapatra To (New name) SOUMYASHREE PATRA, Henceforth She shall be know as SOUMYASHREE PATRA for all purposes.

SILU PATRA

**AFFIDAVIT**

By virtue of an affidavit sworn before Executive Magistrate Bhubaneswar, Dated-10.06.2025. I, Ramanath Sahoo resident of Gojabayani Basti, Vss Nagar, Po/Ps-Saheed nagar, Bhubaneswar, Dist-Khordha, Odisha, Pin-751007 declare that I have changed the name of my daughter from Swayan Sampruna Sahoo to Swayam Sampurna Sahoo. Henceforth She shall be known as "Swayam Sampurna Sahoo" for all purposes.

Ramanath Sahoo

**AFFIDAVIT**

I, Adwita Ballabh Pattanayak, resident of At-GL-19, Vss Nagar, P.o-Rasulgarh, P.s/Saheed Nagar, Dist-Khordha, Odisha, Pin-751010 Odisha, declare by this affidavit No. 659 dtd.-09/06/2025 that now onwards I shall known as "Adwaita Ballabha Pattanayak" for all future purposes.

**ଦ.ପୂ. ରେଳପଥ-ଟେଣ୍ଡର**

ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଇ-ଟେଣ୍ଡର ନୋଟିସ ନଂ. : ଏମ-ଆରଏସସି-ଆରଓଏଚ୍-୨୫ଆର ଲାଗି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । କାର୍ଯ୍ୟର ନାମର ସଂକ୍ଷିପ୍ତ ବିବରଣୀ ସହିତ ଏହାର ଅବସ୍ଥିତି : ପିଡି ଆଇଟମ ନଂ. ୪୬୯/୨୦୨୪-୨୫ ଅନ୍ତର୍ଗତ ସ୍ପ୍ରେକ ବିଟୋ / ଏବଂମପି ଠାରେ ୧୫୦୦ ସ୍ପ୍ରେକର ଆରଓଏଚ୍, ବିଜ୍ଞାପିତ ମୂଲ୍ୟ : ଟ. ୨,୯୬,୭୭,୪୪୦.୮୮, ଅମାନତ ଅର୍ଥ : ଟ. ୨,୯୮,୪୦୦.୦୦ । ଇ-ଟେଣ୍ଡର ବନ୍ଦ ତାରିଖ ଓ ସମୟ : ୨୬.୦୬.୨୦୨୫ ଅପରାହ୍ନ ୧୬.୦୦ ଘଡିକା । ୱେବସାଇଟ୍ ବିବରଣୀ ଓ ସବିଶେଷ ତଥ୍ୟ www.ireps.gov.in, ବିଜ୍ଞି ଆରମ୍ଭ ତାରିଖ : ୧୨.୦୬.୨୦୨୫ ।

(PR-244)

**AFFIDAVIT**

By the virtue of an affidavit sworn before The Notary public, Simulia, Balasore on dated 10.06.2025. I, Jayant Kumar Jena (50 yrs) S/O-Pasupati Jena, At-Balikana, Po-Govindapur, Ps-Simulia, Dist-Balasore declare that I have changed my name from Jayanta Kumar Jena to Jayant Kumar Jena. Henceforth, I shall be known as Jayant Kumar Jena for all purposes.

**VIKRAM DEV UNIVERSITY**
**JEYPORE, DIST: KORAPUT, ODISHA-764001**
**No. 1423 /VDU/25 DATE : 31.05.2025**
**QUOTATION CALL NOTICE**

**CAD-721 :** Sealed quotations are invited from the registered firms/authorized book sellers for supply of Books of different Subjects/ Departments to be purchased out of the Government Grant so as to reach in the office of the undersigned by 5.00 P.M. on or before 20.06.2025 by Registered Post/Speed Post Positively only for consideration. Quotations received after the due date will not be entertained. The quotation will be opened in the office of the undersigned at 11.00 A.M. on 24.06.2025. The firms/ book selleres should quote the percentage of discount to be given on the printed price/MRP of each book i.e. on the text book/ reference book (Odia & English) and foreign publisher books of P.G. and U.G. Courses as per latest syllabus and edition separately in the prescribed proforma. Further, they should enclose their GST/ IT clearance/ authorized book seller certificate if any, with their quotation. Concerned book sellers should visit our University Website **www.vikramdevuniversity.ac.in** to see the detailed book lists and prescribed Proforma.

Sd/- Registrar
V. Dev University, Jeypore

OIPR : 11133/11/0007/2526

**AFFIDAVIT**

By virtue of an affidavit sworn before Notary Public Titilagarh dated 02.06.2025 I, Manoj Kumar Dandasana, Address At-Bandhapara, Po-Bandhapara, Ps-Deogaon, Dist-Balangir, Odisha, Pin-767029 declare that I have changed my son's name from Saddharth Dandasena to Siddharth Dandasana. Henceforth, he shall be known as Siddharth Dandasana for all purposes.

Manoj Kumar Dandasana

**TPWODL**
**TP WESTERN ODISHA DISTRIBUTION LIMITED**
**(A Joint Venture of Tata Power and Government of Odisha)**
**Corporate Office : Burla, Dist.-Sambalpur (Odisha)-768017**
**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

1. **TPWODL/SA/O/SU/2500000980 : Rate contract for supply of resin cast CT & PT.**
2. **TPWODL/VP/O/SU/2500000973 : PO for Supply of Testing Equipment's in TPWODL.**

Interested bidders are to submit Tender Participation Fee and Authorization Letter through email on or before **21st June 2025, 15:00Hrs,** respectively, after which link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in the tender is given in the tender document.

All future correspondence regarding the tender, bid submission, date extension etc. will happen with participating bidders only through E-Tender system.

**Sd/- Head- Contracts & Procurement**

**AFFIDAVIT**

By virtue of an affidavit sworn before Notary Public, Khordha, dated. 09.06.2025, I Pramod Kumar Das, resident of At/Po-Saradhapur, PS/Dist-Khordha, Pin-752057, Odisha, declare that I have changed the name of my son from Debrat Das to Debabrata Das. Hence, he shall be known as Debabrata Das for all purposes.

**AFFIDAVIT**

By virtue of an affidavit sworn before the Executive Magistrate Bhuban on dated 1388/10.06.2025. I Mr Prakash Kumar Kanar, S/o Gouranga Charan Kanar, Address Palashpithia, Po-Garhnurshingh Prasad, Ps-Bhuban, Dist- Dhenkanal have changed my name from Prakash Chandra Kanar to Prakash Kumar Kanar. Henceforth I shall be known as "Prakash Kumar Kanar" for all purposes.

Prakash Kumar Kanar

**ODISHA HYDRO POWER CORPORATION LIMITED**
BALIMELA HYDRO ELECTRIC PROJECT:,POST: BALIMELA: DIST: MALKANGIRI (ODISHA); PIN: 764051:
Phones: 06861-232581 (O)/232641 (R) : FAX:06861-232541.,E-Mail unit-head balimela@yahoo.com
REGD. OFFICE:ODISHA HYDRO POWER CORPORATION LIMITED
(A Govt. of Odisha Undertaking)
BHOI NAGAR, JANAPATH, BHUBANESWAR - 751022
Tel-91-0674-2542983.2542802,2545526 . Fax: 2542102, GRAM HYDROPOWER,
E-MAIL: ohpc.co@gmail.com/ / md@ophcltd.com, Web : www.ohpcltd.com,
CIN: U40101OR1995SGC003963, GSTIN-21AAACO2575P1Z9
**TENDER CALL NOTICE No.BHEP/TECH/ 17/2025-26 Dtd.09.06.2025**

**CAD-722 :** The Sealed tenders are invited in single part bid basis from the Manufacturer / Reputed Suppliers /Authorised Dealers for supply of materials as detailed below.

| Sl .No. | Description of Items. | Cost of Tender Paper (In Rs.) |
|---|---|---|
| 1. | Supply of HYDAC make Pressure Switches for BHEP, Balimela | Rs.7080/- Inclusive of GST @ 18% |

The Sale of Tender Paper will be from : 13.06.2025 to 25.06.2025 (up to 11:00 hrs)
The last date & time of receipt of tenders : Up to 11:30 hrs of 25.06.2025
Date and time of opening of the Bid : 25.06.2025 at 12:00 hrs
For details of tender documents, Terms and Conditions, Eligibility criteria and downloading, please visit our website at **www.ohpcltd.com**

OIPR : 04019/11/0094/2526
Sd/- C & P Head, BHEP, Balimela

**INVITATION FOR BIDS (IFB)**
**ODISHA STATE CASHEW DEVELOPMENT CORPORATION LIMITED,**
**KAJU BHAWAN, GHATIKIA, BHUBANESWAR**
**E-Mail :- contact@oscdc.com**
**e- Procurement Notice**
**Bid Identification Number- OSCDC-02 of 2025-26**
**Tender Call Notice No: 1717 Date:- 10.06.2025**

CAD-727

| | |
|---|---|
| Name of the work: | 1. Construction of Agro shed-net Truss with drainage system at Jayantagiri-II nursery. Koraput 2. Construction of Agro shed-net Truss at Kathagada Nursery, Ganjam. 3. Construction of Drying yard with Working shed. Store room & toilet atkathagada Ganjam under Khordha Division. |
| Total No. of Projects: | 3(Three) numbers |
| Estimated cost of projects: | Varies from Rs.8.73 lakh to Rs. 37.00 lakh (Excluding GST) |
| Class of contractor: | "D", "C"&"B" Class (of Odisha PWD) or relevant Class of other licensing authorities. |
| Period of Completion : | As per TCN |

**Other details:**

| Procurement Officer | Bid Identification Number | Availability of Tender online for bidding: From | Availability of Tender online for bidding: To | Submission of Original Documents | Date & Place of Ope'ning of tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| MANAGING DIRECTOR, OSCDC LTD. BHUBANESWAR | OSCDC-02 of2024-25 | 11.06.2025 from 11.00 A.M. | 21.06.2025 up to 5.00 P.M | During office hours of working days from dt. 12.06.2025 from 11.00AM to 23.06.2025upto 05.00 PM in the Office of Executive Engineer, OSCDC, Kaju Bhawan, Bhubaneswar, 751029 (To be dropped in the sealed Box) | Dt. 24.06.2025at 11.30 AM in the conference hall, OSCDC, Kaju Bhawan, Bhubaneswar 751029 |

**Further details can be seen from the website www.tendersodisha.gov.in**

OIPR: 01049/11/0032/2526
Sd/- Managing Director

# ଓଜେଇଇ ଫଳାଫଳ ପ୍ରକାଶ

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶା ମିଳିତ ପ୍ରବେଶିକା ପରୀକ୍ଷା (ଓଜେଇଇ)-୨୦୨୫ ରେଜଲ୍ଟ ମଙ୍ଗଳବାର ସନ୍ଧ୍ୟାରେ ପ୍ରକାଶ ପାଇଛି । ଓଡିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଫଳାଫଳ ପୁସ୍ତକ ଉନ୍ମୋଚିତ ହୋଇଛି । ଶିକ୍ଷମନ୍ତ୍ରୀ ସମ୍ପଦ ସ୍ୱାଇଁ ଆନୁଷ୍ଠାନିକ ଭାବେ ଓଜେଇଇ-୨୦୨୫ ରେଜଲ୍ଟ ଘୋଷଣା କରିଛନ୍ତି । ଛାତ୍ରଛାତ୍ରୀମାନେ ନିଜର ରେଜଲ୍ଟ ଜାଣିବା ପାଇଁ (www.ojee.nic.in) ୱେବ୍ସାଇଟ୍ ମାଧ୍ୟମରେ ନିଜର ରାଙ୍କ କାର୍ଡ ପାଇପାରିବେ ।



ଗତ ମେ' ୨ ତାରିଖରେ ଓଜେଇଇ ପରୀକ୍ଷା ଆରମ୍ଭ ହୋଇଥିଲାଛ ୧୨ ତାରିଖ ଯାଏ ଏହା ୩ଟି ସିଫ୍ଟରେ ଜାରି ରହିଥିଲା । ସମସ୍ତ ପରୀକ୍ଷା କମ୍ପ୍ୟୁଟର ବେସଡ ଟେଷ୍ଟ (ସିବିଟି) ମୋଡରେ ହୋଇଥିଲା । ଓଜେଇଇ ରେଜଲ୍ଟ ପ୍ରକାଶିତ ହୋଇଥିବା ବେଳେ କେଉଁ କୋର୍ସ ପାଇଁ କେଉଁ ପରୀକ୍ଷାର୍ଥୀ ଶ୍ରେଷ୍ଠ ରାଙ୍କ ଆଣିଛନ୍ତି, ତାହା ସୂଚନା ଦିଆଯାଇଛି । ବି ଫାର୍ମାରେ ଯତୀନ ମେହେର, ଲେଟରାଲ -ଟେକ୍ନୋଲୋଜି (ଡିପ୍ଲୋମା)ରେ ଗୌରବ ସ୍ୱାଇଁ, ଲେଟରାଲ ଏଣ୍ଟ୍ରି-ଟେକ୍ନୋଲୋଜି (ବିଏସସି)ରେ ସାକ୍ଷୀ କୁମାରୀ, ଲେଟରାଲ ଏଣ୍ଟ୍ରି-ଟେକ୍ନୋଲୋଜି-ଫାର୍ମାସିରେ ସାଗରିକା ଦାଶ, ଏମବିଏରେ ଅନୁରାଗ ମିଶ୍ର, ଏମସିଏ/ ଏମଏସସି(କମ୍ପ୍ୟୁଟର ସାଇନ୍ସ)ରେ ଏସ୍ ସିସେନ୍ଦ୍ରୀ, ଇଣ୍ଟିଗ୍ରେଟେଡ୍ ଏମବିଏରେ ଅଂଶୁମାନ ପତି, ବି. କେଟ୍ ଇନ ସିନେମାଟୋଗ୍ରାଫି ଆଣ୍ଡ ସାଉଣ୍ଡ ରେକର୍ଡିଂ ଆଣ୍ଡ ସାଉଣ୍ଡ ଡିଜାଇନିଂରେ ନେହା ପ୍ରିୟଦର୍ଶିନୀ, ବି. କେଟ୍ ଇନ୍ ଫିଲ୍ମ ଏଡିଟିଂରେ ସାନିଧ ନାୟକ, ଏମ୍ ଫାର୍ମାରେ ହିତଶେ କୁମାର ଧଳ, ଏମ୍ ଆର୍କିଟେକରେ ଅସ୍ମିତା ସୁବୁଦ୍ଧି, ଏମ୍ ପ୍ଲାନରେ ଉର୍ମିକାନ୍ତ ମଣିନନ୍ଦନ ସାହୁ ଏବଂ ଏମ୍ ଟେକ୍ ବର୍ଗରେ ସମସ୍ତ ସ୍ପେଶାଲାଇଜେସନରେ ମନ୍ମଥ ବେହେରା ଟପ୍ପର ହୋଇଛନ୍ତି ।

ସମସ୍ତ ପାଠ୍ୟକ୍ରମ ପାଇଁ କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) ମାଧ୍ୟମରେ କରଯାଇଥିଲା । ଚଳିତ ବର୍ଷ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲା ସହିତ ରାଜ୍ୟ ବାହାରେ ୩ଟି ସହର (କୋଲକାତା, ପାଟନା ଏବଂ ରାଞ୍ଚି) ମୋଟ ୭୦ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା । ଏବର୍ଷ ସମୁଦାୟ ୯୨,୪୮୮ ଜଣ ପରୀକ୍ଷାର୍ଥୀ ପଞ୍ଜିକୃତ ହୋଇଥିବାବେଳେ ୮୦,୩୨୪ ପରୀକ୍ଷାର୍ଥୀ (୮୬ ପ୍ରତିଶତ) ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ । ନର୍ସିଂ ପାଠ୍ୟକ୍ରମ ବ୍ୟତୀତ, ଅନ୍ୟାନ୍ୟ ପାଠ୍ୟକ୍ରମ ମଧ୍ୟରୁ ୫୫,୩୬୨ ପରୀକ୍ଷାର୍ଥୀଙ୍କୁ ନିଜନିଜର ପ୍ରଦର୍ଶନ ଅନୁଯାୟୀ ସେମାନଙ୍କର ଅନୁରୂପ ପାଠ୍ୟକ୍ରମରେ ସ୍ଥାନ (ର୍ୟାଙ୍କ) ମିଳିଛ । ବୈଷୟିକ ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସମର୍ଥ ବର୍ମା, ବିଭାଗୀୟ ଅତିରିକ୍ତ ଶାସନ ସଚିବ ସୁକାନ୍ତ କୁମାର ପ୍ରଧାନ, ଅଧକ୍ଷ ଦେବ ପ୍ରକାଶ ଶତପଥି ଓ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ସଂପାଦକ ରଞ୍ଜନ କୁମାର ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ ।

## ବିଶ୍ୱ ଯୁବ ବୈଜ୍ଞାନିକ ସମ୍ମିଳନୀ ଓ ଗ୍ଲୋବାଲ୍ ୟଙ୍ଗ୍ ଏକାଡେମୀର ବାର୍ଷିକ ସାଧାରଣ ସଭା

# ଭାରତ ସହାନୁଭୂତି, ସମାନତାପୂର୍ଣ୍ଣ ବିଜ୍ଞାନରେ ବିଶ୍ୱାସ କରେ : ଧର୍ମେନ୍ଦ୍ର



ଭୁବନେଶ୍ୱର (ସବ୍ୟୁ): ଭାରତ ସହାନୁଭୂତିଶୀଳ, ନୈତିକ ଏବଂ ସମାନତାପୂର୍ଣ୍ଣ ବିଜ୍ଞାନରେ ବିଶ୍ୱାସ କରେ ବୋଲି ମଙ୍ଗଳବାର ଆଇଆଇଟି ହାଇଦ୍ରାବାଦରେ ବିଶ୍ୱ ଯୁବ ବୈଜ୍ଞାନିକ ସମ୍ମିଳନୀ ଓ ଗ୍ଲୋବାଲ୍ ୟଙ୍ଗ୍ ଏକାଡେମୀର ବାର୍ଷିକ ସାଧାରଣ ସଭାରେ ଅଧକ୍ଷତା କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ତାଙ୍କ ଅଭିଭାଷଣରେ ସମ୍ମିଳନୀରେ ଯୋଗ ଦେଇଥିବା ତଥା ବିଶ୍ୱର ବିଭିନ୍ନ ସ୍ଥାନରୁ ଆସିଥିବା ଯୁବ ବୈଜ୍ଞାନିକଙ୍କୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଗ୍ଲୋବାଲ୍ ୟଙ୍ଗ୍ ଏକାଡେମୀର ୩୦ ଜଣ ନୂତନ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଥିଲେ କେନ୍ଦ୍ରମନ୍ତ୍ରୀ । ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଭାରତ ତଥା ଆଇଆଇଟି ହାଇଦ୍ରାବାଦକୁ ଚୟନ କରିବା ପାଇଁ ସେ ଗ୍ଲୋବାଲ୍ ୟଙ୍ଗ୍ ଏକାଡେମୀର ପ୍ରଶଂସା କରିଥିଲେ । ଶ୍ରୀ ପ୍ରଧାନ କହିଥିଲେ, ଏହି ସମ୍ମିଳନୀ କେବଳ ବୈଜ୍ଞାନିକମାନଙ୍କର ଏକ ସମାବେଶ ନୁହେଁ ବରଂ ଆଶା, ଉଦ୍ଦେଶ୍ୟ ଏବଂ ଏକ ସହଭାଗୀତାକୁ ପ୍ରତିନିଧିତ୍ୱ କରୁଥିବା ଏକ ମଞ୍ଚ ଅଟେ । ଭାରତ ପାଇଁ, ବସୁଧୈବ କୁଟୁମ୍ବକମ୍ - ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ - କେବଳ ଏକ ସ୍ଲୋଗାନ ନୁହେଁ ବରଂ ଜୀବନ ବଞ୍ଚିବାର ଏକ ପଦ୍ଧତି । ଭାରତ ଏପରି ବିଜ୍ଞାନରେ ବିଶ୍ୱାସ କରେ ଯାହା ସହାନୁଭୂତିଶୀଳ, ନୈତିକ ଏବଂ ନ୍ୟାୟସଙ୍ଗତ ହୋଇଥିବ । ମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଭାରତର ବୈଶ୍ୱିକ ଭାଗିଦାରୀ ଏକ ବ୍ୟାପକ ମୂଲ୍ୟବୋଧରେ ଅନ୍ତର୍ନିହିତ । ଅନ୍ତରାଷ୍ଟ୍ରୀୟ ସୌର ଗଠବନ୍ଧନ, ବିପର୍ଯ୍ୟୟ ପ୍ରତିରୋଧ ଭିତ୍ତିଭୂମି ପାଇଁ ପଦକ୍ଷେପ, ମିଶନ ଲାଇଫ୍ ଏବଂ ଭାରତ ବିଜ୍ଞାନ ଓ ଗବେଷଣା ଛାତ୍ରବୃତ୍ତି ଭଳି ପଦକ୍ଷେପଗୁଡ଼ିକ ଭାରତର ବିଶ୍ୱ ବନ୍ଧୁତ୍ୱ ତଥା ବିଜ୍ଞାନ ମାଧ୍ୟମରେ ବିଶ୍ୱ ବନ୍ଧୁତାର ପ୍ରତିଫଳନ । ବୈଜ୍ଞାନିକ, ଉଦ୍ଭାବକ ଏବଂ ନୀତି ନିର୍ଦ୍ଧାରକମାନେ ଏକାଠି ହୋଇ କାମ କରିବା ଓ ଦୁର୍ବଳ ଲୋକଙ୍କୁ ସଶକ୍ତ କରୁଥିବା ପରିସଂସ୍ଥାନ ଏବଂ ସମାଧାନ ତିଆରି କରିବା ଦରକାର । ବର୍ତ୍ତମାନର ସମୟ ହିଁ ସେହି ସମୟ । ଏହି ସମ୍ମିଳନୀ ଅନ୍ୟମାନଙ୍କ ସେବାରେ ଜ୍ଞାନକୁ ପ୍ରସାର କରିବାରେ ଏକ ମଞ୍ଚ ଭାବରେ କାର୍ଯ୍ୟ କରିବ । ଶ୍ରୀ ପ୍ରଧାନ ବୈଜ୍ଞାନିକମାନଙ୍କୁ ବିକଶିତ ଭାରତର ଦୃଷ୍ଟିକୋଣକୁ ସାକାର କରିବା ଏବଂ ମାନବ-କୈନ୍ଦ୍ରିକ ବିକାଶକୁ ଆଗକୁ ବଢ଼ାଇବା ପାଇଁ ଉଦ୍ଦେଶ୍ୟ ଏବଂ ସହାନୁଭୂତି ସହିତ ସହଯୋଗ ଏବଂ ସହ-ସୃଷ୍ଟି କରିବାକୁ ମଧ୍ୟ ଅନୁରୋଧ କରିଥିଲେ ।

ଶ୍ରୀ ପ୍ରଧାନ ଏହି ଅବସରରେ ଏକ୍ ପେଡ୍ ମା' କେ ନାମ ୨.୦ ଅଭିଯାନ ଅଧୀନରେ ଆଇଆଇଟି ହାଇଦ୍ରାବାଦ କ୍ୟାମ୍ପସରେ ବୃକ୍ଷରୋପଣ କରିଥିଲେ ।

# ଆଇଡିବିଆଇ ବ୍ୟାଙ୍କ ଜନପଥ ଶାଖାର ରୌପ୍ୟ ଜୟନ୍ତୀ ପାଳନ

ଭୁବନେଶ୍ୱର, (ସବ୍ୟୁ) : ଆଇଡିବିଆଇ ବ୍ୟାଙ୍କ ଜନପଥ ଶାଖାର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ବ୍ୟାଙ୍କର ଶାଖା ପରିସରରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ସୁଜିତ କୁମାର ଏହି କାର୍ଯ୍ୟକ୍ରମର ଅଧକ୍ଷତା କରିଥିଲେ। ଆଇଡିବିଆଇ ବ୍ୟାଙ୍କ ତରଫରୁ ଉନ୍ନତ ମାନର ଗ୍ରାହକ ସେବା ଯୋଗାଇ ଦିଆଯାଉଥିବା ବେଳେ ଏହିପରି ସେବା ଆଗକୁ ମଧ୍ୟ ଜାରି ରହିବ ବୋଲି ସୁଜିତ କୁମାର ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି ଅବସରରେ ପୂର୍ବତନ ମୁଖ୍ୟ ମହାପ୍ରବନ୍ଧକ ତଥା ଜନପଥ ଶାଖାର ପ୍ରଥମ ଶାଖା ମୁଖ୍ୟ ଦେବଦତ୍ତ ଦାଶ, ମହାପ୍ରବନ୍ଧକ ନିହାର ରଞ୍ଜନ ସାମଲ, ମହାପ୍ରବନ୍ଧକ ମନୋଜ କୁମାର ସେନାପତି, ଶାଖା ମୁଖ୍ୟ କିଶୋର ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ପାଖାପାଖି ୫୦ଜଣ ମୂଲ୍ୟବାନ ଗ୍ରାହକ ଉପସ୍ଥିତ ରହିଥିବା ସହ ବ୍ୟାଙ୍କ ତରଫରୁ ସମସ୍ତ ଗ୍ରାହକଙ୍କୁ ସମ୍ମାନିତ କରାଯାଇଥିଲା।

# ୨୨.୫କେଜି ଗଞ୍ଜେଇ ଜବତ : ୪ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ପାହାଳ ଥାନା ପୋଲିସ ହଂସପାଳ ଅଣ୍ଡରପାସ୍ ନିକଟରେ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨୨.୫ କେଜି ଗଞ୍ଜେଇ ଜବତ କରିଛି । ଗଞ୍ଜେଇ ସହ ୪ଜଣ ବ୍ୟବହାର କରୁଥିବା ଦୁଇଟି ବାଇକ୍ ଓ ୧୫୦୦ ଟଙ୍କା ଜବତ ହୋଇଥିବା ପୋଲିସ କହିଛି ।

ଗିରଫ ୪ଜଣ ହେଲେ ଟୁନା ପ୍ରଧାନ (୩୪), ବସନ୍ତ ଗୌଡ (୩୨), ଜିତେନ୍ଦ୍ର ବେହେରା (୩୦), ଶେଖ ସୋହାଗ (୩୫) । ସୋହାଗ ଘର ପଶ୍ଚିମବଙ୍ଗରେ ହୋଇଥିବା ବେଳେ ଜିତେନ୍ଦ୍ରର ଘର ସାଲିଆସାହିରେ । ସେହିପରି ବସନ୍ତ ଘର ଭରତପୁର ଥାନା ଅନ୍ତର୍ଗତ ତୋଟାବସ୍ତିରେ ଓ ଟୁନା ଘର ବିଜେବିନଗର ମଇଁସିଖାଲରେ ବୋଲି ପୋଲିସ ସୂଚନା ଦେଇଛି । ଗିରଫ ୪ଜଣଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ସମ ହସ୍ପିଟାଲରେ ପ୍ରଥମ ଥର ପାଇଁ

# ଟ୍ରାନ୍ସରେକ୍ଟାଲ୍ ଟ୍ରାନ୍ସଭଜାଇନାଲ୍ ପେଲ୍‌ଭିକ୍ ଫ୍ଲୋର ପୁନର୍ବାସ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାରେ ପ୍ରଥମ ଥର ପାଇଁ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ଟ୍ରାନ୍ସଭଜାଇନାଲ୍ ଓ ଟ୍ରାନ୍ସରେକ୍ଟାଲ୍ ପେଲ୍‌ଭିକ୍ ଫ୍ଲୋର ପୁନର୍ବାସ ସମ୍ପର୍କିତ କର୍ମଶାଳା ଗତ ଜୁନ୍ ୭ ଓ ୮ ତାରିଖ ଦୁଇ ଦିନ ଧରି ହସ୍ପିଟାଲ ପରିସରରେ ଆୟୋଜିତ ହୋଇଯାଇଛି। ସମ୍ ହସ୍ପିଟାଲ୍‌ର ଫିଜିଓଥେରାପି ବିଭାଗ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ସାରା ଦେଶରୁ ପ୍ରାୟ ୭୭ ଜଣ ମହିଳା ଫିଜିଓଥେରାପିଷ୍ଟ ଯୋଗ ଦେଇଥିବା ବେଳେ ଅହମ୍ମଦାବାଦର ବିଶିଷ୍ଟ ଫିଜିଓଥେରାପି ବିଶେଷଜ୍ଞ ଡାକ୍ତର ଧାରା ଶାହ କର୍ମଶାଳାର ପ୍ରସଙ୍ଗକୁ ନେଇ ତଥ୍ୟ ପ୍ରଦାନ କରିଥିଲେ ।



ଶରୀରରେ ପେଲଭିକ ଫ୍ଲୋର ମାଂସପେଶୀ ଖୁବ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ମୂତ୍ରାଶୟ, ଗର୍ଭାଶୟ, ଗର୍ଭାଶୟ ନଳୀ, ଡିମ୍ବାଶୟ, ମୂତ୍ରନଳୀ, ମଳାଶୟ, ମଳାଶୟ ନଳୀ, ଡିମ୍ବକୋଷ ତଥା ମଳତ୍ୟାଗ ଓ ମୂତ୍ରାଶୟର ନିୟନ୍ତ୍ରଣ କାର୍ଯ୍ୟରେ ସହଯୋଗ କରିଥାଏ। କର୍ମଶାଳାରେ ପରିସ୍ରା ଏବଂ ମଳ କ୍ଷରଣ ଏବଂ କୋଷ୍ଠକାଠିନ୍ୟ, ଯୌନ କାର୍ଯ୍ୟରେ ଅନିୟମିତତା ଭଳି ବିଷୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମ୍ ହସ୍ପିଟାଲ୍‌ର ଫିଜିଓଥେରାପି ବିଭାଗ ପ୍ରଥମ ଥର ପାଇଁ ଏକ ଇଂଟିମେଟ ହେଲ୍‌ଥ ଚେକ୍‌ଅପ୍ କ୍ଲିନିକ୍ ଆରମ୍ଭ କରିବାର ଯୋଜନା କରୁଥିବା ହସ୍ପିଟାଲ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପକ୍ଷରୁ ରାଜ୍ୟର ପ୍ରଥମ ଥର ପାଇଁ ମହିଳା ଫିଜିଓଥେରାପିଙ୍କୁ ନେଇ ଏଭଳି କର୍ମଶାଳା ଆୟୋଜନ କରାଯାଇଥିଲା।

## ଜମାନତମୁକ୍ତ ଗ୍ରାହକ ଆର୍ଥିକ ସହାୟତା ପାଇଁ

# କେନ୍ଦ୍ରୀୟ ବ୍ୟାଙ୍କ, ବେଦାନ୍ତ ସହଭାଗୀତା

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ୟୁନିଟ୍, ବାଲକୋ ମାଧ୍ୟମରେ ଜମାନତମୁକ୍ତ ଗ୍ରାହକ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଭାରତୀୟ କେନ୍ଦ୍ରୀୟ ବ୍ୟାଙ୍କ ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ଏହି ପଦକ୍ଷେପ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ସମେତ ମୂଳ ଉପକରଣ ନିର୍ମାତା (ଓଇଏମ) ଗୁଡ଼ିକୁ ସର୍ବନିମ୍ନ ଡକ୍ୟୁମେଂଟେସନ୍ ସହିତ ଏବଂ ଅତ୍ୟନ୍ତ ପ୍ରତିଯୋଗିତାମୂଳକ ସୁଧ ହାରରେ ଋଣ ପାଇବାକୁ ସକ୍ଷମ କରିବ, ଯାହା ଭାରତର ଡାଉନଷ୍ଟ୍ରିମ୍ ଧାତୁ ଶିଳ୍ପକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ପ୍ରଦାନ କରିବ । ବେଦାନ୍ତ ଆଲୁମିନିୟମର ୬୦% ରୁ ଅଧିକ ଡାଉନଷ୍ଟ୍ରିମ୍ ଗ୍ରାହକ ହେଉଛନ୍ତି ଏମଏସଏମଇ । ପ୍ରବେଶ ଯୋଗ୍ୟତା ଏବଂ ଗ୍ରାହକ ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ, ଆର୍ଥିକ କାର୍ଯ୍ୟକ୍ରମକୁ ସିଧାସଳଖ ବେଦାଂ ମେଟାଲ୍ ବଜାରରେ ସଂଯୁକ୍ତ କରାଯିବ, ଯାହା ଆଲୁମିନିୟମ ଉତ୍ପାଦ ପାଇଁ କମ୍ପାନୀର ଇ-ସୁପରଷ୍ଟୋର, ଶୀଘ୍ର ବଣ୍ଟନ, ଡିଜିଟାଲ୍ ସମନ୍ୱୟ, ସ୍ୱୟଂଚାଳିତ ଲିଏନ୍ ମାର୍କିଂ ଏବଂ ରିଅଲ୍-ଟାଇମ୍ ଇନଭଏସ୍ ଟ୍ରାକିଂ ସୁନିଶ୍ଚିତ କରିବ।

ଏହି ସହଯୋଗ ବେଦାନ୍ତ ଆଲୁମିନିୟମର ବିଦ୍ୟମାନ ଆର୍ଥିକ ଇକୋସିଷ୍ଟମକୁ ବେଦାନ୍ତ ମେଟାଲ୍ ବଜାର ମାଧ୍ୟମରେ ସକ୍ଷମ କରିଛି, ଯାହା ପୂର୍ବରୁ ଗ୍ରାହକମାନଙ୍କୁ ଅଗ୍ରଣୀ ବ୍ୟାଙ୍କ ଏବଂ ଏନବିଏଫସି ସହିତ ସଂଯୋଗ କରୁଛି । ବର୍ତ୍ତମାନ, ପ୍ଲାଟଫର୍ମ ମାଧ୍ୟମରେ ୧୦୦ ରୁ ଅଧିକ ଗ୍ରାହକ ଚାରୋଟି ସହଯୋଗୀ ବ୍ୟାଙ୍କରୁ ଆର୍ଥିକ ବିକଳ୍ପ ଉପଭୋଗ କରୁଛନ୍ତି, ଯାହା ବର୍ଷକୁ ବର୍ଷ ୩୦% ବୃଦ୍ଧି ପାଉଛି । ଏହାର ବିସ୍ତୃତ ଜାତୀୟ ପଦଚିହ୍ନ ସହିତ ସେଂଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଯୋଗଦାନ ସମଗ୍ର ଭାରତରେ କାର୍ଯ୍ୟକାରୀ ପୁଁଜିର ପ୍ରବେଶକୁ ଆହୁରି ଗଣତାନ୍ତ୍ରିକ କରିବାକୁ ସ୍ଥିର ହୋଇଛି । ଏମଓୟୁ ଏକ ବ୍ୟାପକ ଗ୍ରାହକ ଆର୍ଥିକ ଢାଞ୍ଚା ରୂପରେଖା ପ୍ରଦାନ କରେ ଯାହା ଓଇଏମ ଏବଂ ଏମଏସଏମଇ ଗୁଡ଼ିକୁ ସର୍ବନିମ୍ନ ସୀମିତ ବିନା କିମ୍ବା ବିନା ଋଣ ପାଇବାକୁ ଅନୁମତି ଦିଏ। ଆର୍ଥିକ ସୀମା ପ୍ରତି ଗ୍ରାହକ ଟ.୧୦ ଲକ୍ଷ ରୁ ଟ.୧୦ କୋଟି ପର୍ଯ୍ୟନ୍ତ, ବ୍ୟବସାୟିକ କାରବାର, ଗ୍ରାହକ ଭିନଟେଜ୍ ଏବଂ ବାଲକୋର ସୁପାରିଶ ଉପରେ ଆଧାରିତ ଅଧିକ ସୀମା ପାଇଁ ସମ୍ଭାବନା ସହିତ ଜଡିତ ।



ଗ୍ରାହକମାନେ ଶିଳ୍ପର ସର୍ବନିମ୍ନ ସୁଧ ହାର ମଧ୍ୟରୁ ଗୋଟିଏରୁ ଲାଭ ପାଇବେ, ଯାହାର ମାନକ ପରିଶୋଧ ଅବଧି ୯୦ ଦିନ ଏବଂ ୧୫ ଦିନର ଗ୍ରେସ୍ ୱିଣ୍ଡୋ ଅଟେ । ବେଦାନ୍ତ ମେଟାଲ୍ ବଜାର ସହିତ କାର୍ଯ୍ୟକ୍ରମର ନିର୍ବିଘ୍ନ ସମନ୍ୱୟ ଏପିଆଇ-ଆଧାରିତ ସେବା ଦ୍ୱାରା ଚାଳିତ ଏକ ସମ୍ପୂର୍ଣ୍ଣ ଡିଜିଟାଲ୍, ସୁଗମ ଅଭିଜ୍ଞତା ସୁନିଶ୍ଚିତ କରେ । ଏହି ସହଭାଗୀତା ବିଷୟରେ ମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, 'ଭାରତର ଉତ୍ପାଦନ ଏବଂ ଶିଳ୍ପ ଇକୋସିଷ୍ଟମର ମେରୁଦଣ୍ଡ ଗଠନ କରୁଥିବା ଏମଏସଏମଇ ମାନଙ୍କ ପାଇଁ କାର୍ଯ୍ୟକ୍ଷମ ପୁଁଜିକୁ ଅଧିକ ସୁଲଭ କରି ଆଲୁମିନିୟମ ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ଅଧିକ ଆର୍ଥିକ ସହୟତାକୁ ସକ୍ଷମ କରି, ଆମେ କେବଳ ଆମର ଗ୍ରାହକମାନଙ୍କୁ ଦକ୍ଷତାର ସହିତ ମାପିବା ପାଇଁ ସଶକ୍ତ କରୁନାହୁଁ ବରଂ ଏକ ଦୃଢ଼ ଡାଉନଷ୍ଟ୍ରିମ୍ କ୍ଷେତ୍ରର ବିକାଶକୁ ତ୍ୱରାନ୍ୱିତ କରୁଛୁ। ଏହି ଡିଜିଟାଲ୍-ପ୍ରଥମ ପଦ୍ଧତି ଭାରତର ବର୍ଦ୍ଧିତ ଡାଉନଷ୍ଟ୍ରିମ୍ ଉତ୍ପାଦନ କ୍ଷେତ୍ର ପାଇଁ ଏକ ସ୍ୱଚ୍ଛ, ସ୍କେଲେବଲ୍ ଏବଂ ଅନ୍ତର୍ଭୁକ୍ତ ଆର୍ଥିକ ଇକୋସିଷ୍ଟମ ନିର୍ମାଣ ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

## ଡ୍ରାଇଭର ଏକତା ମହାମଞ୍ଚ ଅନ୍ଦୋଳନକୁ ସମର୍ଥନ ଦେଲା ବସ-ଟ୍ରକ ମାଲିକ ସଂଘ

# ଜୁଲାଇ ୮ସୁଦ୍ଧା ୬ ଦଫା ଦାବି ପୂରଣ ନହେଲେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

ଭୁବନେଶ୍ୱର(ସବ୍ୟୁ): ଡ୍ରାଇଭର ଏକତା ମହାମଞ୍ଚ ଅନ୍ଦୋଳନକୁ ସମର୍ଥନ ଦେଲା ବସ, ଟ୍ରକ, ମିନି ଟ୍ରକ ମାଲିକ ସଂଘ । ଏନେଇ ଓଡ଼ିଶା ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟରେ ଡ୍ରାଇଭରମାନଙ୍କ ଉପୁଜୁଥିବା ସମସ୍ୟା ଉପରେ ଆଲୋଚନା ହୋଇଛି । ୬ ଦଫା ଦାବି ପୂରଣ ନହେଲେ ବନ୍ଦ ହେବ ଚକ ଅଖ । ଜୁଲାଇ ୮ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତି ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି ।

ଦାବି ଗୁଡ଼ିକ ହେଉଛି ଓଡିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଏବଂ ୱାର୍କର ୱେଲଫେୟାର ବୋର୍ଡରେ ଅଟୋ ଡ୍ରାଇଭରକୁ ସାମିଲ । ଜନ ସାଧାରଣଙ୍କ ଆକ୍ରୋଶରେ ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ତିଆରି କରାଯାଉ । ବୃତିଗତ ଡ୍ରାଇଭରଙ୍କୁ ୬୦ ବର୍ଷ ବୟସ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରାଯାଉ । ପ୍ରତି ୧୦୦ କିଲୋମିଟର ଅନ୍ତରାଳରେ ଗାଡ଼ି ପାର୍କିଂ, ଡ୍ରାଇଭରମାନଙ୍କ ବିଶ୍ରାମ ନେବାପାଇଁ ବିଶ୍ରାମଗାର ଏବଂ ଶୌଚାଳୟ ବ୍ୟବସ୍ଥା । ଓଡ଼ିଶାରେ ଥିବା ପ୍ରତ୍ୟକ ଖଣି ଖାଦାନ ଏବଂ କାରଖାନା ଗୁଡ଼ିକରେ ଶତକଡ଼ା ୭୦% ଓଡ଼ିଶାର ଡ୍ରାଇଭରଙ୍କୁ କାମ ଦେବା । ସେହିଭଳି ସେପ୍ଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ରୁପେ ଘୋଷଣା କରାଯାଉ ବୋଲି ମହାମଞ୍ଚ ଦାବି କରିଛି । ଜୁଲାଇ ୮ ତାରିଖ ପୂର୍ବରୁ ଉପରୋକ୍ତ ଦାବି ରାଜ୍ୟ ସରକାର ପୂରଣ ନକଲେ ରାଜ୍ୟବ୍ୟାପୀ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯିବ ବୋଲି ଚେତବନୀ ଦେଇଛନ୍ତି ମହାସଂଘ । ଏହି ବୈଠକରେ ଘରୋଇ ବସ ସଂଘ, ଟ୍ରକ ମାଲିକ ମହାସଂଘ, ଅଲ ଓଡ଼ିଶା ମିନିଟ୍ରକ ମାଲିକ ମହାଂଘ ଓ ଓଡ଼ିଶା ଡ୍ରାଇଭର ମହାସଂଘର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ ।

## ରୋଟାରୀ କ୍ଲବର ନୂଆ ସଦସ୍ୟତା କାର୍ଯ୍ୟକ୍ରମ

# ଇଞ୍ଜିନିୟର ଶୁଭମ ଜ୍ୟୋତି, ସ୍ମୃତିଶ୍ରୀ, ଶାଶ୍ୱତଙ୍କ ସମେତ ୧୦ ଜଣ ହେଲେ ନୂଆ ସଦସ୍ୟ



ଖୋର୍ଦ୍ଧା, (ସବ୍ୟୁ): ସ୍ଥାନୀୟ ରୋଟାରୀ ଭବନ ପରିସରରେ ନୂଆ ସଦସ୍ୟତା ଗ୍ରହଣ କାର୍ଯ୍ୟକ୍ରମରେ ରୋଟାରୀ ଓ ରୋଟ୍ରାକ୍ଟ ଭାବେ ୧୦ ଜଣ ନୂଆ ସଦସ୍ୟ ହୋଇଛନ୍ତି। ମୁଖ୍ୟ ଅତିଥି ଭାବେ ରୋଟାରୀ ଗଭର୍ଣ୍ଣର ଇନ୍ଦ୍ରଜିତ ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାଧାରଣ ସମ୍ପାଦକ ସୁଶାନ୍ତ ମହାପାତ୍ର, ରୋଟାରୀ ସଭାପତି ରୁଦ୍ରନାଥ ଦତ, ସମ୍ପାଦକ ସଞ୍ଜୟ ବର୍ମନ ନୂଆ ସଭ୍ୟଙ୍କୁ ଶପଥ ପାଠ କରାଇଥିଲେ। ଏଥିରେ କଳାକାର ୟୁଟ୍ୟୁବର, ତଥା ଇଞ୍ଜିନିୟର ଶୁଭମ ଜ୍ୟୋତି, ସ୍ମୃତିଶ୍ରୀ ପରିଜା, ଅଧ୍ୟାପକ ସୁବୋଧ ଜଗଦେବ, ଶାରଳା ପଟ୍ଟନାୟକ, ଉମାଶଙ୍କର ପ୍ରସାଦ ରୋଟାରୀ ସଦସ୍ୟ ହୋଇଥିବା ବେଳେ ଶାଶ୍ୱତ ମହାନ୍ତି, ସୌମ୍ୟ ରଞ୍ଜନ ବେହେରା, ନିଶାନ୍ତ ମହାନ୍ତି, ସୂର୍ଯ୍ୟ ମୁଦୁଲି, ରୋଟ୍ରାକ୍ଟ ସଭ୍ୟ ହୋଇଥିଲେ। ରୋଟାରୀୟନ ଦେବୀ ପ୍ରସାଦ ମଜୁମଦାର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପୂର୍ବତନ ସଭାପତି ସୌର୍ଯ୍ୟ ରଞ୍ଜନ ମହାନ୍ତି, ଡା ଅମୀୟ ଜେନାମଣି, ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ସୁଚିସ୍ମିତା ପରିଜା, ତାପସ ବୋଷ, ଲୋକେଶ ନାୟକ, ଦେବି ପ୍ରସାଦ ଦାସ, ଚିନ୍ମୟୀ ଦାସ, ମୋନାଲି ମହାପାତ୍ର ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ଅଗାମୀ ବର୍ଷ ପାଇଁ ରୋଟାରୀ ସଭାପତି ଭାବେ ସୁକାନ୍ତ ନାୟକ ଏବଂ ରୋଟ୍ରାକ୍ଟ ସଭାପତି ଭାବେ ସମ୍ପିତ ବେହାରଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଖୋର୍ଦ୍ଧା ରୋଟାରୀ କ୍ଲବକୁ ରାଜ୍ୟରେ ଏକ ଅଗ୍ରଣୀ କ୍ଲବ ଭାବେ ଗଢିତୋଳିବା ପାଇଁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ଗଭରନର ଇନ୍ଦ୍ରଜିତ ମହାନ୍ତି ପ୍ରତିଶୃତି ଦେଇଥିଲେ ।

# ୨୦୨୦ ମସିହା କନିଷ୍ଠ ଡାଟା ଏଣ୍ଟ୍ରି ଅପରେଟର ପଦୋନ୍ନତି ତାଲିକା ରଦ୍ଦ

କଟକ,(ସବ୍ୟୁ): ୨୦୨୦ ମସିହା ସେପ୍ଟେମ୍ବର ୨୪ ତାରିଖରେ କନିଷ୍ଠ ଡାଟା ଏଣ୍ଟ୍ରି ଅପରେଟର (ଜୁନିୟର ଡିଇଓ) ପଦପାଇଁ ଯେଉଁ ପଦୋନ୍ନତି ତାଲିକା( ଗ୍ରେଡେସନ୍ ଲିଷ୍ଟ) ପ୍ରସ୍ତୁତ କରାଯାଇଥିଲା ତାହାକୁ ହାଇକୋର୍ଟ ରଦ୍ଦ କରି ଦେଇଛନ୍ତି । ପ୍ରୋଭିଜିନାଲ ଲିଷ୍ଟ ଆଧାରରେ ଏହି ପଦୋନ୍ନତି ତାଲିକାକୁ ସାନି କରିବା ଲାଗି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଯେଉଁ ତାଲିକାରେ ଆବେଦନକାରୀଙ୍କୁ ସାମିଲ କରିବାକୁ କୁହାଯାଇଛି । ଆବେଦନକାରୀ ସନାତନ ସାହୁଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ଅବକାଶକାଳୀନ ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକ ଆଜି ଏହି ରାୟ ଦେଇଛନ୍ତି । କମ୍ପ୍ୟୁଟର ପୋଷ୍ଟ ଗ୍ରାଜୁଏଟ୍ ପାସ୍ କରିଥିବା ଆବେଦନକାରୀ ପ୍ରଥମେ ବାରିପଦା ଜନସ୍ୱାସ୍ଥ୍ୟ ବିଭାଗରେ ନିଯୁକ୍ତି ପାଇଥିଲେ । ଆବେଦନକାରୀ ନିୟମିତ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରିଥିଲେ । ବାରିପଦା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବେଦନକାରୀଙ୍କ ସମେତ ଅନ୍ୟ କିଛି କର୍ମଚାରୀଙ୍କ ନିୟମିତ ତାଲିକା ଜନସ୍ୱାସ୍ଥ୍ୟ ବିଭାଗ ଚିଫ୍ ଇଞ୍ଜିନିୟରଙ୍କ ଅନୁମୋଦନ ନିମନ୍ତେ ପଠାଯାଇଥିଲା । ଆବେଦନକାରୀଙ୍କୁ ନିୟମିତ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୁଇଟି କନିଷ୍ଠ ଡିଇଓ ପଦବି ସୃଷ୍ଟି କରାଗଲା । କିନ୍ତୁ ଉକ୍ତ ପଦରେ ଆବେଦନକାରୀଙ୍କୁ ନିଯୁକ୍ତି ଦିଆଯିବା ପରିବର୍ତ୍ତେ ସର୍ଭିସ୍ ପ୍ରୋଭାଇଡରଙ୍କ ଜରିଆରେ ନିଯୁକ୍ତି ଦିଆଗଲା । ଫଳରେ ଆବେଦନକାରୀ ସ୍ୟାଟ୍‌ଙ୍କ ଦ୍ୱାରସ୍ଥ ହୋଇଥିଲେ । ୨୦୧୫ରେ ସ୍ୟାଟ୍ ଆବେଦନକାରୀଙ୍କୁ ଜନିୟର ଡିଇଓ କିମ୍ବା କମ୍ପ୍ୟୁଟର ଅପରେଟର ପଦରେ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲ । ଏଥିସହ ଅନ୍ୟମାନଙ୍କୁ ଯାହା ସବୁ ସୁବିଧା ଦିଆଯାଉଛି ସେସବୁ ସୁବିଧା ମଧ୍ୟ ପ୍ରଦାନ କରିବାକୁ କହିଥିଲେ । କିନ୍ତୁ ଆବେଦନକାରୀଙ୍କ ନିୟମିତ ହେବା ଆବେଦନକୁ ଖାରଜ କରିଦେଇଥିଲେ ।


## ଜାତୀୟ ମାତୃଦେବ ଭବ ଧର୍ମ ସମ୍ମିଳନୀ

# ମେଧାବୀ ବିଦ୍ୟାର୍ଥୀଙ୍କୁ ସାହାର୍ଯ୍ୟର ହାତ ବଢ଼ାଇଲେ ତିରୁପତି ପାଣିଗ୍ରାହୀ

ଭୁବନେଶ୍ୱର (ସବ୍ୟୁ): ମାଆ ର ସ୍ୱର୍ଗୀୟ ସ୍ୱିକୃତି ଓ ଗରିମାମୟ ଅଧ୍ୟାୟକୁ ଆଧାର କରି ସାରା ବିଶ୍ୱ ଏବଂ ମାନବ ସମାଜ ମାତୃଦେବଙ୍କୁ ସଦାସର୍ବଦା ବନ୍ଦନା କରି ଆସୁଛି। ଏହି ଅବସରରେ ରାମାଏଲ ୟାମା ଫାଉଣ୍ଡେସନ୍ ଏବଂ ମାତୃଦେବ ଭବ ସତ୍‌ସଙ୍ଗ ଆନୁକୂଲ୍ୟରେ ଆନ୍ଧ୍ର ସ୍ଥିତ ମଲ୍ଲିକାର୍ଜୁନ ଶୈବ ପୀଠ ଶ୍ରୀସାଇଲମ୍ ଠାରେ ଏକ ବିରାଟ ଧର୍ମସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନେକ ସାଧୁସନ୍ଥ, ମହାତ୍ମା, ପୀଠାଧିପତିମାନେ ଯୋଗ ଦେଇ ମାଆର ଗରିମାମୟ ଜୀବନ ଉପରେ ଆଲୋକପାତ କରିଥିଲେ। ମାତୃ ଶକ୍ତିର ମୂଲ୍ୟବୋଧ ଓ ବୌଦ୍ଧିକ ଚିନ୍ତାଧାରାକୁ ଅଧାର କରି ସାରା ମାନବ ସମାଜ ଆପ୍ଳୁତ ହେବା ଦରକାର ବୋଲି ସାଧୁସନ୍ଥମାନେ ମତ ବ୍ୟକ୍ତ କରିଥିଲେ । ଏଥିରେ ରାମାଏଲ ୟାମା ଫାଉଣ୍ଡେସନ୍‌ର ଜବାହାରଲାଲ୍ ୟୁନିଭରସିଟିର ପ୍ରଫେସର୍ ବି.ପି ମିଶ୍ର ଏବଂ ଏହି ସଭାରେ ଚେୟାରମ୍ୟାନ୍ ପୁନମ୍ ମିଶ୍ର, ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧକ୍ଷ ଡଃ ତିରୁପତି ପାଣିଗ୍ରାହୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେବା ସହ ଫାଇନାଇଟ୍ ଇନ୍‌ଫରମେସନ୍ ସଲ୍ୟୁସନ୍‌ର ଏମ୍.ଡି ନବୀନ କୁମାର, ସ୍ଥାନୀୟ ଯୁବନେତା ଅରବିନ୍ଦ ରେଡ୍ଡୀ ଯୋଗଦେଇ ସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ । ମଲ୍ଲିକାର୍ଜୁନ କ୍ଷେତ୍ରୀୟ ମଠାଧିଷ ବିରୁପାକ୍ଷ ସ୍ୱାମୀ ଧର୍ମସଭାକୁ ସଂଚାଳନ କରିଥିବାବେଳେ ମାତୃଦେବର ଚେୟାରମ୍ୟାନ୍ ଶ୍ରୀଧର ଉପସ୍ଥିତ ରହି ସଭା ସତ୍‌ଜନଙ୍କୁ ମାତୃଶକ୍ତିର ଉପାସନା ଏବଂ ପ୍ରକୃତ ଜନନୀ ମାଆଙ୍କୁ ଆରାଧନା କରିବା ପାଇଁ ପ୍ରବର୍ତ୍ତାଇ ଥିଲେ । ଏହି ଆଧ୍ୟାତ୍ମିକ ସଭାରେ ଅତ୍ୟନ୍ତ ଭାବବିହ୍ୱଳ ହୋଇ ହାଇଟେକ୍ ଗ୍ରୁପ୍‌ର ଅଧକ୍ଷ ଡଃ ତିରୁପତି ପାଣିଗ୍ରାହୀ ଆନ୍ଧ୍ରପ୍ରଦେଶରେ ଥିବା ତିରୁପତି ମେଡିକାଲ କଲେଜ ତରଫରୁ ଯେଉଁମାନେ ମେଧାବୀ ଏବଂ ସେମାନଙ୍କ ପାଖରେ ଅର୍ଥ ଅଭାବ ରହିଛି, ସେମାନଙ୍କୁ ବିଭିନ୍ନ ପାରାମେଡିକାଲ କୋର୍ସରେ ମୁଚ୍ଛ ଭାବରେ ଶିକ୍ଷା ଦେବେବୋଲି ଘୋଷଣା କରିଥିଲେ। ଏହାକୁ ସମସ୍ତ ସଭା ସଜ୍ଜନମାନେ କରତାଳି ଦେଇ ସ୍ୱାଗତ କରିବା ସହ ଆଗାମୀ ଦିନରେ ତିରୁପତି ପାଣିଗ୍ରାହୀ ଏହି ଅଳର ମେଧାବୀ ବିଦ୍ୟାର୍ଥୀମାନଙ୍କ ପାଇଁ ଅନେକ କାର୍ଯ୍ୟ ସଂପାଦନ କରିବେବୋଲି ସ୍ୱିକୃତୀ ପ୍ରଦାନ କରିଥିଲେ ।



# ପାକ୍ ଆତଙ୍କବାଦର ନର୍ସରୀ



ଧର୍ମ ନୁହେଁ ବରଂ କାର୍ଯ୍ୟ ପଚାରି ହତ୍ୟା କରିଥିଲୁ । ଆମେ ଆତଙ୍କବାଦ ବିରୋଧରେ ସବୁଠାରୁ ବଡ଼ ଆକ୍ରମଣ କରିଛୁ । ମୋଦୀ ସରକାରଙ୍କ ପ୍ରୟାସ ଯୋଗୁଁ ଜମ୍ମୁ-କାଶ୍ମୀର ଚମକିବା ଆରମ୍ଭ କରିଥିଲା । ଏହାକୁ କିନ୍ତୁ ଆମର ପଡ଼ୋଶୀ ପସନ୍ଦ କରି ନଥିଲେ । ଏବେ କେବଳ ସରକାର ସ୍ତରରେ ନୁହେଁ ବରଂ ଜନସାଧାରଣ ସ୍ତରରେ ମଧ୍ୟ ସତର୍କ ରହିବାର ସମୟ ଆସିଛି । ମୋ ମତରେ ଆତଙ୍କବାଦ ଗଣତନ୍ତ୍ର ପାଇଁ ବିପଦ, ଆତଙ୍କବାଦ ଏକ ବିକୃତ ମାନସିକତା ଓ ଆତଙ୍କବାଦ ପ୍ରଗତି ପଥରେ ପ୍ରତିବନ୍ଧକ ।

ନୂଆଦିଲ୍ଲୀ: ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଙ୍ଗଳବାର (୧୦ ଜୁନ୍ ୨୦୨୫) ଉତ୍ତରାଖଣ୍ଡର ରାଜଧାନୀ ଡେରାଡୁନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ସେ ପାକିସ୍ତାନକୁ କଡ଼ା ଟାର୍ଗେଟ କରି କହିଛନ୍ତି, 'ପ୍ରଥମଥର ପାଇଁ ଯଦି କିଏ ପାକିସ୍ତାନର ବାହାବଲପୁର ସ୍ଥିତ ଜୈସର ମୁଖ୍ୟାଳୟ ଉପରେ ଆକ୍ରମଣ କରିଛି କୁହାଯିବ, ପ୍ରଥମ ନାମ ଆମର ଆସିବ ।

ପହଲଗାମରେ ଆତଙ୍କବାଦୀମାନେ ଧର୍ମ ପଚାରି ହତ୍ୟା କରିଥିଲେ, କିନ୍ତୁ ଆମେ ସେମାନଙ୍କୁ ଆତଙ୍କବାଦକୁ ନିଜ ମୃତ୍ୟୁ ପାଇଁ ଛାଡ଼ି ଦିଆଯାଇପାରିବ ନାହିଁ । ଆତଙ୍କବାଦର ସ୍ଥାୟୀ ସମାଧାନ ନିଶ୍ଚୟ ଆବଶ୍ୟକ । ଆତଙ୍କବାଦର ଗର୍ଭରୁ କୌଣସି ବିପ୍ଲବ ନୁହେଁ ବରଂ କେବଳ ବିନାଶ ଜନ୍ମ ହୁଏ । 'ଭାରତ ଏବଂ ପାକିସ୍ତାନ ଗୋଟିଏ ସମୟରେ ସ୍ୱାଧୀନ ହୋଇଥିଲେ । କିନ୍ତୁ ଆଜି ଭାରତକୁ ଗଣତନ୍ତ୍ରର ଜନନୀ କୁହାଯାଉଥିବା ବେଳେ ପାକିସ୍ତାନକୁ ଆତଙ୍କବାଦର ଜନକ କୁହାଯାଉଛି । ସେ କହିଛନ୍ତି ଯେ ପାକିସ୍ତାନ ଯାହା ବି ପାଣ୍ଠି ପାଏ, ତାହାର ଏକ ଅଂଶ ଆତଙ୍କବାଦକୁ ଯାଏ । ପାକିସ୍ତାନ ହେଉଛି ଆତଙ୍କବାଦର ନର୍ସରୀ ।'

# ଅସ୍ତ୍ରବିରତିକୁ ପୂରିଲା ମାସେ

## ସୀମାରେ ଫୁଟିନି ଗୋଟିଏ ବି ଗୁଳି

ନୂଆଦିଲ୍ଲୀ: ଭାରତ-ପାକିସ୍ତାନ ଅସ୍ତ୍ରବିରତିକୁ ପୂରିଲା ମାସେ । ଆଜିକୁ ୩୦ ଦିନ ତଳେ ଦୁଇ ଦେଶ ମଧ୍ୟରେ ହୋଇଥିଲା ଅସ୍ତ୍ରବିରତି ଘୋଷଣା । ମେ ୧୦ ତାରିଖ ଦିନ ସଂଧ୍ୟାରେ ଭାରତ-ପାକିସ୍ତାନ ଅସ୍ତ୍ରବିରତି ଘୋଷଣା ହୋଇଥିଲା । ପହଲଗାମରେ ଆତଙ୍କୀ ହମଲା ପରେ ଭାରତ ପକ୍ଷରୁ ହୋଇଥିବା ଅପରେସନ ସିନ୍ଦୂର ଦ୍ୱାରା ପାକିସ୍ତାନର ଆତଙ୍କୀ ଆଡ୍ଡା ଛାରଖାର କରିବା ପରେ ପାକିସ୍ତାନ ଭାରତର ସୀମାବର୍ତ୍ତୀ ରାଜ୍ୟରେ ଆକ୍ରମଣ କରିଥିଲା । ଗୁଳିମାଡ, ଡ୍ରୋନ ହମଲାର ବଦଳା ନେବାକୁ ଭାରତ ପାକିସ୍ତାନ ଛାତିରେ ପ୍ରହାର କରି ପାକିସ୍ତାନକୁ ଛାରଖାର କରିବା ପରେ ଭୟରେ ପାକିସ୍ତାନ ଯୁଦ୍ଧ ପରିସ୍ଥିତି ବନ୍ଦ




କରିବାକୁ ଭାରତ ପାଖରେ ଶରଣ ପଶିଥିଲା । ପରେ ଭାରତ କିଛି ସର୍ତ୍ତ ରଖି ଯୁଦ୍ଧ ବିରତି ପାଇଁ ରାଜି ହୋଇଥିଲା । ତେବେ ସର୍ତ୍ତ ଅନୁସାରେ ସୀମାରେ ଫୁଟିବନି ଗୋଟିଏ ବି ଗୁଳି । ଭାରତ-ପାକିସ୍ତାନ ସୀମାରେ ଗୋଟିଏ ବି ଗୁଳିର ଶବ୍ଦ ବି ଶୁଭାଯିବନି । ଭାରତ-ପାକିସ୍ତାନ ଡିଜିଏମଓ ସ୍ତରୀୟ ବୈଠକରେ ବଡ଼ ନିଷ୍ପତ୍ତି ହୋଇଥିଲା । ସୀମାରେ ଗୋଟିଏ ବି ଗୁଳି ନଫୁଟାଇବାକୁ ଦୁଇ ଦେଶର ସହମତି ପ୍ରକାଶ ପାଇଥିଲା । ଆକ୍ରମଣାତ୍ମକ କିମ୍ବା ଶତ୍ରୁତାପୂର୍ଣ୍ଣ ଆକ୍ସନ ନନେବା ସହ ସୀମାରୁ ଦୁଇ ଦେଶ ସୈନ୍ୟ ସଂଖ୍ୟା ହ୍ରାସ କରିବାକୁ ମଧ ବୈଠକରେ ସହମତି ପ୍ରକାଶ କରାଯାଇଥିଲା ।

ମେ ୧୦ ତାରିଖ ସନ୍ଧ୍ୟା ୫ଟାରୁ ଅସ୍ତ୍ରବିରତି ଲାଗୁ ହୋଇଥିବା ବେଳେ ଜଳ- ସ୍ଥଳ- ଆକାଶରେ କୌଣସି ଆକ୍ସନ ନହେବାକୁ ସର୍ତ୍ତ ଥିବାବେଳେ ଅମାନିଆ ପାକିସ୍ତାନ ସେହି ଦିନ ରାତିରେ ହିଁ ଗୁଳିମାଡ କରିଥିଲା । ପରେ ଭାରତର ରୌଦ୍ରରୂପ ଦେଖି ଅସ୍ତ୍ରବିରତି ଉଲ୍ଲଂଘନରୁ ଓହରିଥିଲା ।

## ଭାରତୀୟଙ୍କ ପାଇଁ ଆମେରିକା ଦୂତାବାସର ମାର୍ଗଦର୍ଶିକା

ନୂଆଦିଲ୍ଲୀ : ଭାରତରେ ଥିବା ଆମେରିକା ଦୂତାବାସ ଯେଉଁ ଭାରତୀୟମାନେ ଆମେରିକା ଯାଉଛନ୍ତି ତାଙ୍କ ପାଇଁ କଠୋର ମାର୍ଗଦର୍ଶିକା ଜାରି କରିଛନ୍ତି । ଏଥିରେ ଉଲ୍ଲେଖ କରାଯାଇଛି ଯେ ଆମେରିକା କୌଣସି ବେଆଇନ୍ ପ୍ରବେଶ ଓ ଭିସାର ଅପବ୍ୟବହାରକୁ ବରଦାସ୍ତ କରିବ ନାହିଁ । ସୋସିଆଲ ମିଡିଆରେ ନ୍ୟୁୟର୍କ ବିମାନ ବନ୍ଦରରେ ଭାରତୀୟ ଛାତ୍ରର ହ୍ୟାଣ୍ଡକପ୍ ପଡିଥିବା ଭିଡିଓ ଭାଇରାଲ ହେବାପରେ ଏଭଳି ମନ୍ତବ୍ୟ ଆସିଛି । ଦୂତାବାସ ପକ୍ଷରୁ କୁହାଯାଇଛି ଯେ ଆମେରିକା ବୈଧ ଭ୍ରମଣକାରୀଙ୍କୁ ସ୍ୱାଗତ କରିବ । କିନ୍ତୁ ଯେଉଁମାନଙ୍କର ଅଧିକାର ନାହିଁ ବେଆଇନ୍ ଓ ଭିସାର ଅପବ୍ୟବହାର କରୁଛନ୍ତି ତାହାକୁ ବରଦାସ୍ତ କରାଯିବନାହିଁ । ଭିଡିଓରେ ଦେଖାଦେଇଥିଲା ଯେ ଜଣେ ଛାତ୍ରକୁ ଆମେରିକା କର୍ତ୍ତୃପକ୍ଷ ଅପରାଧୀ ଭଳି ବ୍ୟବହାର କରୁଛନ୍ତି । ୪ ଅଧିକାରୀ ତାଙ୍କୁ ଆଣ୍ଠେଇ ଦେଇ ତା'ର ଗୋଡ ଓ ହାତକୁ ବାନ୍ଧି ଦେଇଛନ୍ତି । ତା' ହାତରେ ହ୍ୟାଣ୍ଡକପ୍ ପଡିଛି । ଅପରାଧୀ ଭଳି ତାକୁ ବ୍ୟବହାର କରାଯାଉଛି । ଏହା ଏକ ମାନବିକ ଦୁର୍ଦ୍ଦଶା ବୋଲି ଭାରତ ଓ ଆମେରିକାର ଉଦ୍ୟୋଗୀ କୁନାଲ ଜୈନ ଏକ୍ସରେ ଉଲ୍ଲେଖ କରିଛନ୍ତି । ଭାରତୀୟମାନେ ଏବେ ସେଠାରେ ଦୁର୍ଦ୍ଦଶାରେ ଅଛନ୍ତି । ଭାରତୀୟ ଦୂତାବାସ ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରାଯାଇଛି । ଆମେରିକାରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି ଯେ ଆମେ ଏ ପ୍ରସଙ୍ଗରେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ବିଚାରବିମର୍ଶ କରୁଛୁ । ଭାରତୀୟ ଛାତ୍ରଙ୍କ କଲ୍ୟାଣ ପାଇଁ ଯୋଜନା କରୁଛୁ ।

## ଅଷ୍ଟ୍ରିଆ ସ୍କୁଲରେ ଗୁଳିକାଣ୍ଡ, ୧୧ ମୃତ

ଗ୍ରାଜ୍ : ୟୁରୋପୀୟ ଦେଶ ଅଷ୍ଟ୍ରିଆର ଦ୍ୱିତୀୟ ବୃହତ୍ତମ ସହର ଗ୍ରାଜରେ ଏକ ଗୁଳିକାଣ୍ଡ ଘଟଣା ଘଟିଛି । ଏକ ସ୍କୁଲରେ ଜଣେ ବନ୍ଧୁକଧାରୀ ଆଖିମୁଜା ଗୁଳି ଚଳାଇବାରୁ ୭ ଛାତ୍ରଛାତ୍ରୀଙ୍କ ସମେତ ମୋଟ ୧୧ ଜଣ ମୃତ୍ୟୁବରଣ କରିଛନ୍ତି ।

ଗ୍ରାଜର ମେୟରଙ୍କ ସୂଚନା ଅନୁସାରେ ବନ୍ଧୁକଧାରୀ ଜଣକ ସେହି ସ୍କୁଲର ଜଣେ ଛାତ୍ର । ସେ ସ୍କୁଲ ଆସିବା ବେଳେ ଏକ ବନ୍ଧୁକ ନେଇ ଆସିଥିଲା ଓ ଆଗରେ ଯାହାକୁ ଦେଖିଲା ତାକୁ ଗୁଳିମାରିଥିଲା । ପରେ ସେ ସ୍କୁଲର ୱାସରୁମକୁ ଯାଇ ସେଠାରୁ ନିଜ ମୁଣ୍ଡକୁ ଗୁଳିକରି ଆତ୍ମହତ୍ୟା କରିଥିଲା । ଏହି ଘଟଣା ସ୍ଥାନୀୟ ସମୟ ସକାଳ ୧୦ଟା ବେଳେ ଘଟିଥିଲା, ଯେତେବେଳେ ସ୍କୁଲ ଚାଲିଥିଲା । ଗ୍ରାଜର ମେୟରଙ୍କ ସୂଚନା ଅନୁସାରେ ବନ୍ଧୁକଧାରୀ ଜଣକ ସେହି ସ୍କୁଲର ଜଣେ ଛାତ୍ର । ସେ ସ୍କୁଲ ଆସିବା ବେଳେ ଏକ ବନ୍ଧୁକ ନେଇ ଆସିଥିଲା ଓ ଆଗରେ ଯାହାକୁ ଦେଖିଲା ତାକୁ ଗୁଳିମାରିଥିଲା । ସ୍ଥାନୀୟ ପୋଲିସ ଲୋକମାନଙ୍କୁ ସେହି ଅଞ୍ଚଳରୁ ଦୂରେଇ ରହିବାକୁ ଏବଂ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପାଳନ କରିବାକୁ ପରାମର୍ଶ ଦେଇଛି । ପୋଲିସ ଏକ୍ସରେ ପୋଷ୍ଟ କରିଛି ଯେ ସ୍କୁଲକୁ ଖାଲି କରାଯାଇଛି, ସମସ୍ତଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି । ପରିସ୍ଥିତି ନିୟନ୍ତ୍ରଣରେ ଅଛି ।

## ବର୍ଷ ଶେଷକୁ ଦେଶର ଜନସଂଖ୍ୟା ଛୁଇଁବ ୧୪୬ କୋଟି



ନୂଆଦିଲ୍ଲୀ, ୧୦ଛ୬ : ଭାରତର ଜନସଂଖ୍ୟା ଏବର୍ଷ ଶେଷକୁ ୧୪୬ କୋଟି ଛୁଇଁବ । ଜାତିସଂଘ ଠାରୁ ସଦ୍ୟତମ ଷ୍ଟେଟ୍ ଅଫ୍ ଦ ୱାର୍ଲ୍ଡ ପପୁଲେସନ୍ ରିପୋର୍ଟ ୨୦୨୫ରେ ଏହା ପ୍ରକାଶ ପାଇଛି । ତେବେ ଚିନ୍ତାର କାରଣ ହେଉଛି ଯେ ଭାରତରେ ପ୍ରଜନନ ହାର ଏବେ ହ୍ରାସ ପାଇଛି । ଯାହା ଏବେ ଜନସଂଖ୍ୟାକୁ ସମତୁଲ ରଖିବା ପାଇଁ ବଡ ଆହ୍ୱାନ ସୃଷ୍ଟି କରିଛି । ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟା ତୁଳନାରେ ନୂତନ ଜନ୍ମ ଗ୍ରହଣ କରୁଥିବା ଶିଶୁଙ୍କ ସଂଖ୍ୟା ଠାରୁ ଅଧିକ ରହିଛି ।

ପ୍ରକୃତ ପ୍ରଜନନ ହାର ହ୍ରାସ ହେବା ଘଟଣା ବେଶ୍ ଚିନ୍ତାଜନକ । କାରଣ ନିୟୁତ ନିୟୁତ ଲୋକ ପ୍ରକୃତ ପ୍ରଜନନ ହାର ଲକ୍ଷ୍ୟକୁ ବୁଝିବା ପାଇଁ ଅସମର୍ଥ ହୋଇପଡୁଛନ୍ତି । ଅଳ୍ପ ଜନସଂଖ୍ୟା ବା ଜନବହୁଳ ପ୍ରକୃତ ସମସ୍ୟା ନୁହେଁ । ହେଲେ ପ୍ରଜନନ ହାର ଅଧିକ ହେବା ଆବଶ୍ୟକ । ଜଣେ ବ୍ୟକ୍ତି ଶତପ୍ରତିଶତ ମୁକ୍ତ ଓ ସକ୍ଷମ । ତାର ପ୍ରଜନନ ହାର କେତେ ରହିବ । ଦେଶର ମୋଟ୍ ପ୍ରଜନନ ହାର ଏବେ ୧.୯କୁ ହ୍ରାସ ପାଇଛି । ଏକ ସ୍ଥିର ଜନସଂଖ୍ୟା ପାଇଁ ଅତି କମରେ ୨.୧ ହେବା ଉଚିତ୍ ଭାରତରେ ବର୍ତ୍ତମାନ ମହିଳାମାନେ ଗୋଟିଏ ପିଢ଼ୀରୁ ଅନ୍ୟ ପିଢ଼ୀକୁ ଜନସଂଖ୍ୟା ସ୍ଥିର ରଖିବା ପାଇଁ ଆବଶ୍ୟକ ଠାରୁ କମ୍ ସନ୍ତାନ ଜନ୍ମ କରୁଛନ୍ତି । ଏପରି ସ୍ଥିତି ଜାରି ରହିଲେ ଦେଶ ପାଇଁ ଚିନ୍ତାଜନକ ସମୟ ଆସୁଛି ବୋଲି କୁହାଯାଇପାରେ । କାରଣ ଯୁବ ଜନସଂଖ୍ୟା ତୁଳନାରେ ବୟସ୍କଙ୍କ ଜନସଂଖ୍ୟା ବୃଦ୍ଧି ପାଇବଛ ଭାରତରେ ଯୁବକଙ୍କ ସଂଖ୍ୟା ୨୪% ୧୪ ବର୍ଷ ମଧ୍ୟରେ ରହିଛି । ୧୦ରୁ ୧୯ ବର୍ଷ ମଧ୍ୟରେ ଏହା ୧୭% ଥିବାବେଳେ ୧୦ ରୁ ୨୪ ମଧ୍ୟରେ ୨୬% ରହିଛି । ଦେଶର ୬୮% ଜନସଂଖ୍ୟା (୧୫ ରୁ ୬୪) ହେଉଛନ୍ତି କାମ କରିବାର ବୟସ । ତେବେ ନିଯୁକ୍ତି ଲାଗି ସ୍ୱତନ୍ତ୍ର ନୀତି ଏଥିଲାଗି ସଠିକ୍ ହେବା ଦରକାରଛ ସେହିଭଳି ୬୫ରୁ ଉର୍ଦ୍ଧ୍ୱ ବୟସ୍କଙ୍କ ଜନସଂଖ୍ୟା ୭% ରହିଛି । ଏହି ସଂଖ୍ୟା ଧୀରେ ଧୀରେ ବିବାରେ ଲାଗିଛି । କାରଣ ଲୋକଙ୍କ ଜୀବନ ଧାରଣର କ୍ଷମତା ବଢ଼ିଛି । ୨୦୨୫ରେ ଜନ୍ମ ପରଠାରୁ ମୃତ୍ୟୁର ବୟସ ସୀମା ପୁରୁଷଙ୍କ କ୍ଷେତ୍ରରେ ୭୧ ଓ ମହିଳାଙ୍କ କ୍ଷେତ୍ରରେ ୭୪ ଧାର୍ଯ୍ୟ କରାଯାଇଛି । ଅଧିକାଂଶ ଦମ୍ପତି ତାଙ୍କ ପରିବାରର ବିକାଶ ପାଇଁ ନିଷ୍ପତ୍ତି ନେଉନାହାନ୍ତି । କେତେକ ମହିଳା ମଧ୍ୟ ଗର୍ଭବତୀ ହେବାଲାଗି ପସନ୍ଦ କରୁନାହାନ୍ତି । ୧୯୬୦ରେ ଭାରତର ଜନସଂଖ୍ୟା ୪୩୬ ନିୟୁତ ଥିଲା । ପ୍ରତି ମହିଳାଙ୍କର ହାରାହାରି ୬ ସନ୍ତାନ ରହୁଥିଲେ । ଏହା ପଛରେ ମହିଳାମାନେ ଜନ୍ମ ନିୟନ୍ତ୍ରଣ ବ୍ୟବସ୍ଥା ଲାଗୁ କରିଥିଲେ । ପରେ ଏହା ୧ ରୁ ୪ ମଧ୍ୟରେ ସୀମିତ ରହିଥିଲା । ଭାରତରେ ପ୍ରତି ମହିଳାଙ୍କର ପ୍ରାୟ ୨ଟି ସନ୍ତାନ ରହିଛି । ଭାରତ ଓ ଅନ୍ୟ ଦେଶର ମହିଳାମାନଙ୍କର ଆଜି ବି ଅଧିକାର ଓ ପସନ୍ଦ ରହିଛି । ସେମାନେ ମା' ବା ଆଇ ମା' ହେବାପାଇଁ ଏବେ ନିଷ୍ପତ୍ତି ନେଉଛନ୍ତି । ୟୁଏନ୍‌ର ଏହି ରିପୋର୍ଟ ମଧ୍ୟ ଆୟବର୍ଗ ରାଷ୍ଟ୍ରରେ ଲୋକସଂଖ୍ୟାରେ ଦ୍ରୁତ ପରିବର୍ତ୍ତନ ଘଟିଛି । ଆଗାମୀ ୨-୩ ଦଶକରେ ଅର୍ଥାତ ୨୦୫୦ ସୁଦ୍ଧା ଦେଶର ପ୍ରୋ ଜନସଂଖ୍ୟା ଅଧିକ ହେବ । ଏହା ଆର୍ଥିକ ଉତ୍ପାଦନତା ଉପରେ ପ୍ରଭାବ ପକାଇବ ।

### ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ସର୍ବଦଳୀୟ ପ୍ରତିନିଧିଙ୍କୁ ଆତିଥ୍ୟ

## ଅପରେସନ ସିନ୍ଦୂରକୁ ବିପୁଳ ବିଶ୍ୱ ସମର୍ଥନ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଦିନ ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ଅପରେସନ୍ ସିନ୍ଦୁର ଆଉଟରିଚ୍ ଅଧୀନରେ ବିଭିନ୍ନ ଦେଶକୁ ଯାଇଥିବା ସାତଟି ସର୍ବଦଳୀୟ ପ୍ରତିନିଧିମଣ୍ଡଳର ସଦସ୍ୟଙ୍କୁ ଆତିଥ୍ୟ ଦେଇଛନ୍ତି । ପ୍ରତିନିଧିମଣ୍ଡଳର ସଦସ୍ୟମାନେ ପ୍ରଧାନମନ୍ତ୍ରୀଙ୍କୁ ବିଭିନ୍ନ ଦେଶରେ ସେମାନଙ୍କର ବୈଠକ ବିଷୟରେ ସୂଚନା ଦେଇଛନ୍ତି ।



ଦଳୀୟ ଧାଡ଼ିର ସାଂସଦ, ପୂର୍ବତନ ସାଂସଦ ଏବଂ ବିଶିଷ୍ଟ କୂଟନୀତିଜ୍ଞଙ୍କୁ ନେଇ ଗଠିତ ଏହି ପ୍ରତିନିଧିମଣ୍ଡଳ ବିଭିନ୍ନ ଦେଶକୁ ଗସ୍ତ ସମୟରେ ଆତଙ୍କବାଦ ବିରୁଦ୍ଧରେ ଭାରତର ସ୍ଥିତି ଏବଂ ବିଶ୍ୱ ଶାନ୍ତି ପ୍ରତି ପ୍ରତିବଦ୍ଧତା ଉପରେ ଆଲୋକପାତ କରିଛନ୍ତି । ବିରୋଧୀ ସାଂସଦ ସୁପ୍ରିୟା ସୁଲେ, କଂଗ୍ରେସ ଦଳର ଶଶି ଥରୁର, AIMIM ମୁଖ୍ୟ ଅସଦୁଦ୍ଦିନ୍ ଓୱେସି ଏବଂ ପୂର୍ବତନ ରାଷ୍ଟ୍ରଦୂତଙ୍କ ସମେତ ସମସ୍ତ ଦଳୀୟ ପ୍ରତିନିଧିମଣ୍ଡଳର ସାତଟି ଗୋଷ୍ଠୀ ବିଶ୍ୱର ବିଭିନ୍ନ ରାଜଧାନୀ ଗସ୍ତ କରିବା ଏବଂ ଆତଙ୍କବାଦ ବିରୁଦ୍ଧରେ ଭାରତର ଶୂନ୍ୟ ସହନଶୀଳତା ନୀତିକୁ ପ୍ରୋତ୍ସାହିତ କରିବା ପାଇଁ ସେମାନଙ୍କର କୂଟନୈତିକ ପ୍ରୟାସ ସମାପ୍ତ କରିଛନ୍ତି । ସିନ୍ଦୁର ଅପରେସନ ପରେ ଭାରତର କୂଟନୈତିକ ପ୍ରଚାରର ଅଂଶ ଭାବରେ ବିଭିନ୍ନ ରାଜନୈତିକ ଦଳର ସାଂସଦ, ପୂର୍ବତନ ରାଷ୍ଟ୍ରଦୂତ ଏବଂ ପୂର୍ବତନ ସରକାରୀ ଅଧିକାରୀ ସମେତ ୫୦ରୁ ଅଧିକ ଲୋକ ୩୦ରୁ ଅଧିକ ଦେଶ ଗସ୍ତ କରିଥିଲେ । ୭ ଜଣ ସାଂସଦ ସେମାନଙ୍କର ନିଜ ନିଜ ଗୋଷ୍ଠୀର ନେତୃତ୍ୱ ନେଇଥିଲେ । ଗ୍ରୁପ ୧ର ନେତୃତ୍ୱ ନେଇଥିଲେ ବିଜେପିର ବୈଜୟନ୍ତ ପଣ୍ଡା, ଯେଉଁମାନେ ସାଉଦି ଆରବ, କୁଏତ, ବାହାରିନ ଏବଂ ଆଲଜେରିଆ ଯାଇଥିଲେ । ବିଜେପି ନେତା ରବି ଶଙ୍କର ପ୍ରସାଦଙ୍କ ନେତୃତ୍ୱରେ ଗ୍ରୁପ ୨, ୟୁକେ, ଫ୍ରାନ୍ସ, ଜର୍ମାନୀ, ୟୁରୋପୀୟ ସଂଘ, ଇଟାଲୀ ଏବଂ ଡେନମାର୍କ ଗସ୍ତ କରିଥିଲେ । ଜେଡି(ୟୁ) ନେତା ସଞ୍ଜୟ କୁମାର ଝା ଗ୍ରୁପ ୩ର ନେତୃତ୍ୱ ନେଇଥିଲେ, ଯାହା ଇଣ୍ଡୋନେସିଆ, ମାଲେସିଆ, କୋରିଆ ଗଣରାଜ୍ୟ, ଜାପାନ ଏବଂ ସିଙ୍ଗାପୁର ଗସ୍ତ କରିଥିଲା ।

## କାବୁଲ ଏୟାରପୋର୍ଟ ପାଖରେ ଆତଙ୍କବାଦୀ ଆଡ୍ଡା

କାବୁଲ : ଆତଙ୍କବାଦୀ ସଂଗଠନ ଇସଲାମିକ୍ ଷ୍ଟେଟ୍ ଖୋରାସାନ୍ ପ୍ରଦେଶ (ଆଇଏସକେପି)ର ଏକ ବଡ଼ ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ କରିଛି ତାଲିବାନ । ଆଫଗାନିସ୍ତାନ ଗସ୍ତ କରୁଥିବା ଭିଆଇପିମାନଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରୁଥିଲା ଆଇଏସକେପି । ଏଥିପାଇଁ କାବୁଲ ଅନ୍ତର୍ଜାତୀୟ ଏୟାରପୋର୍ଟ ପାଖରେ ଏକ ଗୋପନ ଆଡ୍ଡା ଖୋଲାଯାଇଥିଲା ।

ତାଲିବାନ ଯେପରି ସଂଦେହ କରିପାରିବ ନାହିଁ ସେଥିପାଇଁ ଆଫଗାନିସ୍ତାନର ଗୁଇନ୍ଦା ସଂସ୍ଥାର କାର୍ଯ୍ୟାଳୟ ନିକଟରେ ଏକ ବିଳାସମୟ ଆପାର୍ଟମେଣ୍ଟ ଭଡ଼ା ନିଆଯାଇ ଏହି ଆଡ୍ଡା ଖୋଲିଥିଲା ଆଇଏସକେପି । ଏଠାରେ ଲ୍ୟାଣ୍ଡମାଇନ୍ ଏବଂ ଆତ୍ମଘାତୀ ଜ୍ୟାକେଟ୍ ତିଆରି କରାଯାଉଥିଲା । ଏଥିପାଇଁ ସେଠାକୁ ବିପୁଳ ପରିମାଣର ବିସ୍ଫୋରକ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଉପକରଣ ଅଣାଯାଇଥିଲା । ଏହା ମଧ୍ୟ ଜଣାପଡ଼ିଛି ଯେ ବିଗତ କିଛି ମାସ ହେଲା ଆଇଏସକେପି ଏହି ସ୍ଥାନରୁ ଏହାର ଆତଙ୍କବାଦୀମାନଙ୍କୁ ଲ୍ୟାଣ୍ଡମାଇନ୍ ଏବଂ ଆତ୍ମଘାତୀ ଜ୍ୟାକେଟ୍ ପଠାଉଥିଲା ।

ଆମେରିକୀୟ ଗୁଇନ୍ଦା ଅଧିକାରୀଙ୍କ ସୂଚନା ପାଇ, ଆଫଗାନିସ୍ତାନର ଜେନେରାଲ ଡାଇରେକ୍ଟର୍ ଇଣ୍ଟେଲିଜେନ୍ସ କାର୍ଯ୍ୟାନୁଷ୍ଠାନ ନେଇ ଦୁଇ ଆତଙ୍କବାଦୀଙ୍କୁ ହତ୍ୟା କରିଥିଲା । ଘଟଣାସ୍ଥଳରୁ ବିପୁଳ ପରିମାଣର ବିସ୍ଫୋରକ ଜବତ କରାଯାଇଛି । ପାକିସ୍ତାନର ସହଯୋଗୀ ଆତଙ୍କବାଦୀ ସଂଗଠନ ଇସଲାମିକ୍ ଷ୍ଟେଟ୍ ଖୋରାସାନ୍ ପ୍ରଦେଶ ଆଫଗାନିସ୍ତାନ ଗସ୍ତ କରୁଥିବା ଭିଆଇପିମାନଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲା ।

# ସାଉଦି ଆରବରୁ ତଡ଼ା ଖାଇଲେ ୫ ହଜାର ପାକିସ୍ତାନୀ ଭିକାରୀ

ସଂଯୁକ୍ତ ଆରବ ଏମିରେଟ୍ସ : ଅନ୍ତରାଷ୍ଟ୍ରୀୟ ସ୍ତରରେ ବେଜିତ୍ ହେଉଛି ପାକିସ୍ତାନ । ସାଉଦି ଆରବ ଏବଂ ୟୁନାଇଟେଡ୍ ଆରବ ଏମିରେଟ୍ସ (UAE) ଭଳି ଉପସାଗରୀୟ ଦେଶଗୁଡ଼ିକରେ ଭିକାରୀଙ୍କ ପାଇଁ ପାକିସ୍ତାନ ଲଜ୍ଜିତ ହୋଉଛି । ଏହି ଦେଶଗୁଡ଼ିକ ହଜାର ହଜାର ପାକିସ୍ତାନୀ ଭିକାରୀଙ୍କୁ ଦେଶାନ୍ତର କରୁଛି ।



ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁସାରେ , ସାଉଦି ଆରବ ଗତ ୧୬ ମାସରେ ୫ ହଜାରରୁ ଅଧିକ ପାକିସ୍ତାନୀ ଭିକାରୀଙ୍କୁ ତଡ଼ି ଦେଇଛି । ଆତଙ୍କବାଦୀ ଜନ୍ମ କରୁଥିବା ପାକିସ୍ତାନର ଭିକାରୀମାନଙ୍କୁ ୟୁନାଇଟେଡ୍ ଆରବ ଏମିରେଟ୍ସ , କତାର, ଓମାନ, ଇରାକ ଏବଂ ମାଲେସିଆ ଭଳି ଦେଶରୁ ମଧ୍ୟ ତଡ଼ି ଦିଆଯାଉଛି । ଭିକାରୀଙ୍କ ପାଇଁ ଅନ୍ତର୍ଜାତୀୟ ସ୍ତରରେ ଅପମାନର ସମ୍ମୁଖୀନ ହେଉଛି ପାକିସ୍ତାନ । ସେଥିପାଇଁ ଦେଶାନ୍ତରିତ ହୋଇଥିବା ଭିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ନେଇଛନ୍ତି ପାକ୍ ସରକାର । ଅନ୍ୟ ଦେଶରୁ ନିର୍ବାସିତ ହୋଇଥିବା ଭିକାରୀଙ୍କ ପାସପୋର୍ଟ ବାତିଲ କରିବାକୁ ନିଷ୍ପତ୍ତି ନେଇଛି ପାକ୍ । ଏହା ବ୍ୟତୀତ ସେମାନଙ୍କ ଉପରେ ପାଞ୍ଚ ବର୍ଷ ପାଇଁ ଟ୍ରାବେଲ୍ ପ୍ରତିବନ୍ଧକ ଲଗାଇବା ସହ ସେମାନଙ୍କ ବିରୋଧରେ ଏଫ୍‌ଆଇଆର୍ ଦାଖଲ କରିବାକୁ ମଧ ନିଷ୍ପତ୍ତି ନେଇଛି ।

ପାକିସ୍ତାନୀମାନେ ତୀର୍ଥଯାତ୍ରା ଭିସାରେ ସାଉଦି, ଇରାନ ଓ ଇରାକ ଭଳି ଦେଶକୁ ଯାଆନ୍ତି ଏବଂ ତା'ପରେ ସେଠାରେ ଭିକ୍ଷା ମାଗିବା ଆରମ୍ଭ କରନ୍ତି । ଏହା ଜାଣିବା ପରେ ଉକ୍ତ ଦେଶଗୁଡ଼ିକ ମଧ୍ୟ ପାକିସ୍ତାନୀମାନଙ୍କୁ ଭିସା ଦେବାରେ ସଙ୍କୋଚ କରିବା ଆରମ୍ଭ କରିଛି, ଯାହା କି ପାକିସ୍ତାନ ପାଇଁ ବହୁତ ଲଜ୍ଜାଜନକ କଥା ।


ଏହା ସତ୍ତ୍ୱେ ପାକିସ୍ତାନ ତା'ର ଭିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । କାରଣ ବିଦେଶରେ ଭିକ ମାଗୁଥିବା ଭିକାରୀମାନଙ୍କର ପାକିସ୍ତାନର ଅର୍ଥ ବ୍ୟବସ୍ଥା ଉପରେ ବହୁତ ବଡ଼ ଅବଦାନ ରହିଛି ।

ସୂଚନା ଅନୁସାରେ, ପାକିସ୍ତାନର ୨.୨ କୋଟି ଲୋକ ଭିକ ମାଗିବା କାର୍ଯ୍ୟରେ ଜଡ଼ିତ ଯାହା କି ପ୍ରତିବର୍ଷ ପାଖାପାଖି ୪୨ ବିଲିୟନ ଟଙ୍କା ପାକିସ୍ତାନକୁ ପଠାନ୍ତି । ପାକିସ୍ତାନୀ ଲୋକମାନେ ବିଦେଶରେ ଭିକ ମାଗି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରନ୍ତି ଯାହା କି ତାଙ୍କ ଦେଶର ଜିଡିପିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । କିନ୍ତୁ ଏବେ ଅନ୍ୟ ଦେଶଗୁଡ଼ିକରୁ ଚାପ ପଡ଼ିବାରୁ ସେ ତାର ଭିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି ।

### ହନିମୁନ୍ ହତ୍ୟା ମାମଲା

## ଧାରୁଆ କୁରାଢ଼ୀ ଧରାଇଲା ସତ

ନୂଆଦିଲ୍ଲୀ: ମେଘାଳୟରେ ହନିମୁନ ହତ୍ୟା ମାମଲାର ପୁଣି ଆସିଲା ଆଉ ଏକ ଚାଞ୍ଚଲ୍ୟକର ତଥ୍ୟ । ଇନ୍ଦୋରର ରାଜା ରଘୁବଂଶୀ ହତ୍ୟାକାଣ୍ଡ ଘଟଣାରେ ଗୋଟିଏ ପରେ ଗୋଟିଏ ନୂଆ ତଥ୍ୟ ସାମ୍ନାକୁ ଆସୁଥିବା ବେଳେ ହତ୍ୟାକାଣ୍ଡର ଖିଅ କେମିତି ପାଇଲା ପୋଲିସ ତାହା ଜଣାପଡିଛି । ତେବେ ଜାତୀୟ ଗଣମାଧ୍ୟମର ସୂଚନା ଅନୁସାରେ କୁରାଢ଼ି ଖୋଲିଦେଲା ହତ୍ୟାର ଗୁମର । ହତ୍ୟା ପରେ ଫିଙ୍ଗିଦେଇଥିବା କୁରାଢ଼ି କହିଲା କେମିତି ହୋଇଥିଲା ହତ୍ୟା ।



କୁହାଯାଉଛି ନିଜ ଭୁଲ ଯୋଗୁଁ ହିଁ ଧରାପଡ଼ିଗଲେ ସୋନମ୍ ଓ ତାଙ୍କ ପୁରୁଷ ବନ୍ଧୁ ରାଜ୍ କୁଶୱାହା । ହତ୍ୟା ପାଇଁ ବ୍ୟବହୃତ କୁରାଢ଼ି ଜବତ ପରେ ପୋଲିସ ଅଧିକାରୀଙ୍କ ସନ୍ଦେହ ବଢିଥିଲା ଏବଂ ପରେ ସୋନମ୍ ଓ ରାଜାଙ୍କ କଲ୍ ଡିଟେଲ୍ସ ଯାଞ୍ଚ କରିଥିଲା ପୋଲିସ । ଆଉ ତା ପରେ ସାମ୍ନାକୁ ଆସିଥିଲା ପୂରା ଘଟଣା । କୁରାଢ଼ି ଧରାଇଦେଲା ହତ୍ୟାର ସତ । ହତ୍ୟା ପାଇଁ ବ୍ୟବହୃତ ଅସ୍ତ୍ର ସେହି ଅଞ୍ଚଳର ହୋଇନଥିବାରୁ ପୋଲିସର ବଢିଥିଲା ସନ୍ଦେହ । କୁହାଯାଉଛି ଯେଉଁ ଧାରୁଆ କୁରାଢ଼ିରେ ରାଜାଙ୍କୁ ହତ୍ୟା ହୋଇଛି ତାହା ଗଛକଟା ପାଇଁ ବ୍ୟବହାର କରାଯାଏ । ସେପଟେ ଉଭୟ ସୋନମ୍ ଓ ରାଜର କଲ୍ ଡିଟେଲ୍ସ ଯାଞ୍ଚ କରାଯାଇଥିଲା । କଲ୍ ଡିଟେଲ୍ସରେ ସାମ୍ନାକୁ ଆସିଥିଲା ସାଂଘାତିକ ସତ । ହତ୍ୟାର ଗୋଟିଏ ଦିନ ପୂର୍ବରୁ ସୁପାରି କିଲର ସହ କଥା ହୋଇଥିଲେ ସୋନମ୍ । ନିଖୋଜ ହେବା ପରେ ବି ପୁରୁଷ ବନ୍ଧୁ ରାଜଙ୍କ ସହ ଯୋଗାଯୋଗରେ ଥିଲେ ଏବଂ ନିଜ ଲୋକେସନ ରାଜଙ୍କ ସହ ସେୟାର କରୁଥିଲେ । ମଧ୍ୟପ୍ରଦେଶରେ ବସି ୩ ସୁପାରି କିଲରଙ୍କ ସହ ଯୋଗାଯୋଗରେ ଥିଲା ରାଜ୍ କୁଶୱାହା । ବାରାଣସୀ-ଗାଜିପୁର ମୁଖ୍ୟ ରାସ୍ତାର କାଶୀ ଢାବାରୁ ନିଜ ଘରକୁ ଫୋନ୍ କରିଥିଲେ ସୋନମ୍ । ଆଉ ଏହି କଲରୁ ଲୋକେସନ୍ ଟ୍ରାକ୍ କରି ସୋନମକୁ ଧରିଥିଲା ପୋଲିସ । ତେବେ ଏତେବଡ ହତ୍ୟାକାଣ୍ଡକୁ ସାମାନ୍ୟ କୁରାଢ଼ି ହିଁ ସୁରାକ ଦେଇଦେଲା ।

# ବିକ୍ରି ହେବ ଆର୍‌ସିବି !



ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ୧୭ ବର୍ଷର ଅପେକ୍ଷା ତଥା ୧୮ତମ ପ୍ରୟାସରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଆଇପିଏଲ୍ ଟ୍ରଫି ଟେକି ଧରିବାକୁ ସକ୍ଷମ ହୋଇଥିଲା । ଦଳ ଆଇପିଏଲ୍ ଚାମ୍ପିଅନ ହୋଇଥିବାରୁ ଏହାକୁ ନେଇ ଚାରିଆଡ଼େ ଖୁବ୍ ଚର୍ଚ୍ଚା ହେଉଛି । ଏସବୁ ଭିତରେ ଦଳର ବିଜୟ ଉତ୍ସବ ବେଳେ ବେଙ୍ଗାଲୁରୁରେ ହୋଇଥିବା ଦଳାଚକଟା ଯୋଗୁ ଆର୍‌ସିବିର ଛବି ମଳିନ ପଡ଼ିଛି । ଏହାସତ୍ତ୍ୱେ ଆର୍‌ସିବିର ବ୍ରାଣ୍ଡ୍ ଭାଲ୍ୟୁରେ କୌଣସି କମ ପରିଲକ୍ଷିତ ହୋଇନାହିଁ । ଏପରିସ୍ଥିତିରେ ଆର୍‌ସିବି ମାଲିକ ଦଳକୁ ବିକ୍ରି କରିବାକୁ ନୂଆ ଲୋକ ଖୋଜୁଛନ୍ତି । ଏବେ ଫ୍ରାଞ୍ଚାଇଜର ମାଲିକାନା ଡିଆଗୋ ପିଏଲ୍‌ସି ପାଖରେ ରହିଛି । ଏହି ସଂସ୍ଥା ଏବେ ଫ୍ରାଞ୍ଚାଇଜ୍‌କୁ ପୂର୍ଣ୍ଣ ଭାବେ ବିକ୍ରି କରିବାକୁ ଲକ୍ଷ୍ୟ ରଖିଛି । ଆର୍‌ସିବି ବ୍ରାଣ୍ଡ୍ ମୂଲ୍ୟ ସର୍ବୋଚ୍ଚ ସ୍ତରରେ ପହଞ୍ଚି ଥିବାରୁ ବିକ୍ରି କରିବା ପାଇଁ ମାଲିକ ଚାହୁଁଛନ୍ତି ।

ଆର୍‌ସିବିକୁ ଡିଆଗୋ ପକ୍ଷରୁ ୟୁନାଇଟେଡ୍ ସ୍ପିରିଟ୍ସ ଲିଃ ଭାରତରେ ପରିଚାଳନା କରୁଛି । ଏବେ ସଂସ୍ଥା ସମ୍ଭାବ୍ୟ ନିବେଶକାରୀଙ୍କ ସହ ଆର୍‌ସିବିର ମାଲିକାନା ବିକ୍ରି ପାଇଁ ଯୋଜନା କରୁଛି । ଯଦିଓ ଫ୍ରାଞ୍ଚାଇଜ ଏହାକୁ କେତେ ଟଙ୍କାରେ ବିକ୍ରି କରିବେ ସେକଥା ସ୍ପଷ୍ଟ ହୋଇନାହିଁ । ତଥାପି ଯାହା ଆକଳନ କରାଯାଉଛି ଆର୍‌ସିବି ମାଲିକ ଦଳକୁ ସମ୍ପୂର୍ଣ୍ଣ ଭାବେ ବିକ୍ରି କରିବା ପାଇଁ ପ୍ରାୟ ୧୬,୮୩୪ କୋଟି ଟଙ୍କା ଦାବି କରିପାରନ୍ତି । ବ୍ରିଟିଶ୍ ଡିଷ୍ଟିଲେର ଓ ୟୁନାଇଟେଡ୍ ସ୍ପିରିଟ୍ ଲିଃ'ର ମୂଳ କମ୍ପାନୀ ଡିଆଗୋ ପିଏଲ୍‌ସି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁରେ ଥିବା ନିଜ ସେୟାରକୁ ଏବେ ସମ୍ପୂର୍ଣ୍ଣ ଭାବେ ବିକ୍ରି କରିବାକୁ ଯାଉଛି । ଆର୍‌ସିବି ଚାମ୍ପିଅନ ହୋଇଥିବାରୁ ଏହାର ଫାଇଦା ଉଠାଇବାକୁ ମାଲିକମାନେ ଚାହୁଁଛନ୍ତି ।

ଆର୍‌ସିବିର ବିକ୍ରି ଖବର ସାମ୍ନାକୁ ଆସିବା ପରେ ୟୁନାଇଟେଡ୍ ସ୍ପିରିଟ୍ସର ସେୟାର ମୂଲ୍ୟ ମଧ୍ୟ ବଢ଼ିଛି । ମଙ୍ଗଳବାର ସକାଳୁ ଏଭଳି ଖବର ଜଣାପଡ଼ିବା ମାତ୍ରେ କମ୍ପାନୀର ସେୟାର ମୂଲ୍ୟ ୩.୩% ବୃଦ୍ଧି ପାଇଛି । ତେବେ ଫ୍ରାଞ୍ଚାଇଜ୍‌କୁ ସମ୍ପୂର୍ଣ୍ଣ ଭାବେ ବିକ୍ରି କରାଯିବ କି ନାହିଁ, ତାହା ଚୂଡ଼ାନ୍ତ ହୋଇନାହିଁ ।

ତେବେ ପ୍ରଶ୍ନ ଉଠୁଛି, ବିଜୟ ମାଲ୍ୟାଙ୍କ ଦଳ ଆର୍‌ସିବିକୁ କେମିତି କିଣିଲା ଡିଆଗୋ ? ୨୦୦୮ ଆଇପିଏଲ୍‌ରେ ଯେତେବେଳେ ଫ୍ରାଞ୍ଚାଇଜ ଡେବ୍ୟୁ କରିଥିଲା । ସେତେବେଳେ ଏହାର ମାଲିକାନା ବିଜୟ ମାଲ୍ୟାଙ୍କ ହାତରେ ରହିଥିଲା । ବିଜୟ ମାଲ୍ୟା କିଙ୍ଗ୍ ଫିସର ଏୟାର ଲାଇନ୍ସ ମାଲିକ ଥିଲେ ଓ ଭାରତରେ ସେ ମଦ ବ୍ୟବସାୟର ଟାଇକୁଣ୍ଡ ଭାବେ ଖ୍ୟାତି ଅର୍ଜନ କରିଥିଲେ । ଋଣ ଜାଲିଆତିରେ ମାଲ୍ୟା ଫସିବାରୁ ତାଙ୍କ ବ୍ୟବସାୟିକ ସାମ୍ରାଜ୍ୟ ଭୁଶୁଡ଼ି ପଡ଼ିଥିଲା । ସେ ବାଧ୍ୟହୋଇ ତାଙ୍କ ଏୟାର ଲାଇନ୍ସକୁ ବନ୍ଦ କରିଦେଇଥିଲେ । ଏହାର ଫାଇଦା ଉଠାଇଥିଲା ଡିଆଗୋ ।

ଡିଆଗୋ ଭାରତରେ ଥିବା ୟୁନାଇଟେଡ୍ ସ୍ପିରିଟ୍ସ କମ୍ପାନୀ ଜରିଆରେ ଆର୍‌ସିବିର ମାଲିକାନା ହାତେଇଥିଲା । ଆର୍‌ସିବି ୨୦୨୫ ଯାଏଁ ଟ୍ରଫି ଜିତି ନଥିଲେ ହେଁ ଲୋକପ୍ରିୟତାର ଶୀର୍ଷରେ ରହିଥିଲା । ଏବେ ଟ୍ରଫି ଜିତିବା ପରେ ଆର୍‌ସିବିର ଲୋକପ୍ରିୟତା ଓ ବ୍ରାଣ୍ଡ୍ ଭାଲ୍ୟୁ ଆକାଶଛୁଆଁ ହୋଇଛି ।

# ଆଇସିସି ହଲ୍ ଅଫ୍ ଫେମ୍‌ରେ ଧୋନୀ



ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ଭାରତୀୟ କିମ୍ବଦନ୍ତୀ ଅଧିନାୟକ ତଥା ୱିକେଟକିପର ବ୍ୟାଟର ମହେନ୍ଦ୍ର ସିଂ ଧୋନୀ ଆଇସିସି ହଲ୍ ଅଫ୍ ଫେମ୍‌ରେ ସାମିଲ ହୋଇଛନ୍ତି । ଗତ ଜୁନ ୯ ତାରିଖରେ ଆଇସିସି ତାଲିକା ପ୍ରକାଶ କରିବା ପରେ ଧୋନୀ ଏହି ସମ୍ମାନଜନକ ସମ୍ମାନରେ ସମ୍ମାନିତ ହୋଇଥିବା ୭ ଜଣଙ୍କ ମଧ୍ୟରେ ରହିଛନ୍ତି । ଯାହାଫଳରେ ଖେଳ ପ୍ରତି ତାଙ୍କର ଅମୂଲ୍ୟ ଅବଦାନ ପାଇଁ କିମ୍ବଦନ୍ତୀ ୱିକେଟକିପର ବ୍ୟାଟର କ୍ଲବ୍‌ରେ ପ୍ରବେଶ କରିଥିବା ୧୧ତମ ଭାରତୀୟ ହୋଇଛନ୍ତି ଧୋନୀ । ଏହି ଏଲିଟ୍ କ୍ଲବ୍‌ରେ ଧୋନୀ ସାମିଲ ହେବାପରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ ଅନେକ କିମ୍ବଦନ୍ତୀଙ୍କ ସହିତ ନାମିତ ହେବା ଏକ ବଡ଼ ସମ୍ମାନ ।

ଭାରତୀୟ କ୍ରିକେଟ ଇତିହାସରେ ମହେନ୍ଦ୍ର ସିଂ ଧୋନୀ ଏକ ଉଜ୍ଜ୍ୱଳ ନାମ । ୧୫ ବର୍ଷର ଦୀର୍ଘ ଅନ୍ତର୍ଜାତୀୟ କ୍ୟାରିଅରରେ ୯୦ ଟେଷ୍ଟ, ୩୫୦ ଦିନିକିଆ ଓ ୯୮ଟି ଟି-୨୦ ମ୍ୟାଚ୍ ଖେଳି ୧୭୦୦୦ରୁ ଅଧିକ ରନ କରିଥିଲେ । ସେ ଭାରତକୁ ୨୦୦୭ରେ ଟି-୨୦ ବିଶ୍ୱକପ, ୨୦୧୧ରେ ଦିନିକିଆ ବିଶ୍ୱକପ ଏବଂ ୨୦୧୩ରେ ଆଇସିସି ଚାମ୍ପିଅନ୍ସ ଟ୍ରଫି ଟାଇଟଲ ଦେଇଥିଲେ । ଧୋନୀ ହେଉଛନ୍ତି ବିଶ୍ୱର ଏକମାତ୍ର କ୍ରିକେଟର ଯେ କି ଆଇସିସିର ସମସ୍ତ ୩ଟି ଫର୍ମାଟରେ ଟ୍ରଫି ଜିତିଛନ୍ତି । ତାଙ୍କ ନେତୃତ୍ୱରେ ଭାରତ ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ପହଞ୍ଚିଥିଲା । ଅନେକ ଥର ଭାରତକୁ ଟେଷ୍ଟ ଗଦା ମିଳିଛି । ଆଇସିସି ହଲ୍ ଅଫ୍ ଫେମ୍‌ରେ ସାମିଲ ହୋଇଥିବା ୧୧ତମ ଭାରତୀୟ କ୍ରିକେଟର ହେବାପରେ ଧୋନୀ ନିଜ ଖୁସି ପ୍ରକାଶ କରିଛନ୍ତି । ହଲ୍ ଫେମ୍‌ରେ ନାମିତ ହେବା ଏକ ସମ୍ମାନର କଥା । ଯାହା ପୀଢ଼ି ପରେ ପୀଢ଼ି ବିଶ୍ୱର ବିଭିନ୍ନ କ୍ରିକେଟରଙ୍କ ଅବଦାନକୁ ସ୍ୱୀକୃତି ଦିଏ । ଏପରି ମହାନ ଖେଳାଳିଙ୍କ ସହିତ ମୋର ନାମ ମନେ ରଖାଯିବା ଏକ ଆଶ୍ଚର୍ଯ୍ୟଜନକ ଅଭିଜ୍ଞତା ।

୨୦୦୪ ଡିସେମ୍ବର ୨୩ରେ ଧୋନୀ ଚିଟାଗଙ୍ଗରେ ବାଂଲାଦେଶ ବିପକ୍ଷ ଏକ ଦିନିକିଆରେ ଭାରତ ପାଇଁ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ । ୩୪୭ ଦିନିକିଆ ଏବଂ ଏସିଆ ଏକାଦଶ ପାଇଁ ୩ଟି ଦିନିକିଆ ଖେଳିଥିଲେ । ଦିନିକିଆରେ ସେ ୨୯୭ ଇନିଂସ୍‌ରେ ମୋଟ ୧୦,୭୭୩ ରନ କରିଥିଲେ । ଡିସେମ୍ବର ୨୦୧୪ରେ ସେ ୯୦ ଟେଷ୍ଟ ମ୍ୟାଚ୍ ଖେଳି ୪୮୭୬ ରନ ସହିତ ଟେଷ୍ଟ କ୍ୟାରିୟର ଶେଷ କରିଥିଲେ । ୯୮ଟି ଟି-୨୦ ମ୍ୟାଚ୍ ଖେଳି ୧୬୧୭ ରନ କରିଥିଲେ । ଧୋନୀ ୨୦୨୦ ଅଗଷ୍ଟ ୧୫ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ । ସେ ଏବେବି ଆଇପିଏଲ୍‌ରେ ଚେନ୍ନାଇ ସୁପର କିଙ୍ଗସ୍ ପାଇଁ ଖେଳ ଜାରି ରଖିଛନ୍ତି । ଗତବର୍ଷ ଆଇପିଏଲ୍ ମେଗା ନିଲାମ ପୂର୍ବରୁ ତାଙ୍କୁ ଚେନ୍ନାଇ ଫ୍ରାଞ୍ଚାଇଜ ୪ କୋଟି ଟଙ୍କାରେ ବଜାୟ ରଖିଥିଲା । ୧୧ ଏପ୍ରିଲ୍‌ରେ ସେ ଚେନ୍ନାଇର ଅଧିନାୟକ ପଦକୁ ଫେରିଥିଲେ । କିନ୍ତୁ ଅଧିନାୟକ ପଦକୁ ଫେରିବା ସତ୍ତ୍ୱେ ଦଳ ଚଳିତ ଆଇପିଏଲ୍‌ରେ ଆଶାନୁରୂପ ପ୍ରଦର୍ଶନ କରିପାରି ନଥିଲା । ଏପରିକି ଆଇପିଏଲ୍ ଇତିହାସରେ ପ୍ରଥମ ଥର ପାଇଁ ଚେନ୍ନାଇ ପଏଣ୍ଟ ଟେବୁଲର ତଳେ ରହିଥିଲା ।

# ତୃଣମୂଳସ୍ତରରୁ ଅଲିମ୍ପିଆନ ସୃଷ୍ଟି ପାଇଁ ଭିତ୍ତିଭୂମି ବିକାଶ



ଭୁବନେଶ୍ୱର, ୧୦।୬ (ସବ୍ୟୁ): ଓଡ଼ିଶା କ୍ରୀଡ଼ା ଜଗତରେ ଏକ ନୂତନ ଅଧ୍ୟାୟର ପ୍ରାରମ୍ଭ । ଓଡିଶାର ପ୍ରତ୍ୟେକ ବ୍ଲକରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ବିକଶିତ କରାଯିବ, ଯାହା ଯୁବପିଢ଼ିଙ୍କୁ ସଶକ୍ତ କରିବ ଏବଂ ଭବିଶ୍ୟତର କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହିତ କରିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମାର୍ଗଦର୍ଶନରେ ରାଜ୍ୟରେ କ୍ରୀଡାର ସଂସ୍କୃତିକୁ ବିକାଶ କରାଯିବ । ଗ୍ରାମାଞ୍ଚଳର ତୃଣମୂଳ ସ୍ତରରୁ ପ୍ରତିଭା ଚିହ୍ନଟ କରାଯିବ ଏବଂ ସେମାନଙ୍କୁ ଜାତୀୟ ତଥା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସଫଳତା ପାଇବା ପାଇଁ ପ୍ରସ୍ତୁତି କରାଯିବାକୁ ଲକ୍ଷ୍ୟ ରଖାଯାଇଛି ।

କ୍ରୀଡା କେବଳ ଶାରୀରିକ ସୁସ୍ଥତାକୁ ପ୍ରୋତ୍ସାହିତ କରେ ନାହିଁ, ବରଂ ସମ୍ପର୍କକୁ ମଜବୁତ କରେ ଏବଂ ଏକତାକୁ ପ୍ରୋତ୍ସାହିତ କରେ – ଯାହା ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସାରକୁ ପ୍ରତିଫଳିତ କରେ । ରାଜ୍ୟର ପ୍ରତ୍ୟେକ କୋଣରେ କ୍ରୀଡ଼ାକୁ ପହଞ୍ଚାଇବା ଲକ୍ଷ୍ୟ ନେଇ, ଓଡ଼ିଶା ସରକାର ଏକ ସୁବିଧାଜନକ ପରିଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏହି ପରିଯୋଜନା ଦ୍ୱାରା ଯୁବ ଖେଳାଳିମାନେ ନିଜ ଅଞ୍ଚଳ ମଧ୍ୟରେ ଗୁଣାତ୍ମକ କ୍ରୀଡ଼ା ଭିତ୍ତିଭୂମି ଏବଂ ତାଲିମ ପାଇପାରିବେ । ଏହା ସେମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ଥିବା ଭବିଷ୍ୟତର ଲକ୍ଷ୍ୟକୁ ସଫଳ ହେବାରେ ସାହାଯ୍ୟ କରିପାରିବ । ଆଞ୍ଚଳିକ ସ୍ତରରେ ଥିବା ଖେଳାଳିମାନଙ୍କୁ ଏହା ପ୍ରୋତ୍ସାହିତ କରିବା ସହ ଏକ କ୍ରୀଡ଼ା ପରିବେଶ ସୃଷ୍ଟି କରିବ ଏବଂ ସେମାନେ ନିଜ ଅଞ୍ଚଳରେ ନିଜର ସ୍ୱପ୍ନ ପୂରଣ କରିପାରିବେ । ଯେକୌଣସି ଭୌଗୋଳିକ ସ୍ଥିତି ତଥା ପରିବେଶର ନିର୍ବିଶେଷରେ ରାଜ୍ୟ ସରକାରଙ୍କ ଏହି ଉଦ୍ୟମ ବାସ୍ତବରେ କ୍ରୀଡ଼ା କ୍ଷେତ୍ରକୁ ସଫଳ ସାବ୍ୟସ୍ତ କରିପାରିଛି ।

କ୍ରୀଡ଼ାର ବିକାଶ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି କେବଳ ଯେ ରାଜଧାନୀ ଏବଂ ପ୍ରମୁଖ ସହରମାନଙ୍କରେ ସୀମିତ ହୋଇ ରହିବ ତାହା ନୁହେଁ, ବରଂ ଏହା ଯେପରି ବ୍ଲକ ସ୍ତରରେ ପହଞ୍ଚିପାରିବ, ଓଡ଼ିଶାର ପ୍ରତିଟି ଗାଁରେ ଯେପରି କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିବ, ସେହି ସ୍ୱପ୍ନକୁ ସାକାର କରିବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି । ଓଡ଼ିଶାରେ ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମି ଏବଂ କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ଓଡ଼ିଶାର ୩୧୪ଗୋଟି ବ୍ଲକରେ ବ୍ଲକ ସ୍ତରୀୟ ଷ୍ଟାଡ଼ିୟମ ନିର୍ମାଣ କରାଯିବ । ବ୍ଲକ ସ୍ତରୀୟ ଷ୍ଟାଡ଼ିୟମ କ୍ରୀଡ଼ା ପ୍ରତିଭାମାନଙ୍କ ପାଇଁ ଏକ କ୍ରୀଡ଼ା ନର୍ସରୀ ଭାବେ କାର୍ଯ୍ୟ କରିବ । ସମଗ୍ର ଓଡ଼ିଶାରେ ଏହି ବ୍ଲକସ୍ତରୀୟ ଷ୍ଟାଡ଼ିୟମ ନିର୍ମାଣ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ୪୧୨୪ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ପ୍ରତିଟି ଷ୍ଟାଡିୟମ ୧୦ ଏକର ପରିମିତ ଅଞ୍ଚଳରେ ନିର୍ମାଣ କରାଯିବ । ଷ୍ଟାଡ଼ିୟମରେ ଫୁଟବଲ୍ ଏବଂ କ୍ରିକେଟ ଗ୍ରାଉଣ୍ଡ, ଆଥଲେଟିକ୍ ଟ୍ରାକ୍, ଥ୍ରୋ ଏରିଆ, ଜମ୍ପ ଏରିଆ, ଭଲିବଲ୍ କୋର୍ଟ ଆଦିର ନିର୍ମାଣ କରାଯିବ । ଏଥିସହିତ ବିଭିନ୍ନ ଦେଶୀୟ ବା ଆଞ୍ଚଳିକ କ୍ରୀଡ଼ା ଯଥା ଖୋଖୋ, କବାଡ଼ି ଆଦି ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ରହିବା ସହିତ ସ୍ଥାନୀୟ କ୍ରୀଡ଼ା ସଂସ୍କୃତିକୁ ମଧ୍ୟ ପ୍ରାଧାନ୍ୟ ଦିଆଯିବ । ଷ୍ଟାଡ଼ିୟମରେ ଇଣ୍ଡୋର ହଲର ମଧ୍ୟ ନିର୍ମାଣ କରାଯିବ । ଇଣ୍ଡୋର ହଲ୍‌ରେ ବ୍ୟାଡ଼ମିଣ୍ଟନ କୋର୍ଟ, ଟେବୁଲ ଟେନିସ, ଜିମନାଷ୍ଟିକ, ଭାରୋତ୍ତଳନ ଆଦି କ୍ରୀଡ଼ା ନିମନ୍ତେ ଆବଶ୍ୟକୀୟ ଭିତ୍ତିଭୂମି ପ୍ରଦାନ କରାଯିବ । କାର୍ଯ୍ୟକାରିତା, ସୁପରିଚାଳନା ଏବଂ ବ୍ଲକସ୍ତରୀୟ ଷ୍ଟାଡ଼ିୟମର ରକ୍ଷଣାବେକ୍ଷଣ ଉପରେ ବିଶେଷ ଭାବରେ ଗୁରୁତ୍ୱ ଦିଆଯିବା ସହିତ କ୍ରୀଡ଼ାବିତ୍‌ମାନଙ୍କର ଉତ୍ତମ ପ୍ରଶିକ୍ଷଣ ପାଇଁ ଷ୍ଟାଡ଼ିୟମରେ ପ୍ରଶିକ୍ଷକମାନଙ୍କୁ ନିଯୁକ୍ତ କରାଯିବ ।

ଓଡ଼ିଶାର ତୃଣମୂଳସ୍ତରୀୟ କ୍ରୀଡା ପଦକ୍ଷେପ କେବଳ ଏକ ବିକାଶ ଏଜେଣ୍ଡା ନୁହେଁ – ଏହା ସମାନ କ୍ରୀଡା ବିକାଶ ପାଇଁ ଏକ ଜାତୀୟ ମଡେଲ ଭାବରେ ଉଭା ହେଉଛି । ଭିତ୍ତିଭୂମି ନିବେଶ, ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି, ସଂରଚିତ ପ୍ରତିଯୋଗିତା ଏବଂ ରଣନୈତିକ ନୀତିକୁ ଏକୀକୃତ କରୁଥିବା ଏକ ସାମଗ୍ରିକ ଆଭିମୁଖ୍ୟ ସହିତ, ଯୁବପିଢ଼ିଙ୍କୁ ସଶକ୍ତ ଏବଂ ସୁଦୃଢ଼ କରିପାରିବ, ତାହା ପୁନଃ ପରିଭାଷିତ କରୁଛି । ଓଡିଶା ଏପରି ଏକ ଭବିଷ୍ୟତ ନିର୍ମାଣ କରୁଛି ଯେଉଁଠାରେ ପ୍ରତ୍ୟେକ ବ୍ଲକରୁ ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡା ପ୍ରତିଭା ସୃଷ୍ଟି ହୋଇପାରିବେ ।



କେବଳ ଯେ ରାଜ୍ୟ ସରକାର ବ୍ଲକସ୍ତରରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି ତାହା ନୁହେଁ, ବରଂ ଏହାର ରକ୍ଷଣାବେକ୍ଷଣ ଉପରେ ଫୋକସ୍ ଦିଆଯାଉଛି । ଏଥିପାଇଁ ବ୍ଲକସ୍ତରୀୟ କମିଟି ଗଠନ କରି ସେମାନଙ୍କ ହାତରେ ସଞ୍ଚାଳନ ଓ ରକ୍ଷଣାବେକ୍ଷଣାର ଦାୟିତ୍ୱ ହସ୍ତାନ୍ତର କରାଯିବ । ସମ୍ପୃକ୍ତ ଅଞ୍ଚଳର ଖେଳାଳି, ଜନ ପ୍ରତିନିଧି, ପ୍ରଶାସକ ଏବଂ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ଏକ କମିଟି ଗଠନ କରାଯିବ । ସେମାନଙ୍କ ପରାମର୍ଶ ଅନୁସାରେ ସେସବୁ ଖେଳ କିମ୍ବା କ୍ରୀଡା ପ୍ରତି ଗୁରୁତ୍ୱ ଦିଆଯିବ ଏବଂ ସେହି ଅନୁଯାୟୀ ଭିତ୍ତିଭୂମି ବିକଶିତ କରାଯିବାକୁ ସରକାର ବୋଲି ଲକ୍ଷ୍ୟ ରଖିଛନ୍ତି । ଏହି ପଦକ୍ଷେପ ଯେ କ୍ରୀଡ଼ା କ୍ଷେତ୍ରରେ ଯୁବପ୍ରତିଭାର ଅନ୍ୱେଷଣରେ ସହାୟକ ହେବ ହେବ ନୁହେଁ, ବରଂ ସେମାନଙ୍କ ଭିତରେ ଏକ ପ୍ରତିଯୋଗିତା ମନୋଭାବ ସୃଷ୍ଟି କରିବ ।

# ନାଡାଲଙ୍କ ର୍‍ୟାକେଟ୍‌ର ମୂଲ୍ୟ ୧୫୭,୩୩୩.୨୦ ଡଲାର



ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ଲୋକପ୍ରିୟ ଟେନିସ ଖେଳାଳି ରାଫେଲ୍ ନାଡାଲଙ୍କ ର୍‍ୟାକେଟ୍‌ର ମୂଲ୍ୟ ଆକାଶ ଛୁଆଁ ଦରରେ ବିକ୍ରି ହୋଇଛି । ୨୦୧୭ ଫ୍ରେଞ୍ଚ ଓପନ ଫାଇନାଲ ମ୍ୟାଚ୍ ବିଜୟଲାଭ କରିଥିବା ର୍‍ୟାକେଟ ୧୫୭,୩୩୩.୨୦ ଡଲାର (ପାଖାପାଖି ୧୪କୋଟି)ରେ ନିଲାମ ହୋଇଛି । ବାବୋଲାଟ୍ କମ୍ପାନୀର ଏହି ର୍‍ୟାକେଟ୍‌ରେ ନାଡାଲ ଫ୍ରେଞ୍ଚ ଓପନ୍ ଚାମ୍ପିଅନ ହୋଇଥିଲେ । ଏହି ର୍‍ୟାକେଟ୍‌କୁ ପ୍ରେଷ୍ଟିଜ୍ ମେମୋରାବିଲିଆ ଅକ୍ସନ ମାଧ୍ୟମରେ ନିଲାମ କରାଯାଇଥିଲା । ପୂର୍ବରୁ କୌଣସି ଟେନିସ ର୍‍ୟାକେଟ ଏତେ ଟଙ୍କାରେ ନିଲାମ ହୋଇ ନଥିଲା । ନାଡାଲ୍‌ଙ୍କ ଏହି ର୍‍ୟାକେଟର ନିଲାମୀ ଏକ ନୂଆ ରେକର୍ଡ଼ ସୃଷ୍ଟି କରିଛି । ପୂର୍ବରୁ ମଧ୍ୟ ୨୦୨୨ରେ ଅଷ୍ଟ୍ରେଲିଆନ୍ ଓପନ୍ ଗ୍ରାଣ୍ଡସ୍ଲାମ ଟାଇଟଲ ମ୍ୟାଚ୍‌ରେ ନାଡାଲ ଯେଉଁ ର୍‍ୟାକେଟ୍‌ରେ ଖେଳିଥିଲେ ତାହା ମଧ୍ୟ ନିଲାମ ହୋଇଥିଲା । ୨୦୨୩ରେ ଏହି ର୍‍ୟାକେଟ୍‌ରେ ୧୩୯,୭୦୦ ଡଲାରରେ ନିଲାମ ହୋଇଥିଲା । ଏହି ମ୍ୟାଚ୍‌ରେ ନାଡାଲ ପ୍ରତିପକ୍ଷ ଡାନିଏଲ୍ ମେଡେଭେଡେଭଙ୍କୁ ହରାଇଥିଲେ ।

୨୦୧୭ରେ ଷ୍ଟାନିସ୍‌ଲାସ୍ ୱାରିଙ୍କାଙ୍କୁ ଲଗାତାର ୩ ରାଉଣ୍ଡ ୬-୨, ୬-୩, ୬-୧ ସେଟ୍‌ରେ ପରାଜିତ କରି ସେ ୧୦ମ ଫ୍ରେଞ୍ଚ ଓପନ୍ ଟାଇଟଲ୍ ହାସଲ କରିଥିଲେ । ଏହାପରେ ବି ତାଙ୍କ ବିଜୟଧାରା ଜାରି ରହିଥିଲା । ଏହି ମ୍ୟାଚ୍ ପରେ ସେ ଆହୁରି ୪ଟି ଟୁର୍ଣ୍ଣାମେଣ୍ଟରେ ବିଜୟଲାଭ କରିଥିଲେ । ନାଡାଲ୍‌ଙ୍କ ନାମରେ ୧୪ଟି ଫ୍ରେଞ୍ଚ ଓପନ୍ ଟାଇଟଲ୍ ରେକର୍ଡ଼ ରହିଛି ।

ନିଲାମ ନେଇ ପ୍ରେଷ୍ଟିଜ୍ ମେମୋରାବିଲିଆ ବିବରଣୀରେ ଲେଖାଯାଇଛି ଯେ ରାଫେଲ୍‌ଙ୍କ ଗ୍ରାଣ୍ଡସ୍ଲାମ୍ ଫାଇନାଲରେ ବ୍ୟବହାର କରାଯାଇଥିବା ର୍‍ୟାକେଟ୍ ମିଳିବା ଦୁର୍ଲଭ । କ୍ଲେ ସିଜନର ଏକ ର୍‍ୟାକେଟ୍ ମିଳିବା ତାହା ବି ଫ୍ରେଞ୍ଚ ଓପନ ଟାଇଟଲ ସହ, ଖୁବ ଅଦ୍ଭୁତ । ଏହି କଷ୍ଟମ୍ ମେଡ୍ ର୍‍ୟାକେଟ୍‌ରେ ରାଫା ପ୍ରତୀକ ଏବଂ ୨୦୧୭ ଫ୍ରେଞ୍ଚ ଓପନର ଏକ ଷ୍ଟ୍ରିଙ୍ଗିଙ୍ଗ୍ ଷ୍ଟିକର ମଧ୍ୟ ରହିଛି । ଯାହା ଉପରେ ଆର୍‌ଜି ୨୦୧୭ ନାଡାଲ୍ ଲେଖାଯାଇଛି । ରାଫେଲ ରାଫା ନାଡାଲ ପରେରା ଜଣେ ଲୋକପ୍ରିୟ ସ୍ପେନ୍ ଟେନିସ୍ ଖେଳାଳି । ସେ ଏଟିପି ର୍‍ୟାଙ୍କିଙ୍ଗ୍‌ରେ ୨୦୯ ସପ୍ତାହ ପର୍ଯ୍ୟନ୍ତ ଏକ ନମ୍ବର ସ୍ଥାନରେ ରହିଥିଲେ । ରୋଜର ଫେଡେରର୍ ଓ ନୋଭାକ ଜୋକୋଭିକଙ୍କ ସହିତ ନାଡାଲ ଟିମ୍ ମ୍ୟାଚ୍‌ରେ ୨୦ ଗ୍ରାଣ୍ଡସ୍ଲାମ୍ ପୁରୁଷ ସିଙ୍ଗଲ ଜିତିଛନ୍ତି । ନାଡାଲ ନିଜ ସମୟରେ ସବୁଠାରୁ ଅଧିକ ୬୨ଟି କ୍ଲେ କୋର୍ଟ ଟାଇଟଲ ଜିତିଥିଲେ । ଏଥିରେ ୧୪ଟି ଫ୍ରେଞ୍ଚ ଓପନ୍, ୧୨ଟି ବାର୍ସିଲୋନା, ୧୧ଟି ମଣ୍ଟେକାର୍ଲୋ ମାଷ୍ଟର ଏବଂ ୧୦ଟି ରୋମ୍ ଟାଇଟଲ ରହିଛି । ଏହି ଉପଲବ୍ଧି ନାଡାଲ୍‌ଙ୍କୁ କିଙ୍ଗ୍ ଅଫ୍ କ୍ଲେ ଉପାଧି ଦେଇଛି ।

# ଷ୍ଟାଡିୟମ ଛାତ ଭାଙ୍ଗିଲେ ପନ୍ତ



ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ଭାରତ ଓ ଇଂଲଣ୍ଡ ମଧ୍ୟରେ ଟେଷ୍ଟ ଶୃଙ୍ଖଳା ଆରମ୍ଭ ହେବାକୁ ଯାଉଛି । ଶୁଭମନ ଗିଲ୍ ଭାରତୀୟ ଦଳର ନେତୃତ୍ୱ ନେବେ । ତେଣୁ ଟିମ୍ ଇଣ୍ଡିଆ ଲର୍ଡ୍ସ କ୍ରିକେଟ୍ ଗ୍ରାଉଣ୍ଡରେ ଅଭ୍ୟାସ ଜାରି ରଖିଛି । ଜୁନ୍ ୨୦ରେ ହେଡିଂଲେରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯିବ । ଅଭ୍ୟାସ ସେସନରେ ଭାରତର ଉପଅଧିନାୟକ ତଥା ୱିକେଟ କିପର ରିଷଭ ପନ୍ତ । ଜୋରଦାର ଅଭ୍ୟାସ କରିଛନ୍ତି । ସେ ଏତେବଡ଼ ସଟ୍ ମାରିଲେ ଯେ ଏହା ଷ୍ଟାଡିୟମର ଛାତ କଣା କରିଦେଇଥିଲା ।

ଇଂଲଣ୍ଡରେ ପନ୍ତଙ୍କ ବ୍ୟାଟିଂ ପ୍ରଦର୍ଶନ ଭଲ ରହିଛି । ସେ ୯ ମ୍ୟାଚ୍ ଖେଳି ୩୨ରୁ ଊର୍ଦ୍ଧ୍ୱ ଆଭରେଜ୍‌ରେ ୫୫୬ ରନ କରିଥିଲେ । ଆଇପିଏଲ୍ ୨୦୨୫ରେ ପନ୍ତ ଲକ୍ଷ୍ନୌ ସୁପରଜ୍ୟାଣ୍ଟସର ନେତୃତ୍ୱ ନେବା ସହ ସବୁଠାରୁ ଦାମି ଖେଳାଳି ହୋଇଥିଲେ । ତେବେ ପନ୍ତ ଏବଂ ଲକ୍ଷ୍ନୌର ପ୍ରଦର୍ଶନ ସେଭଳି ଉତ୍ସାହଜନକ ହୋଇ ନଥିଲା । ଦଳ ପ୍ଲେଅଫ୍‌ରେ ପ୍ରବେଶ କରିପାରି ନଥିଲା ।

ରୋହିତ ଶର୍ମା, ବିରାଟ କୋହଲି ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ପରି ଖେଳାଳି ଟେଷ୍ଟ କ୍ରିକେଟରୁ ଅବସର ନେଇସାରିଥିବାରୁ ଏଥର ନବାଗତଙ୍କୁ ନେଇ ଶୁଭମନ ଗିଲ୍ ଇଂଲଣ୍ଡରେ କିଭଳି ପ୍ରଦର୍ଶନ କରିବେ ତା'ଉପରେ ସମସ୍ତଙ୍କ ନଜର ରହିଛି ।

# କ୍ରିକେଟ ଛାଡ଼ିଲେ ପୁରନ



ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି): ଟି-୨୦ କ୍ରିକେଟର ଅନ୍ୟତମ ଦୁର୍ଦ୍ଧର୍ଷ ବ୍ୟାଟର ଇଣ୍ଡିଜ ଖେଳାଳି ନିକୋଲାସ ପୁରନ କ୍ରିକେଟରୁ ଅବସର ନେଇ ସମସ୍ତଙ୍କୁ ଚକିତ କରିଛନ୍ତି । ମାତ୍ର ୨୯ ବର୍ଷ ବୟସରେ ସେ ଅନ୍ତର୍ଜାତୀୟ କ୍ରିକେଟକୁ ଅଲ୍‌ବିଦା କହିଛନ୍ତି । ଏହାର ଅର୍ଥ ଇଣ୍ଡିଜ୍ ପାଇଁ ପୁରନ ଆଉ ଖେଳିବେ ନାହିଁ । ପୁରନ୍‌ଙ୍କ ଅବସର ପୂର୍ବରୁ ଦ.ଆଫ୍ରିକା ୱିକେଟକିପର ବ୍ୟାଟର ହେନରିଚ କ୍ଲାସେନ ମଧ୍ୟ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିଥିଲେ । ଉଭୟ ଅନ୍ତର୍ଜାତୀୟ କ୍ରିକେଟକୁ ଛାଡ଼ିଥିଲେ ହେଁ ଆଇପିଏଲ୍ ସମେତ ବିଭିନ୍ନ ଘରୋଇ ପ୍ରତିଯୋଗିତାରେ ନଜର ଆସିବେ । ପୁରନ କହିଛନ୍ତି, ବିଚାରବିମର୍ଶ ଓ ଚିନ୍ତା କରିବା ପରେ ମୁଁ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି । ଏହି ଖେଳ ମୋତେ ଅନେକ କିଛି ଦେଇଛି । ଆଗକୁ ମଧ୍ୟ ଅନେକ କିଛି ଦେବ । ଖୁସିଠାରୁ ଆରମ୍ଭ କରି ଅନେକ ସ୍ମରଣୀୟ ମୁହୂର୍ତ୍ତ ମୋ ପାଇଁ ରହିଛି ।

ୱେଷ୍ଟଇଣ୍ଡିଜ୍‌କୁ ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିଥିଲା । ସେ ୧୦୬ଟି ମ୍ୟାଚ୍‌ରେ ୨୨୭୫ ରନ କରିଛନ୍ତି । ୨୦୧୬ରେ ପୁରନ ପାକିସ୍ତାନ ବିପକ୍ଷ ଟି-୨୦ରେ ନିଜର ଡେବ୍ୟୁ କରିଥିଲେ । ଏହାର ୩ ବର୍ଷ ପରେ ତାଙ୍କୁ ଇଂଲଣ୍ଡ ବିପକ୍ଷ ଦିନିକିଆରେ ସୁଯୋଗ ମିଳିଥିଲା । ୨୦୨୨ରେ ଧଳା ବଲ୍ କ୍ରିକେଟ ଦଳର ଅଧିନାୟକ କରାଯାଇଥିଲା । କିନ୍ତୁ ସେହି ବର୍ଷ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି-୨୦ ବିଶ୍ୱକପରେ ଇଣ୍ଡିଜ୍ ଦଳ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା ।

ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି